RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-300 ◆TUESDAY ◆28 APRIL 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୩୦୦ ◆ମଙ୍ଗଳବାର ◆୨୮ ଏପ୍ରିଲ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




୫୭ ମାସ ପରେ ଆସିଲା ରିଲିଜ୍ ଡେଟ୍

▶ପୃଷ୍ଠା ୧୧ ଦେଖନ୍ତୁ...

ଭଉଣୀ ମୃତ୍ୟୁର ପ୍ରମାଣ ଦେବାକୁ...

# ମଶାଣିରୁ ଶବ ଖୋଳି ବ୍ୟାଙ୍କକୁ କାନ୍ଧେଇ ନେଲା

■ ତୁରୁମୁଙ୍ଗା, ୨୭।୪ (ସମିସ): କେତେ କାକୁତିମିନତି ହେଲେ, ପାରୁପର୍ଯ୍ୟନ୍ତ ବୁଝାଇଲେ। କିନ୍ତୁ, ବ୍ୟାଙ୍କ କର୍ତ୍ତୃପକ୍ଷ କିଛି ଶୁଣିଲେନି; ବ୍ୟାଙ୍କ ନିୟମ ଓ ଗାଇଡ୍‌ଲାଇନର ପାଠ ପଢ଼ାଇଲେ। ଭଉଣୀ ବ୍ୟାଙ୍କକୁ ନ ଆସିଲେ, ତାଙ୍କ ଖାତାରେ ଜମା ଥିବା ଟଙ୍କା ଦେଇହେବନି ବୋଲି ରୋକଠୋକ୍ ଶୁଣାଇଦେଲେ। ତେଣୁ, ଅନ୍ୟ ଉପାୟ ନ ପାଇ ମାଟି ଖୋଳି ଭଉଣୀର ଗଳିତ ଶବକୁ ବାହାର କରି ସିଧାସିଧା ବ୍ୟାଙ୍କକୁ ଧାଇଁଲେ। ବ୍ୟାଙ୍କ ବାରଣ୍ଡାରେ ଗଳିତ ଶବକୁ ରଖି ମୋ ଭଉଣୀ ଖାତାର ଟଙ୍କା ଦିଅ ବୋଲି କର୍ତ୍ତୃପକ୍ଷଙ୍କୁ ଗୁହାରି କଲେ। କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ମଲ୍ଲୀପଶି ଅଞ୍ଚଳରେ ଆଜି ଏପରି ଏକ ଘଟଣା ରାଜ୍ୟବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି।

ସୂଚନାନୁଯାୟୀ, ଡିଆନାଳି ଗ୍ରାମର ବୃଦ୍ଧ ଜିତୁ ମୁଣ୍ଡା



ନିଜର ମୃତ ଭଉଣୀ କାଲାରା ମୁଣ୍ଡାଙ୍କ ଆକାଉଣ୍ଟରେ ଥିବା ୧୯ହଜାର ୩୦୦ଟଙ୍କା ଉଠାଇବାକୁ ଦୁଇ ଦିନ ତଳେ ମଲ୍ଲୀପଶିସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କକୁ ଯାଇଥିଲେ। କିନ୍ତୁ, ବ୍ୟାଙ୍କ କର୍ତ୍ତୃପକ୍ଷ ତାଙ୍କୁ ଟଙ୍କା ଦେବାକୁ ମନା କରିଦେଇଥିଲେ। ଯାହା ନାମରେ ଟଙ୍କା ଅଛି, ସେ ନିଜେ ଉପସ୍ଥିତ ହେବା ଆବଶ୍ୟକ ବୋଲି କହି ଟଙ୍କା ଦେବାକୁ ମନା କରିଦେଇଥିଲେ। କିଛି ଦିନ ତଳୁ ଭଉଣୀ କାଲାରର ମୃତ୍ୟୁ ଘଟିସାରିଛି ବୋଲି ଜିତୁ କହିଥିଲେ ହେଁ ବ୍ୟାଙ୍କ କର୍ତ୍ତୃପକ୍ଷ କିଛି ଶୁଣିନଥିଲେ। ତାଙ୍କୁ ବିଭିନ୍ନ କାଗଜପତ୍ର ମାଗିଥିଲେ। ତାଙ୍କ ଭଉଣୀ ଜୀବିତ ନାହାନ୍ତି ବୋଲି ପ୍ରମାଣ ଦେଖାଇବାକୁ କହିଥିଲେ। ତେଣୁ, ସବୁଆଡୁ ନିରାଶ ହେବା ପରେ ଜିତୁ ଆଜି ଦିନ ପ୍ରାୟ ୧ଟାରେ ମଶାଣିକୁ ଯାଇଥିଲେ। ସେଠାରେ ମାଟି ଖୋଳି ଭଉଣୀ କାଲାରାଙ୍କ ଗଳିତ ଶବକୁ ଏକ ବସ୍ତାରେ ପୂରାଇ ପ୍ରାୟ ୪କି.ମି ଖରାରେ ଚାଲିଚାଲି ବ୍ୟାଙ୍କ ସମ୍ମୁଖରେ ପହଞ୍ଚିଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଲୋକଙ୍କ ପ୍ରବଳ ଭିଡ଼ ଜମିବା ସହ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ପୁଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ପରେ ବୁଝାସୁଝା ପରେ ମୃତଦେହକୁ ପୁନର୍ବାର ମଶାଣିରେ ପୋତି ଦିଆଯାଇଥିଲା।

ଏ ସଂପର୍କରେ ବ୍ୟାଙ୍କ ମ୍ୟାନେଜର୍ ସୁଶାନ୍ତ ସେଠୀଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରାଯାଇଥିଲା ବେଳେ ସେ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ। ଜିତୁ ମୁଣ୍ଡାଙ୍କ ଭାଉଜ ଗୁରୁବାରୀ ମୁଣ୍ଡା କହିଛନ୍ତି ଯେ ବଳଦ ବିକ୍ରି ବାବଦ ଟଙ୍କା କାଲାରାଙ୍କ ନାଁରେ ବ୍ୟାଙ୍କରେ ରଖାଯାଇଥିଲା। ସେହି ଟଙ୍କା ଉଠାଇବା ପାଇଁ ଚେଷ୍ଟା କରୁଥିବା ବେଳେ ବ୍ୟାଙ୍କ କର୍ତ୍ତୃପକ୍ଷ ସହଯୋଗ କରିନଥିଲେ। ତେଣୁ, ଜିତୁ ଏଭଳି ଚରମ ପଦକ୍ଷେପ ନେଇଥିଲେ ବୋଲି ସେ କହିଛନ୍ତି।

# ହର୍ମୁଜରେ ଆମେରିକା ନୌସେନାର ଦାଦାଗିରି

■ ୱାସିଂଟନ/ତେହରାନ, ୨୭।୪ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ହର୍ମୁଜରେ ଇରାନ ବିରୋଧରେ ଆମେରିକା ଏହାର ସାମୁଦ୍ରିକ ଅବରୋଧକୁ ବ୍ୟାପକ କରିଥିବା ବେଳେ ପ୍ରାୟ ୩୮ଟି ବାଣିଜ୍ୟିକ ଜାହାଜକୁ ଇରାନ ବନ୍ଦରକୁ ନଯିବା ପାଇଁ ଚେତାବନୀ ଦେଇ ଫେରାଇ ଦେଇଛି। ଅନ୍ୟପକ୍ଷରେ ହର୍ମୁଜରେ ଇରାନ ଏହାର ସାମରିକ ନିୟନ୍ତ୍ରଣ ପାଇଁ ଯୋଜନା କରିବା ସହିତ ଆମେରିକାର ମୁକାବିଲା ପାଇଁ ରୁଷର ଶରଣାପନ୍ନ ହୋଇଛି।

- ୩୮ଟି ଜାହାଜକୁ ଫେରାଇଲା ସେନା
- ପୁତିନଙ୍କ ଶରଣ ପଶିଲା ତେହେରାନ
- କଥାବାର୍ତ୍ତା ବିଫଳତା ପାଇଁ ଆମେରିକା ଦାୟୀ: ଇରାନ



ଆମେରିକୀୟ ସେଣ୍ଟ୍ରାଲ କମାଣ୍ଡ (ସେଣ୍ଟକମ୍) ପକ୍ଷରୁ ସୂଚନା ଦିଆଯାଇଛି ଯେ, ଇରାନର ବନ୍ଦରଗୁଡ଼ିକ ଉପରେ କଡ଼ା ନଜର ରଖାଯାଇଛି। କୌଣସି ଜାହାଜକୁ ଭିତରକୁ ପ୍ରବେଶ କରିବାକୁ କିମ୍ବା ବାହାରକୁ ଆସିବାକୁ ଅନୁମତି ଦିଆଯାଉନାହିଁ। ବର୍ତ୍ତମାନ ସୁଦ୍ଧା ୩୮ଟି ଜାହାଜକୁ ପଛକୁ ଫେରାଇ ଦିଆଗଲାଣି। ଏହି ସଂକଟଜନକ ପରିସ୍ଥିତିରେ ଇରାନର ବିଦେଶ ମନ୍ତ୍ରୀ ଅବ୍ବାସ ଆରାଗଚି ସୋମବାର ଦିନ ମସ୍କୋରେ ପହଞ୍ଚିଛନ୍ତି। ସେଠାରେ ସେ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଏବଂ ବିଦେଶ ମନ୍ତ୍ରୀ ସର୍ଗେଇ ଲାଭ୍‌ରୋଭଙ୍କ ସହ ଏହି ଏହା ଉପରେ ଆଲୋଚନା କରିବେ।

ଉଭୟ ଇରାନ ଓ ଆମେରିକା ହର୍ମୁଜ ପ୍ରଣାଳୀକୁ ବନ୍ଦ କରିଦେବା ଫଳରେ ବିଶ୍ୱ ବଜାରରେ ତେଲ, ଗ୍ୟାସ ଏବଂ ସାର ଯୋଗାଣ ବାଧାପ୍ରାପ୍ତ ହୋଇଛି। ଏହାଫଳରେ ବିଶ୍ୱବ୍ୟାପୀ ଜିନିଷପତ୍ରର ଦରଦାମ ବୃଦ୍ଧି ପାଇବା ସହ ଖାଦ୍ୟ ସୁରକ୍ଷା ଉପରେ ବିପଦ ସୃଷ୍ଟି ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ପ୍ରତିନିଧି ମଣ୍ଡଳୀର ଇସଲାମାବାଦ ଗସ୍ତ ବାତିଲ କରିବା ପରେ ଦୁଇ ଦେଶ ମଧ୍ୟରେ ଶାନ୍ତି ପ୍ରକ୍ରିୟା ଧିମେଇ ଯାଇଛି। ତେବେ ପାକିସ୍ତାନ ଜରିଆରେ ଇରାନ ଆମେରିକାକୁ କିଛି ଲିଖିତ ବାର୍ତ୍ତା ପଠାଇଥିବା ଖବର ମିଳିଛି। ଏକ ରିପୋର୍ଟ ଅନୁସାରେ, ଇରାନ ଏବେ ଆମେରିକାକୁ ଏକ ନୂଆ ପ୍ରସ୍ତାବ ଦେଇଛି। ଯେଉଁଥିରେ ହର୍ମୁଜ ପ୍ରଣାଳୀକୁ ପୁଣିଥରେ ଖୋଲିବା ଏବଂ ଯୁଦ୍ଧ ଶେଷ କରିବାକୁ ଇଚ୍ଛା ପ୍ରକାଶ କରାଯାଇଛି। ଏହା ବଦଳରେ ପରମାଣୁ କାର୍ଯ୍ୟକ୍ରମ ଉପରେ ଆଲୋଚନାକୁ କିଛି ଦିନ ଘୁଞ୍ଚାଇବାକୁ ତେହେରାନ ପ୍ରସ୍ତାବ ଦେଇଛି। ▶ପୃଷ୍ଠା-୭

ପଶ୍ଚିମବଙ୍ଗରେ ସରିଲା ପ୍ରଚାର

# ୨୯ରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ

■ କୋଲକାତା, ୨୭।୪: ପଶ୍ଚିମ ବଙ୍ଗ ବିଧାନସଭାର ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ହାଇଭୋଲଟେଜ୍ ପ୍ରଚାର ଅଭିଯାନ ଶେଷ ହୋଇଛି। ଆସନ୍ତା ୨୯ ତାରିଖରେ ୧୪୧ଟି ଆସନରେ ହେବାକୁ ଥିବା ମତଦାନରେ ୧୪୪୮ ଜଣ ପ୍ରାର୍ଥୀ ମଇଦାନରେ ଅଛନ୍ତି। ଏମାନଙ୍କ ମଧ୍ୟରେ ଅଛନ୍ତି ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ, ତାଙ୍କ କ୍ୟାବିନେଟର ଅଧିକାଂଶ ମନ୍ତ୍ରୀ ଏବଂ ରାଜ୍ୟ ବିଧାନସଭାରେ ବିରୋଧୀ ଦଳର ନେତା ତଥା ବିଜେପିର ଶୁଭେନ୍ଦୁ ଅଧିକାରୀ। ଭବାନୀପୁର ନିର୍ବାଚନମଣ୍ଡଳୀରେ ମମତାଙ୍କୁ ଟକ୍କର ଦେଉଛନ୍ତି ତାଙ୍କର ପୂର୍ବତନ ସହଯୋଗୀ ତଥା ବିଜେପି ପ୍ରାର୍ଥୀ ଅଧିକାରୀ। ବିବାଦୀୟ ଏସ୍‌ଆଇଆର ମଧ୍ୟରେ ହେଉଥିବା ଅନ୍ତିମ ପର୍ଯ୍ୟାୟ ମତଦାନରେ ୪୦ ହଜାର ବୁଥ୍‌ରେ ପ୍ରାୟ ୩ କୋଟି ୨୨ ଲକ୍ଷ ମତାଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ। ଗତ ୨୩ ତାରିଖରେ ୧୫୨ଟି ଆସନ।।ରେ ପ୍ରଥମ ପର୍ଯ୍ୟାୟ ମତଦାନ ▶ପୃଷ୍ଠା-୭



ଅଧା ଓଡ଼ିଶାରେ କମିଲା ତାତି

# ଆଜିଠୁ ଭୀଷଣ କାଳବୈଶାଖୀ

■ଭୁବନେଶ୍ୱର,୨୭।୪(ସମିସ): ରାଜ୍ୟର ବିଭିନ୍ନ ସ୍ଥାନରେ ଗତ କିଛି ଦିନ ଧରି ଲାଗି ରହିଥିବା ଗରମ, ଗୁଳୁଗୁଳି ସ୍ଥିତିରେ ସୋମବାର ସାମାନ୍ୟ ସୁଧାର ଆସିଛି। ଓଡ଼ିଶା ଉପରେ ଗୋଟିଏ ଟ୍ରଫଲାଇନ୍ ସୃଷ୍ଟି ହେବା ଯୋଗୁଁ ରାଜ୍ୟର ବିଭିନ୍ନ ସ୍ଥାନରେ ପାଗରେ ପରିବର୍ତ୍ତନ ଆସିବା ସହ ଦିନ ତମାମ ପବନ ବହୁଛି। ଏହା ଫଳରେ କିଛି କିଛି ସ୍ଥାନରେ ତାପମାତ୍ରା କମିବା ସହିତ କୋହଲା ପାଗ ଆରମ୍ଭ ହୋଇଛି। ସେହିପରି ବାରିପଦା ସମେତ ସୁନ୍ଦରଗଡ଼ ଓ ଅନ୍ୟ କିଛି ସ୍ଥାନରେ କାଳବୈଶାଖୀଜନିତ ବର୍ଷା ଓ ବିଜୁଳି ଘଡ଼ଘଡ଼ି ମଧ୍ୟ ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା କାଲି ▶ପୃଷ୍ଠା-୭

ବାଚସ୍ପତିଙ୍କ ନିକଟରେ ବିଜେଡିର ବିଧିବଦ୍ଧ ଦାବି

# ରଦ୍ଦ ହେଉ ୮ ବିଧାୟକଙ୍କ ସଭ୍ୟପଦ

■ ଭୁବନେଶ୍ୱର,୨୭।୪(ସମିସ): ଗତ ୧୬ ତାରିଖରେ ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନରେ ବିଜେଡିର ନିଷ୍ପତ୍ତି ବିରୋଧରେ ଯାଇ କ୍ରସ ଭୋଟିଂ କରିଥିବା ୮ଜଣ ବିଧାୟକ ଚକ୍ରମଣି କହଁର, ନବକିଶୋର ମଲ୍ଲିକ, ସୌଭିକ୍ ବିଶ୍ୱାଳ, ଦେବୀ ରଞ୍ଜନ ତ୍ରିପାଠୀ, ରମାକାନ୍ତ ଭୋଇ ଓ ସୁବାସିନୀ ଜେନାଙ୍କ ବିଧାନସଭା ସଭ୍ୟପଦ ରଦ୍ଦ ପାଇଁ ଆନୁଷ୍ଠାନିକ ଭାବେ ଦାବି ଜଣାଇଛି ବିଜେଡି। ସୋମବାର ବିଜେଡି ବିଧାୟକମାନେ ବାଚସ୍ପତି ସୁରମା ପାଢ଼ୀଙ୍କୁ ଭେଟି ଏ ସଂକ୍ରାନ୍ତରେ ଦାବିପତ୍ର ପ୍ରଦାନ କରିଛନ୍ତି। ରାଜ୍ୟସଭା ନିର୍ବାଚନରେ ▶ପୃଷ୍ଠା-୭



- ସମ୍ବିଧାନର ଦଶମ ଅନୁସୂଚୀ ଆଧାରରେ ନିଷ୍ପତ୍ତି ଦାବି
- ତିନି ମାସ ମଧ୍ୟରେ ବାଚସ୍ପତିଙ୍କୁ ନେବାକୁ ପଡ଼ିବ ନିଷ୍ପତ୍ତି

# ବଜ୍ରପାତରେ ମହିଳା ମୃତ

■ଶୁଳିଆପଦା,୨୭।୪(ସମିସ): ଶୁଳିଆପଦା ବ୍ଲକ୍ ଚୁହାଟ ପଞ୍ଚାୟତ ଅଧୀନ ଧଖମଣ ଗ୍ରାମରେ ବଜ୍ରପାତ ଘଟି ଜଣେ ମହିଳାଙ୍କ ସହ ଏକ ଘୁଷୁରିର ମୃତ୍ୟୁ ହୋଇଛି। ସୂଚନା ମୁତାବକ, ଗତକାଲି ସନ୍ଧ୍ୟା ପ୍ରାୟ ୭ଟାରେ ଧଖମଣ ଗ୍ରାମର ସ୍ୱର୍ଗତ ବିଜୟ ମୁର୍ମୁଙ୍କ ଘରଠାରୁ ପ୍ରାୟ ଶହେ ମିଟର ଦୂରରେ ଥିବା ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଉପରେ ବଜ୍ରାଘାତ ହୋଇ ଟ୍ରାନ୍ସଫର୍ମର୍‌ଟି ହୁତୁହୁତୁ ହୋଇ ଜଳି ଯାଇଥିଲା। ଏହାର ପ୍ରଭାବରେ ଘର ଭିତରେ ଖାଉଥିବା ବେଳେ ସ୍ୱର୍ଗତ ମୁର୍ମୁଙ୍କ ସ୍ତ୍ରୀ ଚୂଡ଼ାମଣି ସଂଜ୍ଞାହୀନ ହୋଇପଡ଼ିବା ସହିତ ତାଙ୍କ ଘରକୁ ଆସିଥିବା ପଶ୍ଚିମବଙ୍ଗ ଅଧୀନ ରାଖଣୀ ଗ୍ରାମର ଫୁଲମଣୀ ବେସ୍ରା ଆହତ ହେବା ସହିତ ଘରେ ଥିବା ଏକ ବିରାଟ ଘୁଷୁରିର ତତକ୍ଷଣାତ୍ ମୃତ୍ୟୁ ଘଟିଥିଲା। ▶ପୃଷ୍ଠା-୭

# ଆଉ ଏକ ପୁରସ୍କାରରୁ ହଟିଲା ବିଜୁଙ୍କ ନାମ

'ବିଜୁ ଶ୍ରମିକ ବନ୍ଧୁ' ସମ୍ମାନ ନାମ ବଦଳାଇଲେ ରାଜ୍ୟ ସରକାର

■ ଭୁବନେଶ୍ୱର,୨୭।୪(ସମିସ): ରାଜ୍ୟ ସରକାର ପୁଣି ଏକ ପୁରସ୍କାରରୁ ବିଜୁଙ୍କ ନାଁ ହଟାଇଛନ୍ତି। ପୂର୍ବରୁ ପ୍ରଚଳିତ 'ବିଜୁ ଶ୍ରମିକ ବନ୍ଧୁ' ସମ୍ମାନ ନାମ ପରିବର୍ତ୍ତନ କରାଯାଇ ଏହାକୁ ମୁଖ୍ୟମନ୍ତ୍ରୀ ଶ୍ରମିକ ବନ୍ଧୁ ସମ୍ମାନ ଭାବେ ନାମିତ କରାଯାଇଛି। ୨୦୧୫ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ଶ୍ରମିକ ବନ୍ଧୁ ସମ୍ମାନ ଯୋଜନା ଆରମ୍ଭ କରିଥିଲେ। ମେ' ୧ରେ ପୁରସ୍କୃତ ହେଉଥିବା ବ୍ୟକ୍ତିଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ଦିଆଯାଉଥିଲା। ଅତୀତରେ ବିଜେଡି ସରକାର ସମୟରେ ଶ୍ରମିକ ସଂଗଠନ ନେତା ସୌରୀବନ୍ଧୁ କର, ରାଜେନ୍ଦ୍ର ପ୍ରସାଦ ସିଂ, ଈଶ୍ୱର ଜେନା, ଘନଶ୍ୟାମ ଜେନା, ବସନ୍ତ ଜେନା ଓ କୃଷ୍ଣ ପାତ୍ର ପ୍ରମୁଖ ଏହି ପୁରସ୍କାର ପାଇଛନ୍ତି।

- ନାମ ପରିବର୍ତ୍ତନ ସହ ବଦଳିଲା ନିୟମ, କମିଲା ଆବେଦନର ଅବଧି
- 'ବିଜୁ ଶ୍ରମିକ ବନ୍ଧୁ' ଏବେ ହେବ 'ମୁଖ୍ୟମନ୍ତ୍ରୀ ଶ୍ରମିକ ବନ୍ଧୁ ପୁରସ୍କାର'
- ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆରମ୍ଭ କରିଥିଲେ ପୁରସ୍କାର



ଏବେ ବିଜୁ ଶ୍ରମିକ ବନ୍ଧୁ ସମ୍ମାନ ନାଁ ବଦଳାଇ ମୁଖ୍ୟମନ୍ତ୍ରୀ ଶ୍ରମିକ ବନ୍ଧୁ ସମ୍ମାନ କରାଯାଇଛି। କେବଳ ସେତିକି ନୁହେଁ, ଏ ସଂକ୍ରାନ୍ତ ନିୟମକୁ ମଧ୍ୟ ପରିବର୍ତ୍ନ କରାଯାଇଛି ଓ ଆବେଦନ ଅବଧି ବି ହ୍ରାସ ହୋଇଛି।

ପୂର୍ବରୁ ରାଜ୍ୟ ସରକାର ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ନାମ ପରିବର୍ତ୍ତନ କରିଥିଲେ। ଏହାକୁ ନେଇ ରାଜ୍ୟବ୍ୟାପୀ ପ୍ରବଳ ପ୍ରତିକ୍ରିୟା ପ୍ରକାଶ ପାଇବା ସହ ଚାରି ଆଡୁ ସରକାରଙ୍କୁ ସମାଲୋଚନା କରାଯାଇଥିଲା। ▶ପୃଷ୍ଠା-୭


10001/86/2627

## ଅଂଶୁଘାତ ସତର୍କତା

**ଲକ୍ଷଣ**
- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା



**ସତର୍କତା**
- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

**ପ୍ରତିକାର**
- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/

OIPR-10001/10003/2/26-27/0007

# ପଶ୍ଚିମବଙ୍ଗରେ ନିର୍ବାଚନ ପୂର୍ବରୁ ୭୯ଟି ବୋମା ଜବତ

ନୂଆଦିଲ୍ଲୀ, ୨୭ ।୪(ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ଅନ୍ତିମ ତଥା ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଅପ୍ରେଲ ୨୯ରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଗୁରୁତ୍ୱପୂର୍ଣ୍ଣ ମତଦାନର ମାତ୍ର ତିନି ଦିନ ପୂର୍ବରୁ ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାରୁ ବିପୁଳ ପରିମାଣର ବୋମା ଓ ବିସ୍ଫୋରକ ସାମଗ୍ରୀ ଜବତ ହେବା ପରେ ନିର୍ବାଚନ କମିସନ ପୋଲିସକୁ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାର ଉତ୍ତର କାଶୀପୁର ଥାନା ଅନ୍ତର୍ଗତ ମାଝେରହାଟ ଅଞ୍ଚଳରେ ଥିବା ଏକ ପରିତ୍ୟକ୍ତ ଘରୁ ପୋଲିସ ୭୯ଟି ଦେଶୀ ବୋମା ସଦୃଶ ବସ୍ତୁ ଉଦ୍ଧାର କରିଛି। ଏହା ସହିତ ପ୍ରାୟ ୩.୩୭ କିଲୋଗ୍ରାମ ଗନ୍ ପାଉଡର, ୧.୬୧ କିଲୋଗ୍ରାମ ସଲଫର୍, ଝୋଟ ରସି ଏବଂ ବୋମା ତିଆରିରେ ବ୍ୟବହୃତ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ବୋମା ଉଦ୍ଧାର ହେବା ପରେ ନିର୍ବାଚନ କମିଶନ ପଶ୍ଚିମବଙ୍ଗ ପୋଲିସକୁ ଏକ 'ସ୍ପେଶାଲ ଡ୍ରାଇଭ୍' ବା ବିଶେଷ ଅଭିଯାନ ଆରମ୍ଭ କରି ବୋମା ପ୍ରସ୍ତୁତକାରୀଙ୍କୁ ତୁରନ୍ତ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶାନ୍ତିପୂର୍ଣ୍ଣ ମତଦାନ ପାଇଁ କୌଣସି ପ୍ରକାରର ଅବହେଳା କରାଯିବ ନାହିଁ ବୋଲି କମିଶନ ସ୍ପଷ୍ଟ କରିଛନ୍ତି। ନିର୍ବାଚନ କମିଶନଙ୍କ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି ଯେ, ବୋମା ସଂକ୍ରାନ୍ତ ସମସ୍ତ ମାମଲାର ତଦନ୍ତ ଏବେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ଦ୍ୱାରା କରାଯାଇପାରେ। ବିସ୍ଫୋରକଗୁଡ଼ିକ କେଉଁଠୁ ଆସିଲା ଏବଂ ନିର୍ବାଚନ ସମୟରେ କୌଣସି ବଡ଼ ଧରଣର ହିଂସା ପାଇଁ ଏହାକୁ ଗଚ୍ଛିତ ରଖାଯାଇଥିଲା କି ନାହିଁ, ସେ ନେଇ ତଦନ୍ତ ହେବ। ବୋମା ନିଷ୍କ୍ରିୟକାରୀ ଦଳ ସହାୟତାରେ ସମସ୍ତ ବିସ୍ଫୋରକ ସାମଗ୍ରୀକୁ ନିଷ୍କ୍ରିୟ କରାଯାଇଛି। ପରିତ୍ୟକ୍ତ ଘରଟି ଏକ ଶ୍ମଶାନ ନିକଟରେ ଥିବା ଜଣାପଡ଼ିଛି। ପୋଲିସ ବର୍ତ୍ତମାନ ଏହି ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ଖୋଜୁଛି। ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ବେଳେ ମଧ୍ୟ ହିଂସାତ୍ମକ ଘଟଣା ଦେଖିବାକୁ ମିଳିଥିଲା। ଏବେ ଦ୍ୱିତୀୟ ପର୍ଯ୍ୟାୟ ପୂର୍ବରୁ ଏତେ ସଂଖ୍ୟାରେ ବୋମା ମିଳିବା ନିର୍ବାଚନର ସ୍ୱଚ୍ଛତା ଓ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କମିଶନଙ୍କ ନିର୍ଦ୍ଦେଶ ପରେ ପୋଲିସ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ଗୋଇନ୍ଦା ବିଭାଗକୁ ମଧ୍ୟ ସତର୍କ କରାଯାଇଛି।



ହୁଗୁଳି: ଆରାମବାଗ ଅଞ୍ଚଳରେ ଭୟଙ୍କର ଉତ୍ତେଜନା ପ୍ରକାଶ ପାଇଛି। ଟିଏମସି ନେତା ଅଭିଷେକ ବାନାର୍ଜୀଙ୍କ ରାଲି ପୂର୍ବରୁ ଶାସକ ତୃଣମୂଳ କଂଗ୍ରେସର ସାଂସଦ ମିତାଲି ବାଗଙ୍କ ଉପରେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ବିଜେପି ଓ ଟିଏମସି ମଧ୍ୟରେ ଚାପା ଉତ୍ତେଜନା ଜାରି ରହିଛି। ଅଭିଷେକ ବାନାର୍ଜୀଙ୍କ ରୋଡ୍-ସୋ'ରେ ଯୋଗଦେବା ପାଇଁ ଯାଉଥିବା ସମୟରେ ଗୋଘାଟ ନିକଟସ୍ଥ ହସପିଟାଲ ଏରିଆରେ ସାଂସଦ ମିତାଲି ବାଗଙ୍କ ଗାଡ଼ି ଉପରକୁ ପ୍ରବଳ ପଥରମାଡ଼ କରାଯାଇଥିଲା। ଏହି ଆକ୍ରମଣରେ ଗାଡ଼ିଟି ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଥିବା ବେଳେ ମିତାଲି ବାଗ୍ ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ଆରାମବାଗ ମେଡିକାଲ କଲେଜ ହସପିଟାଲରେ ଭର୍ତ୍ତି କରାଯାଇଛି। ଆକ୍ରମଣ ପରେ ସାଂସଦ ମିତାଲି ବାଗ୍ ଗଣମାଧ୍ୟମ ସମ୍ମୁଖରେ ଭୋ ଭୋ ହୋଇ କାନ୍ଦି ପକାଇଥିଲେ। ସେ କହିଛନ୍ତି, 'ବଡ଼ ବଡ଼ ପଥର ମୋ ଗାଡ଼ି ଉପରକୁ ଫିଙ୍ଗାଯାଇଥିଲା, ମୁଁ କେମିତି ବଞ୍ଚିଗଲି ସେଇଟା ବଡ଼ କଥା।' ଟିଏମସି ପକ୍ଷରୁ ଏହି ଆକ୍ରମଣ ପାଇଁ ବିଜେପିକୁ ସିଧାସଳଖ ଦାୟୀ କରାଯାଇଛି। ଗୋଘାଟର ବର୍ମା ଗ୍ରାମରେ ବିଜେପି ପ୍ରାର୍ଥୀ ପ୍ରଶାନ୍ତ ଦିଗରଙ୍କ ର୍ୟାଲି ବେଳେ ପ୍ରଥମେ ଗଣ୍ଡଗୋଳ ସୂତ୍ରପାତ ହୋଇଥିଲା। ବିଜେପିର

- ଆରାମବାଗରେ ବିଜେପି-ଟିଏମସି ମୁହାଁମୁହିଁ
- ଟିଏମସି ସାଂସଦ ମିତାଲି ବାଗଙ୍କ ଗାଡ଼ି ଭଙ୍ଗାରୁଜା

ଅଭିଯୋଗ ଅନୁଯାୟୀ, ଟିଏମସି କର୍ମୀମାନେ ପ୍ରଥମେ ସେମାନଙ୍କ ଉପରେ ଆକ୍ରମଣ କରି ୧୦ ଜଣଙ୍କୁ ଆହତ କରିଥିଲେ। ଏହାର ପ୍ରତିକ୍ରିୟାରେ ବିଜେପି ସମର୍ଥକମାନେ ପାଲଟା ଆକ୍ରମଣ କରିଥିବା କୁହାଯାଉଛି। ଅନ୍ୟପଟେ ବିଜେପି ଏହି ସମସ୍ତ ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଛି। ବିଜେପି ମୁଖପାତ୍ର ଦେବଜିତ ସରକାର ଏହାକୁ ଏକ 'ସୁସଂଯୋଜିତ ନାଟକ' ବୋଲି କହିଛନ୍ତି। ସେ କହିଛନ୍ତି ଯେ, ନିର୍ବାଚନ ପୂର୍ବରୁ ସାଧାରଣ ଜନତାଙ୍କ ସହାନୁଭୂତି ହାସଲ କରିବା ପାଇଁ ଟିଏମସି ଏଭଳି ନିମ୍ନସ୍ତରୀୟ ରାଜନୀତି କରୁଛି। ଆରାମବାଗରେ ସୃଷ୍ଟି ହୋଇଥିବା ଏହି ରାଜନୈତିକ ତିକ୍ତତା ଯୋଗୁଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

## ବାଲୋଚିସ୍ତାନରେ ଭୟଙ୍କର ରକ୍ତପାତ: ୧୦ ଦିନରେ ୪୨ ପାକ୍ ସୈନ୍ୟ ନିହତ

ନୂଆଦିଲ୍ଲୀ, ୨୭ ।୪(ଏଜେନ୍ସି): ପାକିସ୍ତାନର ଅଶାନ୍ତ ବାଲୋଚିସ୍ତାନ ରାଜ୍ୟରେ ବିଦ୍ରୋହୀ ଗୋଷ୍ଠୀ 'ବାଲୋଚ ଲିବରେସନ ଆର୍ମି' (ବିଏଲ୍ଏ) ନିଜର ଆକ୍ରମଣକୁ ଦିନକୁ ଦିନ ତୀବ୍ର କରିବାରେ ଲାଗିଛି। ଗତ ୧୦ ଦିନ ମଧ୍ୟରେ ସେନା ଉପରେ କରାଯାଇଥିବା ଏକାଧିକ ଆକ୍ରମଣରେ ବ୍ୟାପକ ପ୍ରାଣହାନି ଘଟିଥିବା ଦାବି କରାଯାଇଛି, ଯାହା ପାକିସ୍ତାନ ସରକାର ଓ ସୁରକ୍ଷା ବାହିନୀ ପାଇଁ ଏକ ବଡ଼ ଚିନ୍ତାର ବିଷୟ ହୋଇଛି। ବିଏଲ୍ଏ ମୁଖପାତ୍ର ଜିୟନ୍ଦ ବାଲୋଚଙ୍କ ସୂଚନା ଅନୁଯାୟୀ, ଅପ୍ରେଲ ୧୫ ରୁ ୨୫ ତାରିଖ ମଧ୍ୟରେ ବାଲୋଚିସ୍ତାନର ବିଭିନ୍ନ ଜିଲ୍ଲାରେ ପ୍ରାୟ ୨୭ଟି ସାମରିକ ଅଭିଯାନ ଚଳାଯାଇଛି। ଏହି ଆକ୍ରମଣଗୁଡ଼ିକରେ ପ୍ରାୟ ୪୨ ଜଣ ପାକିସ୍ତାନୀ ସୈନ୍ୟ ପ୍ରାଣ ହରାଇଥିବା ବେଳେ ଅନେକ ଆହତ ହୋଇଛନ୍ତି।



ବିଦ୍ରୋହୀମାନେ ପାକିସ୍ତାନୀ ସେନାକୁ ଟାର୍ଗେଟ କରିବା ପାଇଁ ଆଇଇଡି ବିସ୍ଫୋରଣ, ଅତର୍କିତ ଆକ୍ରମଣ, ଡ୍ରୋନ ଆକ୍ରମଣ ଏବଂ ସିଧାସଳଖ ଚଢ଼ାଉ ଭଳି ରଣନୀତି ଆପଣେଇଛନ୍ତି। ଶାହରାଗ ଓ ହରନାଇ ଅଞ୍ଚଳରେ ହୋଇଥିବା ସଂଘର୍ଷରେ ଜଣେ ପାକିସ୍ତାନୀ ସୈନ୍ୟଙ୍କୁ ଜୀବନ୍ତ ବନ୍ଦୀ କରାଯାଇଥିବା ମଧ୍ୟ ବିଏଲ୍ଏ ଦାବି କରିଛି। ବାଲୁଚିସ୍ତାନର ବିଭିନ୍ନ ଅଞ୍ଚଳରେ ହିଂସକ ଘଟଣା ସାମ୍ନାକୁ ଆସିଛି। କ୍ୱେଟା, କୋହଲୁ, ଖାରାନ୍ ଏବଂ ଝଲ ମଗସି ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏହି ଆକ୍ରମଣମାନ ସଂଘଟିତ ହୋଇଛି। ବିଦ୍ରୋହୀମାନେ ଅନେକ ସାମରିକ ଚେକ୍‌ପୋଷ୍ଟକୁ ନିଜ ଦଖଲକୁ ନେବା ସହ ସେଠାରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଥିବା କୁହାଯାଉଛି। ଏହି ସଂଘର୍ଷରେ ଇଖଇର ୩ ଜଣ ସଦସ୍ୟ ମଧ୍ୟ ପ୍ରାଣ ହରାଇଛନ୍ତି। ସଦ୍ୟତମ ଘଟଣାର କିଛି ସପ୍ତାହ ପୂର୍ବରୁ ଆରବ ସାଗରରେ ଇରାନ ସୀମା ନିକଟରେ ପାକିସ୍ତାନ କୋଷ୍ଟ ଗାର୍ଡଙ୍କ ପାଟ୍ରୋଲିଂ ବୋଟ୍ ଉପରେ ମଧ୍ୟ ଆକ୍ରମଣ କରାଯାଇଥିଲା। ଏହି ଘଟଣା ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ ବିଦ୍ରୋହୀଙ୍କ ବଢ଼ୁଥିବା ଶକ୍ତିକୁ ପ୍ରମାଣିତ କରୁଛି। ବାଲୋଚିସ୍ତାନରେ ବଢ଼ୁଥିବା ଏହି ସଶସ୍ତ୍ର ବିଦ୍ରୋହୀ ପାକିସ୍ତାନର ଆଭ୍ୟନ୍ତରୀଣ ସୁରକ୍ଷା ବ୍ୟବସ୍ଥାକୁ ଦୋହଲାଇ ଦେଇଛି।

## ଚିକେନ୍ ପାଇଁ ସ୍ୱାମୀଙ୍କୁ ହତ୍ୟା କଲା ସ୍ତ୍ରୀ

କାମାରେଡ୍ଡୀ, ୨୭ ।୪(ଏଜେନ୍ସି): ମାତ୍ର ସାମାନ୍ୟ କଥାକୁ ନେଇ କିଭଳି ଜଣେ ମଣିଷ ହିଂସ୍ର ହୋଇପାରେ, ତାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ତେଲେଙ୍ଗାନାର କାମାରେଡ୍ଡୀ ଜିଲ୍ଲାରେ। ଚିକେନ୍ ତରକାରୀ ରନ୍ଧାକୁ ନେଇ ସୃଷ୍ଟି ହୋଇଥିବା ପାରିବାରିକ କଳହର ପରିଣତି ଶେଷରେ ହତ୍ୟାକାଣ୍ଡରେ ଶେଷ ହୋଇଛି। ପୋଲିସର ସୂଚନା ଅନୁଯାୟୀ, ମୃତକ କୋଦଣ୍ଡା ଶିବାଜୀ ଜଣେ ଦିନମଜୁରିଆ ଭାବେ କାମ କରୁଥିଲେ। ସେ ନିଜ ସ୍ତ୍ରୀ ଲକ୍ଷ୍ମୀଙ୍କୁ ଚିକେନ୍ ତରକାରୀ ରାନ୍ଧିବା ପାଇଁ କହିଥିଲେ। କିନ୍ତୁ କୌଣସି କାରଣରୁ ଲକ୍ଷ୍ମୀ ତାହା ରାନ୍ଧି ନଥିଲେ, ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା। ଏହି ଝଗଡ଼ା ପରେ ସେମାନଙ୍କର ଆର୍ଥିକ ଅବସ୍ଥା ଓ ଜୀବନଶୈଳୀକୁ ନେଇ ବିବାଦ ଉଗ୍ର ରୂପ ଧାରଣ କରିଥିଲା। ଝଗଡ଼ା ସମୟରେ ଉତ୍ତ୍ୟକ୍ତ ହୋଇ ଲକ୍ଷ୍ମୀ ଏକ ମାରାତ୍ମକ ଅସ୍ତ୍ରରେ ଶିବାଜୀଙ୍କ ବେକକୁ ଆକ୍ରମଣ କରିଥିଲେ। ଆକ୍ରମଣ ଏତେ ଭୟଙ୍କର ଥିଲା ଯେ ଶିବାଜୀ ଘଟଣାସ୍ଥଳରେ ହିଁ ପ୍ରାଣ ହରାଇଥିଲେ। ଏହି ଦମ୍ପତି ଏକ ଭଡ଼ା ଘରେ ରହୁଥିଲେ। ସେମାନଙ୍କର ଦୁଇଟି ଛୋଟ ଝିଅ ଅଛନ୍ତି, ଜଣକର ବୟସ ୨ ବର୍ଷ ଏବଂ ଅନ୍ୟ ଜଣକର ମାତ୍ର ୧ ବର୍ଷ। ବାପାଙ୍କ ମୃତ୍ୟୁ ଏବଂ ମା'ଙ୍କ ଅପରାଧ ଯୋଗୁଁ ଏହି ଦୁଇ ଶିଶୁ ଏବେ ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଛନ୍ତି। ପଡୋଶୀଙ୍କ ଠାରୁ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ମାମଲାରେ ଏକ ହତ୍ୟା ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ଛୋଟ ଛୋଟ କଥାରେ ସଂଯମତା ହରାଇବା କିଭଳି ଏକ ସୁନ୍ଦର ପରିବାରକୁ ଛାରଖାର କରିଦିଏ, ଏହି ଘଟଣା ତାହାର ଏକ ଦୁଃଖଦ ଉଦାହରଣ। ମାତ୍ର ଚିକେନ୍ ତରକାରୀ ପାଇଁ ଜଣେ ବ୍ୟକ୍ତି ଜୀବନ ହରାଇବା ଏବଂ ଦୁଇ ଶିଶୁ ଅନାଥ ହେବା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।



## ଅଦାଲତରେ ହାଜର ହେବାକୁ ମନାକଲେ କେଜ୍ରିୱାଲ

ନୂଆଦିଲ୍ଲୀ, ୨୭ ।୪(ଏଜେନ୍ସି): ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦମୀ ପାର୍ଟି ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ସୋମବାର ଦିନ ଦିଲ୍ଲୀ ହାଇକୋର୍ଟର ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତ ଶର୍ମାଙ୍କୁ ଏକ ଚିଠି ଲେଖିଛନ୍ତି। ଏହି ଚିଠିରେ ସେ ଅବକାରୀ ନୀତି ମାମଲାରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲଙ୍କ ଜରିଆରେ ହାଜର ହେବାକୁ ମନା କରିଦେଇଛନ୍ତି। କେଜ୍ରିୱାଲ କହିଛନ୍ତି ଯେ ସେ ହାଇକୋର୍ଟ ବିଚାରପତିଙ୍କଠାରୁ 'ନ୍ୟାୟ ପାଇବାର ଆଶା ହରାଇଛନ୍ତି' ଏବଂ ଏବେ ମହାତ୍ମା ଗାନ୍ଧୀଙ୍କ 'ସତ୍ୟାଗ୍ରହ' ପଥ ଅନୁସରଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେ କହିଛନ୍ତି, 'ମୁଁ ନିଜ ଅନ୍ତରାତ୍ମାର ଡାକରା ଶୁଣି ଏହି ନିଷ୍ପତ୍ତି ନେଇଛି। ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତଙ୍କ ନିଷ୍ପତ୍ତି ବିରୋଧରେ ମୁଁ ସର୍ବୋଚ୍ଚ ନ୍ୟାୟାଳୟରେ ଆବେଦନ କରିବାର ଅଧିକାର ସଂରକ୍ଷିତ ରଖୁଛି। କେଜ୍ରିୱାଲ ଅଭିଯୋଗ କରିଛନ୍ତି ଯେ ତାଙ୍କୁ ମିଥ୍ୟା ମାମଲାରେ ଫସାଇ ଜେଲ୍ ପଠାଯାଇଥିଲା ଏବଂ ଏକ ନିର୍ବାଚିତ ସରକାରକୁ ଅନ୍ୟାୟ ଭାବେ ଭାଙ୍ଗି ଦିଆଯାଇଥିଲା। ବିଚାରପତିଙ୍କୁ ନେଇ କେଜ୍ରିୱାଲଙ୍କ ଦୁଇଟି ପ୍ରଶ୍ନ ପଚାରିଛନ୍ତି। କେଜ୍ରିୱାଲ କହିଛନ୍ତି ଯେ ବିଚାରପତି ଜଣକ ଏଭଳି ଏକ ବିଚାରଧାରା ସହ ଜଡ଼ିତ ପ୍ଲାଟଫର୍ମ ସହ ସଂଶ୍ଳିଷ୍ଟ, ଯାହାକୁ ଆପ୍ ବିରୋଧ କରେ। ତାଙ୍କ ମାମଲାର ତଦନ୍ତ କରୁଥିବା ଇଡିଓ କେନ୍ଦ୍ର ସରକାରଙ୍କ ଅଧୀନରେ। ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତଙ୍କ ଦୁଇ ସନ୍ତାନ କେନ୍ଦ୍ର ସରକାରଙ୍କ ଓକିଲ ପ୍ୟାନେଲରେ ଅଛନ୍ତି, ଯାହା ଏକ ନିରପେକ୍ଷ ଶୁଣାଣି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହା ପୂର୍ବରୁ କେଜ୍ରିୱାଲଙ୍କ ପିଟିସନକୁ ଖାରଜ କରି ଜଷ୍ଟିସ୍ ଶର୍ମା ସ୍ପଷ୍ଟ କରିଥିଲେ ଯେ, କେବଳ ଅହେତୁକ ଆଶଙ୍କା ବା ଧାରଣା ଆଧାରରେ ଜଣେ ବିଚାରପତି ମାମଲାରୁ ଓହରି ଯାଇପାରିବେ ନାହିଁ। ସେ କହିଛନ୍ତି ଯେ ଏହି ଅଭିଯୋଗଗୁଡ଼ିକ କେବଳ ଅନୁମାନ ଉପରେ ଆଧାରିତ। ଯଦି କେହି ଏପରି କହେ, ତେବେ କୋର୍ଟ କୌଣସି ମାମଲାର ଶୁଣାଣି କରିପାରିବେ ନାହିଁ ଯେଉଁଥିରେ ସରକାର ଏକ ପକ୍ଷ ଅଛନ୍ତି। ବିଚାରପତି କହିଛନ୍ତି, ଯଦି ରାଜନେତାଙ୍କ ସନ୍ତାନ ରାଜନୀତିକୁ ଆସିପାରିବେ, ତେବେ ବିଚାରପତିଙ୍କ ପରିବାର ଓକିଲ ବୃତ୍ତିକୁ ଆସିବା ଏବଂ ନିଜର ସଂଘର୍ଷ ଜରିଆରେ ନିଜକୁ ପ୍ରମାଣିତ କରିବା କିପରି ଭୁଲ୍ ହୋଇପାରେ?। ଫେବୃଆରୀ ୨୭ ରେ ଏକ ନିମ୍ନ ଅଦାଲତ କେଜ୍ରିୱାଲଙ୍କୁ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ଘୋଷଣା କରିଥିଲେ, କିନ୍ତୁ ଇଡିଓ ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଛି। ବର୍ତ୍ତମାନ କେଜ୍ରିୱାଲ କୋର୍ଟରେ ହାଜର ନହୋଇ ଏହାକୁ ଏକ ନୈତିକ ଲଢେଇ ବୋଲି ଦର୍ଶାଇଛନ୍ତି।



## ରାଜ୍ୟସଭାରେ ବିଜେପିର ସଂଖ୍ୟା ବଢ଼ାଇଲେ ଆମ୍ ଆଦମୀ ପାର୍ଟିର ୭ ସାଂସଦ

ନୂଆଦିଲ୍ଲୀ, ୨୭ ।୪(ଏଜେନ୍ସି): ଭାରତୀୟ ସଂସଦୀୟ ଇତିହାସରେ ଏକ ବଡ଼ ଧରଣର ଓଲଟପାଲଟ ଦେଖିବାକୁ ମିଳିଛି। ରାଜ୍ୟସଭାରେ ଆମ୍ ଆଦମୀ ପାର୍ଟି (ଆପ୍) ର ଦୁଇ-ତୃତୀୟାଂଶରୁ ଅଧିକ ସାଂସଦ ଭାରତୀୟ ଜନତା ପାର୍ଟି ସହ ଆନୁଷ୍ଠାନିକ ଭାବେ ହାତ ମିଳାଇଛନ୍ତି। ସୋମବାର ଦିନ ରାଜ୍ୟସଭା ଅଧ୍ୟକ୍ଷ ସିପି ରାଧାକୃଷ୍ଣନ ଏହି ମିଶ୍ରଣକୁ ଆନୁଷ୍ଠାନିକ ଭାବେ ସ୍ୱୀକୃତି ପ୍ରଦାନ କରିଛନ୍ତି। ରାଘବ ଚଢ଼ା, ହରଭଜନ ସିଂ, ସ୍ୱାତୀ ମାଲିୱାଲ, ସନ୍ଦୀପ ପାଠକ, ଅଶୋକ ମିତ୍ତଲ, ବିକ୍ରମଜିତ ସାହନି ଏବଂ ରାଜେନ୍ଦ୍ର ଗୁପ୍ତାଙ୍କ ପରି ପ୍ରମୁଖ ଚେହେରା ଏବେ ବିଜେପି ସଂସଦୀୟ ଦଳର ସଦସ୍ୟ ହୋଇଛନ୍ତି। ଏହି ମିଶ୍ରଣ ପରେ ରାଜ୍ୟସଭାରେ ବିଜେପିର ସଦସ୍ୟ ସଂଖ୍ୟା ୧୧୩କୁ ବୃଦ୍ଧି ପାଇଛି। ଅରବିନ୍ଦ କେଜ୍ରିୱାଲଙ୍କ ଦଳ ଏବେ ଉପର ସଦନରେ ମାତ୍ର ୩ ଜଣ ସାଂସଦଙ୍କୁ ନେଇ ସୀମିତ ହୋଇଯାଇଛି। ବିଶେଷ କରି ପଞ୍ଜାବରୁ ପ୍ରତିନିଧିତ୍ୱ କରୁଥିବା ୭ ଜଣଙ୍କ ମଧ୍ୟରୁ ୬ ଜଣ ଏବେ ବିଜେପି ଶିବିରରେ। ଦିଲ୍ଲୀରୁ ମଧ୍ୟ ସ୍ୱାତୀ ମାଲିୱାଲ ବିଜେପିରେ ସାମିଲ ହେବା ପରେ ଆପ୍ ପାଇଁ ଏହା ଏକ ଶକ୍ତ ଧକ୍କା ବୋଲି କୁହାଯାଉଛି। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ଏହି ସାଂସଦମାନଙ୍କୁ ଏନଡିଏ ପରିବାରକୁ ସ୍ୱାଗତ କରିଛନ୍ତି। ସେ କହିଛନ୍ତି ଯେ ଏହି ନେତାମାନେ 'ଟୁକଡେ-ଟୁକଡେ ଇଣ୍ଡି ଆଲାଇନ୍ସ'କୁ ବିଦାୟ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ରାଷ୍ଟ୍ର ଗଠନ ଅଭିଯାନରେ ସାମିଲ ହୋଇଛନ୍ତି। ସେମାନଙ୍କର ଶୃଙ୍ଖଳିତ ବ୍ୟବହାରକୁ ମଧ୍ୟ ସେ ପ୍ରଶଂସା କରିଛନ୍ତି। ଅନ୍ୟପଟେ, ଆମ୍ ଆଦମୀ ପାର୍ଟି ଏହି ମିଶ୍ରଣକୁ 'ଅସାମ୍ବିଧାନିକ' ବୋଲି ଦର୍ଶାଇଛି। ସାଂସଦ ସଞ୍ଜୟ ସିଂ ଅଧ୍ୟକ୍ଷଙ୍କ ନିକଟରେ ଏକ ଆବେଦନ କରି ଏହି ୭ ସାଂସଦଙ୍କ ସଦସ୍ୟତା ରଦ୍ଦ କରିବାକୁ ଦାବି କରିଛନ୍ତି। ଦଳର ମୂଳ ନୀତି ଓ ଆଦର୍ଶରୁ ବିଚ୍ୟୁତ ହୋଇଥିବା ଅଭିଯୋଗ କରି ସାଂସଦମାନେ ଦଳ ଛାଡ଼ିଥିବା ବେଳେ ଆପ୍ ଏହାକୁ ଦଳବଦଳ ବିରୋଧୀ ଆଇନର ଉଲ୍ଲଂଘନ ବୋଲି କହିଛି। ରାଜ୍ୟସଭା ୱେବସାଇଟରେ ଏବେ ଏହି ସାଂସଦମାନଙ୍କ ନାମ ବିଜେପି ତାଲିକାରେ ସ୍ଥାନ ପାଇଛି। ଦୁଇ-ତୃତୀୟାଂଶ ସଦସ୍ୟ ଏକାଠି ଦଳ ଛାଡ଼ିଥିବାରୁ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଏହି ମିଶ୍ରଣ ବୈଧ ବୋଲି ବିଜେପି ଦାବି କରୁଛି। ଏହି ଘଟଣା ଦେଶର ରାଜନୈତିକ ସମୀକରଣକୁ ଏକ ନୂଆ ମୋଡ଼ ଦେଇଛି।



## ଦାରିଦ୍ର୍ୟ: କନ୍ୟା ସନ୍ତାନକୁ ନର୍ଦ୍ଦମାକୁ ଫିଙ୍ଗି ହତ୍ୟା କଲା ମା'

ଫରିଦାବାଦ, ୨୭ ।୪(ଏଜେନ୍ସି): ଦାରିଦ୍ର୍ୟର କରାଳ ରୂପ ଆଗରେ ହାର ମାନିଛି ମାତୃତ୍ୱ। ହରିୟାଣାର ଫରିଦାବାଦରେ ଜଣେ ମହିଳା ନିଜର ୧୮ ମାସର ଶିଶୁ କନ୍ୟାକୁ ଜୀବନ୍ତ ଅବସ୍ଥାରେ ଏକ ନର୍ଦ୍ଦମାକୁ ଫିଙ୍ଗି ହତ୍ୟା କରିଥିବା ଭଳି ଏକ ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିଛି। ଆର୍ଥିକ ଅନଟନ ଏବଂ ଅଧିକ ସନ୍ତାନର ଭରଣପୋଷଣ କରିବାରେ ଅସମର୍ଥ ହୋଇ ଜଣେ ମା' ଏଭଳି ଚରମ ନିଷ୍ପତ୍ତି ନେଇଥିବା ପୋଲିସ ପକ୍ଷରୁ କୁହାଯାଇଛି। ଗତ ଅପ୍ରେଲ ୨୩ ତାରିଖରେ ଫରିଦାବାଦର ପାଲ୍ଲା ଥାନା ଅନ୍ତର୍ଗତ 'ବୁଢ଼ିଆ ନାଳ'ରୁ ଏକ ଶିଶୁର ମୃତଦେହ ଉଦ୍ଧାର କରାଯାଇଥିଲା। ଦୁଇଜଣ ସ୍କୁଲ ଛାତ୍ର ପ୍ରଥମେ ନାଳର ଏକ ଲୁହା ଜାଲିରେ ଶିଶୁଟିର ମୃତଦେହ ଅଟକି ରହିଥିବା ଦେଖି ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ପରେ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଜଣାପଡ଼ିଥିଲା। ତଦନ୍ତ ସମୟରେ ପୋଲିସକୁ ଏକ ଗୁରୁତ୍ୱପୂର୍ଣ୍ଣ ସିସିଟିଭି ଫୁଟେଜ୍ ମିଳିଥିଲା। ସେଥିରେ ଦେଖିବାକୁ ମିଳିଥିଲା ଯେ, ଜଣେ ମହିଳା କୋଳରେ ଏକ ଶିଶୁକୁ ଧରି ଯାଉଛନ୍ତି, କିନ୍ତୁ କିଛି ସମୟ ପରେ ସେ ଏକାକୀ ଫେରି ଆସୁଛନ୍ତି। ଏହି ସୂତ୍ରକୁ ଆଧାର କରି କ୍ରାଇମ ବ୍ରାଞ୍ଚ ମହିଳାଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ସେ ନିଜର ଦୋଷ ସ୍ୱୀକାର କରିଥିଲେ। ଗିରଫ ମହିଳାଙ୍କ ନାମ ନୀଲମ ଏବଂ ସେ ବିହାରର ମଧୁବନୀ ଜିଲ୍ଲାର ବାସିନ୍ଦା। ସେ ନିଜ ସ୍ୱାମୀ ସଞ୍ଜୟଙ୍କ ସହ ଫରିଦାବାଦର ଏକ ଝୁଗି-ବସ୍ତିରେ ରହୁଥିଲେ। ସଞ୍ଜୟ ଏକ ଘରୋଇ ସଂସ୍ଥାରେ କାମ କରନ୍ତି। ପୋଲିସ ନିକଟରେ ନୀଲମ ପ୍ରକାଶ କରିଛନ୍ତି ଯେ, ତାଙ୍କର ପୂର୍ବରୁ ୫ଟି ଝିଅ ଥିବାବେଳେ ଏହି ଶିଶୁଟି ଷଷ୍ଠ ସନ୍ତାନ ଥିଲା। ପରିବାରର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଥିବାରୁ ଏତେଗୁଡ଼ିଏ ପିଲାଙ୍କୁ ପାଳିବା ତାଙ୍କ ପକ୍ଷେ ଅସମ୍ଭବ ଥିଲା। ଏହି ଅଭାବ ଓ ଅସହାୟତା ମଧ୍ୟରେ ସେ ଶିଶୁଟିକୁ ନର୍ଦ୍ଦମାକୁ ଫିଙ୍ଗି ଦେଇଥିଲେ। ପୋଲିସ ମୁଖପାତ୍ରଙ୍କ ସୂଚନା ଅନୁଯାୟୀ, ମାମଲାର ଅଧିକ ତଦନ୍ତ ଜାରି ରହିଛି। ଆଧୁନିକ ସମାଜରେ ଦାରିଦ୍ର୍ୟ କିଭଳି ଜଣେ ମା'କୁ ନିଜ ସନ୍ତାନର ହତ୍ୟାକାରୀ ସଜାଇ ଦେଉଛି, ଏହି ଘଟଣା ତାହାର ଏକ ଜ୍ୱଳନ୍ତ ଉଦାହରଣ। ଏହା କେବଳ ଏକ ଅପରାଧ ନୁହେଁ, ବରଂ ସାମାଜିକ ଓ ଆର୍ଥିକ ସୁରକ୍ଷା ବ୍ୟବସ୍ଥାର ବିଫଳତାକୁ ମଧ୍ୟ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

# ଶାନ୍ତି ପାଇଁ ଆମେରିକାକୁ ଇରାନର କଠୋର ସର୍ତ୍ତ

ନୂଆଦିଲ୍ଲୀ, ୨୭ ।୪(ଏଜେନ୍ସି): ବିଶ୍ୱ ରାଜନୀତିର ରଣାଙ୍ଗନରେ ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ଶୀତଳ ଯୁଦ୍ଧ ଏବେ ଏକ ନୂତନ ମୋଡ଼ ନେଇଛି। ପାକିସ୍ତାନରେ ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ବିଫଳ ହେବା ପରେ, ତେହରାନ ପକ୍ଷରୁ ଶାନ୍ତି ପ୍ରକ୍ରିୟାକୁ ଆଗକୁ ନେବା ପାଇଁ ଏକ 'ତ୍ରି-ସ୍ତରୀୟ ପ୍ରସ୍ତାବ' ଉପସ୍ଥାପନ କରାଯାଇଛି। ଏହି ପ୍ରସ୍ତାବରେ ଯୁଦ୍ଧ ବିରତି ଠାରୁ ଆରମ୍ଭ କରି ପରମାଣୁ କାର୍ଯ୍ୟକ୍ରମ ପର୍ଯ୍ୟନ୍ତ ସମସ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସ୍ଥାନ ପାଇଛି। ଇରାନର ସ୍ଥାନୀୟ ଗଣମାଧ୍ୟମ 'ଅଲ୍ ମାଦାୟେନ' ଅନୁଯାୟୀ, ମଧ୍ୟସ୍ଥିଙ୍କ ଜରିଆରେ ଆମେରିକାକୁ ତିନୋଟି ପର୍ଯ୍ୟାୟ ସମ୍ପର୍କରେ ଅବଗତ କରାଯାଇଛି। ସେଗୁଡ଼ିକ ହେଲା- ପ୍ରଥମ ସ୍ତର - ଯୁଦ୍ଧର ସମ୍ପୂର୍ଣ୍ଣ ଅନ୍ତ: ଇରାନ ଏବଂ ଲେବାନନ୍ ବିରୋଧରେ ଚାଲିଥିବା ଯୁଦ୍ଧର ସମ୍ପୂର୍ଣ୍ଣ ସମାପ୍ତି ଏବଂ ଭବିଷ୍ୟତରେ ଏହାର ପୁନରାବୃତ୍ତି ନହେବା ପାଇଁ ଆମେରିକା ଠାରୁ ଗ୍ୟାରେଣ୍ଟି ଦାବି କରିଛି ତେହେରାନ। ଦ୍ୱିତୀୟ ସ୍ତର - ହର୍ମୁଜ ପ୍ରଣାଳୀର ପରିଚାଳନା: ଯଦି ପ୍ରଥମ ସ୍ତରର ସର୍ତ୍ତ ଗୁଡ଼ିକ ଗୃହୀତ ହୁଏ, ତେବେ ଦ୍ୱିତୀୟ ପର୍ଯ୍ୟାୟରେ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ମାର୍ଗ ହର୍ମୁଜ ପ୍ରଣାଳୀର ପରିଚାଳନା ଏବଂ ପ୍ରଶାସନିକ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯିବ। ତୃତୀୟ ସ୍ତର - ପରମାଣୁ ପ୍ରସଙ୍ଗ: ଉପରୋକ୍ତ ଦୁଇଟି ପର୍ଯ୍ୟାୟ ସଫଳ ହେବା ପରେ ହିଁ ଇରାନ ନିଜର ପରମାଣୁ କାର୍ଯ୍ୟକ୍ରମ ଓ ୟୁରାନିୟମ ସମୃଦ୍ଧକରଣ ପ୍ରସଙ୍ଗରେ ମୁହଁ ଖୋଲିବ। ହ୍ୱାଇଟ୍ ହାଉସ୍ ମୁଖପାତ୍ର ଓଲିଭିଆ ୱେଲ୍ସ ଏହି ପ୍ରସ୍ତାବ ଉପରେ କୌଣସି ସିଧାସଳଖ ଟିପ୍ପଣୀ ଦେବାକୁ ମନା କରିଛନ୍ତି। ସେ କହିଛନ୍ତି ଯେ, 'ଆମେରିକା ଗଣମାଧ୍ୟମ ଜରିଆରେ କୂଟନୈତିକ ଆଲୋଚନା କରେନାହିଁ। ଆମେରିକା ସର୍ବଦା ନିଜର ଶକ୍ତି ବଜାୟ ରଖିଛି ଏବଂ ନିଜ ଦେଶର ହିତକୁ ପ୍ରାଥମିକତା ଦେଇ ହିଁ କୌଣସି ଚୁକ୍ତି କରିବ। ଇରାନକୁ କଦାପି ପରମାଣୁ ଅସ୍ତ୍ର ପ୍ରସ୍ତୁତ କରିବାକୁ ଦିଆଯିବ ନାହିଁ ବୋଲି ସେ ଦୋହରାଇଛନ୍ତି। ଇରାନ ବିଦେଶ ମନ୍ତ୍ରୀ ଅବ୍ବାସ ଆରାଗଚି ବର୍ତ୍ତମାନ ଓମାନ ଓ ପାକିସ୍ତାନ ଗସ୍ତ ଶେଷ କରି ରୁଷିଆ ଅଭିମୁଖେ ଯାତ୍ରା କରିଛନ୍ତି। ସେଠାରେ ସେ ରାଷ୍ଟ୍ରପତି ପୁଟିନଙ୍କ ସହ ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧବିରତି ଓ କୂଟନୈତିକ ଗତିରୋଧ ସମ୍ପର୍କରେ ସମୀକ୍ଷା କରିବେ। ଅନ୍ୟପଟେ ରାଷ୍ଟ୍ରପତି ଟ୍ରମ୍ପ ସୋମବାର ଏକ ଉଚ୍ଚସ୍ତରୀୟ ସୁରକ୍ଷା ବୈଠକ ଡକାଇଛନ୍ତି। ମଧ୍ୟପ୍ରାଚ୍ୟରେ ଗତ ଦୁଇ ମାସ ଧରି ଜାରି ରହିଥିବା ଏହି ସାଂଘାତିକ ସଂଘର୍ଷ ଏବେ ଏକ ଜଟିଳ ଛକରେ ପହଞ୍ଚିଛି। ଇରାନର ଏହି 'ସର୍ତ୍ତମୂଳକ ଶାନ୍ତି ପ୍ରସ୍ତାବ'କୁ ଆମେରିକା ଗ୍ରହଣ କରୁଛି କି ନାହିଁ, ତାହା ଉପରେ ବିଶ୍ୱ ଅର୍ଥନୀତି ଓ ସୁରକ୍ଷା ନିର୍ଭର କରୁଛି। ଯଦିଓ ଏକ ଦୁର୍ବଳ ଯୁଦ୍ଧବିରତି ବଳବତ୍ତର ରହିଛି, ତଥାପି ସ୍ଥାୟୀ ଶାନ୍ତି ଏବେ ମଧ୍ୟ ବହୁତବାଟ ବାକି ଥିବା ପରି ମନେହେଉଛି।

**ପ୍ରଥମେ ହର୍ମୁଜ ଅବରୋଧ ହଟାଅ, ପରେ ପରମାଣୁ ଆଲୋଚନା**



## ନେତନ୍ୟାହୁଙ୍କୁ ହଟାଇବା ପାଇଁ ହାତ ମିଳାଇଲେ ଦୁଇ ପୂର୍ବତନ ପ୍ରଧାନମନ୍ତ୍ରୀ

ତେଲ୍ ଆଭିଭ, ୨୭ ।୪(ଏଜେନ୍ସି): ଇସ୍ରାଏଲର ରାଜନୈତିକ ରଣାଙ୍ଗନ ଏବେ ରୋଚକ ମୋଡ଼ରେ ପହଞ୍ଚିଛି। ଦେଶର ଦୁଇ ପ୍ରଭାବଶାଳୀ ନେତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ନାଫ୍ଟାଲି ବେନେଟ୍ ଏବଂ ୟାଏର୍ ଲାପିଡ୍ ପୁଣିଥରେ ଏକଜୁଟ ହୋଇଛନ୍ତି। ବର୍ତ୍ତମାନର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁଙ୍କ ଦୀର୍ଘକାଳୀନ ଶାସନର ଅନ୍ତ କରିବା ପାଇଁ ଉଭୟ ନିଜ ନିଜ ଦଳର ମିଶ୍ରଣ କରି ଏକ ନୂତନ ରାଜନୈତିକ ଶକ୍ତି ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ୨୦୨୧ ମସିହାରେ ମଧ୍ୟ ଏହି ଦୁଇ ନେତା ବିଭିନ୍ନ ବିଚାରଧାରାର ଦଳଗୁଡ଼ିକୁ ଏକାଠି କରି ନେତନ୍ୟାହୁଙ୍କ ୧୨ ବର୍ଷର ଶାସନ ଗାଦି ଛଡ଼ାଇ ନେଇଥିଲେ। ବର୍ତ୍ତମାନ ସେହି ସମାନ ରଣନୀତିରେ ଉଭୟ ଆଗକୁ ବଢ଼ିବାକୁ ପ୍ରସ୍ତୁତ ହୋଇଛନ୍ତି। ଏହି ନୂତନ ଦଳର ନେତୃତ୍ୱ ନାଫ୍ଟାଲି ବେନେଟ୍ ଗ୍ରହଣ କରିବେ। ନାଫ୍ଟାଲି ବେନେଟ୍ ଜଣେ କଠୋର ଦକ୍ଷିଣପନ୍ଥୀ ଇହୁଦୀ ଜାତୀୟତାବାଦୀ ନେତା ହୋଇଥିବା ବେଳେ ୟାଏର୍ ଲାପିଡ୍ ଜଣେ ଉଦାରବାଦୀ ଓ ସେକୁଲାର୍ ନେତା ଭାବେ ପରିଚିତ। ପାଲେଷ୍ଟାଇନ୍ ଏବଂ ସୁରକ୍ଷା ପ୍ରସଙ୍ଗରେ ଉଭୟଙ୍କ ମତ ଭିନ୍ନ ଥିଲେ ହେଁ, ନେତନ୍ୟାହୁଙ୍କୁ କ୍ଷମତାରୁ ହଟାଇବା ପାଇଁ ଉଭୟ ଏକ ସାଧାରଣ ସହମତିରେ ପହଞ୍ଚିଛନ୍ତି। ଇସ୍ରାଏଲ୍‌ରେ ଆଗାମୀ ନିର୍ବାଚନ ୨୦୨୬ରେ ହେବାର ଥିଲେ ମଧ୍ୟ, ନେତନ୍ୟାହୁ ଚଳିତ ବର୍ଷ ହିଁ ସଂସଦ ଭଙ୍ଗ କରି ଆଗୁଆ ନିର୍ବାଚନ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ସଦ୍ୟତମ ସର୍ଭେ ଅନୁଯାୟୀ, ଯଦି ବେନେଟ୍, ଲାପିଡ୍ ଏବଂ ଇସ୍ରାଏଲ ସେନାର ପୂର୍ବତନ ମୁଖ୍ୟ ଗାଡି ଆଇଜେନକୋଟ୍ ଏକାଠି ନିର୍ବାଚନ ଲଢ଼ନ୍ତି, ତେବେ ସେମାନେ ୧୨୦ଟି ଆସନରୁ ପ୍ରାୟ ୩୮ଟି ଆସନ ଜିତି ସବୁଠାରୁ ବଡ଼ ଦଳ ଭାବେ ଉଭା ହୋଇପାରନ୍ତି। ୟାଏର୍ ଲାପିଡ୍‌ଙ୍କ ଦଳ 'ୟେସ୍ ଆତିଦ୍'ର ଲୋକପ୍ରିୟତା କମୁଥିବା ବେଳେ ବେନେଟ୍‌ଙ୍କ ଭୋଟ୍ ବ୍ୟାଙ୍କ ଉପରେ ଆଇଜେନକୋଟ୍‌ଙ୍କ ପ୍ରଭାବ ପଡୁଛି। ଇସ୍ରାଏଲ୍ ରାଜନୀତିରେ ଏହି ମେଣ୍ଟ ଏକ ମନସ୍ତାତ୍ତ୍ୱିକ ପରିବର୍ତ୍ତନ ଆଣିଛି।

## ଢାକାରେ ଭାରତର ନୂଆ ହାଇକମିସନର ଦିନେଶ

ନୂଆଦିଲ୍ଲୀ, ୨୭ ।୪(ଏଜେନ୍ସି): ଭାରତ ସରକାର ବାଂଲାଦେଶ ପାଇଁ ନୂତନ ହାଇକମିଶନର ଭାବେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ବିଜେପି ନେତା ଦିନେଶ ତ୍ରିବେଦୀଙ୍କୁ ନିଯୁକ୍ତ କରିଛନ୍ତି। ବାଂଲାଦେଶରେ ନୂତନ ସରକାର ଗଠନ ପରେ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ପୁଣିଥରେ ସ୍ୱାଭାବିକ ଓ ସୁଦୃଢ଼ କରିବା ପାଇଁ ଏହି ନିଯୁକ୍ତିକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି। ପ୍ରଣୟ ବର୍ମାଙ୍କ ସ୍ଥାନ ନେବେ: ୭୫ ବର୍ଷୀୟ ଦିନେଶ ତ୍ରିବେଦୀ ବର୍ତ୍ତମାନର ହାଇକମିଶନର ପ୍ରଣୟ ବର୍ମାଙ୍କ ସ୍ଥାନ ଗ୍ରହଣ କରିବେ। ପ୍ରଣୟ ବର୍ମାଙ୍କୁ ବେଲଜିୟମ ଏବଂ ୟୁରୋପୀୟ ସଂଘ (ଇୟୁ) ପାଇଁ ଭାରତର ପରବର୍ତ୍ତୀ ରାଷ୍ଟ୍ରଦୂତ ଭାବେ ନାମିତ କରାଯାଇଛି। ଅଗଷ୍ଟ ୨୦୨୪ରେ ଶେଖ ହାସିନା ସରକାରଙ୍କ ପତନ ପରେ ଭାରତ-ବାଂଲାଦେଶ ସମ୍ପର୍କରେ କିଛିଟା ଶୈଥିଲ୍ୟ ଦେଖାଦେଇଥିଲା। ତେବେ ବର୍ତ୍ତମାନ ପ୍ରଧାନମନ୍ତ୍ରୀ ତାରିକ ରହମାନଙ୍କ ନେତୃତ୍ୱରେ ଗଠିତ ନୂତନ ସରକାରଙ୍କ ସହ ସମ୍ପର୍କ ସୁଧାରିବା ପାଇଁ ଭାରତ ଚେଷ୍ଟା ଜାରି ରଖିଛି।

## ସୁପ୍ରିମକୋର୍ଟଙ୍କ ପ୍ରଶ୍ନ: ସନ୍ତାନ ଅଛି; ଏବେ ଦୁଷ୍କର୍ମ ଅଭିଯୋଗ କାହିଁକି

ନୂଆଦିଲ୍ଲୀ, ୨୭ ।୪(ଏଜେନ୍ସି): ବିବାହ ବନ୍ଧନର ମହତ୍ତ୍ୱ ଏବଂ 'ଲିଭ୍-ଇନ୍' ସମ୍ପର୍କର ଅସ୍ଥିରତାକୁ ନେଇ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଏକ ଚିନ୍ତାଜନକ ତଥା ଗୁରୁତ୍ୱପୂର୍ଣ୍ଣ ମତ ପୋଷଣ କରିଛନ୍ତି। ଜଣେ ମହିଳାଙ୍କ ଦ୍ୱାରା ଦାୟର ହୋଇଥିବା ବଳାତ୍କାର ଓ ଶୋଷଣ ମାମଲାର ଶୁଣାଣି ବେଳେ ମାନ୍ୟବର ଜଷ୍ଟିସ୍ ବିଭି ନାଗରତ୍ନା ସମ୍ମତିଭିତ୍ତିକ ସମ୍ପର୍କ ଏବଂ ଅପରାଧିକ ଶୋଷଣ ମଧ୍ୟରେ ଥିବା ସୂକ୍ଷ୍ମ ପାର୍ଥକ୍ୟକୁ ରେଖାଙ୍କିତ କରିଛନ୍ତି। ଜଷ୍ଟିସ୍ ନାଗରତ୍ନା କହିଛନ୍ତି ଯେ, କେବଳ ଏକ 'ଲିଭ୍-ଇନ୍' ସମ୍ପର୍କରୁ ଓହରି ଆସିବା କୌଣସି ଅପରାଧିକ ଶ୍ରେଣୀଭୁକ୍ତ ନୁହେଁ। ଯେତେବେଳେ ଦୁଇଜଣ ବୟସ୍କ ବ୍ୟକ୍ତି ନିଜ ଇଚ୍ଛାରେ ଏକାଠି ରହନ୍ତି ଏବଂ ସନ୍ତାନ ଜନ୍ମ କରନ୍ତି, ପରବର୍ତ୍ତୀ ସମୟରେ ସମ୍ପର୍କରେ ତିକ୍ତତା ଆସିଲେ ତାହାକୁ ବଳାତ୍କାରର ରୂପ ଦେବା କେତେଦୂର ଯୁକ୍ତିଯୁକ୍ତ ବୋଲି ସେ ପ୍ରଶ୍ନ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ, ଅଭିଯୁକ୍ତ ଜଣକ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ମହିଳାଙ୍କ ସହ ସମ୍ପର୍କ ରଖିଥିଲେ। ଅଭିଯୁକ୍ତ ପୂର୍ବରୁ ବିବାହିତ ଥିବା କଥା ମହିଳାଙ୍କୁ ଜଣା ନଥିଲା। ଏହା ଉପରେ କୋର୍ଟ କହିଛନ୍ତି ଯେ, ବିବାହ ପୂର୍ବରୁ ସନ୍ତାନ ଜନ୍ମ କରିବା ଭଳି ନିଷ୍ପତ୍ତି ମଧ୍ୟରେ ଅନେକ ବିପଦ ନିହିତ ଥାଏ, ଯାହା ସାଧାରଣତଃ ସମ୍ପର୍କର ବିଚ୍ଛେଦ ପରେ ଜଟିଳ ରୂପ ଧାରଣ କରେ। ଅଦାଲତ ସ୍ପଷ୍ଟ କରିଛନ୍ତି ଯେ, ଯଦିଓ ସମ୍ପର୍କଟି ଅସାମାଜିକ ବା 'ଇଲ୍-ଲେଜିଟିମେଟ୍' ହୋଇଥାଏ, ତଥାପି ସେଥିରୁ ଜନ୍ମିତ ସନ୍ତାନ କଦାପି ଅବୈଧ ନୁହେଁ।

## ରଥଖଳାରୁ...

# ୪୨ ତୁମ୍ବରେ ହେବ ୧,୩୪୪ ବିନ୍ଧ



ପୁରୀ,୨୭।୪(ସମିସ): ଆସନ୍ତା ଜୁଲାଇ ୧୬ ତାରିଖରେ ମହାପ୍ରଭୁଙ୍କ ପ୍ରସିଦ୍ଧ ରଥଯାତ୍ରା। ଏଥିପାଇଁ ରଥଖଳାରେ ତିନିରଥ ତିଆରି ହେଉଛି। ପ୍ରାଥମିକ ଭାବେ ତୁମ୍ବ ତିଆରି ଚାଲିଥିବା ବେଳେ ଏଥିରେ ବିନ୍ଧ କରାଯାଉଛି। ଗୋଟିଏ ତୁମ୍ବରେ ୧୬ ଯୋଡ଼ା ଅର୍ଥାତ୍ ୩୨ଟି ବିନ୍ଧ ହେଉଛି। ତିନିରଥର ୪୨ଟି (ନନ୍ଦିଘୋଷ ୧୬, ତାଳଧ୍ୱଜ ୧୪ ଓ ଦର୍ପଦଳନ ୧୨) ଯାକ ତୁମ୍ବରେ ୧,୩୪୪ଟି ବିନ୍ଧ କରାଯିବ। ମହାରଣା ସେବକମାନେ ଏହି ବିନ୍ଧ କାର୍ଯ୍ୟରେ ଲାଗିଛନ୍ତି। ରବିବାର ସୁଦ୍ଧା ତିନିରଥର ୫୦ ଭାଗ ତୁମ୍ବରେ ବିନ୍ଧ କାର୍ଯ୍ୟ ସରିଥିଲା। ସୋମବାର ସପ୍ତମ ଦିନ କାମ ସରିବା ବେଳକୁ ତିନିରଥର ମୋଟ ୪୨ଟି ତୁମ୍ବର ବିନ୍ଧ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମଙ୍ଗଳବାର ତୁମ୍ବ ବିନ୍ଧଗୁଡ଼ିକର ସଂଶୋଧନ କାର୍ଯ୍ୟ ସହ ତୁମ୍ବ ବିନ୍ଧରେ ଅର କଣ୍ଟା ବସିବା ପାଇଁ ଅଗର ବିନ୍ଧ କରାଯିବ ମୁଖ୍ୟ ମହାରଣାମାନେ ସୂଚନା ଦେଇଛନ୍ତି। ଏଥିସହ ସୋମବାର କରତୀ ମହାରଣା ସେବକମାନେ ଆଉ ୪ଟି ତୁମ୍ବର ଘେରକଟା କାର୍ଯ୍ୟ ଶେଷ କରିଛନ୍ତି। ହେସିପରି ଦୋଳବେଦୀ ଅସ୍ଥାୟୀ କମାରଶାଳରେ ତିନିରଥର କମାର ସେବକମାନେ ଅରକଣ୍ଟା ପ୍ରସ୍ତୁତି ସହ ତୁମ୍ବ ଅଖ ବିନ୍ଧରେ ବସିବା ପାଇଁ 'ପନ୍ଦାରି ବଳା' ନିର୍ମାଣ ଜାରି ରଖିଛନ୍ତି। ସୋମବାର କାମ ଶେଷ ବେଳକୁ କମାର ସେବକମାନେ ୩ଟି ଲେଖାଏ ଚକ ପାଇଁ ଆବଶ୍ୟକ ପନ୍ଦାରି ବଳା ନିର୍ମାଣ ସହ ଦୁଇଟି ଲେଖାଏଁ ଚକର ଅର କଣ୍ଟା ପ୍ରସ୍ତୁତ କରିଛନ୍ତି। ବାକି ଚକଗୁଡ଼ିକର ଅରକଣ୍ଟା ନିର୍ମାଣ ପାଇଁ ଆବଶ୍ୟକ ପ୍ରକାରେ ଜିଆଇ ଲୁହାରଡ୍ ମାପ ପ୍ରକାରେ କାଟି ସାଇତିଛନ୍ତି।

# ଦିନକରେ ଦୁର୍ଘଟଣା ନେଲା ୫ ଜୀବନ











## ■ ସ୍କର୍ପିଓ ଧକ୍କାରେ ଦମ୍ପତି ମୃତ
## ■ ବସ୍-କାର୍ ଧକ୍କାରେ ୩ ମୃତ

ବାରିପଦା/କରଞ୍ଜିଆ/ଜେନାପୁର, ୨୭।୪(ସମିସ): ଦିନକରେ ଦୁର୍ଘଟଣା ନେଲା ୫ ଜୀବନ। ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଉପକଣ୍ଠ ଅଞ୍ଚଳରେ ସୋମବାର ପୂର୍ବାହ୍ନରେ ୨ଟି ପୃଥକ୍ ଦୁର୍ଘଟଣାରେ ୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫ଜଣ ଗୁରୁତର ଆହତ ହୋଇଛନ୍ତି। ୨୨୦ ନମ୍ବର ଜାତୀୟ ରାଜପଥରେ ଏକ ସ୍କର୍ପିଓ ଧକ୍କାରେ ସ୍କୁଟିରେ ବସିଥିବା ଦମ୍ପତିଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍କର୍ପିଓରେ ଥିବା ୫ଜଣ ଗୁରୁତର ଆହତ ହୋଇଛନ୍ତି। ମୃତ ଦମ୍ପତି ହେଲେ, ସ୍ଥାନୀୟ ଅଞ୍ଚଳର ଶଙ୍କର ନାୟକ ଓ ତାଙ୍କ ସ୍ତ୍ରୀ କବିତା ନାୟକ।

ଏହି ଘଟଣାକୁ ଘଣ୍ଟାଏ ନ ପୂରୁଣୁ, ୫୩ନମ୍ବର ଜାତୀୟ ରାଜପଥରେ ଏକ ବସ୍ ଓ କାର୍ ମୁହାଁମୁହିଁ ଧକ୍କା ହେବାରୁ ୩ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତ ତିନିଜଣଙ୍କ ମଧ୍ୟରୁ ଦୁଇଜଣ ଜେନାପୁର ଥାନା ମଧୁପୁରଗଡ଼ ପଞ୍ଚାୟତ ଭୁବନପୁର ଗ୍ରାମର ସଞ୍ଜୟ କୁମାର ବଳ(୫୬) ଓ ପ୍ରକାଶ କୁମାର ବଳସାମନ୍ତ (୫୪)। ଅନ୍ୟ ଜଣେ ସେହି ପଞ୍ଚାୟତର କୁକୁଡ଼ା ଖାଲେଇ ଗାଁର ନୀଳମଣି ସାହୁ (୬୫) ବୋଲି ଜଣାପଡ଼ିଛି।

ସୂଚନା ମୁତାବକ, ଝାଡ଼ଖଣ୍ଡରୁ ୫ଜଣ ଶ୍ରଦ୍ଧାଳୁ ଏକ ସ୍କର୍ପିଓରେ ଘଟଗାଁ ମା' ତାରିଣୀଙ୍କ ଦର୍ଶନ ପାଇଁ ଆସୁଥିଲେ। କରଞ୍ଜିଆ ଥାନା ଅଧୀନ ୨୨୦ ନମ୍ବର ଜାତୀୟ ରାଜପଥର ବାଉନଶୋଳ ନିକଟସ୍ଥ ଗ୍ରୀଡ୍କୋ ସମ୍ମୁଖରେ ଉକ୍ତ ସ୍କର୍ପିଓଟି ଏକ ସ୍କୁଟିକୁ ମୁହାଁମୁହିଁ ଧକ୍କା ଦେଇଥିଲା। ଏଥିରେ ସ୍କୁଟିରେ ବସିଥିବା ଦମ୍ପତି ଶଙ୍କର ଓ କବିତାଙ୍କ ମୃତ୍ୟୁ ହୋଇଯାଇଥିଲା। ଦୁହେଁ କରଞ୍ଜିଆ ଡାକ୍ତରଖାନାରୁ ଘରକୁ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ଅପରପକ୍ଷେ, ଏହି ଦୁର୍ଘଟଣାରେ ସ୍କର୍ପିଓରେ ବସିଥିବା ୫ଜଣ ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣାରେ ଗାଡ଼ି ଦୁଇଟି ଭାଙ୍ଗି ଚୂରମାର୍ ହୋଇଯାଇଥିଲା।

ଏହି ଦୁର୍ଘଟଣାକୁ ଏକ ଘଣ୍ଟା ନ ବିତୁଣୁ, କରଞ୍ଜିଆ-ଠାକୁରମୁଣ୍ଡାକୁ ସଂଯୋଗ କରୁଥିବା ୫୩ନଂ ଜାତୀୟ ରାଜପଥ କାଦଡିହା ନିକଟରେ ଏକ ଘରୋଇ ବସ୍ ସହ ଏକ ବ୍ରିଜା କାର୍ ମୁହାଁମୁହିଁ ଧକ୍କା ହୋଇଥିଲା। କାର୍‌ଟି ଯାଜପୁର ଜିଲ୍ଲା ଧର୍ମଶାଳାରୁ ରାଇରଙ୍ଗପୁର ଅଭିମୁଖେ ଯାଉଥିବା ବେଳେ ବସ୍‌ଟି କରଞ୍ଜିଆରୁ ଉଦଳାକୁ ଆସୁଥିଲା। ଦୁର୍ଘଟଣାରେ କାର୍‌ରେ ଥିବା ୩ଜଣଙ୍କ ମଧ୍ୟରୁ ୨ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କେନ୍ଦୁଝର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମଧ୍ୟ ମୃତ୍ୟୁ ହୋଇଯାଇଥିଲା। ଘଟଣାସ୍ଥଳରେ କରଞ୍ଜିଆ ଏସ୍‌ଡିପିଓ ନବକୃଷ୍ଣ ନାଏକ ସହ ପୁଲିସ ଦଳ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଏହି ଦୁଇଟି ଘଟଣାକୁ ନେଇ କରଞ୍ଜିଆ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ତେବେ ଦ୍ରୁତଗତି, ବେପରୁଆ ଗାଡ଼ି ଚାଳନା ଓ ଅସାବଧାନତାରୁ ଏଭଳି ଘଟଣାକୁ ରୋକିବା ପାଇଁ ଆଞ୍ଚଳିକ ସଡ଼କ ପରିବହନ ବିଭାଗ ଓ ପୁଲିସ ପକ୍ଷରୁ ସଡ଼କ ସୁରକ୍ଷା ନିୟମକୁ କଡ଼ାକଡ଼ି ପାଳନ ପୂର୍ବକ ପଦକ୍ଷେପ ଜରୁରୀ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

**ନାବାଳିକା ଗଣଦୁଷ୍କର୍ମ ମାମଲା**

# ୨ ଦୋଷୀଙ୍କୁ ଆଜୀବନ

## ଅନ୍ୟ ୨ଜଣଙ୍କୁ ୩ବର୍ଷ ଲେଖାଏଁ ଜେଲ୍

ବାରିପଦା, ୨୭।୪ (ସମିସ): ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ସ୍ପେଶାଲ ପୋକସୋ କୋର୍ଟରେ ସୋମବାର ଏକ ନାବାଳିକା ଗଣଦୁଷ୍କର୍ମ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ସନ୍ତୋଷ କୁମାର ନାୟକ ଏହି ମାମଲାର ବିଚାର କରି ୪ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ମୁଖ୍ୟ ୨ ଅଭିଯୁକ୍ତ ବିଶୋଇ ଥାନା ବାଡୁଣିଆ ଗ୍ରାମର ରୋହିଦାସ ସିଂ ଓ ନାରାୟଣ ହେମ୍ବ୍ରମଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ୍ ଓ ୧୦ ହଜାର ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦେୟ ହେଲେ ଅଧିକ ୬ ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ସେହିପରି, ଏହି ଘଟଣାରେ ସଂପୃକ୍ତ ସେମାନଙ୍କ ଦୁଇ ସହଯୋଗୀ ପ୍ରକାଶ ସୋରେନ ଓ ସାଇବୁ ସୋରେନଙ୍କୁ ୩ବର୍ଷ ଲେଖାଏଁ ଜେଲ୍ ଓ ୩ହଜାର ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଅଧିକ ୩ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ଏହାବ୍ୟତୀତ, ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ୨ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ୨୦୨୧ ଅଗଷ୍ଟ ୬ରେ ବିଶୋଇ ଥାନା ଅଞ୍ଚଳରେ ଥିବା ଏକ କନ୍ୟାଶ୍ରମରେ ନିର୍ମାଣ କାର୍ଯ୍ୟ ଚାଲୁଥିଲା। ମୁଖ୍ୟ ଦୁଇ ଅଭିଯୁକ୍ତ ରେହିଦାସ ଓ ନାରାୟଣ ସେଠାରେ କାମ କରୁଥିବା ବେଳେ ପୀଡ଼ିତା ନାବାଳିକା(ବାଳ ଶ୍ରମିକ) ଜଣକ ମଧ୍ୟ କାର୍ଯ୍ୟ କରୁଥିଲେ। ଘଟଣା ଦିନ ନାବାଳିକାକୁ ସିମେଣ୍ଟ ଆଣିବା ପାଇଁ ଗୋଦାମ ଘରକୁ ନାରାୟଣ ପଠାଇଥିଲେ। ସିମେଣ୍ଟ ଆଣିବା ପାଇଁ ନାବାଳିକା ଗୋଦାମରେ ପଶିଥିବା ବେଳେ ନାରାୟଣ ସେଠାରେ ପହଞ୍ଚି ଦୁଷ୍କର୍ମ କରିଥିଲା। ଏହି ସମୟରେ ରୋହିଦାସ କବାଟ ବନ୍ଦ କରି ବାହାରେ ଜଗି ରହିଥିଲା। ଏ ସଂପର୍କରେ ପୀଡ଼ିତାଜଣଙ୍କ ପରିବାରଲୋକଙ୍କୁ ଜଣାଇବା ପରେ ଗ୍ରାମରେ ବୈଠକ ବସି ଘଟଣାକୁ ଚପାଇବାକୁ ଉଦ୍ୟମ କରିଥିଲେ। ଏପରିକି ଏହା ଏକ ମିଥ୍ୟା ଅଭିଯୋଗ ଏବଂ ଏଥିପାଇଁ ପୀଡ଼ିତାଙ୍କ ପରିବାରକୁ ୨୯ ହଜାର ଟଙ୍କା ଜରିମାନା ପ୍ରଦାନ କରିବାକୁ ପ୍ରକାଶ ଓ ସାଇବୁ ବାଧ୍ୟ କରିଥିଲେ। ଜରିମାନା ଅର୍ଥ ପ୍ରଦାନ ନକଲେ ସାମାଜିକ ବାସନ୍ଦ କରାଯିବ ବୋଲି ଧମକଚମକ ଦେଇଥିଲେ। ତେବେ ଗ୍ରାମବାସୀଙ୍କ ନିଷ୍ପତ୍ତିକୁ ମାନିନେଇ ପରିବାରଲୋକେ ଜରିମାନା ପ୍ରଦାନ କରିବା ପରେ ମଧ୍ୟ ପରିବାରଲୋକଙ୍କୁ ନିଆଁପାଣି ବାସନ୍ଦ କରିଥିଲେ। ଏହାକୁ ସହ୍ୟ କରିନପାରି ପରିବାରଲୋକେ ୨୦୨୧ ଅଗଷ୍ଟ ୨୦ରେ ପୀଡ଼ିତାର ମାଆ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ଗଣଦୁଷ୍କର୍ମ ମାମଲା ରୁଜୁ କରି ନାବାଳିକାର ବୟାନ ରେକର୍ଡ କରିବା ପରେ ଡାକ୍ତରୀ ମାଇନା କରିଥିଲା। ସମସ୍ତ ସାକ୍ଷୀଙ୍କ ବୟାନ, ଡାକ୍ତରୀ ଓ ପୁଲିସ୍ ରିପୋର୍ଟକୁ ଭିତ୍ତି କରି କୋର୍ଟ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ଏହି ମାମଲାକୁ ସରକାରୀ ଆଇନଜୀବୀ ପ୍ରଭାତ କୁମାର ବେହେରା ପରିଚାଳନା କରୁଥିଲେ।

## ୩୦ରେ ଇଗ୍ନୋର ପ୍ଲେସ୍‌ମେଣ୍ଟ ଡ୍ରାଇଭ୍

ଭୁବନେଶ୍ୱର,୨୭।୪(ସମିସ): ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ପକ୍ଷରୁ ଆସନ୍ତା ୩୦ ତାରିଖରେ ଭୁବନେଶ୍ୱର ଏବଂ ରାଇରଙ୍ଗପୁର ଆଞ୍ଚଳିକ କେନ୍ଦ୍ରରେ ନିଯୁକ୍ତି ଅଭିଯାନ (ପ୍ଲେସ୍‌ମେଣ୍ଟ ଡ୍ରାଇଭ) ଅନୁଷ୍ଠିତ ହେବ। ଟ୍ରେନ୍‌ଗୁରୁ ଏଜୁକେୟାର ପ୍ରାଇଭେଟ୍ ଲିମିଟେଡ୍ ସହଯୋଗରେ ହେଉଥିବା ଏହି କାର୍ଯ୍ୟକ୍ରମ ସକାଳ ସାଢ଼େ ୯ଟାରୁ ଆରମ୍ଭ ହେବ। ମୋଡିନ୍ ଥର୍ମାଲ୍ ପ୍ରାଇଭେଟ୍ ଲିମିଟେଡ୍ ପ୍ରାର୍ଥୀ ଚୟନ କରି ପ୍ଲେସ୍‌ମେଣ୍ଟ ପ୍ରଦାନ କରିବ। ଏହା ଥର୍ମାଲ୍ ପରିଚାଳନା ସମାଧାନରେ ଏକ ଅଗ୍ରଣୀ ବିଶ୍ୱସ୍ତରୀୟ ସଂସ୍ଥା। ବିଭିନ୍ନ ଦେଶରେ ଏହାର ଶାଖା ରହିଥିବାବେଳେ କମ୍ପାନୀ ଅଟୋମୋଟିଭ୍, ଶିଳ୍ପ ଏବଂ ବାଣିଜ୍ୟିକ ପ୍ରୟୋଗରେ ବ୍ୟବହୃତ ଅଭିନବ ଗରମ ଏବଂ କୁଲିଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଛି। ଇଗ୍ନୋ ଭୁବନେଶ୍ୱରର ଆଞ୍ଚଳିକ କେନ୍ଦ୍ରର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ଏମ୍ କେ ଦାଶ କହିଛନ୍ତି ଯେ ଶିକ୍ଷାର୍ଥୀମାନଙ୍କୁ ବୃତ୍ତିଗତ ଯାତ୍ରାର ଆରମ୍ଭରେ ଶିଳ୍ପ ସମ୍ପର୍କ ଏବଂ ନିଯୁକ୍ତି ସୁଯୋଗ ପ୍ରଦାନ କରିବା କ୍ୟାମ୍ପସ୍ ଡ୍ରାଇଭର ପ୍ରାଥମିକ ଲକ୍ଷ୍ୟ। ସମସ୍ତ ଆଗ୍ରହୀ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ସୁଯୋଗର ସଦୁପଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି।

# 'ଅନଧିକୃତ ଅନୁପସ୍ଥିତି ପାଇଁ ଚାକିରିରୁ ବିଦା କରିବା କଠୋର ଦଣ୍ଡ ନୁହେଁ, ବରଂ ପ୍ରାସଙ୍ଗିକ କାର୍ଯ୍ୟାନୁଷ୍ଠାନ'

## ବ୍ୟାଙ୍କ ଅଧିକାରୀଙ୍କ ବହିଷ୍କାର ଆଦେଶକୁ କାଏମ ରଖିଲେ ହାଇକୋର୍ଟ

କଟକ,୨୭।୪(ସମିସ): ଅନଧିକୃତ ଅନୁପସ୍ଥିତି ପାଇଁ କର୍ମଚାରୀଙ୍କୁ ଚାକିରିରୁ ବାହାର କରିବା ଏକ କଠୋର୍ ଦଣ୍ଡ ନୁହେଁ, ବରଂ ଏହା ଏକ ପ୍ରାସଙ୍ଗିକ କାର୍ଯ୍ୟାନୁଷ୍ଠାନ। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ବଦଳି ହେଉଛି ଚାକିରିର ଏକ ସ୍ୱାଭାବିକ ପ୍ରକ୍ରିୟା। ନିଜ ପସନ୍ଦର ସ୍ଥାନରେ ସବୁ ଦିନ ରହିପାରିବା ନେଇ କୌଣସି କର୍ମଚାରୀଙ୍କର ଆଇନଗତ ଅଧିକାର ନାହିଁ ବୋଲି କହିଛନ୍ତି ହାଇକୋର୍ଟ। ଖଲିଲ ଜିବ୍ରାନଙ୍କ ଉଦ୍ଧୃତି ଦେଇ ହାଇକୋର୍ଟ କହିଛନ୍ତି ଯେ 'କାର୍ଯ୍ୟ ମାଧ୍ୟମରେ ଜୀବନକୁ ଭଲ ପାଇବା ହେଉଛି ଜୀବନର ସବୁଠାରୁ ଗଭୀର ରହସ୍ୟ।' ଏଣୁ, କର୍ତ୍ତବ୍ୟକୁ ଅବହେଳା କରିବା ଗ୍ରହଣୀୟ ନୁହେଁ। ଏକ ବ୍ୟାଙ୍କର ଜଣେ ମହିଳା ଅଧିକାରୀଙ୍କୁ ଚାକିରିରୁ ବହିଷ୍କାର କରାଯିବା ନିଷ୍ପତ୍ତିକୁ କାଏମ ରଖି ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଓ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ରାୟ ପ୍ରକାଶ କରିଛନ୍ତି। ଜଣିକିଆ ବିଚାରପତିଙ୍କ ଆଦେଶକୁ କାଏମ ରଖିବା ସହ ଆବେଦନକୁ ଖାରଜ କରିଦେଇଛନ୍ତି ଖଣ୍ଡପୀଠ।

ମାମଲାରୁ ପ୍ରକାଶ ଯେ ଆବେଦନକାରୀ ୨୦୧୧ ମସିହାରେ ଏକ ବ୍ୟାଙ୍କରେ ଯୋଗ ଦେଇଥିଲେ ଏବଂ ଭୁବନେଶ୍ୱରରେ କାର୍ଯ୍ୟ କରୁଥିଲେ। ୨୦୧୯ ମସିହାରେ ତାଙ୍କୁ ଗୁଜରାଟର ଗୋଧ୍ରା ଅଞ୍ଚଳକୁ ବଦଳି କରାଯାଇଥିଲା, କିନ୍ତୁ ସେ ସେଠାରେ ଯୋଗନଦେଇ ଦୀର୍ଘଦିନ ଧରି ଅନଧିକୃତ ଭାବେ ଅନୁପସ୍ଥିତ ରହିଥିଲେ। ଏହି କାରଣରୁ ବ୍ୟାଙ୍କ କର୍ତ୍ତୃପକ୍ଷ ତାଙ୍କୁ ଚାକିରିରୁ ବାହାର କରିଦେଇଥିଲେ। ଏହାକୁ ସେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଜଣିକିଆ ବିଚାରପତି ମଧ୍ୟ ତାଙ୍କ ବହିଷ୍କାର ଆଦେଶକୁ କାଏମ ରଖିବାରୁ ସେ ଏହା ବିରୋଧରେ ଦୁଇଜଣିଆ ଖଣ୍ଡପୀଠରେ ନିବେଦନ କରିଥିଲେ। ଆବେଦନକାରୀ ନିଜ ବୃଦ୍ଧ ପିତାମାତାଙ୍କ ସେବା କରିବା ପାଇଁ ବଦଳି ହୋଇ ଯାଇପାରିବେ ନାହିଁ ବୋଲି ଯୁକ୍ତି ଦର୍ଶାଇଥିଲେ। କିନ୍ତୁ, କୋର୍ଟ ଜାଣିବାକୁ ପାଇଲେ ଯେ ତାଙ୍କର ଜଣେ ଡାକ୍ତର ଭାଇ ଏବଂ ବିବାହିତା ଭଉଣୀ ଅଛନ୍ତି, ଯାହା ସେ ପୂର୍ବରୁ କୋର୍ଟଙ୍କୁ ଜଣାଇନଥିଲେ। ଏଣୁ, ହାଇକୋର୍ଟ କହିଛନ୍ତି ଯେ 'ଯିଏ ସ୍ୱଚ୍ଛ ହୃଦୟ ଓ ସ୍ୱଚ୍ଛ ମନରେ କୋର୍ଟକୁ ଆସେ ନାହିଁ, ସେ ରିଟ୍ ଆବେଦନ କରିବାକୁ ଯୋଗ୍ୟ ନୁହନ୍ତି।' ସେହିଭଳି ବ୍ୟାଙ୍କ ପରି ଏକ ସର୍ବଭାରତୀୟ ସେବା କ୍ଷେତ୍ରରେ ବଦଳି ଆଦେଶ ଅବମାନନା କଲେ ବହୁ ଅସୁବିଧା ସୃଷ୍ଟି ହୋଇଥାଏ ବୋଲି ଅଦାଲତ ପ୍ରକାଶିତ ରାୟରେ ଉଲ୍ଲେଖ କରିଛନ୍ତି।

**ସୋମବାର ତାପମାତ୍ରା**
ଡିଗ୍ରୀ ସେଲ୍‌ସିୟସ

| ସ୍ଥାନ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ବାଲେଶ୍ୱର | ୩୮.୩ | ୨୭.୦ |
| ଚାନ୍ଦବାଲି | ୩୭.୮ | ୨୮.୧ |
| କଟକ | ୩୬.୮ | ୨୫.୪ |
| ପାରାଦୀପ | ୩୨.୦ | ୨୭.୬ |
| ଭୁବନେଶ୍ୱର | ୩୬.୫ | ୨୭.୬ |
| ଗୋପାଳପୁର | ୩୧.୪ | ୨୬.୫ |
| ପୁରୀ | ୩୨.୪ | ୨୮.୦ |
| ଅନୁଗୁଳ | ୪୨.୩ | ୨୬.୬ |
| ବାରିପଦା | ୩୯.୫ | ୨୫.୦ |
| ଝାରସୁଗୁଡ଼ା | ୪୪.୭ | ୨୭.୦ |
| କେନ୍ଦୁଝରଗଡ଼ | ୩୯.୨ | ୨୪.୪ |
| ସମ୍ବଲପୁର | ୪୩.୨ | ୨୯.୦ |
| ସୁନ୍ଦରଗଡ଼ | ୪୩.୦ | ୨୮.୫ |
| ହୀରାକୁଦ | ୪୩.୦ | ୨୮.୮ |
| ତାଳଚେର | ୪୨.୬ | ୨୬.୦ |
| ଭବାନୀପାଟଣା | ୪୨.୨ | ୨୭.୮ |
| ବଲାଙ୍ଗୀର | ୪୩.୩ | ୨୭.୩ |
| କୋରାପୁଟ | ୩୭.୫ | - |
| ଫୁଲବାଣୀ | ୩୯.୭ | ୨୪.୨ |
| ଟିଟିଲାଗଡ଼ | ୪୩.୦ | ୩୦.୦ |
| ମାଲକାନଗିରି | ୩୯.୬ | ୨୬.୨ |
| ସୋନପୁର | ୪୨.୮ | ୨୯.୦ |
| ଦାରିଙ୍ଗବାଡ଼ି | ୩୮.୦ | ୨୪.୦ |
| ନୟାଗଡ଼ | ୪୧.୨ | ୨୯.୦ |
| ବୌଦ୍ଧ | ୪୩.୫ | ୨୩.୮ |
| ଛତ୍ରପୁର | ୩୨.୪ | ୨୬.୨ |
| ପାରାଳାଖେମୁଣ୍ଡି | ୩୯.୮ | ୨୫.୦ |
| ରାୟଗଡ଼ା | ୩୭.୦ | ୨୩.୬ |
| ଭଦ୍ରକ | ୩୮.୦ | ୨୬.୪ |
| ଯାଜପୁର | ୩୮.୦ | ୨୬.୦ |
| ଢେଙ୍କାନାଳ | ୩୯.୬ | ୨୩.୬ |
| ବରଗଡ଼ | ୪୩.୯ | ୨୪.୮ |
| ଦେଓଗଡ଼ | ୩୯.୮ | ୨୪.୪ |
| ନୂଆପଡ଼ା | ୪୩.୨ | ୨୬.୫ |
| ନବରଙ୍ଗପୁର | ୩୯.୪ | ୨୪.୫ |
| ଖୋର୍ଦ୍ଧା | ୩୮.୦ | ୨୫.୫ |
| ଜଗତସିଂହପୁର | ୩୫.୦ | ୨୩.୦ |
| କେନ୍ଦ୍ରାପଡ଼ା | ୩୬.୮ | ୨୩.୪ |
| ରାଉରକେଲା | ୪୩.୦ | ୨୯.୬ |

## ଅଭିଭାବକ ଶିକ୍ଷକ ବୈଠକ ସ୍ଥଗିତ

ଭୁବନେଶ୍ୱର,୨୭।୪(ସମିସ): ଆସନ୍ତା ୩୦ ତାରିଖରେ ବିଦ୍ୟାଳୟରେ ହେବାକୁ ଥିବା ଚଳିତ ବର୍ଷର ପ୍ରଥମ ଅଭିଭାବକ ଶିକ୍ଷକ ବୈଠକ (ପିଏମ୍‌ଟି) ଏବଂ ବିଦ୍ୟାଳୟ ପରିଚାଳନା କମିଟି ବୈଠକକୁ ସ୍ଥଗିତ ରଖାଯାଇଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଦୃଷ୍ଟିରୁ ବିଦ୍ୟାଳୟଗୁଡ଼ିକୁ ଆଗୁଆ ଖରାଛୁଟି ଘୋଷଣା କରାଯାଇଥିବାରୁ ବୈଠକକୁ ବାତିଲ କରାଯାଇଛି। ପରବର୍ତ୍ତୀ ସମୟରେ ବୈଠକର ତାରିଖକୁ ନେଇ ଅବଗତ କରାଯିବ ବୋଲି ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ସମସ୍ତ ଜିଲ୍ଲା ଓ ବ୍ଲକ ଶିକ୍ଷା ଅଧିକାରୀମାନଙ୍କୁ ଅବଗତ କରାଯାଇଛି।

# ୩ ଦିନିଆ କେନ୍ଦୁଝର ଗସ୍ତରେ ମୁଖ୍ୟମନ୍ତ୍ରୀ

## ଏକାଧିକ ପ୍ରକଳ୍ପର କରିବେ ଶିଳାନ୍ୟାସ, ଉଦଘାଟନ

ଭୁବନେଶ୍ୱର,୨୭।୪(ସମିସ): ସୋମବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୩ ଦିନିଆ କେନ୍ଦୁଝର ଗସ୍ତରେ ଯାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ମଙ୍ଗଳବାର ସକାଳେ ମୁଖ୍ୟମନ୍ତ୍ରୀ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମ ବାର୍ଷିକୀ ଉପଲକ୍ଷେ ତାଙ୍କର ଏକ ପ୍ରତିମୂର୍ତ୍ତି କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଅନାବରଣ କରିବେ। ଏହାପରେ ଉଚ୍ଚାବାଲି ହାଟ ପଡ଼ିଆଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ୪୦୦/୨୨୦ କେଭିର ଏକ ବିଦ୍ୟୁତ୍ ଗ୍ରିଡ ସବଷ୍ଟେସନର ଉଦଘାଟନ କରିବେ। ପୁରୁଷୋତ୍ତମପୁର ସ୍ଥିତ ବିଏନକେ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମଧ୍ୟ ମୁଖ୍ୟମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ୨୯ ତାରିଖରେ ମୁଖ୍ୟମନ୍ତ୍ରୀ ଧରଣୀଧର ବିଶ୍ୱ ବିଦ୍ୟାଳୟରେ ଏକାଧିକ ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ କରିବେ। ଏହାସହ କ୍ରୁଟ ଦ୍ୱାରା ପରିଚାଳିତ ଆମ ବସ୍ ଡିପୋର ମଧ୍ୟ ମୁଖ୍ୟମନ୍ତ୍ରୀ ଉଦଘାଟନ କରିବେ ବୋଲି ଜଣାପଡିଛି। ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ କେନ୍ଦୁଝରେ ଯିବା ପୂର୍ବରୁ ପଶ୍ଚିମବଙ୍ଗ ଯାଇ ସେଠାରେ ବିଜେପି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ।

**ପ୍ରକାଶ ପାଇଲା ପରୀକ୍ଷା ସୂଚୀ**

# ଆସନ୍ତା ୪ରୁ ଓଜେଇଇ

ଭୁବନେଶ୍ୱର,୨୭।୪(ସମିସ): ଆସନ୍ତା ୪ ତାରିଖରୁ ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ-୨୦୨୬) ଅନୁଷ୍ଠିତ ହେବ। ଏଥିପାଇଁ ପରୀକ୍ଷା ସୂଚୀ ପ୍ରକାଶ ପାଇଛି। ଦିନକୁ ତିନିଟି ସିଫ୍ଟରେ ପରୀକ୍ଷା ହେବ। ପ୍ରଥମ ସିଫ୍ଟ ସକାଳ ୯ରୁ ୧୧ଟା ପର୍ଯ୍ୟନ୍ତ ହେବାକୁ ଥିବାବେଳେ ଅପରାହ୍ଣ ୧ରୁ ୩ ଦ୍ୱିତୀୟ ସିଫ୍ଟ ଏବଂ ସାଢ଼େ ୪ରୁ ସାଢ଼େ ୬ଟା ଯାଏଁ ତୃତୀୟ ସିଫ୍ଟ ପରୀକ୍ଷା ହେବ। ୪ ତାରିଖ ଓ ୫ ତାରିଖ ପ୍ରଥମ ଦୁଇଟି ସିଫ୍ଟରେ ବିଏସ୍‌ସି ନର୍ସିଂ ପରୀକ୍ଷା ରହିଛି। ୫ ତାରିଖ ତୃତୀୟ ସିଫ୍ଟ ସମେତ ୬ ତାରିଖରେ ବି.ଫାର୍ମା, ୭ ତାରିଖରେ ଏମ୍‌ଏସ୍‌ସି ନର୍ସିଂ ଓ ଏମ୍‌ସିଏ, ୮ ତାରିଖରେ ଏଲ୍‌ଇ ଟେକ୍ ପରୀକ୍ଷା ଥିବାବେଳେ ୧୦ ତାରିଖରେ ପରୀକ୍ଷା ଶେଷ ହେବ। କମ୍ପ୍ୟୁଟର୍ ଆଧାରିତ ପରୀକ୍ଷା (ସିବିଟି) ମାଧ୍ୟମରେ ପରୀକ୍ଷା ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି।

# ପତନମୁହାଁ ଓଡ଼ିଆ ସିନେମା ଶିଳ୍ପ

## ■ ମିଳୁନି ସରକାରୀ ପ୍ରୋତ୍ସାହନ
## ■ ବନ୍ଦ ହେଉଛି ସିନେମା ହଲ୍
## ■ ୯୦ ବର୍ଷରେ ଓଡ଼ିଆ ସିନେମା

ଭୁବନେଶ୍ୱର,୨୭।୪(ସମିସ): ଦିନ ଥିଲା, ମନୋରଞ୍ଜନର ଏକମାତ୍ର ମାଧ୍ୟମ ପାଲଟିଥିଲା ସିନେମା ହଲ୍। ପର୍ବପର୍ବାଣୀ ଆସିବା ମାତ୍ରେ ଗମନାଗମନ ସୁବିଧା ନଥାଇ ମଧ୍ୟ ଗାଁ ଗହଳି ଲୋକେ ଚାଲି ଚାଲି ସିନେମା ଦେଖିବାକୁ ଯାଉଥିଲେ। ହେଲେ ବର୍ତ୍ତମାନ ସିନେମା ହଲ୍ ସଂଖ୍ୟା କମି କମି ଯାଉଥିବାରୁ ଓଡ଼ିଆ ସିନେମା ଶିଳ୍ପ ପତନ ଆଡ଼କୁ ଗତି କରୁଛି। ଓଡ଼ିଆ ସିନେମା ଶିଳ୍ପର ଏପ୍ରକାର ଦୟନୀୟ ସ୍ଥିତିକୁ ନେଇ ସିନେ ସମୀକ୍ଷକମାନେ ଗଭୀର ଚିନ୍ତା ପ୍ରକଟ କରିବା ସହ ଓଡ଼ିଆ ସିନେମା ଓ ସିନେ କଳାକାରଙ୍କ ଭବିଷ୍ୟତକୁ ନେଇ ସନ୍ଦିହାନ ଅଛନ୍ତି।

ଓଡ଼ିଶାରେ ପୂର୍ବରୁ ରହିଥିବା ପ୍ରାୟ ୨୦୦ ସିନେମା ହଲ୍ ଏବେ ୬୦ରେ ସୀମିତ। ଯେଉଁଥିରେ ମଲ୍‌ଟିପ୍ଲେକ୍ସ ସଂଖ୍ୟା ଅଧିକ ରହିଥିବା ବେଳେ ହାତଗଣତି ସିଙ୍ଗଲ ସ୍କ୍ରିନ୍ ରହିଛି। ବିଗତ ୧୦ ବର୍ଷରେ ରାଜ୍ୟରେ ପ୍ରାୟ ୪୮ଟି ସିନେମା ହଲ୍ ବନ୍ଦ ହୋଇଥିବା ବେଳେ ୨୦ଟି ଜିଲ୍ଲାରେ ଆଦୌ ହଲ୍ ନାହିଁ। ଗୋଟେପଟେ ଓଡ଼ିଆ ସିନେମା ଶିଳ୍ପକୁ ବଞ୍ଚାଇବାକୁ କଳାକାରଙ୍କଠାରୁ ଆରମ୍ଭ କରି ପ୍ରଯୋଜକମାନେ ଅଣ୍ଟା ଭିଡ଼ିଥିବା ବେଳେ ରାଜ୍ୟରେ ଗୋଟାକ ପରେ ଗୋଟାଏ ସିନେମା ହଲ୍ ବନ୍ଦ ହେବା ଓଡ଼ିଆ ସିନେମା ଶିଳ୍ପର ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏପଟେ ସିନେମା ଶିଳ୍ପକୁ ବଞ୍ଚାଇବାକୁ ସରକାରୀ ପ୍ରୋତ୍ସାହନ ମିଳୁ ନ ଥିବାରୁ ପ୍ରଯୋଜକମାନେ ମଧ୍ୟ ପଛଘୁଞ୍ଚା ଦେଉଥିବା କୁହାଯାଉଛି।

ଓଡ଼ିଶାରେ ବିଭିନ୍ନ ଜିଲ୍ଲାରେ ରହିଥିବା ସିନେମା ହଲ୍ ଗୁଡ଼ିକ ଏବେ ନିଜର ପରିଚୟ ହରାଇଥିବା ବେଳେ କେତେକ ସିନେମା ହଲ୍‌ର ପରିଚୟ ବଦଳି ସପିଙ୍ଗ୍ ମଲ୍‌ରେ ପରିଣତ ହୋଇଛି। ଯାହାର ଉଦାହରଣ ରାଜଧାନୀସ୍ଥିତ ରବି ଟକିଜ୍। ସେହିପରି ଓଡ଼ିଆ ସିନେମାର ଅନ୍ତୁଡ଼ିଶାଳ ଭାବେ ପରିଚିତ ପୁରୀ ସହରରେ ଗୋଟିଏ ବି ସିନେମା ହଲ୍ ନ ରହିବା ଏକ ଚିନ୍ତାଜନକ ବିଷୟ। ୧୯୩୬ ମସିହା ଏପ୍ରିଲ ମାସ ୨୮ ତାରିଖରେ ପୁରୀରେ ପ୍ରଥମ କରି ମୁକ୍ତିଲାଭ କରିଥିଲା ମୋହନ ସୁନ୍ଦରଦେବ ଗୋସ୍ୱାମୀଙ୍କ ଓଡ଼ିଆ ସିନେମା 'ସୀତା ବିବାହ', ଯାହା ଓଡ଼ିଶା ଇତିହାସରେ ଓଡ଼ିଆ ସିନେମାର ଏକ ନବଦିଗନ୍ତ ପାଲଟିଥିଲା। ତେବେ ଆସନ୍ତା କାଲି 'ସୀତା ବିବାହ ଦିବସ' ପାଳନ ହେବାକୁ ଯାଉଥିବା ବେଳେ ସିନେମାଟି ପ୍ରଥମ କରି ମୁକ୍ତିଲାଭ କରିଥିବା ହଲ୍ ଏବେ ଇତିହାସ ପାଲଟି ଯାଇଛି। ସେହିପରି କଟକର ନିଶାମଣି, ସମ୍ରାଟ, ରାଜତରଙ୍ଗିଣୀ, ଗ୍ରାଣ୍ଡ, ଜୟଶ୍ରୀ, ଦୁର୍ଗା, ଦେବୀ ଆଦି ହଲ୍‌ଗୁଡ଼ିକ ଦିନେ କଟକ ସହରକୁ ବିଭିନ୍ନ ସ୍ଥାନରୁ ଦର୍ଶକଙ୍କୁ ଟାଣି ଆଣୁଥିବା ବେଳେ ବର୍ତ୍ତମାନ ଏହିସବୁ ଇତିହାସ ପାଲଟିଯାଇଛି। ସେହିପରି ପୁରୁଣା ଭୁବନେଶ୍ୱରସ୍ଥିତ ଡ. ହରେକୃଷ୍ଣ ମହତାବଙ୍କ ଘରେ ରାଜଧାନୀର ପ୍ରଥମ ସିନେମା ହଲ୍ ଆରମ୍ଭ ହୋଇଥିବା 'ରୂପମନ୍ଦିର' ସିନେମା ହଲ୍ ପରେ ରବି ଟକିଜ୍, କଳ୍ପନା, ଏସ୍ କମ୍ପ୍ଲେକ୍ସ, ଏକାମ୍ର, କେଶରୀ, ମହାରାଜା ଆଦି ସିନେମା ହଲ୍ ଗଢ଼ି ଉଠିଥିଲା। ହେଲେ ବର୍ତ୍ତମାନ ସେଥିରୁ ଅଧାରୁ ଅଧିକର ଚିହ୍ନବର୍ଣ୍ଣ ଲିଭିଗଲାଣି।

କେବଳ ସେତିକି ନୁହେଁ; ପୂର୍ବରୁ ପୁରୀରେ 'ଶ୍ରୀକ୍ରିଷ୍ଣା', ଲକ୍ଷ୍ମୀ ଓ ଜନତା ହଲ୍ ବେଶ୍ ପ୍ରସିଦ୍ଧି ଲାଭ କରିଥିବା ବେଳେ ଏବେ ଏହା କେବଳ ସ୍ମୃତି ପାଲଟି ଯାଇଛି। ଆଜି ବିଶ୍ୱରେ ଏକ ପର୍ଯ୍ୟଟନସ୍ଥଳୀ ଭାବେ ପରିଚୟ ଲାଭ କରିଥିବା ପୁରୀ ସହରରେ ଗୋଟିଏ ବି ସିନେମା ହଲ୍ ନାହିଁ। ଏହାସହିତ ବର୍ତ୍ତମାନ ମଲ୍‌ଟିପ୍ଲେକ୍ସର ଚାହିଦା ବଢୁଥିବା ବେଳେ ହଜିଯିବାକୁ ବସିଲାଣି ସିଙ୍ଗଲ ସ୍କ୍ରିନ୍ ହଲ୍। ଆଗକୁ ଏଭଳି ସ୍ଥିତି ଜାରି ରହିଲେ ଆଗାମୀ ପିଢ଼ିଙ୍କ ପାଇଁ ଓଡ଼ିଆ ସିନେମା ଇତିହାସ ପାଲଟିଯିବ ବୋଲି ସିନେ ସମୀକ୍ଷକ ଦିଲ୍ଲୀପ ହାଲି କହିଛନ୍ତି। ତାଙ୍କ କହିବା ଅନୁସାରେ, ସଂପ୍ରତି ହଲ୍ ମାଲିକମାନେ ଓଡ଼ିଆ ସିନେମା ଅପେକ୍ଷା ହିନ୍ଦୀ, ତେଲୁଗୁ, ହଲିଉଡ୍ ସିନେମାକୁ ନିର୍ଭର କରି ବ୍ୟବସାୟ ବଞ୍ଚାଇଛନ୍ତି। ଫଳରେ ଓଡ଼ିଆ ସିନେମା ଦିଗହରା ହେଉଛି। ଓଡ଼ିଆ ସିନେମା ଶିଳ୍ପକୁ ବଞ୍ଚାଇ ରଖିବାକୁ ସରକାରୀ ପ୍ରୋତ୍ସାହନର ଆବଶ୍ୟକତା ସହ ସିନେମାର ପ୍ରଚାରପ୍ରସାର ଦିଗରେ ସରକାରୀ ସ୍ତରରେ ପଦକ୍ଷେପର ଆବଶ୍ୟକତା ରହିଛି। ପ୍ରତି ବ୍ଲକ୍, କିମ୍ବା ଜିଲ୍ଲାରେ ସିନେମା ହଲ୍ ତିଆରି କରିବାକୁ ସରକାରୀ ସହଯୋଗ ଆବଶ୍ୟକ ବୋଲି ଶ୍ରୀ ହାଲି ମତ ଦେଇଛନ୍ତି।

# ଏକାଠି ଝୁଲିପଡ଼ିଲେ ଶାଳୀ-ଭିଣୋଇ

ବାଲେଶ୍ୱର, ୨୭।୪ (ସମିସ): ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର ଥାନା ଅନ୍ତର୍ଗତ ସାହଦା ଅଞ୍ଚଳରେ ଶାଳୀ-ଭିଣୋଇଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ, ସାହାଦା ଅଞ୍ଚଳର ରଘୁନାଥ ମାଝୀଙ୍କ ପୁଅ ରବି ମାଝୀ (୨୪) ଏବଂ ତାଙ୍କ ଶାଳୀ ତେନ୍ତୁଳିମୁଣ୍ଡି କଟିଆ ମୁର୍ମୁଙ୍କ ଝିଅ ମୁନି ମୁର୍ମୁ (୧୮)। ଖବର ପାଇ ଚାନ୍ଦିପୁର ପୁଲିସ ମେଡିକାଲରେ ପହଞ୍ଚି ଉଭୟଙ୍କ ମୃତଦେହକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଇଛି।

ରବି ସଦର ବ୍ଲକ ଅର୍ନ୍ତଗତ ତେନ୍ତୁଳିମଣ୍ଡା ହର୍ଷପୁରା ଅଞ୍ଚଳରେ ବିବାହ କରିଥିଲେ। ତାଙ୍କର ଗୋଟିଏ ସନ୍ତାନ ମଧ୍ୟ ରହିଛି। ହେଲେ ରବିଙ୍କର ତାଙ୍କ ଶାଳୀ ମୁନି ସହ ପ୍ରେମ ସମ୍ପର୍କ ରହି ଆସିଥିଲା। ଉଭୟ ୧୫ ଦିନ ହେବ ଘରୁ କେଉଁଆଡ଼େ ପଳାଇ ଯାଇଥିଲେ। ଗତକାଲି ଏକାସାଙ୍ଗରେ ସେମାନେ ଘରକୁ ଫେରିଥିଲେ। ଘରେ ରାତିରେ ରବି ବେକରେ ଗାମୁଛା ଏବଂ ତାଙ୍କ ଶାଳୀ ବେକରେ ଆପ୍ରୋନ୍ ଲଗାଇ ଆତ୍ମହତ୍ୟା କରିଥିବା କୁହାଯାଉଛି। ଆଜି ସକାଳେ ପରିବାରଲୋକେ ଦେଖି ଉଭୟଙ୍କୁ ତଳକୁ ଆଣିବା ସହ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାର ଅଧିକ ତଦନ୍ତ ଚଳାଇଛି।

ସକାଳ
THE SAKALA



# କୋଟି କୋଟି ଖର୍ଚ୍ଚ ସତ୍ତ୍ୱେ ରାସ୍ତା ସ୍ଥିତି ବେହାଲ



ଆନନ୍ଦପୁର,୨୭।୪(ସମିସ): କେନ୍ଦୁଝର ଜିଲ୍ଲା ରେମାଳ ଜଳସେଚନ ପ୍ରକଳ୍ପର ବାଲିପାଳ କେନାଲ ଓ ରାସ୍ତା ନିର୍ମାଣରେ ଦୁର୍ନୀତି ଅଭିଯୋଗ ହେଉଛି। ଚାଷଜମିର ଉନ୍ନତି ପାଇଁ ସରକାର ଆବଶ୍ୟକ ଅନୁଦାନ ଯୋଗାଇ ଦେଉଥିଲେ ମଧ୍ୟ କିଛି ଦୁର୍ନୀତିଗ୍ରସ୍ତ ଯନ୍ତ୍ରୀଙ୍କ ପାଇଁ ଏହି ଅନୁଦାନର ସଦୁପଯୋଗ ହୋଇପାରୁନାହିଁ। ଚାଷୀଙ୍କ ମତାମତକୁ ଉପେକ୍ଷା କରାଯାଉଥିବା ବେଳେ ପାଣି ପଞ୍ଚାୟତ ସହିତ ଆଲୋଚନା ନ କରି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଥିବାରୁ ଉଦ୍ଦେଶ୍ୟଠାରୁ ଯୋଜନା ଦୂରେଇ ଯାଉଛି। ଯନ୍ତ୍ରୀମାନଙ୍କ ଏପରି ମନୋଭାବ ପ୍ରତିବାଦରେ କେତେକ ଚାଷୀ ଜଳସମ୍ପଦ ବିଭାଗ ସଚିବଙ୍କୁ ଦାବିପତ୍ର ପ୍ରଦାନ କରି ଏହାର ତଦନ୍ତ ଦାବି କରିଛନ୍ତି। ଏହି ପ୍ରକଳ୍ପର କେନାଲ ରାସ୍ତା ନିର୍ମାଣ ଅତ୍ୟନ୍ତ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ବାଲିପାଳର ଜିରୋ ପଏଣ୍ଟରୁ ନିର୍ମାଣ ହୋଇଥିବା ରାସ୍ତା କାର୍ଯ୍ୟ ଅନୁଦାନର ବିନିଯୋଗରେ ଆଖିବୁଜା ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ଦାବି ହେଉଛି।

# ବଢ଼ୁଛି ତାତି: ଜମୁଛି ଝରଣା ସ୍ନାନ ସାଙ୍ଗକୁ ପଖାଳ ଭୋଜି

ଆନନ୍ଦପୁର,୨୭।୪(ସମିସ): ଦିନକୁ ଦିନ ଗ୍ରୀଷ୍ମପ୍ରବାହ ବଢ଼ି ଚାଲିଥିବାବେଳେ ଆନନ୍ଦପୁରରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଗତ ଦୁଇସପ୍ତାହ ହେଲା ହିଟ୍ ୱେଭ୍ ଲାଗି ରହିଥିବାବେଳେ ଆନନ୍ଦପୁରରେ ତାପମାତ୍ରା ୪୩ଡିଗ୍ରୀ ଅତିକ୍ରମ କରିଛି। ଫଳରେ ତାତି ବଢ଼ିଚାଲିଛି। ତେବେ ଗରମ ଗୁଳୁଗୁଳିରୁ ରକ୍ଷା ପାଇବା ପାଇଁ ଆନନ୍ଦପୁରରେ ଯୁବଗୋଷ୍ଠୀ ଝରଣାର ଶୀତଳ ଜଳରେ ସ୍ନାନ କରିବା ସହିତ ପଖାଳ ଭୋଜିର ମଜା ଉଠାଉଥିବା ଦେଖିବାକୁ ମିଳିଛି। ଗରମ ଯୋଗୁଁ ସବୁ ସ୍ଥାନରେ ପଖାଳର ଆଦର ବଢ଼ିଛି। ଆନନ୍ଦପୁର, ଘସିପୁରାରେ ହୋଟେଲ ଓ ରେସ୍ତୋରାଁରେ ପଖାଳକୁ ନେଇ ସ୍ୱତନ୍ତ୍ର ବ୍ୟଞ୍ଜନ ପ୍ରସ୍ତୁତ କରାଯାଉଛି। ଗ୍ରାହକମାନଙ୍କ ବରାଦ ଅନୁସାରେ ବିଭିନ୍ନ ପ୍ରକାର ପଖାଳ ସାଙ୍ଗକୁ ଚୁନା ମାଛ, ଚିକେନ୍ କସା, ବଡ଼ିଚୁରା, ବିଭିନ୍ନ ପ୍ରକାର ଶାଗ ପ୍ରସ୍ତୁତ କରାଯାଉଥିବା ଦେଖିବାକୁ ମିଳୁଛି।





ସେହିପରି ଘସିପୁରାର ବିଭିନ୍ନ ହୋଟେଲରେ ମଧ୍ୟ ଦିନବେଳା ଗ୍ରାହକମାନେ କେବଳ ପଖାଳ ଭାତକୁ ହିଁ ପସନ୍ଦ କରୁଛନ୍ତି। ସେହିପରି ଚକ୍ରତୀର୍ଥ, ରେମାଳ, ହଦଗଡ଼, ଦରଗୁଡ଼ିଶିଳା, ସୁନାମୁନି ଜଙ୍ଗଲ ବିଟ୍‌ରେ ଗାଧୋଇବା ସହିତ ଭୋଜିଭାତର ଏକ ନିଆରା ମାହୋଲ ଦେଖିବାକୁ ମିଳିଛି। ଆନନ୍ଦପୁର ସହରଠାରୁ ୧୫କିମି ଦୂରରେ ହଦଗଡ଼ ହସ୍ତୀ ଅଭୟାରଣ୍ୟ ମଧ୍ୟରେ ରହିଛି ଚକ୍ରତୀର୍ଥ। ଆନନ୍ଦପୁର-ଭଦ୍ରକ ରାସ୍ତାର ତରତରା ଛକଠାରୁ ବାମ ପାର୍ଶ୍ୱକୁ ଛଅ କିମି ଗଲେ ପଡ଼ିବ କାଠକଟା ପଞ୍ଚାୟତ କାର୍ଯ୍ୟାଳୟ। ସେଠାରୁ ଜଙ୍ଗଲିଆ ରାସ୍ତାରେ ତିନିକିମି ଗଲେ ପଡ଼ିବ ଚକ୍ରତୀର୍ଥ ପର୍ଯ୍ୟଟନସ୍ଥଳୀ। ଏହାକୁ ପର୍ଯ୍ୟଟନ ବିଭାଗ କେବଳ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ କରିଥିବାବେଳେ ଏହା କେବଳ ଘୋଷଣାରେ ସୀମିତ ରହିଛି। ସେହିପରି ଗ୍ରୀଷ୍ମପ୍ରବାହରୁ ରକ୍ଷା ପାଇବାପାଇଁ ରେମାଳ ଡ୍ୟାମ ମଧ୍ୟ ଚଳଚଞ୍ଚଳ ହୋଇଉଠିଛି। ଜଙ୍ଗଲିଆ ପରିବେଶରେ ଡ୍ୟାମର ନୀଳ ଜଳରାଶିରୁ ଆଗନ୍ତୁକ ମାନେ ବିଶେଷ ମଜା ଉଠଉଛନ୍ତି ବୋଲି ତରୀମୂଳର ବିକାଶ ରାଉତ କହିଛନ୍ତି। ସେହିପରି ଅନ୍ୟଏକ ଦର୍ଶନୀୟ ସ୍ଥାନ କୋଳିମାଟି ପଞ୍ଚାୟତ ଦରଗୁଡିଶିଳା, ମନୋହରପୁର ପଞ୍ଚାୟତ ସୁନାମୁନିରେ ଏବେ ଲୋକଙ୍କ ସମାଗମ ପରିଲକ୍ଷିତ ହୋଇଛି। ପାୱାର ପ୍ରୋଜେକ୍ଟ ଫାଟକ ଖୋଲା ରହିଥିବାରୁ ବୈତରଣୀର ନୀଳ ଜଳରାଶିରେ ଗାଧୋଇବା ସହିତ ଭୋଜିଭାତ ଜମୁଛି ବୋଲି ମହେଶ୍ୱର ମଲିକ୍ କହିଛନ୍ତି।

# ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରି

ଯୋଡ଼ା,୨୭।୪(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ବିଲେଇପଦା ଟାଟା ସ୍ପଞ୍ଜ କଲୋନୀରେ ଥିବା ଏକ କ୍ୱାର୍ଟସରୁ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରି କରି ନେଇଛନ୍ତି ଦୁର୍ବୃତ୍ତ। ସୂଚନାଯୋଗ୍ୟ ଯେ ଏହି ଅଞ୍ଚଳର ଦେବଦତ୍ତ ରଏ ଘରେ ନ ଥିବା ବେଳେ ତାଙ୍କ କ୍ୱାର୍ଟର୍ସ ନମ୍ବର ଡ/୩ଜ-୧/୫୭ ରୁ ସୁଯୋଗ ଦେଖି କିଛି ଦୁର୍ବୃତ୍ତ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରି କରି ଚମ୍ପଟ ମାରିଛନ୍ତି। ତେବେ ଚୋରି ହୋଇଥିବା ସୁନାର ଆନୁମାନିକ ମୁଲ୍ୟ ୩୦ ଲକ୍ଷ ଟଙ୍କା ହେବ ବୋଲି ସେ କହିଛନ୍ତି। ଖବର ପାଇ ପୁଲିସ ଏବଂ ସ୍ୱତନ୍ତ୍ର ଡଗ୍ ସ୍କ୍ୱାଡ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

# ଆନନ୍ଦପୁରର ୭ କୃତୀ ଶିକ୍ଷକ ସମ୍ବର୍ଦ୍ଧିତ



ଆନନ୍ଦପୁର,୨୭।୪(ସମିସ): ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା ଏବଂ ଜୟଦେବ ସଂସ୍କୃତି ବିକାଶ ପରିଷଦ ଓ ବିଶ୍ୱଦେବ ସମାଜର ମିଳିତ ଆନୁକୂଲ୍ୟରେ କଟକସ୍ଥିତ କଳା ବିକାଶ କେନ୍ଦ୍ରଠାରେ ପ୍ରତିଭା ପୂଜା ଓ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବରେ ଆନନ୍ଦପୁର ଅଞ୍ଚଳର ୭ ଜଣ କୃତୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ଜଣାଯାଇଛି। ଏହି ଅବସରରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ନ୍ୟାୟମୂର୍ତ୍ତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଉଦ୍‌ଘାଟକ ଭାବରେ ଯୋଗଦାନ କରିଥିଲେ। ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ମୁଖ୍ୟ ଅତିଥି, ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ମୁଖ୍ୟ ବକ୍ତା, ବିଧାୟିକା ସୋଫିଆ ଫିର୍ଦୋଷ ବିଶିଷ୍ଟ ଅତିଥି ଏବଂ ବିଧାୟକ ଅଗସ୍ତି ବେହେରା, ବିଧାୟକ ରମାକାନ୍ତ ଭୋଇ, କଟକ ଅତିରିକ୍ତ ଜିଲ୍ଲାପାଳ କମଲ୍‌ଜିତ୍ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ସଭାପତି କଳା ଭୂଷଣ ଡକ୍ଟର ପ୍ରଶାନ୍ତ କୁମାର କର ଉକ୍ତ ସଭାରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ କେନ୍ଦୁଝର ଜିଲ୍ଲା ଆନନ୍ଦପୁରରୁ ମନୋଜ କୁମାର ପଣ୍ଡା, ବାସୁଦେବ ସାହୁ, ରାଜୀବ ନାଏକ, ଅଚ୍ୟୁତାନନ୍ଦ ସେଠୀ, ରବୀନ୍ଦ୍ର କୁମାର ସାହୁ, ଅନିରୁଦ୍ଧ ସେଠୀ, ଭରତ ଚନ୍ଦ୍ର ସାହୁ, ୭ ଜଣ ପ୍ରମୁଖ ପ୍ରତିଭାଧାରୀ ଶିକ୍ଷକ ଏହି ସଭାରେ ସମ୍ମାନିତ ହୋଇ ଜିଲ୍ଲାର ଗୌରବ କରିବାରେ ସହାୟକ ହୋଇଛନ୍ତି। କେନ୍ଦୁଝର ଜିଲ୍ଲାରୁ ଅନ୍ୟାନ୍ୟ ପ୍ରତିଭାଧାରୀ ମଧ୍ୟ ଏହି କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ହୋଇଥିବା ଜଣାଯାଇଛି।

# ଶ୍ରୀକୁଶଳେଶ୍ୱର ମନ୍ଦିର ବାମ୍ଫି ପୁନରୁଦ୍ଧାର ଦାବି



ଆନନ୍ଦପୁର,୨୭।୪(ସମିସ): ଆନନ୍ଦପୁର ଉପଖଣ୍ଡ ଦେଓଗାଁସ୍ଥିତ ଶ୍ରୀକୁଶଳେଶ୍ୱର ମନ୍ଦିର ପରିସରରେ ଥିବା ବାମ୍ଫି ଅଚଳ ହୋଇପଡ଼ିଥିବାରୁ ମହାଦେବଙ୍କ ନୀତିକାନ୍ତିରେ ବିଭ୍ରାଟ ହେଉଥିବା ଅଭିଯୋଗ ହୋଇଛି। ଏହାର ପୁନରୁଦ୍ଧାର ପାଇଁ ସେବାୟତଙ୍କ ପକ୍ଷରୁ ବହୁବାର ଦାବି ହୋଇଆସୁଥିଲେ ମଧ୍ୟ ଏଯାଏଁ ମରାମତି ହୋଇପାରୁନାହିଁ। ଏହି ସମସ୍ୟାର ସମାଧାନ ପାଇଁ ଆଜି ପୂର୍ବତନ ସୈନିକ ଶ୍ରୀକାନ୍ତ ବାରିକ ଆନନ୍ଦପୁର ଉପଜିଲ୍ଲାପାଳଙ୍କ ସହିତ ସାକ୍ଷାତ ଆଲୋଚନା କରି ଶ୍ରୀମହେଶଙ୍କ ନୀତିକାନ୍ତି ପାଇଁ ତୁରନ୍ତ ବାମ୍ଫିର ପୁନରୁଦ୍ଧାର କାର୍ଯ୍ୟ କରିବା ପାଇଁ ଅନୁରୋଧ କରିଥିଲେ। ସେହିପରି କୁଶେଇ ନଦୀର ଦକ୍ଷିଣପାଶ୍ୱର୍ରେ ଥିବା ପ୍ରାଚୀନ ଐତିହ୍ୟ ସୁନ୍ଦର ପଥର ବନ୍ଧ ଯାହାକି ଓଡ଼ିଶାର ଦ୍ୱିତୀୟ ପଥର ବନ୍ଧର ମାନ୍ୟତା ପାଇଛି, ତାହାର ସୁରକ୍ଷା ପ୍ରତି ଜଳ ସମ୍ପଦ ବିଭାଗର ଅବହେଳା ଯୋଗୁଁ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏଣୁ ଐତିହ୍ୟସମ୍ପନ୍ନ ପ୍ରାଚୀନ ପଥର ବନ୍ଧ ଓ ମନ୍ଦିରର ବାମ୍ଫି ପୁନରୁଦ୍ଧାର ଦିଗରେ ଦୃଷ୍ଟି ଦିଆଯାଉ ବୋଲି ଶ୍ରୀ ବାରିକ ଦାବି ଜଣାଇଛନ୍ତି।

# ତେଲକୋଇ ଗୋ-ସେବା ସଙ୍ଘର ସମାଜସେବା



ତେଲକୋଇ,୨୭।୪(ସମିସ): ତେଲକୋଇସ୍ଥିତ ପୁରୁଣା ବସଷ୍ଟାଣ୍ଡ ବାହାରେ ରବିବାର ସନ୍ଧ୍ୟା ସମୟରେ ଜଣେ ବାଇକ ଆରୋହୀ ଶୋଇଥିବା ଛୁଆ ଷଣ୍ଢକୁ ଧକ୍କା ଦେଇଥିଲେ। ଫଳରେ ଉଭୟ ଆରୋହୀ ଓ ଷଣ୍ଢ ଆହତ ହୋଇଥିଲେ। ଆହତ ଷଣ୍ଢଟିକୁ ତେଲକୋଇ ଗୋ ସେବା ସଂଘର ସଦସ୍ୟ ସୁଶାନ୍ତ (କାହ୍ନା), ଜ୍ୟୋତିର୍ଦେବ ସିଂ ଓ କାହ୍ନୁଙ୍କ ସହାୟତାରେ ଚିକିତ୍ସା କରାଯାଇଛି।

# କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରାମଚନ୍ଦ୍ରପୁର ଚାମ୍ପିଅନ

ତେଲକୋଇ,୨୭।୪(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ୍ ରାମଚନ୍ଦ୍ରପୁର ଗାଁ ଖେଳ ପଡ଼ିଆଠାରେ ରାମଚନ୍ଦ୍ରପୁର କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ୪ଦିନ ଧରି ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ କରଦାଙ୍ଗୀ କ୍ରିକେଟ କ୍ଲବ୍ ଓ ରାମଚନ୍ଦ୍ରପୁର କ୍ରିକେଟ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାମଚନ୍ଦ୍ରପୁର କ୍ରିକେଟ କ୍ଲବ୍ କରଦାଙ୍ଗୀ କ୍ରିକେଟ କ୍ଲବ୍‌କୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ୨୪ଟି କ୍ରିକେଟ୍ ଟିମ ଅଂଶ ଗ୍ରହଣ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟର ଉଦଘାଟନ ଅବସରରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ତଥା ପ୍ରେସ କ୍ଲବ୍‌ର ସଭାପତି କୈଳାସ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ, ସନ୍ତୋଷ ଦେହୁରୀ, ବିକ୍ରମ ଚୌହାନ ପ୍ରମୁଖ ଅନ୍ତର୍ଭୁକ୍ତ ରହିଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିକ୍ଷକ ଉମେଶ ଚନ୍ଦ୍ର ବିଶ୍ୱାଳ ଯୋଗ ଦେଇଥିବା ବେଳେ ଅନ୍ୟ ଅତିଥିଙ୍କ ମଧ୍ୟରେ ଡିଲେଶ୍ୱର ସାହୁ, ପ୍ରଦୀପ କୁମାର ସାହୁ ଯୋଗଦେଇ ଚାମ୍ପିଅନ ଓ ପରାଜିତ ଦଳକୁ ଟ୍ରଫି ସହ ଅର୍ଥରାଶି ପୁରସ୍କୃତ କରିଥିଲେ। ଏହି ଖେଳକୁ ଅମ୍ପାୟାର ଭାବେ ସୁମନ ସାହୁ ଓ ଜିତେନ୍ଦ୍ର କୁମାର ସାହୁ ପରିଚାଳନା କରିଥିଲେ। ସଜି ସାହୁ ଓ ଗୁପ୍ତେଶ୍ୱର ନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ।



# କୁଶଳେଶ୍ୱର ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା




ଆନନ୍ଦପୁର,୨୭।୪(ସମିସ): ଘସିପୁରା ବ୍ଲକ୍ ରେକୁଟିଆସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ପକ୍ଷରୁ +୩ ଅର୍ଥନୀତି ବିଭାଗର ୩ୟ ବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଅଧ୍ୟକ୍ଷ ସଞ୍ଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଇଲାବତି ଖୁଣ୍ଟିଆ ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଳକା ପାଢ଼ୀ, ମହେଶ୍ୱର ପାତ୍ର, ଦାମୋଦର ମୁଣ୍ଡା, ରାଷ୍ଟ୍ର ରଞ୍ଜନ ବାରିକ, ଗଣେଶ ହେମ୍ବ୍ରମ ପ୍ରମୁଖ ଯୋଗଦେଇ ବିଦାୟୀ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିଭାଗୀୟ ଛାତ୍ରଛାତ୍ରୀ ସଭା କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ସଭା ଶେଷରେ ଅଧ୍ୟାପକ କ୍ଷେତ୍ରବାସୀ ସୋରେନ ଧନ୍ୟବାଦ ଅର୍ପଣ କରିଥିଲେ।

# ନାରାୟଣପୋଷି ଖଣିରେ ଜଳ କିଓସ୍କ ଉଦ୍‌ଘାଟିତ

ଯୋଡ଼ା,୨୭।୪(ସମିସ): ଜେଏସଡବ୍ଲୁ ଷ୍ଟିଲର ଓଡ଼ିଶା ଖଣି ବିଭାଗ ଏହାର ନାରାୟଣପୋଷି ଖଣିରେ ଏକ ନୂତନ ଜଳ କିଓସ୍କ ଖୋଲିଛି। ଏହି କିଓସ୍କ ସ୍ଥାନୀୟ ବାସିନ୍ଦା ଏବଂ ଖଣି ଶ୍ରମିକ ଉଭୟଙ୍କୁ ସ୍ୱଚ୍ଛ ଏବଂ ନିରାପଦ ପାନୀୟ ଜଳ ଯୋଗାଇବ। ଯାହା ଏହି ଅଞ୍ଚଳର ପ୍ରଚଣ୍ଡ ଗ୍ରୀଷ୍ମ ଋତୁରେ ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ପୂରଣ କରିବ। କମ୍ପାନୀର ଅଧିକାରୀ ଏବଂ କର୍ମଚାରୀଙ୍କ ଉପସ୍ଥିତିରେ ଜେଏସ୍‌ଡବ୍ଲୁ ଷ୍ଟିଲ୍ ଓଡ଼ିଶା ଖଣି ବିଭାଗର ବ୍ୟବସାୟ ମୁଖ୍ୟ ପ୍ରସନ୍ନ ପଣ୍ଡାଙ୍କ ଦ୍ୱାରା ଏହି ସୁବିଧାକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରାଯାଇଥିଲା। ପ୍ରତିଦିନ ସେହି ବାଟ ଦେଇ ଯାଉଥିବା ସମସ୍ତଙ୍କୁ ସେବା ଯୋଗାଇବା ପାଇଁ ଡିଜାଇନ କରାଯାଇଥିବା ଏହି କିଓସ୍କ ଦୂର ଉତ୍ସରୁ ପାଣି ଆଣିବା ପାଇଁ ଆବଶ୍ୟକ ପ୍ରୟାସକୁ ଯଥେଷ୍ଟ ହ୍ରାସ କରିବ। ଏହାର ଦୀର୍ଘକାଳୀନ ପ୍ରଭାବ ସୁନିଶ୍ଚିତ କରିବା ପାଇଁ, ଜେଏସ୍‌ଡବ୍ଲୁ ଷ୍ଟିଲ୍ ନିୟମିତ ରକ୍ଷଣାବେକ୍ଷଣ ଏବଂ ସକ୍ରିୟ ସମ୍ପ୍ରଦାୟ ଅଂଶଗ୍ରହଣ ପାଇଁ ଯୋଜନା ପ୍ରସ୍ତୁତ କରିଛି। କମ୍ପାନୀ ଏହା ମଧ୍ୟ ଘୋଷଣା କରିଛି ଯେ ଅନ୍ୟ ଖଣି ସ୍ଥାନରେ ମଧ୍ୟ ସମାନ କିଓସ୍କ ପ୍ରତିଷ୍ଠା କରାଯିବ।




# ଜନ ଆକ୍ରୋଶ ମହିଳା ପଦଯାତ୍ରା




କେନ୍ଦୁଝର,୨୭।୪(ସମିସ): ମହିଳା ସଂରକ୍ଷଣ ବିଲ୍ କାଟ୍ ଖାଇବା ପ୍ରସଙ୍ଗରେ ସୋମବାର କେନ୍ଦୁଝରରେ 'ଜନ ଆକ୍ରୋଶ ମହିଳା ପଦଯାତ୍ରା' ଅନୁଷ୍ଠିତ ହୋଇଯାଇଛି। ମହିଳାଙ୍କୁ ସାମ୍ବିଧାନିକ ଅଧିକାର ଦେବା ପାଇଁ କେନ୍ଦୁଝର ଜିଲ୍ଲା ବିଜେପି ପକ୍ଷରୁ ଏହି ଜନ ଆକ୍ରୋଶ ମହିଳା ପଦଯାତ୍ରା ଆୟୋଜନ କରାଯାଇଥିବା ବେଳେ ଜିଲ୍ଲା ବିଜେପି ସଭାପତି ଶୁକଦେବ ମହାନ୍ତ କହିଛନ୍ତି ମହିଳା ମାନଙ୍କ ପାଇଁ ଏହି ଲଢ଼େଇ ଜାରି ରହିବ। ଜିଲ୍ଲାର ହଜାର ହଜାର ମହିଳା ଏହି ପଦଯାତ୍ରାରେ ସାମିଲ ହୋଇ କେନ୍ଦୁଝର ସହରର କାଳୀ ପଡ଼ିଆ ନିକଟରୁ ବାହାରି ସହର ପରିକ୍ରମା କରିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ରାହୁଲ ଗାନ୍ଧୀ, ମମତା ବାନାର୍ଜୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ମହିଳାଙ୍କୁ ସଶକ୍ତ କରିବା ପାଇଁ ସ୍ୱାଧୀନତାର ସାତ ଦଶନ୍ଧି ପରେ 'ନାରୀଶକ୍ତି ବନ୍ଦନ ଅଧିନିୟମ' ନିୟମ ଅଣାଯାଇଥିଲା। ଏହି ଅଧିନିୟମ ମହିଳାମାନଙ୍କ ପାଇଁ ଲୋକସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ୩୩ ପ୍ରତିଶତ ଆସନ ସଂରକ୍ଷଣକୁ ସୁନିଶ୍ଚିତ କରୁଥିଲା। ରାଜନୀତି କ୍ଷେତ୍ରରେ ମହିଳାମାନଙ୍କ ଭାଗିଦାରିତାକୁ ଦୃଢ଼ୀଭୂତ କରୁଥିଲା। ମାତ୍ର କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିମେଂଟ ଏହାକୁ ସଂସଦରେ ପାରିତ କରେଇ ଦେଇନଥିଲା। ବିଜେଡି ଏହାକୁ ସମର୍ଥନ କରିଥିଲା। ଏଥିରୁ ବିରୋଧୀଦଳ ଗୁଡ଼ିକର ମହିଳା ବିରୋଧୀ ଆଭିମୁଖ୍ୟ ସ୍ପଷ୍ଟ ହୋଇଛି। ସେମାନଙ୍କ ଏହି ମହିଳା ବିରୋଧୀ ଷଡ଼ଯନ୍ତ୍ର ବିରୋଧରେ ଆକ୍ରୋଶ ପ୍ରତିଫଳିତ ହେଉଛି। ଏହି ମହିଳା ଆକ୍ରୋଶକୁ ସମର୍ଥନ ଜଣାଇ ଭାରତୀୟ ଜନତା ପାର୍ଟି ତରଫରୁ ଗତ ୨୨ ତାରିଖରେ ରାଜଧାନୀ ଭୁବନେଶ୍ୱଠାରେ ବିଶାଳ ଜନ ଆକ୍ରୋଶ ମହିଳା ପଦଯାତ୍ରା ଆୟୋଜନ କରାଯାଇଥିଲା। ସେହିପରି ଗତ ୨୪ ଓ ୨୫ ତାରିଖରେ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଜନ ଆକ୍ରୋଶ ମହିଳା ସମ୍ମିଳନୀ ଓ ପଦଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ କେନ୍ଦୁଝରରେ ଅନୁରୂପ କାର୍ଯ୍ୟକ୍ରମ ହୋଇଯାଇଛି। ସମାଜର ବିଭିନ୍ନ ବର୍ଗର ମହିଳାମାନେ ଏଥିରେ ସାମିଲ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ସାଂସଦ ଅନନ୍ତ ନାୟକ, ତେଲକୋଇ ବିଧାୟକ ଡା. ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ରାଜ୍ୟ ବିଜେପି ସମ୍ପାଦିକା ମମତା ସିଂ, ଜିଲ୍ଲା ସାଧାରଣ ସମ୍ପାଦିକା ଯଶସ୍ୱିନୀ ବଳ, ରାଜ୍ୟ ମହିଳାମୋର୍ଚ୍ଚା ସମ୍ପାଦିକା ବିଜୟଲକ୍ଷ୍ମୀ ମହାନ୍ତ, ଜିଲ୍ଲା ଟୋଲିର ସଦସ୍ୟା ଗୀତାଞ୍ଜଳି ମହାନ୍ତ, ନଳିନୀ ମହାନ୍ତଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।।

# ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ମରାମତି

ଯୋଡ଼ା,୨୭।୪(ସମିସ): ଯୋଡ଼ା ବାମେବାରୀ ଦେଇ କାଳିମାଟିରୁ ପଳାସପଙ୍ଗାକୁ ସଂଯୋଗ କରୁଥିବା ରାଜ୍ୟ ରାଜପଥର ଅବସ୍ଥା ଦୀର୍ଘଦିନ ଧରି ଜର୍ଜରିତ ଅବସ୍ଥାରେ ରହିଥିବାରୁ ଯାତ୍ରୀ ଓ ସ୍ଥାନୀୟ ଲୋକମାନେ ନାହିଁ ନ ଥିବା ଅସୁବିଧା ଭୋଗୁଥିଲେ। ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗର୍ତ୍ତ, ଖସିଯାଇଥିବା ପିଚୁ ଏବଂ ଅସମତଳ ଯୋଗୁଁ ଯାତାୟାତ ସମସ୍ୟା ଉପୁଜୁଥିଲା। ବିଶେଷକରି ଖଣି ଅଞ୍ଚଳ ହେତୁ ଏହି ରାସ୍ତା ଉପରେ ଭାରୀ ଯାନବାହନର ଚଳାଚଳ ଅଧିକ ଥିବାରୁ ରାସ୍ତାର ଅବସ୍ଥା ଦିନକୁ ଦିନ ଅଧିକ ଖରାପ ହୋଇଯାଇଥିଲା। ବର୍ଷ ବର୍ଷ ଧରି ସ୍ଥାନୀୟ ଲୋକମାନେ ଏହି ରାସ୍ତା ମରାମତି ପାଇଁ ଦାବି କରୁଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହୋଇନଥିଲା। ତେବେ ୨୮ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଗସ୍ତ ଥିବାରୁ ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ମରାମତି ହେଉଥିବା ଦେଖିବାକୁ ମିଳିଛି। ରାଜ୍ୟ ରାଜପଥର ବିଭିନ୍ନ ସ୍ଥାନରେ ହଠାତ ମରାମତି କାମ ଆରମ୍ଭ ହୋଇଛି। ଗର୍ତ୍ତ ପୂରଣ, ପିଚୁ ମରାମତି କାମ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଥିବା ଦେଖିବାକୁ ମିଳୁଛି। ଦିନ ଓ ରାତିରେ କାମ ଚାଲିଥିବାରୁ ସ୍ଥାନୀୟ ଅଞ୍ଚଳରେ ଏହା ଚର୍ଚ୍ଚାର ବିଷୟ ହୋଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଯେ, ସାଧାରଣ ଲୋକ ଦୀର୍ଘଦିନ ଧରି ଅସୁବିଧା ଭୋଗୁଥିଲେ ମଧ୍ୟ ପ୍ରଶାସନ ଏପର୍ଯ୍ୟନ୍ତ ନିଷ୍କ୍ରିୟ ଥିଲା। କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସୂଚନା ପରେ ହଠାତ୍ ମରାମତି କାମ ଆରମ୍ଭ ହେବା ନେଇ ପ୍ରଶ୍ନ ଉଠୁଛି। ତଥାପି ଲୋକମାନେ ଆଶା କରୁଛନ୍ତି ଯେ, ଏହି ମରାମତି କେବଳ ଲୋକ ଦେଖାଣିଆରେ ସୀମିତ ନ ରହି ସ୍ଥାୟୀ ଭାବେ ରାସ୍ତାର ଉନ୍ନତି କରାଯାଉ। ଏହି ରାଜ୍ୟ ରାଜପଥଟି ବ୍ୟବସାୟିକ କାର୍ଯ୍ୟ ଓ ସାଧାରଣ ଯାତାୟାତ ପାଇଁ ଅତ୍ୟନ୍ତ ଜରୁରୀ ହୋଇଥିବାରୁ ଏହାର ସ୍ଥାୟୀ ମରାମତି ଓ ରକ୍ଷଣାବେକ୍ଷଣ ଆବଶ୍ୟକ ବୋଲି ସ୍ଥାନୀୟଲୋକମାନେ ଦାବି କରିଛନ୍ତି। ଗସ୍ତ ପରେ ଯଦି ଏହି ମରାମତି କାର୍ଯ୍ୟ ଜାରି ରହେ, ତେବେ ସାଧାରଣ ଲୋକଙ୍କ ଦୀର୍ଘଦିନର ସମସ୍ୟା ସମାଧାନ ହୋଇପାରିବ ବୋଲି କିଛି ସ୍ଥାନୀୟ ଲୋକେ କହିଛନ୍ତି।



## ୨ଟି ବାଲି ବୋଝେଇ ଟ୍ରାକ୍ଟର ଜବତ

**ରାଇରଙ୍ଗପୁର, ୨୭।୪(ସମିସ):** ବେଆଇନ ଭାବେ ବାଲି ଚୋରା ଚାଲାଣ ବେଳେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଞ୍ଚଳରୁ ପୁଲିସ ଦ୍ୱାରା ୨ଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ଅନେକ ପରିମାଣର ଲଘୁ ଖଣିଜ ଚୋରା ଚାଲାଣ ହେଉଥିବା ବାରମ୍ବାର ଅଭିଯୋଗ ହେଉଛି। ନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କାଦୁଆଣି ଗ୍ରାମ ନିକଟରେ ଚଢ଼ଉ କରିଥିଲା ପୁଲିସ। ଟ୍ରାକ୍ଟର ଅଟକାଇ ପଚରାଉଚରା କରିଥିଲା। ଗାଡ଼ି ମାଲିକଙ୍କ ନିର୍ଦ୍ଦେଶକ୍ରମେ ବେଆଇନ ଭାବେ ବାଲି ଚୋରା ଚାଲାଣ କରୁଥିବା ନେଇ ଜାଣିବା ପରେ ଗାଡ଼ିକୁ ଜବତ କରାଯାଇଛି। ଏ ନେଇ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ଲଘୁ ଖଣିଜ ବେଆଇନ ଚୋରା ଚାଲାଣ ନେଇ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

### ଅସହ୍ୟ ଗ୍ରୀଷ୍ମପ୍ରବାହରେ ଲୋକେ ଆଉଟୁପାଉଟୁ

# ଗ୍ରୀଷ୍ମ ଆଶ୍ରୟସ୍ଥଳୀ ପାଲଟିଛି ବାଇକ୍ ପାର୍କିଂ

**ବାରିପଦା, ୨୭।୪(ସମିସ)**




ସରକାରୀ ବାବୁଙ୍କ ବାଇକ୍ ଓ କାର୍ ହେଉଛି ପାର୍କିଂ

ବାରିପଦା ସହରର ତାପମାତ୍ରା ଉପରମୁହାଁ ଥିବାବେଳେ ଅସହ୍ୟ ଗ୍ରୀଷ୍ମପ୍ରବାହ ଯୋଗୁଁ ଲୋକେ ଆଉଟୁ ପାଉଟୁ ହେଉଛନ୍ତି। ଖରା ତାତିରୁ ରକ୍ଷା ପାଇବାକୁ ଲୋକେ ଛାଇ ସ୍ଥାନ ଖୋଜୁଛନ୍ତି। ଯାହାକୁ ନେଇ ବାରିପଦା ସହରର ବିଭିନ୍ନ ସ୍ଥାନରେ ଟେଣ୍ଟ ଯୋଗେ ଗ୍ରୀଷ୍ମ ଆଶ୍ରୟ ସ୍ଥଳ ପ୍ରସ୍ତୁତ କରାଯାଇଛି। କିନ୍ତୁ ସେଗୁଡ଼ିକ ଲୋକଙ୍କ କାର୍ଯ୍ୟରେ ଲାଗିବା ପରିବର୍ତ୍ତେ ସରକାରୀ କାର୍ଯ୍ୟାଳୟ ବାବୁଙ୍କ ସେବାରେ ଲାଗୁଥିବା ଅଭିଯୋଗ ହେଉଛି।

ବାରିପଦା ପୌରପାଳିକା କାର୍ଯ୍ୟାଳୟ ମଧ୍ୟରେ ହୋଇଥିବା ଗ୍ରୀଷ୍ମ ଆଶ୍ରୟ ସ୍ଥଳୀ ବାଇକ୍ ପାର୍କିଂ ସ୍ଥଳୀ ପାଲଟିଛି। ଲୋକେ ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ଛାଇକୁ ଆସିଲେ ସୁଦ୍ଧା ମୁଣ୍ଡ ଗୁଞ୍ଜିବାକୁ ଜାଗା ମିଳିବ ନାହିଁ। ସରକାରୀ ବାବୁଙ୍କ ବାଇକ୍‌ଗୁଡ଼ିକ ପାର୍କିଂରେ ତାହା ପରିପୂର୍ଣ୍ଣ ହୋଇଯାଉଛି। ବାଇକ୍‌କୁ ଛାଇରେ ପାର୍କିଂ କରୁଥିବାବେଳେ ଲୋକେ ଖରାରେ ରହୁଛନ୍ତି। ସେହିପରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ କୃଷ୍ଣଚନ୍ଦ୍ର ଗୋଲେଇ ନିକଟରେ ହୋଇଥିବା ଗ୍ରୀଷ୍ମ ଆଶ୍ରୟ ସ୍ଥଳ ଟେଣ୍ଟ ସଠିକ ଢ଼ଙ୍ଗରେ ବନ୍ଧାଯାଇନାହିଁ। ନିମ୍ନମାନର କାମ ଯୋଗୁଁ ଟେଣ୍ଟ କନାଗୁଡ଼ିକ ଖସିପଡ଼ିଛି। ମୁଣ୍ଡ ଉପରେ କନା ନ ଥିବାରୁ ଉକ୍ତ ସ୍ଥାନରେ ଲୋକେ ଛାଇ ବଦଳରେ ଗ୍ରୀଷ୍ମ ଅନୁଭୂତ କରୁଛନ୍ତି। ଏହିପରି ଅବହେଳା କାର୍ଯ୍ୟ ଯୋଗୁଁ ଲୋକଙ୍କ ନିମନ୍ତେ ହୋଇଥିବା ଗ୍ରୀଷ୍ମ ଆଶ୍ରୟ ସ୍ଥଳ ଲୋକଙ୍କ କାର୍ଯ୍ୟରେ ଲାଗିପାରୁନାହିଁ। ବାରିପଦା ସହରର ଅସହ୍ୟ ତାତି ଯୋଗୁଁ ଲୋକେ ଆଉଟୁ ପାଉଟୁ ହେଉଛନ୍ତି। ଗତବର୍ଷମାନଙ୍କ ତୁଳନାରେ ବାରିପଦା ସହର ରାଜ୍ୟର ସବୁଠୁ ଉତ୍ତପ୍ତ ସହର ଭାବେ ପରିଗଣିତ ହୋଇସାରିଛି। ଆଗକୁ ତାପମାତ୍ରା ମଧ୍ୟ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ତାପମାତ୍ରା ୩୭ ଡିଗ୍ରୀ ପାର ହୋଇଥିବାବେଳେ ଦିନ ୧୦ଟା ପରେ ଘରୁ ବାହାରିବା ଅସମ୍ଭବ ହୋଇପଡ଼ିଛି। କିନ୍ତୁ ଗ୍ରୀଷ୍ମପ୍ରବାହରୁ ରକ୍ଷା ନିମନ୍ତେ ଜିଲ୍ଲା ପ୍ରଶାସନର ପଦକ୍ଷେପ ସଠିକ ଭାବେ କାର୍ଯ୍ୟକାରୀ ନ ହେବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦେବାର ନିହାତି ଆବଶ୍ୟକତା ରହିଛି।

## ଲଜ୍‌ରୁ ଅସଜ୍ଞାତ ଅବସ୍ଥାରେ ୩ ଯୁବକ ଓ ୩ ଯୁବତୀଙ୍କୁ ଧରିଲା ପୁଲିସ

**ରାଇରଙ୍ଗପୁର, ୨୭।୪(ସମିସ):** ରାଇରଙ୍ଗପୁର ସହରସ୍ଥ ଏକ ଲଜ୍‌ରୁ ଅସଜ୍ଞାତ ଅବସ୍ଥାରେ ୩ ଜଣ ଯୁବକ ଓ ୩ ଜଣ ଯୁବତୀଙ୍କୁ ପୁଲିସ ଧରିଛି। ସୋମବାର ପୂର୍ବାହ୍ନରେ ଏ ନେଇ ରାଇରଙ୍ଗପୁର ଟାଉନ ଥାନା ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚଢ଼ଉ କରିଥିଲା। ଲଜର ୩ଟି ରୁମ୍‌ରେ ୩ ଜଣ ଯୁବକ ଓ ୩ ଜଣ ଯୁବତୀଙ୍କୁ ଅସଜ୍ଞାତ ଅବସ୍ଥାରେ ଧରିଥିଲା। ସେମାନଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ତେବେ ସେମାନେ ସମସ୍ତେ ପ୍ରାପ୍ତ ବୟସ୍କ ଅଟନ୍ତି। ନିଜ ସହମତିରେ ଲଜକୁ ଆସିଥିଲେ ବୋଲି ପୁଲିସ ପଚରାଉଚରା ସମୟରେ ଜାଣିବାକୁ ପାଇଥିଲା। ତେଣୁ କୌଣସି ମାମଲା ରୁଜୁ ନ କରି ସେମାନଙ୍କୁ ଛାଡି ଦିଆଯାଇଛି ବୋଲି ସୂଚନା ମିଳିଛି। ତେବେ ଯୁବକ/ଯୁବତୀଙ୍କ ଏପରି କାର୍ଯ୍ୟକଳାପ ସମାଜ ପ୍ରତି ଖରାପ ପ୍ରଭାବ ପକାଉଛି। ରାଇରଙ୍ଗପୁର ସହରର ଲଜରେ ଏଭଳି ଘଟଣାକୁ ନେଇ ସ୍ଥାନୀୟ ଲୋକ ନିନ୍ଦା କରିଛନ୍ତି।

### ଜୁଆ ଆଡ୍ଡା ଉପରେ ପୁଲିସର ଚଢ଼ଉ

## ୮ ଗିରଫ; ୯ ବାଇକ୍ ଓ ୧୪ ହଜାର ଟଙ୍କା ଜବତ



**ମୋରଡା, ୨୭।୪(ସମିସ):** ରବିବାର ମୋରଡା ଥାନା ପୁଲିସ ପାଟ୍ରୋଲିଂ କରୁଥିବା ସମୟରେ ବିଶେଷ ସୂତ୍ରରୁ ଖବର ପାଇ ଏକ ଜୁଆ ଆଡ୍ଡା ଉପରେ ଚଢ଼ଉ କରି ୮ ଜଣଙ୍କୁ ଗିରଫ କରିବା ସହ ଘଟଣାସ୍ଥଳରୁ ୯ଟି ବାଇକ୍ ଓ ୧୪ ହଜାର ଟଙ୍କା ଜବତ କରିଥିବା ଜଣାପଡ଼ିଛି। ସବଇନ୍ସପେକ୍ଟର ନିବେଦିତା ନାୟକଙ୍କ ସୂଚନା ମୁତାବକ ଉକ୍ତ ଥାନା ଅଧୀନ ସାତଭାୟା ହାଟରୁ କେନ୍ଦୁଡ଼ିହା ଗାଁକୁ ଯାଇଥିବା ରାସ୍ତାର ପଟାସ ଜଙ୍ଗଲ ପରେ ଏକ ପଡ଼ିଆରେ କିଛି ଦୁର୍ବୃତ୍ତ ଜୁଆ ଖେଳୁଥିବା ଖବର ପାଇ ଏଏସଆଇ ମୀନକେତନ ପ୍ରଧାନ, ମୋହନ କୁମାର ସାହୁଙ୍କ ସମେତ ପୁଲିସ ଟିମ ଉକ୍ତ ସ୍ଥାନରେ ଚଢ଼ଉ କରିଥିଲେ। ଘଟଣାସ୍ଥଳରୁ ୮ ଜଣଙ୍କୁ ଗିରଫ କରାଯାଇଥିଲା। ଗିରଫମାନେ ହେଲେ କରତବସା ଗାଁର ଅକେଶ ଗିରି (୩୬), ବାଘଡା ଗ୍ରାମର ସୁଧାଂଶୁ ପୁଟି (୨୭), ପଥରଚାଟିଆ ଗ୍ରାମର ଅଜୟ ରାମ (୨୭), ଭାଲିଆଡିହା ଗ୍ରାମର ବଳରାମ ଦେ (୬୫), ବେଣାପୁରିଆର ସୁକଦେବ ଧଳ(୬୩), କାନ୍ଦଣା ଗ୍ରାମର ନବଘନ ବଡ଼ନାୟକ (୪୫), ପ୍ରତାପଚନ୍ଦ୍ରପୁର ଗ୍ରାମର ସତ୍ୟବାନ ପାଟବନ୍ଧା (୪୩), ଧଡାସାହି ଗ୍ରାମର ସପନ ପାଟବନ୍ଧା (୩୦), ମହୁଲି ଗ୍ରାମର ଭଜନଲାଲ ବେହେରା (୪୩)। ଏମାନଙ୍କଠାରୁ ୯ଟି ବାଇକ୍ ଓ ୧୪ ହଜାର ଟଙ୍କା ଜବତ କରାଯାଇଥିଲା। ଏଏସଆଇ ମୀନକେତନ ପାଟବନ୍ଧା ଅଭିଯୋଗ କରିଥିବାବେଳେ ସବଇନ୍ସପେକ୍ଟର ନିବେଦିତା ନାୟକ ତଦନ୍ତ ଭାର ଗ୍ରହଣ କରିଛନ୍ତି। ଥାନାରେ ୧୭୧/୨୬ରେ ମାମଲା ରୁଜୁ କରାଯାଇ ଜୁଆଡିଙ୍କୁ ନୋଟିସ ଦେଇ ଛାଡିଛି ପୁଲିସ।

## ତାଲା ବନ୍ଦ ଘରୁ ଚୋରି

**ରାଇରଙ୍ଗପୁର/କରଞ୍ଜିଆ, ୨୭।୪(ସମିସ):** କିଛି ଦିନର ବ୍ୟବଧାନ ପରେ ଯଶିପୁର ଥାନା ଅଞ୍ଚଳରେ ଚୋର ଦଳ ସକ୍ରିୟ ହୋଇଛନ୍ତି। ତାଲା ବନ୍ଦ ଘରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି ହୋଇଛି। ଏ ନେଇ ପୁରୁଣିଆ ଗ୍ରାମର ମଦନ ମୋହନ ସାଧୁ ଯଶିପୁର ଥାନାରେ ଅଭିଯୋଗ କରିଛନ୍ତି। ସେ ପରିବାର ଲୋକଙ୍କ ସହ ବଜାର ଆସିଥିବାବେଳେ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ଆଲମାରୀ ତାଲା ଭାଙ୍ଗି ସୁନା ଓ ରୁପା ଅଳଙ୍କାର ଆଦି ଚୋରି କରିଛନ୍ତି। ଯାହାର ଆନୁମାନିକ ମୂଲ୍ୟ ୧, ୮୦, ୦୦୦ ଟଙ୍କା ହେବ। ସେ ଘଟଣା ସମ୍ପର୍କରେ ଜାଣି ଥାନାରେ ଅଭିଯୋଗ କରିଛନ୍ତି।

## ବିଲରୁ ମିଳିଲା ଗଳିତ ମୃତଦେହ



**ଉଦଳା, ୨୭।୪(ସମିସ):** ବିଲରୁ ମିଳିଲା ଗଳିତ ମୃତଦେହ। ଉଦଳା ଥାନା ସିଆଳିଆ ଗ୍ରାମରେ ଘଟିଛି ଏଭଳି ଏକ ଘଟଣା। ସିଆଳିଆ ବିଦ୍ୟାଳୟ ନିକଟରେ ଥିବା ବିଲ ଭିତରେ ଏକ ଗଳିତ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏ ନେଇ ସ୍ଥାନୀୟ ଲୋକ ପୁଲିସକୁ ଖବର ଦେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତଦେହକୁ ବିଲ ଭିତରେ କୁକୁର ପ୍ରାୟ ଶହେ ମିଟର ଦୂର ପର୍ଯ୍ୟନ୍ତ ଘୋଷାରି ଆଣିଥିବା ପୁଲିସ କହିଛି। ଗଳିତ ମୃତଦେହର ପରିଚୟ ମିଳିପାରି ନ ଥିବାବେଳେ ୫ରୁ ୬ ଦିନ ପୂର୍ବରୁ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ଅନ୍ୟପକ୍ଷରେ ମୃତଦେହରେ ପିନ୍ଧା ଲୁଙ୍ଗି ଓ ପାରିପାର୍ଶ୍ୱିକ ପରିସ୍ଥିତିରୁ ଏହା ହତ୍ୟାକାଣ୍ଡ ବୋଲି ଅନୁମାନ କରାଯାଉଛି। ପୁଲିସ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତକୁ ତ୍ୱରାନ୍ୱିତ କରିଥିବାବେଳେ ମୃତଦେହ ପଡ଼ିଥିବା ସ୍ଥାନ ପାଖରେ ମାଟି କାମ ହେଉଥିବାରୁ ପୁଲିସ ୩ରୁ ୪ ଜଣଙ୍କୁ ନେଇ ଥାନାରେ ପଚରାଉଚରା କରୁଛି।

### ରାସନ କାର୍ଡଧାରୀଙ୍କ ଦାବି

## ପାଞ୍ଚ କିଲୋ ଚାଉଳ ବଦଳରେ ଗହମ ଦିଆଯାଉ

**ବେତନଟୀ, ୨୭।୪(ସମିସ):** ବେତନଟୀର ରାସନ କାର୍ଡଧାରୀ ଓ ସାଧାରଣ ଖାଉଟି ସରକାରୀ ଯୋଗାଣ ବ୍ୟବସ୍ଥାରେ ଗହମ ଓ ଚିନି ସୁଲଭ ମୂଲ୍ୟରେ ନ ମିଳିବା ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଖୋଲା ବଜାରରେ ଗହମ କେଜି ପ୍ରତି ପ୍ରାୟ ୪୦ ଟଙ୍କା ଦରରେ ମିଳୁଥିବାବେଳେ ସରକାରୀ କାଉଣ୍ଟରରେ ମାଗଣା ଚାଉଳ ବଦଳରେ ଗହମ ଯୋଗାଣ କରାଯିବା ଉଚିତ୍। ଅନେକେ ମାଗଣା ଚାଉଳକୁ କଳା ବଜାରରେ ବିକ୍ରି କରି ଖୋଲା ବଜାରରୁ ଅଟା କିଣିବାକୁ ବାଧ ହେଉଛନ୍ତି। ଯେଉଁଥିରେ ପାଞ୍ଚ କିଗ୍ରା ଅଟା ପ୍ୟାକେଟ ପ୍ରତି ୨୫୦ରୁ ୨୯୦ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିବାକୁ ପଡୁଛି। ଚିନି ମଧ୍ୟ କେଜି ପ୍ରତି ୪୮ରୁ ୫୦ ଟଙ୍କା ଦରରେ କିଣିବାକୁ ପଡୁଛି। ଏ ପରିସ୍ଥିତିରେ ସରକାରୀ ସ୍ତରରେ ନିୟନ୍ତ୍ରଣ ଓ ସୁଲଭ ମୂଲ୍ୟରେ ଅତ୍ୟାବଶ୍ୟକ ଖାଉଟି ସାମଗ୍ରୀ ଯୋଗାଣ ପାଇଁ କୌଣସି ସ୍ପଷ୍ଟ ପଦକ୍ଷେପ କିମ୍ବା ବ୍ୟବସ୍ଥା ନ ଥିବାରୁ ଅସାଧୁ ବ୍ୟବସାୟୀଙ୍କୁ ସୁଯୋଗ ମିଳୁଛି ବୋଲି ସାଧାରଣ ଲୋକେ ଅଭିଯୋଗ ଉଠାଇଛନ୍ତି। ଡବଲ ଇଞ୍ଜିନ ସରକାର କଥା କୁହାଯାଉଥିବା ସତ୍ତ୍ୱେ ଗହମ, ଅଟା ଓ ଚିନି ଭଳି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ନିୟନ୍ତ୍ରଣ ହେଉ ନ ଥିବାରୁ ଖାଉଟି କ୍ଷୋଭ ପ୍ରକାଶ କରିଛନ୍ତି। ବ୍ଲକ ଯୋଗାଣ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଛନ୍ତି, ତାଙ୍କ ହାତରେ କୌଣସି କ୍ଷମତା ନାହିଁ। ଆଗକୁ ବେତନଟୀରେ ଏନଏସି ନିର୍ବାଚନ ଓ ୨୦୨୭ ପଞ୍ଚାୟତ ନିର୍ବାଚନ ହେବାକୁ ଥିବାରୁ ଏହି ପ୍ରସଙ୍ଗରେ ଭୋଟର ଉପଯୁକ୍ତ ଜବାବ ଦେବେ ବୋଲି ଖାଉଟିମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଖାଦ୍ୟ ଓ ଯୋଗାଣ ବିଭାଗର କୌଣସି ଅଧିକାରୀଙ୍କ ପ୍ରତିକ୍ରିୟା ତୁରନ୍ତ ମିଳି ନ ଥିବାରୁ ପରିସ୍ଥିତିର ସମାଧାନ ପାଇଁ ସରକାରୀ ପଦକ୍ଷେପ ଉପରେ ସମସ୍ତଙ୍କ ନଜର ରହିଛି। ରାଜ୍ୟରେ ରାସନ କାର୍ଡଧାରୀଙ୍କ ପାଇଁ ଗହମ ଯୋଗାଣ ପୁନଃ ଚର୍ଚ୍ଚାକୁ ଆସିଥିବାବେଳେ ବେତନଟୀର ଏହି ଦାବି ସ୍ଥାନୀୟ ସ୍ତରରେ ବେଶ୍ ଚର୍ଚ୍ଚା ହେଉଛି।

## ମୃତକଙ୍କ ପରିବାରକୁ ସହାୟତା

**ରାଇରଙ୍ଗପୁର, ୨୭।୪(ସମିସ):** ବିଶୋଇ ବ୍ଲକ ଅନ୍ତର୍ଗତ ଭୁଦୁରୁକଳା ଗ୍ରାମର ଲେମ୍ବ



ମୁର୍ମୁ (୮୦)ଙ୍କ ପରିବାରକୁ ମୃତ୍ୟୁକାଳୀନ ସହାୟତା ପ୍ରଦାନ କରାଯାଇଛି। ଭଏସ ଅଫ୍ ଶ୍ରମିକ ଫାଉଣ୍ଡେସନ ଅଫ୍ ଇଣ୍ଡିଆର ରାଜ୍ୟ ସଂଯୋଜକ ବିଷ୍ଣୁ ଦାସଙ୍କ ପରିଚାଳନାରେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ମୃତକଙ୍କ ପରିବାର ଲୋକେ ଉକ୍ତ ସଂଗଠନ ସଦସ୍ୟ ଥିବାରୁ ସହାୟତା ପ୍ରଦାନ କରାଯାଇଛି। ତାଙ୍କ ଶୁଦ୍ଧିକ୍ରିୟାରେ ସଂଗଠନ କର୍ମକର୍ତ୍ତା ଯୋଗ ଦେଇ ତାଙ୍କ ପରିବାରକୁ ଗଭୀର ସମବେଦନା ଜଣାଇଥିଲେ। ଏଥିସହିତ ପରିବାର ଲୋକଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏଥିରେ ଜିଲ୍ଲା ସଂଯୋଜକ ଅମର ସିଂ ମହାନ୍ତ, ଜିଲ୍ଲା ଆଞ୍ଚଳିକ ସଂଯୋଜକ ରୂପକ ମହାନ୍ତି, ବ୍ଲକ ସଂଯୋଜକ ମାନବନ୍ତି ନାଏକ ଓ ପଞ୍ଚାୟତ ସଂଯୋଜକ ରଶ୍ମିମଣୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ପରିବାର ଲୋକେ ସଂଗଠନର କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ହସ୍ପିଟାଲରେ ଅବ୍ୟବସ୍ଥାକୁ ନେଇ ଧାରଣା



**ଉଦଳା, ୨୭।୪(ସମିସ):** ମୟୂରଭଞ୍ଜ ଜିଲ୍ଲା ଉଦଳା ମେଡିକାଲର ଅବ୍ୟବସ୍ଥାକୁ ନେଇ ତାତିଲେ ଅଞ୍ଚଳବାସୀ। ଶ୍ରୀରାମ ସେବା ଟ୍ରଷ୍ଟ ପକ୍ଷରୁ ନିଆରା ତରିକାରେ ମେଡିକାଲ ସାମ୍ନାରେ ଧାରଣାରେ ବସିଲେ ଟ୍ରଷ୍ଟ ସଦସ୍ୟ। ଉଦଳାରେ ଥିବା ଉପଖଣ୍ଡ ଚିକିତ୍ସାଳୟରେ ବିଭିନ୍ନ ପ୍ରକାର ସମସ୍ୟା ରହିଛି। ମେଡିକାଲରେ ଥିବା ଲିଫ୍ଟ ଅଚଳ ହୋଇ ରହିବା, ପାନୀୟଜଳ ସମସ୍ୟା, ଅନେକ ସମୟରେ ରୋଗୀ ଓ ସମ୍ପର୍କୀୟଙ୍କୁ ଦୁର୍ବ୍ୟବହାର କରିବା, ସିନିୟର ଡାକ୍ତରଙ୍କ ବଦଳରେ ଜୁନିୟର ଡାକ୍ତର ମେଡିକାଲରେ ବେପରୁଆ ଭାବେ ରୋଗୀ ଦେଖିବା, ଅନେକ ସମୟରେ ରୋଗୀ ଦେଖାରେ ଅବହେଳା କରି ରୋଗୀଙ୍କୁ ବାରମ୍ବାର ରେଫର କରାଯିବା ଭଳି ଅନେକ ସମସ୍ୟାକୁ ନେଇ ତାତିଛନ୍ତି ଟ୍ରଷ୍ଟ ସଦସ୍ୟ। ବାରମ୍ବାର ଉକ୍ତ ସମସ୍ୟାକୁ ନେଇ ଟ୍ରଷ୍ଟ ପକ୍ଷରୁ ଦାବି ଉଠାଇଥିବାବେଳେ କେହି ଏଥିପ୍ରତି କର୍ଣ୍ଣପାତ ନ କରିବାରୁ ଆଜି ତାତିଛନ୍ତି ଅଞ୍ଚଳବାସୀ। ରୋଗୀ ସେବା ନାମରେ ଶୋଷଣ କରାଯାଉଥିବାରୁ ଏହାକୁ ବିରୋଧ କରିଛନ୍ତି ଆନ୍ଦୋଳନକାରୀ। ଦାବି ସମୂହ ଉପରେ ତୁରନ୍ତ ପଦକ୍ଷେପ ନେଇ ସମାଧାନ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ବ୍ୟାପକ କରାଯିବ ଚେତାବନୀ ଦେଇଛନ୍ତି।

## ଦିଗପୋଷି ଗ୍ରାମରୁ ଚୋରି

**ରାଇରଙ୍ଗପୁର, ୨୭।୪ (ସମିସ):** ଘାଗରବେଡା ଥାନା ଅଞ୍ଚଳରେ ତାଲା ବନ୍ଦ ଘରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଓ ଟଙ୍କା ଚୋରି ହୋଇଛି। ଏ ନେଇ ଦିଗପୋଷି ଗ୍ରାମର ନିର୍ମଳ କୁମାର ବେହେରା ଘାଗରବେଡା ଥାନାରେ ଅଭିଯୋଗ କରିଛନ୍ତି। ସେ ଘରେ ନ ଥିବାବେଳେ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ତାଙ୍କ ଘରକୁ ଦୁର୍ବୃତ୍ତମାନେ ପ୍ରବେଶ କରି ଆଲମାରୀ ତାଲା ଭାଙ୍ଗି ୮ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ସୁନା ଅଳଙ୍କାର ଓ ନଗଦ ୨, ୫୦, ୦୦୦ ଟଙ୍କା ଚୋରି କରିଛନ୍ତି। ଘରକୁ ଫେରି ଘଟଣା ବାବଦରେ ଜାଣିବା ପରେ ଥାନାରେ ଅଭିଯୋଗ କରିଛନ୍ତି। ଚୋରି ମାତ୍ରା ବୃଦ୍ଧି ପାଇଥିବାବେଳେ ଏ ନେଇ ପୁଲିସ ପକ୍ଷରୁ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି।

### ଡାହିସାହିରେ ପାନୀୟଜଳ ସମସ୍ୟା

## ଜନଶୁଣାଣି ଶିବିରରେ ମହିଳାଙ୍କ ଧାରଣା



**କପ୍ତିପଦା, ୨୭।୪(ସମିସ):** ଡହଡହ ଖରାରେ ପାଣି ପାଇଁ ଡହଳବିକଳ। ପିଇବା ପାଣି ଟୋପେ ପାଇଁ କଳ ନିକଟରେ ଲମ୍ବାଲାଇନ। ତାହା ପୁଣି ଠିକ୍ ଭାବେ ମିଳୁନାହିଁ। ଫଳରେ ନଦୀରେ ଚୁଆଖୋଳି ଶୋଷ ମେଣ୍ଟାଉଛନ୍ତି ୩୦୦ରୁ ଉର୍ଦ୍ଧ୍ୱ ପରିବାର। ଏଭଳି ଘଟଣା ଦେଖିବାକୁ ମିଳିଛି କପ୍ତିପଦା ସଦର ୬ନଂ ୱାର୍ଡସ୍ଥ ଡାହିସାହି ଗାଁରେ। ଫଳରେ ପାନୀୟଜଳ ସମସ୍ୟା ପାଇଁ ଆଜି ଏହି ଗ୍ରାମର ମହିଳା ଜନଶୁଣାଣି ଶିବିର ଆଗରେ ଧାରଣା ଦେଇଥିଲେ।

କପ୍ତିପଦା ବ୍ଲକ କାର୍ଯ୍ୟାଳୟଠାରୁ ମାତ୍ର ୫୦୦ ମିଟର ଦୂର ଡାହିସାହି ଗ୍ରାମରେ ୩ ଶହରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ପଞ୍ଚାୟତ ପକ୍ଷରୁ ପାଇପ ଯୋଗେ ପାନୀୟଜଳ ଯୋଗାଣ ହୋଇଛି। ସ୍ଥାନେ ସ୍ଥାନେ କଳ ଲାଗିଛି। ସକାଳ ସମୟରେ ପାଇପ ଯୋଗେ ପାଣି ଯୋଗାଇ ଦିଆଯାଉଛି। ମାତ୍ର ଲୋକେ ପାଣି ପାଉନାହାଁନ୍ତି। ଏପରିକି ଅଙ୍ଗନବାଡି କେନ୍ଦ୍ରକୁ ପାଣି ଆସୁନି। ଗୋଟିଏ ନଳକୂପ ଥିଲେ ମଧ୍ୟ ସେଥିରୁ ଦୂଷିତ ପାଣି ବାହାରିବା ସହିତ ଜିଆ ବାହାରୁଛନ୍ତି। ଏ ସମ୍ପର୍କରେ ପଞ୍ଚାୟତ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ପାଣିଟାଙ୍କିଠାରୁ କିଛି ଦୂରରେ ଗଡ଼ସାହିଗାଁ। ପାଣି ପାଇପରେ ଆସୁଥିବା ସମୟରେ କିଛି ଲୋକ ମେସିନ ଲଗାଇ ପାଣି ଉଠାଇ ନେଉଛନ୍ତି। ଆଉକିଛି ଲୋକ ନିଜ ବାଡ଼ିରେ ଚାଷ ପାଇଁ ମେସିନ ବ୍ୟବହାର କରୁଥିବାରୁ ପାଣି ଶେଷ ମୁଣ୍ଡ ପର୍ଯ୍ୟନ୍ତ ପହଞ୍ଚି ପାରୁନାହିଁ। ଏ ସମ୍ପର୍କରେ ଯେତେ ସଚେତନ କଲେ ମଧ୍ୟ ଲୋକେ ମାନୁନାହାଁନ୍ତି। ପାଣି ଯେତିକି ଯିବା କଥା ସେତିକି ଯାଉଛି। ତେବେ ଗାଁ ଲୋକେ ବାରମ୍ବାର ଅଭିଯୋଗ କରିବା ପରେ ବି ପରସ୍ପରର ବିବାଦ ହୋଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ତଥାପି କିଛି ଫଳ ନ ମିଳିବାରୁ ସୋମବାର ଗାଁର ୩୦ରୁ ଉର୍ଦ୍ଧ୍ୱ ମହିଳା ଗରା, ବାଲ୍‌ଟି ଧରି ଜନଶୁଣାଣି ଶିବିରରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ କପ୍ତିପଦା ବିଡିଓଙ୍କୁ ତଦନ୍ତ ଭାର ଦେଇ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ମଙ୍ଗଳବାର ସୁଦ୍ଧା ସମସ୍ୟାର ସମାଧାନର ନ ହେଲେ କପ୍ତିପଦା ବ୍ଲକ କାର୍ଯ୍ୟାଳୟଠାରୁ ରାଜରାସ୍ତା ବନ୍ଦ କରିବାକୁ ସତ୍ୟଭାମା ବେହେରା, ଚାରୁଲତା ଦାସ, ନିରୁପମା ଦାସ, ଭାରତୀ ଦାସ, ନମିତା ବେହେରା, ମାନସୀ ରାୟ, ଶକୁନ୍ତଳା ରାୟ, ସୁଲୋଚନା ଦାସ, ସୁସ୍ମୀ ଦାସ, ଗୀତାଞ୍ଜଳି ଦାସ, ସଂଯୁକ୍ତା ରାୟ, ରଶ୍ମିରେଖା ରାୟ ଓ ସରସ୍ୱତୀ ଦଳେଇ ଚେତାବନୀ ଦେଇଛନ୍ତି।

## ଡ୍ରିଙ୍କ୍ ଏଣ୍ଡ ଡ୍ରାଇଭରେ ଧରିଥିବା ସ୍କୋର୍ପିଓକୁ ପୁଲିସ ଛାଡ଼ିଥିବା ଅଭିଯୋଗ

**ମୋରଡା, ୨୭।୪(ସମିସ):** ମୋରଡା ଥାନା ଅଧିନ ଟୁକପଳାସିଆ ନିକଟରେ ପଶ୍ଚିମବଙ୍ଗ ନିର୍ବାଚନକୁ ନେଇ ଚାଲିଥିବା ନାକା ଚେକିଂ ସମୟରେ ଏକ ପଶ୍ଚିମବଙ୍ଗ ନମ୍ବର ବିଶିଷ୍ଟ ସ୍କୋର୍ପିଓ ଗାଡ଼ିରେ ପାଞ୍ଚଜଣ ଯୁବକ ମଦ୍ୟପାନ କରି ଗାଡ଼ି ଚଲାଇ ଆସୁଥିଲେ। ଏଏସଆଇ ମୀନକେତନ ପ୍ରଧାନ ଉକ୍ତ ଗାଡ଼ି ସହିତ ଯୁବକଙ୍କୁ ଥାନାକୁ ନେଇଥିଲେ। ତେବେ ଥାନା ଅଧିକାରୀ ସୁମିତ କୁମାର ସୋରେନ ତିନି ଘଣ୍ଟା ଥାନାରେ ଅଟକ ରଖି ପଚରାଉଚରା କରିଥିବାବେଳେ ପରବର୍ତ୍ତୀ ସମୟରେ ଛାଡି ଦେଇଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଥାନା ଅଧିକାରୀ ସୁମିତ କୁମାର ସୋରେନଙ୍କୁ ପଚାରିବାରୁ ଡ୍ରିଙ୍କ ଏଣ୍ଡ ଡ୍ରାଇଭ କଥା ସେ ମନା କରିଥିବାବେଳେ ପୁଲିସ ସହିତ ଯୁକ୍ତିତର୍କ କରିବାରୁ ଯୁବକଙ୍କୁ ଥାନାକୁ ଅଣାଯାଇଥିବା ସେ ପ୍ରକାଶ କରିଛନ୍ତି। ଏଠି ପ୍ରଶ୍ନ ଉଠୁଛି ଯଦି ଭୁଲ ଥାଇ ମୀନକେତନ ପ୍ରଧାନ ସେମାନଙ୍କୁ ଥାନାକୁ ଆଣିଥିଲେ। କିପରି ଥାନା ଅଧିକାରୀ ଛାଡିଦେଲେ, ତାହା ତଦନ୍ତ ସାପେକ୍ଷ। ଥାନା ସିସିଟିଭି ଫୁଟେଜ ଯାଞ୍ଚ କଲେ ସମ୍ପୂର୍ଣ୍ଣ ତଥ୍ୟ ମିଳିବ ବୋଲି ସାଧାରଣରେ ଆଲୋଚନା ହେଉଛି।

### ମିଳିତ ଜନଶୁଣାଣି ଶିବିର

# ୬ଟି ଅଭିଯୋଗର ତତ୍କାଳ ଫଇସଲା

**ଉଦଳା, ୨୭।୪(ସମିସ)**



କପ୍ତିପଦା ଉପଖଣ୍ଡ ଉଦଳାର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ଜନଶୁଣାଣି ଶିବିରରେ ଆୟୋଜିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଓ ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି ଯୋଗଦେଇ ୧୪୮ଟି ଅଭିଯୋଗର ଶୁଣାଣି କରିଛନ୍ତି। ଏଥିରୁ ୬ଟି ଅଭିଯୋଗର ତତ୍କାଳ ଫଇସଲା ହୋଇଛି। ଉପଖଣ୍ଡର ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ହୃଷିକେଶ ନାଏକ, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡା. ମୀନକେତନ ମହାନ୍ତି ଯୋଗ ଦେବା ସହିତ ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଜିଲ୍ଲା ଓ ଉପଖଣ୍ଡ ତଥା ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

ଆଜି ଶିବିରରେ ପଞ୍ଜିକୃତ ହୋଇଥିବା ସମସ୍ତ ଅଭିଯୋଗ ମଧ୍ୟରେ ୧୩୨ଟି ବ୍ୟକ୍ତିଗତ ସମସ୍ୟା ସମ୍ବଳିତ ଥିବାବେଳେ ୧୬ଟି ସାମୂହିକ ସମସ୍ୟା ସମ୍ବଳିତ ଥିଲା। ସେଥିମଧ୍ୟରୁ ୬ଟି ସମସ୍ୟାର ତତ୍କାଳ ସମାଧାନ କରାଯାଇଥିଲା। ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଜଣକୁ ୫ ହଜାର ଲେଖାଏଁ ୧୦ ଜଣଙ୍କୁ ମୋଟ ୫୦ ହଜାର ଟଙ୍କାର ଚେକ୍ ପ୍ରଦାନ ନିମନ୍ତେ ଜିଲ୍ଲାପାଳଙ୍କ ଅନୁମୋଦନ ପାଇଁ ପ୍ରେରଣ କରାଯାଇଛି। ଆଜିର ଶୁଣାଣୀରେ ବିଭିନ୍ନ ବିଭାଗ ପାଇଁ ଆସିଥିବା ଅଭିଯୋଗ ମଧ୍ୟରେ ଉଦଳା ତହସିଲ ଅଧୀନସ୍ଥ ନହରପଦା ଗ୍ରାମର ସରକାରୀ ଜାଗା ବାହାର କରିବା, ଉଦଳା ବ୍ଲକର ପ୍ରତ୍ୟେକ ପଞ୍ଚାୟତର ଇସି ଓ ଜିପିଏଲଏଫ ସଭାପତି, ସମ୍ପାଦକଙ୍କ ପାଇବାକୁ ଥିବା ପ୍ରାପ୍ୟ ପ୍ରଦାନ, ବିହୀରାକୁଳ ଗ୍ରାମର ସର୍ବସାଧାରଣ ରାସ୍ତା ଉଚ୍ଛେଦ କରି ପାଣି ନିଷ୍କାସନ ବ୍ୟବସ୍ଥା, ଖୁଣ୍ଟା ବ୍ଲକ କରକଚିଆ ପଞ୍ଚାୟତ ଭଲଗଡ଼ିଆ କେନାଲ କଂକ୍ରିଟକରଣ କରି ଚାଷୀଙ୍କୁ ପାଣି ଯୋଗାଇବା, କପ୍ତିପଦା ବ୍ଲକ ଦେବଳା ପଞ୍ଚାୟତ ବଡ଼ଝାଡ଼ ହୁଡ଼ିସାହିରୁ ଲକ୍ଷ୍ମୀଧର ଘର ପର୍ଯ୍ୟନ୍ତ ରାସ୍ତାରେ ଭାଙ୍ଗିଯାଇଥିବା ପୋଲ ନିର୍ମାଣ, ଶାଳଚୁଆ ଲ୍ୟାମ୍ପସରେ ହେଉଥିବା ଦୁର୍ନୀତିର ତଦନ୍ତ, ଜେଏସ ଜାମୁଡିହା ପଞ୍ଚାୟତ ଜାମୁଡ଼ିହା ଗ୍ରାମ ରାସ୍ତା ଜବରଦଖଲ ଉଚ୍ଛେଦ, ଜାଲ ରେସନ କାର୍ଡ ତଦନ୍ତ, ଗ୍ରାମ ରାସ୍ତା କାମ ଠିକ ଭାବେ ନ କରି ଟଙ୍କା ଆତ୍ମସାତ, ଶାଳଚୁଆ ଲ୍ୟାମ୍ପସରେ ଧାନ କିଣାରେ କଟ୍‌ନୀ ଛଟ୍‌ନୀ, ବ୍ଲକର ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ ତାର ଓହଳିଥିବା, ଗଡ଼ସାହି ଗ୍ରାମ ୬ ନମ୍ବର ୱାର୍ଡର ବାସିନ୍ଦା ଜଳ ବିନା ହନ୍ତସନ୍ତ ହେଉଥିବା, ଜଡ଼ିଦା ପଞ୍ଚାୟତର ଉନ୍ନତିମୂଳକ କାର୍ଯ୍ୟ କରିବା ନାମରେ ଦୁର୍ନୀତି ଓ ହିଲ ବ୍ଲକ ଚାରି ଉଠାଣ ସାହି ମାଙ୍କଡ଼ିଆ କଲୋନୀ ଗ୍ରାମର ମାଙ୍କଡିଆଙ୍କ ବିଭିନ୍ନ ଅସୁବିଧା ଆଦି ଅଭିଯୋଗ ଉପରେ ବିଚାର କରି ତା'ର ସମାଧାନ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିର ପରିଚାଳନାରେ ଡେପୁଟି କଲେକ୍ଟର ପ୍ରତୀକ କୁମାର ପଣ୍ଡା ଓ କାର୍ଯ୍ୟାଳୟର କର୍ମଚାରୀ ରମେଶ ପୃଷ୍ଟି, ସତ୍ୟପ୍ରକାଶ ପାତ୍ର, ସାଇସ୍ୱରୂପ କର, ରେଣ୍ଟା ମୁର୍ମୁ, ବିଶ୍ୱଜିତ ବେହେରା, ଦେବଯାନୀ ସାହୁ, ପାର୍ବତୀ କିସ୍କୁ, ଶ୍ରୀତମ ମହାନ୍ତି, ହିମାଂଶୁ ଶଙ୍ଖୁଆ, ଅନୁଭବ ରାଉତ, ତାପସ ପ୍ରଧାନ, ତପୁ ପାତ୍ର, ଭବାନୀ ପଣ୍ଡା, ଅଜିତ ମହାପାତ୍ର, ତରୁଣକାନ୍ତି ମହାପାତ୍ର ଓ ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ।

# ସମ୍ପାଦକୀୟ



ଆମ ଖାଦ୍ୟ ନିରାପତ୍ତା ସ୍ୱଦେଶୀ ଉତ୍ପାଦନର ମୂଳଦୁଆ ଉପରେ ପ୍ରତିଷ୍ଠା ହେବା ଆବଶ୍ୟକ।
-ଏମ୍.ଏସ୍.ସ୍ୱାମୀନାଥନ୍

ସକାଳ
THE SAKALA

## ସୁଯୋଗ ହାତଛଡ଼ା!

ସମ୍ପ୍ରତି ତିନିଟି ଯୁଦ୍ଧକୁ ନେଇ ଏସିଆ ମହାଦେଶ ଅଶାନ୍ତ ଓ ଅସ୍ଥିର। ଏଥିମଧ୍ୟରୁ ରୁଷ-ୟୁକ୍ରେନ ଏବଂ ଇରାନ ବିରୋଧରେ ଆମେରିକା-ଇସ୍ରାଏଲ ଯୁଦ୍ଧକୁ ନେଇ ସମଗ୍ର ବିଶ୍ୱ ମୁଖର ହୋଇଥିବା ବେଳେ ପାକିସ୍ତାନ-ଆଫଗାନିସ୍ତାନ ଯୁଦ୍ଧକୁ ନେଇ ସେଭଳି ବିଶେଷ ଆଲୋଚନା ହୋଇନାହିଁ। ଏହି ତିନିଟି ଯୁଦ୍ଧର ପୃଷ୍ଠଭୂମି, ସ୍ଥିତି ଓ ସମ୍ଭାବନାକୁ ନେଇ ଅଙ୍କ କଷିବା ବେଳେ ଭାରତର ସ୍ଥିତି ଓ ଭୂମିକା ସ୍ୱତଃ ଆଲୋଚନାର ପରିସରକୁ ଆସିଯାଉଛି।

୨୦୨୨, ଫେବୃଆରୀରୁ ଆରମ୍ଭ ହୋଇଥିବା ରୁଷ-ୟୁକ୍ରେନ୍ ଯୁଦ୍ଧର ବିଭୀଷିକା ଅଦ୍ୟାବଧି ଜାରି ରହିଛି। ଏହି ଯୁଦ୍ଧର ଅବସାନ ପାଇଁ ଆମେରିକା ସମେତ ଅନେକ ଦେଶ ଉଦ୍ୟମ କରିଥିଲେ ମଧ୍ୟ ବିଶେଷ ସଫଳତା ମିଳିନାହିଁ। ଉଭୟ ରୁଷ ଓ ୟୁକ୍ରେନ ସହ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଯୋଗୁଁ ଯୁଦ୍ଧବିରତି ଓ ଶାନ୍ତି ପ୍ରତିଷ୍ଠା ଲାଗି ଭାରତ ଅନେକ ପ୍ରୟାସ କରିଥିଲେ ମଧ୍ୟ ଆଶାନୁରୂପ ସଫଳତା ମିଳି ନ ପାରିବା ଭିନ୍ନ କଥା। କିନ୍ତୁ ସମ୍ପ୍ରତି ମଧ୍ୟପ୍ରାଚ୍ୟ ଓ ପାକିସ୍ତାନ-ଆଫ୍‌ଗାନିସ୍ତାନ ଯୁଦ୍ଧରେ ଭାରତର ନୀରବଦ୍ରଷ୍ଟା ଭୂମିକା ଗ୍ରହଣୀୟ ହୋଇପାରୁନାହିଁ।

ପାକିସ୍ତାନ-ଆଫଗାନିସ୍ତାନ ଯୁଦ୍ଧରେ ଭାରତର ଚରମ ଶତ୍ରୁ ପାକିସ୍ତାନର ଆତଙ୍କୀ ଚେହେରାକୁ ପୁଣି ଥରେ ବିଶ୍ୱ ସମ୍ମୁଖକୁ ଆଣିବା ପାଇଁ ଭାରତ ପାଖରେ ପର୍ଯ୍ୟାପ୍ତ ସୁଯୋଗ ଥିଲେ ମଧ୍ୟ ତାହା ହାତଛଡ଼ା ହୋଇଯାଇଛି। ଏକ ନିରସ୍ତ୍ର ଓ ଦୁର୍ବଳ ଦେଶ ଉପରେ ପାକିସ୍ତାନ ଯେଉଁଭଳି କ୍ଷେପଣାସ୍ତ୍ର ଓ ବାୟୁସେନା ଦ୍ୱାରା ଆକ୍ରମଣ କଲା, ତାହା ବର୍ବରତାର ସବୁ ସୀମା ଟପିଗଲା। ଆଫଗାନିସ୍ତାନର ଡାକ୍ତରଖାନାରେ ଉପରେ ମଧ୍ୟ ପାକିସ୍ତାନ ଆକ୍ରମଣ କରିଥିଲା, ଯେଉଁଥିରେ ପ୍ରାୟ ୪୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ଭାରତ ଏହି ବର୍ବରତାର ନିନ୍ଦା କରିଥିଲେ ମଧ୍ୟ ବିଶ୍ୱସ୍ତରରେ ପାକିସ୍ତାନକୁ ନିନ୍ଦିତ ପାଇଁ ଯେଭଳି ଉଦ୍ୟମ କରିବା କଥା ତାହା ଦେଖିବାକୁ ମିଳିଲା ନାହିଁ। ଭାରତରେ ଅସ୍ଥିରତା ପାଇଁ ନିଜ ଦେଶରେ ଆତଙ୍କବାଦୀଙ୍କୁ ସୃଷ୍ଟି କରୁଥିବା ପାକିସ୍ତାନ ଆଜି ଇରାନ ଓ ଆମେରିକା ମଧ୍ୟରେ ଯୁଦ୍ଧବିରତି ଲାଗି ମଧ୍ୟସ୍ଥତା କରୁଥିବା ଦେଖିବା ପରେ ଭାରତବାସୀ ଭାବେ ଆମକୁ ବ୍ୟସ୍ତ ଓ ଅସ୍ୱସ୍ତିକର ବୋଧ ହେବା ସ୍ୱାଭାବିକ।

ଭାରତରେ ଆତଙ୍କବାଦୀ ଆକ୍ରମଣ, ବିଶେଷକରି ପହଲଗାମରେ ବୀଭତ୍ସ ଆକ୍ରମଣ ପଛରେ ପାକିସ୍ତାନର ହାତ ଥିବା ପ୍ରମାଣ ସାରା ବିଶ୍ୱ ଦେଖିଛି। ଅନେକ ଦେଶ ଏହାର ନିନ୍ଦା କରିଛନ୍ତି। ପାକିସ୍ତାନର ଆତଙ୍କବାଦୀ କାର୍ଯ୍ୟକଳାପ ବିରୋଧରେ ଭାରତର ସାମରିକ କାର୍ଯ୍ୟାନୁଷ୍ଠାନ 'ଅପରେସନ ସିନ୍ଦୂର'କୁ ମଧ୍ୟ ଅନେକ ଦେଶ ସମର୍ଥନ କରିଛନ୍ତି। ଏଭଳି ଏକ ଆତଙ୍କବାଦୀ ରାଷ୍ଟ୍ରର ଇରାନ୍-ଆମେରିକା ଯୁଦ୍ଧବିରତି ଲାଗି ମଧ୍ୟସ୍ଥି ପ୍ରୟାସ ହାସ୍ୟାସ୍ପଦ। କିନ୍ତୁ ବିଡ଼ମ୍ବନା ହେଉଛି ପାକିସ୍ତାନର ମଧ୍ୟସ୍ଥତାକୁ ଉଭୟ ଆମେରିକା ଓ ଇରାନ ସ୍ୱୀକାର କରିଛନ୍ତି। ଏକ ଶାନ୍ତ ଓ ନିରପେକ୍ଷ ରାଷ୍ଟ୍ର ଭାବେ ଭାରତ ଯେଉଁ ଦାୟିତ୍ୱ ଓ ଭୂମିକା ନିର୍ବାହ କରିବା କଥା ତାହା ପାକିସ୍ତାନ କରୁଛି। ଆମେରିକା, ଇସ୍ରାଏଲ ଓ ଇରାନ ସହିତ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ପୃଷ୍ଠଭୂମିରେ ଭାରତ ଯୁଦ୍ଧବିରତି ଲାଗି ମଧ୍ୟସ୍ଥତା କରିଥିଲେ ବିଶ୍ୱ ଦରବାରରେ ଭାରତର ଭାବମୂର୍ତ୍ତି ଓ ପ୍ରଭାବ ଆହୁରି ଦୃଢ଼ ହୋଇପାରିଥା'ନ୍ତା। ତେଣୁ ଭାରତ ଏଭଳି ଏକ ସୁଯୋଗ ହାତଛଡ଼ା କରିଛି କି? ଏହି ପ୍ରଶ୍ନ ଏବେ ଦେଶର ନାଗରିକଙ୍କୁ ଆନ୍ଦୋଳିତ କରୁଛି।

ଓମାନରେ ଆଣବିକ ଶକ୍ତି ନିରସ୍ତ୍ରୀକରଣ ଆଲୋଚନା ଚାଲିଥିବା ବେଳେ ଇରାନ ଉପରେ ଆମେରିକା ଓ ଇସ୍ରାଏଲର ଅଚାନକ ମିଳିତ ଆକ୍ରମଣ ବିଶ୍ୱକୁ ସ୍ତବ୍ଧ କରିଦେଇଥିଲା। ଇରାନ୍ ମଧ୍ୟ ପ୍ରତିଆକ୍ରମଣ କରିଥିଲା। ଏହି ତିନିଟି ଯାକ ଦେଶ ସହ ଭାରତର ସଂପର୍କ ଘନିଷ୍ଠ ଥିବାରୁ ଏଭଳି ଆକ୍ରମଣ ଓ ପ୍ରତ୍ୟାକ୍ରମଣକୁ ନିନ୍ଦା ନ କରିବା ସ୍ୱାଭାବିକ। କିନ୍ତୁ ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ସେମାନଙ୍କୁ ବୁଝାଇବାରେ ଅସୁବିଧା କେଉଁଠି ଥିଲା? ଏଥିପାଇଁ ଭାରତ ପ୍ରଥମ ଦିନରୁ ପ୍ରୟାସ କରିଥିଲେ ହୁଏତ କିଛିଦିନ ମଧ୍ୟରେ ଯୁଦ୍ଧବିରତି ସମ୍ଭବ ହୋଇପାରିଥା'ନ୍ତା।

୨୦୨୫ ଜୁନରେ ଇରାନ ଓ ଇସ୍ରାଏଲ ମଧ୍ୟରେ ହୋଇଥିବା ଯୁଦ୍ଧ ବେଳେ ଭାରତର ଭୂମିକା ପ୍ରଶଂସନୀୟ ଥିଲା। ଉଭୟ ଇରାନ ଓ ଇସ୍ରାଏଲକୁ ଶାନ୍ତି ଆଲୋଚନା ପାଇଁ ଭାରତ ପରାମର୍ଶ ଦେଇଥିଲା। କିଛିସପ୍ତାହ ପରେ ସାଂଘାଇ ସହଯୋଗ ସଂଗଠନ ବୈଠକରେ ଇରାନ ବିରୋଧରେ ଆଗତ ଏକ ପ୍ରସ୍ତାବକୁ ସମର୍ଥନ କରିବାକୁ ଭାରତ ମନା କରିଦେଇ ଏକ ସ୍ପଷ୍ଟ ସଙ୍କେତ ଦେଇଥିଲା। ଭାରତର ଏଭଳି ସନ୍ତୁଳିତ କୂଟନୀତି ବିଶ୍ୱକୁ ଏକ ସ୍ୱତନ୍ତ୍ର ସନ୍ଦେଶ ଦେଇଥିଲା। ତେଣୁ ସମ୍ପ୍ରତି ଇରାନ-ଆମେରିକା-ଇସ୍ରାଏଲ ଯୁଦ୍ଧରେ ଭାରତଠାରୁ ଏଭଳି ସ୍ପଷ୍ଟ ସନ୍ଦେଶ ବିଶ୍ୱ ଆଶା କରୁଥିଲା। କିନ୍ତୁ ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଭାରତର ଆଭିମୁଖ୍ୟ ଏବେ ବି ଅସ୍ପଷ୍ଟ ରହିବା ଆଶ୍ଚର୍ଯ୍ୟ ଲାଗୁଛି।

ବିଶ୍ୱରେ ବିଭିନ୍ନ ସ୍ଥାନରେ ବିଭିନ୍ନ ସମୟରେ ଶାନ୍ତି ପ୍ରତିଷ୍ଠାରେ ଭାରତର ଭୂମିକା ପ୍ରଶଂସନୀୟ। ଜାତିସଂଘ ଚାର୍ଟର, ସାର୍ବଭୌମତ୍ୱ ଏବଂ ଅହିଂସା ପ୍ରତି ସଂକଳ୍ପ ଯୋଗୁଁ ବିଶ୍ୱ ଦରବାରରେ ଭାରତର ପରିଚୟ ମଧ୍ୟ ସ୍ୱତନ୍ତ୍ର। ବିଶ୍ୱର ପ୍ରାୟ ସମସ୍ତ ଦେଶ ସହିତ ଭାରତର ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ରହିଆସିଛି। ବିଶ୍ୱରେ ଯେକୌଣସି ଅଞ୍ଚଳ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଲେ ଶତ୍ରୁ-ମିତ୍ର ନିର୍ବିଶେଷରେ ସହାୟତା ପଠାଇବାରେ ଭାରତ କେବେ ମଧ୍ୟ କାର୍ପଣ୍ୟ କରିନାହିଁ। ୧୯୫୦ ଦଶକରୁ କୋରିଆଠାରୁ ଆରମ୍ଭ କରି ମଧ୍ୟପ୍ରାଚ୍ୟ ପର୍ଯ୍ୟନ୍ତ ଅଶାନ୍ତି ଓ ଉତ୍ତେଜନା ପ୍ରଶମନରେ ଭାରତ ଶାନ୍ତିଦୂତର ଭୂମିକା ନିର୍ବାହ କରିଛି। ପଡ଼ୋଶୀ ଦେଶଙ୍କ ସହିତ ଆଞ୍ଚଳିକ ବିବାଦକୁ ଛାଡ଼ିଦେଲେ ବିଶ୍ୱ ରାଜନୀତିରେ ଭାରତର ଭାବମୂର୍ତ୍ତି ଅତ୍ୟନ୍ତ ଉଜ୍ଜ୍ୱଳ। ତଥାପି ଇରାନ୍ ବିରୋଧରେ ଆମେରିକା-ଇସ୍ରାଏଲର ମିଳିତ ଯୁଦ୍ଧର ପ୍ରଶମନ ଉଦ୍ୟମରୁ ଭାରତ ନିଜକୁ ଦୂରେଇ ରଖିବା ପଛର କୂଟନୀତି ଏକ କୁହେଳି ହୋଇ ରହିଯାଇଛି।

## ଖାଦ୍ୟ ନିରାପତ୍ତାରେ ବନ୍ୟଜାତ ଦ୍ରବ୍ୟର ଭୂମିକା

ବିଦ୍ୟାଧର ମହାରଣା

ଜଙ୍ଗଲଗୁଡ଼ିକରେ ଆମର ଖାଦ୍ୟ ଉପଯୋଗୀ କେତେ ଯେ ବୃକ୍ଷଲତା ଅଛି ତାହାର ହିସାବ ନାହିଁ। ପ୍ରକୃତିର ଏସବୁ ଅବଦାନକୁ ଆମେ ଅଣଦେଖା କରିବା ଅନୁଚିତ। ପାହାଡ଼, ଜଙ୍ଗଲରେ ବାସ କରୁଥିବା ଆଦିମ ଜନଜାତି ଏଗୁଡ଼ିକୁ ଏବେ ବି ଖାଦ୍ୟ ରୂପେ ବ୍ୟବହାର କରୁଛନ୍ତି। ବର୍ତ୍ତମାନ ଯେପରି ଖାଦ୍ୟପଦାର୍ଥଗୁଡ଼ିକ ଅପମିଶ୍ରିତ ହୋଇ ଆମର ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରୁଛି, ସେହି ପରିପ୍ରେକ୍ଷୀରେ ପ୍ରକୃତିଦତ୍ତ ଖାଦ୍ୟ ପଦାର୍ଥଗୁଡ଼ିକ ଉପରେ ଆମେ ଗୁରୁତ୍ୱ ଦେବାର ସମୟ ଉପନୀତ।

ସାମ୍ପ୍ରତିକ ଜଳବାୟୁ ଅନିଶ୍ଚିତତା, ଖାଦ୍ୟ ପଦାର୍ଥର ଅହେତୁକ ମୂଲ୍ୟବୃଦ୍ଧି ଏବଂ କୃଷିବିବିଧତା ହ୍ରାସ ପରିପ୍ରେକ୍ଷୀରେ ଆମେ ଆମର ପାରମ୍ପରିକ କୃଷି ପରିସର ବାହାରେ ରହିଥିବା, ବିଶେଷକରି ଆଜିପର୍ଯ୍ୟନ୍ତ ଆମେ ଅଣଦେଖା କରି ଆସୁଥିବା ଏବଂ ପ୍ରାକୃତିକ ଉପାୟରେ ବଢୁଥିବା, ଖାଦ୍ୟୋପଯୋଗୀ ବୃକ୍ଷଲତା ବିଷୟରେ ଅଧିକ ଜାଣିବା ଆବଶ୍ୟକ। ଏପରି କେତେକ ଆଦିବାସୀ ଓ ଗ୍ରାମାଞ୍ଚଳ ସମ୍ପ୍ରଦାୟ ଦ୍ୱାରା ଦୀର୍ଘବର୍ଷ ଧରି ନିର୍ଭର କରାଯାଇଥିବା ପ୍ରାକୃତିକ ସମ୍ପଦଗୁଡ଼ିକ ଏକ ଅଧିକ ସ୍ଥିର ଏବଂ ଅନ୍ତର୍ଭୁକ୍ତ ଖାଦ୍ୟ ବ୍ୟବସ୍ଥା ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରେ। ପ୍ରାଚୀନ କାଳରେ ମୁନିଋଷି ଫଳମୂଳ ଓ ଝରଣା ପାଣି ଉପରେ ନିର୍ଭର କରୁଥିଲେ। ପ୍ରଭୁ ଶ୍ରୀରାମ ମଧ୍ୟ ଚଉଦବର୍ଷ ବନବାସ ସମୟରେ କେବଳ ଜଙ୍ଗଲଜାତ ଫଳମୂଳକୁ ଖାଦ୍ୟ ରୂପେ ଗ୍ରହଣ କରୁଥିଲେ।

ବନ୍ୟଜାତ ଖାଦ୍ୟୋପଯୋଗୀ ଉଦ୍ଭିଦଗୁଡ଼ିକ ବିଭିନ୍ନ ପ୍ରକାରର ପ୍ରଜାତି ଅନ୍ତର୍ଭୁକ୍ତ। ଯଥା: ସବୁଜପତ୍ରଯୁକ୍ତ ଶାଗ, ଫଳ, କନ୍ଦ, ବିହନ ଓ ଛତୁ ଇତ୍ୟାଦି। ଏହାଗୁଡ଼ିକ କେହି ଚାଷ କରନ୍ତି ନାହିଁ। ପିଢ଼ି ପରେ ପିଢ଼ି ଧରି, ସମଗ୍ର ଭାରତରେ ଗ୍ରାମ୍ୟ ସମ୍ପ୍ରଦାୟ, ବିଶେଷକରି ଆଦିବାସୀ ଅଞ୍ଚଳରେ, ଏହି ଉଦ୍ଭିଦଗୁଡ଼ିକୁ ପ୍ରଚୁର ଭାବରେ ଦେଖିବାକୁ ମିଳେ। ଏପରି ପ୍ରାକୃତିକ ଖାଦ୍ୟଦ୍ରବ୍ୟ ଉପରେ ଆଦିମ ଅଧିବାସୀ ଓ କେତେକ ଗ୍ରାମବାସୀ ଦୀର୍ଘଦିନ ଧରି ନିର୍ଭର କରି ଆସୁଛନ୍ତି। ଜଙ୍ଗଲି ଆମ୍ବ, କେନ୍ଦୁ, ଚାରକୋଳି, ଜାମୁକୋଳି, ବାଦାମ, ବାଉଁଶ କରଡ଼ି, ବିଭିନ୍ନ ପ୍ରକାରର କନ୍ଦ, ଲତା, ଶାଗ ଇତ୍ୟାଦି ପ୍ରଚୁର ଭାବରେ ଜଙ୍ଗଲରୁ ସେମାନେ ସଂଗ୍ରହ କରି ନିଜର ଅଭାବ ପୂରଣ କରିବା ପରେ ହାଟରେ ବିକ୍ରୟ କରନ୍ତି। ସେମାନେ ଏହିଖାଦ୍ୟ ଦ୍ରବ୍ୟଗୁଡ଼ିକୁ ଔଷଧୀୟ ପଦାର୍ଥ ହିସାବରେ ମଧ୍ୟ ବ୍ୟବହାର କରନ୍ତି। ଆଧୁନିକ କୃଷି ଓ ବଜାର ଆଧାରିତ ଖାଦ୍ୟ ଦ୍ରବ୍ୟର ବ୍ୟବହାର ଯୋଗୁଁ ପ୍ରାଚୀନ ଖାଦ୍ୟଦ୍ରବ୍ୟ ବିଲୋପ ହେବାକୁ ବସିଲାଣି।

ବିଭିନ୍ନ ସଙ୍କଟ ସମୟରେ ବନ୍ୟଖାଦ୍ୟର ଗୁରୁତ୍ୱ ବିଶେଷ ଭାବରେ ଉପଲବ୍ଧ କରିହୁଏ। ଯେତେବେଳେ ମରୁଡ଼ି, ବନ୍ୟା ଓ ଫସଲ ବିଫଳତା ଖାଦ୍ୟ ଯୋଗାଣ ଶୃଙ୍ଖଳକୁ ବାଧା ଦେଇଥାଏ, ସେତେବେଳେ ଏହା ଅସହାୟ ଓ ଦୁର୍ବଳ ଗୋଷ୍ଠୀ ଉପରେ ପ୍ରଭାବ ପକାଏ। ଏପରି ପରିସ୍ଥିତିରେ ବନ୍ୟଜାତ ଖାଦ୍ୟ ପ୍ରାୟତଃ ସୁରକ୍ଷା ଜାଲ ଭାବରେ କାର୍ଯ୍ୟ କରେ। ଏଗୁଡ଼ିକ ସାଧାରଣତଃ ପରିବେଶଗତ ଚାପ ବିରୁଦ୍ଧରେ ଅଧିକ ପ୍ରତିରୋଧୀ ହୋଇଥିବାରୁ ଉତ୍ପାଦନ ସ୍ଥିର ରହେ। ଏଗୁଡ଼ିକ କୌଣସି ସାର କିମ୍ବା ଜଳସେଚନ ଭଳି ବାହ୍ୟ ଉଦ୍‌ଯୋଗ ଆବଶ୍ୟକ କରେ ନାହିଁ ଏବଂ ସର୍ବନିମ୍ନ ଖର୍ଚ୍ଚରେ ଅମଳ କରାଯାଇପାରିବ। ସମାଜର ଦୁର୍ବଳ ଗୋଷ୍ଠୀଙ୍କ ନିମନ୍ତେ ଏହା ସୁଲଭ ଓ ଶସ୍ତା ଖାଦ୍ୟ ଭାବରେ ମିଳିଥାଏ। ପୁଷ୍ଟିଦୃଷ୍ଟିରୁ ବିଚାର କଲେ ଜଙ୍ଗଲିଖାଦ୍ୟ ଓ ଉଦ୍ଭିଦଗୁଡ଼ିକ ପ୍ରାୟତଃ ଚାଷ କରାଯାଇଥିବା ଫସଲ ଅପେକ୍ଷା ଉତ୍କୃଷ୍ଟ। ଏଥିରେ ଅନେକ ଅତ୍ୟାବଶ୍ୟକୀୟ ପୁଷ୍ଟିସାର, ଖଣିଜ ପଦାର୍ଥ, ଶ୍ୱେତସାର, ସ୍ନେହସାର, ଖାଦ୍ୟତନ୍ତୁ ଭରପୂର ରହିଥାଏ। ଉଦାହରଣ ସ୍ୱରୂପ, ସାଧାରଣତଃ ମିଳୁଥିବା ଜଙ୍ଗଲି ସବୁଜ ପତ୍ରଗୁଡ଼ିକରେ ଚାଷ କରାଯାଉଥିବା ପନିପରିବା ଅପେକ୍ଷା ଅଧିକ ଲୌହ ଓ କ୍ୟାଲସିୟମ ରହିଥାଏ। ଏଗୁଡ଼ିକୁ ସ୍ଥାନୀୟ ଖାଦ୍ୟରେ ସାମିଲ କରିବା ଦ୍ୱାରା କୁପୋଷଣ ମୁକାବିଲା କରିବାରେ ସାହାଯ୍ୟ କରାଯାଇପାରିବ।

ଏବେ ଜଙ୍ଗଲି ଫଳ, ମୂଳ, କନ୍ଦ ଓ ଶାଗ ଆଗ ଭଳି ଆଉ ମିଳୁନାହିଁ। ଅବାରିତ ଜଙ୍ଗଲ କଟା, ସହରାଞ୍ଚଳ ପ୍ରସାରଣ ଏବଂ ଶିଳ୍ପ କୃଷି ଯୋଗୁଁ ଜଙ୍ଗଲ ବାସସ୍ଥାନ କ୍ଷତି ସେମାନଙ୍କର ଉପଲବ୍ଧତାକୁ ବିପଦରେ ପକାଇଥାଏ। ଏହାସହିତ ଯୁବପିଢ଼ି ପାରମ୍ପରିକ ପରିବେଶଗତ ଜ୍ଞାନରୁ କିଛି ଶିଖିବା ଅବସ୍ଥାରେ ନାହାନ୍ତି। ଜଙ୍ଗଲଜାତ ଖାଦ୍ୟ ପଦାର୍ଥଗୁଡ଼ିକୁ ପ୍ରାୟତଃ 'ଗରିବ ଲୋକଙ୍କ ଖାଦ୍ୟ' ଭାବରେ ଦେଖାଯାଏ। ଏଣୁ ବହୁଲୋକ ଏଗୁଡ଼ିକୁ ଗ୍ରହଣ କରିବା ପାଇଁ କୁଣ୍ଠାବୋଧ କରୁଛନ୍ତି। ଏଣୁ ଜଙ୍ଗଲି ଖାଦ୍ୟ ଉଦ୍ଭିଦର ସମ୍ଭାବନାକୁ ଉପଯୋଗ କରିବା ପାଇଁ ବହୁମୁଖୀ ପଦ୍ଧତି ଆବଶ୍ୟକ।

ପ୍ରଥମରେ ଆଦିବାସୀ ଜ୍ଞାନର ଅଭିଲେଖ ଓ ସଂରକ୍ଷଣକୁ ପ୍ରାଥମିକତା ଦେବାକୁ ପଡ଼ିବ। ଏହି ଜ୍ଞାନ ଥିବା ବୟସ୍କ ଓ ସମ୍ପ୍ରଦାୟର ସଦସ୍ୟମାନେ ଏହାକୁ ପ୍ରସାରିତ କରିବା ପାଇଁ ଶିକ୍ଷାଗତ ପଦକ୍ଷେପରେ ନିୟୋଜିତ ହେବା ଉଚିତ। ବିଦ୍ୟାଳୟ ଓ ସ୍ଥାନୀୟ ଅନୁଷ୍ଠାନଗୁଡ଼ିକ ଏହି ଜ୍ଞାନକୁ ସେମାନଙ୍କ ପାଠ୍ୟକ୍ରମରେ ଏକୀକୃତ କରିପାରିବେ, ଯାହାଦ୍ୱାରା ଛୋଟ ବୟସରୁ ସେମାନଙ୍କ ସଚେତନତା ବୃଦ୍ଧି ହୋଇପାରିବ। ଦ୍ୱିତୀୟତଃ, ନୀତି ନିର୍ଦ୍ଧାରକମାନେ ଖଦ୍ୟସୁରକ୍ଷା ରଣନୀତିର ଏକ ବୈଧ ଉପାଦାନ ଭାବରେ ବନ୍ୟଖାଦ୍ୟ ଉଦ୍ଭିଦକୁ ଚିହ୍ନଟ କରିବା ଉଚିତ। ଏଥିରେ ପ୍ରାକୃତିକ ବାସସ୍ଥାନକୁ ସୁରକ୍ଷା, ସମ୍ପ୍ରଦାୟ ଜଙ୍ଗଲ ପରିଚାଳନାକୁ ପ୍ରୋତ୍ସାହିତ କରିବା ଏବଂ ଏହି ଉଦ୍ଭିଦଗୁଡ଼ିକର ପୁଷ୍ଟିକର ଓ ଆର୍ଥିକ ମୂଲ୍ୟ ଉପରେ ଗବେଷଣାକୁ ସମର୍ଥନ କରିବା ଅନ୍ତର୍ଭୁକ୍ତ। ଏହା ବନ୍ୟ ଖାଦ୍ୟ ପାଇଁ ସ୍ଥାନୀୟ ବଜାର ସୃଷ୍ଟି କରିବା, ସ୍ଥାୟୀ ଅମଳ ଅଭ୍ୟାସକୁ ଉତ୍ସାହିତ କରିବା ସହିତ ଜୀବିକା ନିର୍ବାହର ସୁଯୋଗ ମଧ୍ୟ ପ୍ରଦାନ କରିପାରିବ। ତୃତୀୟତଃ, ଜନସାଧାରଣଙ୍କ ଧାରଣାକୁ ପରିବର୍ତ୍ତନ କରିବାର ଆବଶ୍ୟକତା ଅଛି। ସଚେତନତା ଅଭିଯାନ, ରାନ୍ଧଣା ମହୋତ୍ସବ ଓ ମୁଖ୍ୟଧାରାର ଖାଦ୍ୟରେ ସାମିଲ କରିବା ଦ୍ୱାରା ବନ୍ୟ ଖାଦ୍ୟଗୁଡ଼ିକୁ ପୁଷ୍ଟିକର ହିସାବରେ ଗ୍ରହଣୀୟ ହୋଇପାରିବ। ସହରାଞ୍ଚଳ ଗ୍ରାହକମାନେ ମଧ୍ୟ ଜୈବିକ ଓ ସଂଗ୍ରହ କରାଯାଇଥିବା ଖାଦ୍ୟ ଆନ୍ଦୋଳନକୁ ସମର୍ଥନ କରି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ, ଯାହାଦ୍ୱାରା ପାରମ୍ପରିକ ଅଭ୍ୟାସ ଏବଂ ଆଧୁନିକ ଜୀବନଶୈଳୀ ମଧ୍ୟରେ ଥିବା ପାର୍ଥକ୍ୟକୁ ଦୂର କରାଯାଇପାରିବ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବନ୍ୟଖାଦ୍ୟ ଉଦ୍ଭିଦର ଅମଳ ସଂରକ୍ଷଣ ସହିତ ସନ୍ତୁଳିତ ହେବା ଉଚିତ। କାରଣ ଏହା ଅତ୍ୟଧିକ ଅମଳ ହ୍ରାସ କରିପାରେ ଏବଂ ଆମେ ଯେଉଁ ସମ୍ପଦକୁ ସୁରକ୍ଷା ଦେବାକୁ ଚାହୁଁଛୁ ତାହାକୁ ଦୁର୍ବଳ କରିପାରେ। ପାରମ୍ପରିକ ଅଭ୍ୟାସ ଦ୍ୱାରା ପରିଚାଳିତ ସମ୍ପ୍ରଦାୟ-ନେତୃତ୍ୱାଧୀନ ପରିଚାଳନା ବ୍ୟବସ୍ଥା, ପରିବେଶଗତ ସନ୍ତୁଳନ ବଜାୟ ରଖି ସ୍ଥାୟୀ ବ୍ୟବହାର ନିଶ୍ଚିତ ହୋଇପାରିବ। ଯେତେବେଳେ ବିଶ୍ୱ ବର୍ଦ୍ଧିତ ଜନସଂଖ୍ୟାକୁ ଖାଦ୍ୟ ଯୋଗାଇବା ଏବଂ ପରିବେଶ ସଂରକ୍ଷଣ କରିବାର ଦ୍ୱୈତ ଆହ୍ୱାନ ସହିତ ସଂଘର୍ଷ କରୁଛି, ବନ୍ୟଖାଦ୍ୟ ଉଦ୍ଭିଦ ଏକ ନୂତନ ମାର୍ଗ ଆଡ଼କୁ ଅଗ୍ରସର ହୋଇପାରେ। ଆମକୁ ମନେ ରଖିବାକୁ ହେବ ଯେ ଆଧୁନିକ ସମସ୍ୟାର ସମାଧାନ ପ୍ରାୟତଃ ପ୍ରାଚୀନ ଜ୍ଞାନରେ ରହିଛି। ଏହି ପ୍ରାକୃତିକ ଜ୍ଞାନକୁ ଚିହ୍ନି ଓ ପୁନର୍ଜୀବିତ କରି ଆମେ ଏପରି ଏକ ଖାଦ୍ୟ ବ୍ୟବସ୍ଥା ନିର୍ମାଣ କରିପାରିବା, ଯାହା କେବଳ ସୁରକ୍ଷିତ ନୁହେଁ ବରଂ ସ୍ଥାୟୀ ଏବଂ ଅନ୍ତର୍ଭୁକ୍ତୀ ହୋଇପାରିବ। ଖାଦ୍ୟର ଭବିଷ୍ୟତ କେବଳ ଆମେ କ'ଣ ଚାଷ କରୁଛୁ ତାହା ଉପରେ ନିର୍ଭର କରି ନପାରେ। ବରଂ ଆମେ କେଉଁସବୁ ଦିଗକୁ ଅଣଦେଖା କରୁଛୁ ତାହା ଉପରେ ନିର୍ଭର କରେ। ସୁତରାଂ ଜଙ୍ଗଲଗୁଡ଼ିକର ସୁରକ୍ଷା ସହିତ ବନ୍ୟ ଖାଦ୍ୟ ଉତ୍ପାଦନ କରୁଥିବା ବୃକ୍ଷଲତାଗୁଡ଼ିକର ସୁରକ୍ଷା ଉପରେ ଆଗାମୀ ଦିନର ରଣନୀତି ପର୍ଯ୍ୟବସିତ ହେବା ଜରୁରୀ।

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

## ମାତୃଭୂମିର ମନ୍ତ୍ରଦାତା ମଧୁସୂଦନ

ସୀତାଂଶୁ ମୋହନ ଦ୍ୱିବେଦୀ

ଓଡ଼ିଶାର ଜଣେ ସୁଦକ୍ଷ, ଶକ୍ତିଶାଳୀ ଅଧିନାୟକ ଥିଲେ ଅନନ୍ୟ ଜନନାୟକ, ପ୍ରଜ୍ଞାପୁରୁଷ, ଉତ୍କଳଗୌରବ, ଓଡ଼ିଶାର ପ୍ରାଣ ପ୍ରତିଷ୍ଠାତା, କୁଳବୃଦ୍ଧ ମଧୁସୂଦନ ଦାସ। ସମଗ୍ର ଭାରତବର୍ଷରେ ଓଡ଼ିଶାର ସେହି ମୁକୁଟବିହୀନ ସମ୍ରାଟ ଉତ୍କଳଗୌରବ ମଧୁସୂଦନ ଦାସଙ୍କର ଅନେକ ଭାବଗ୍ରାହୀ ପ୍ରଶଂସକ ଥିଲେ। ସେମାନଙ୍କ ମଧ୍ୟରେ ଜାତିରଜନକ ମାହାତ୍ମା ଗାନ୍ଧୀ, ପଣ୍ଡିତ ମୋତିଲାଲ ନେହେରୁ, ଦେଶବନ୍ଧୁ ଚିତ୍ତରନ ଦାସ, ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ, ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ଅଗ୍ରଗଣ୍ୟ।

ମଧୁସୂଦନ ଜନ୍ମଭୂମିକୁ ମାତୃସ୍ୱରୁପା କରୁଣାଦାୟିନୀ ଜନନୀ ରୂପେ ଆବାହନ କରିଥିଲେ। ଜନନୀର ମହିମାଗାନରେ ମହିମାନ୍ୱିତ ମଧୁସୂଦନଙ୍କ କଣ୍ଠରେ ଉଚ୍ଛୁଳି ଉଠିଥିଲା, ମାତୃ ବନ୍ଦନାର ଅମରଗାନ। ଜନସମାଜକୁ ଦେଶମାତୃକାର ସେବାରେ ନିୟୋଜିତ କରିବାରେ ମଧୁସୂଦନଙ୍କ ଅବଦାନ ଅତୁଳନୀୟ। ଉତ୍କଳାସୀଙ୍କୁ ଜାଗ୍ରତ କରିବା ପାଇଁ ଏବଂ ଜନସମାଜକୁ ଦେଶମାତୃକାର ସେବାରେ ନିୟୋଜିତ କରିବା ପାଇଁ ମଧୁବାବୁଙ୍କ ଭାଷାରେ- 'କୋଟିଏ ସନ୍ତାନ ଗୋଟିଏ ସ୍ୱରରେ ଜନନୀ ଜନନୀ ଡାକ, ତୃଷାରେ ଆତୁର ଗଗନକୁ ଚାହିଁ ଯେସନେ ଡାକେ ଚାତକ।'

ଜାତୀୟଗୌରବ ମଧୁସୂଦନ ହେଉଛନ୍ତି ସର୍ବପ୍ରଥମ ଓଡ଼ିଆ ରାଜନୈତିକ ପୁରୁଷ। ତାଙ୍କଠାରୁ ଆରମ୍ଭ ହେଉଛି ଓଡ଼ିଆମାନଙ୍କର ରାଜନୈତିକ ପରମ୍ପରା। ମଦୁସୂଦନଙ୍କଠାରୁ ପ୍ରଥମେ ଓଡ଼ିଆମାନଙ୍କୁ ମିଳିଥିଲା ରାଜନୀତି କ୍ଷେତ୍ରରେ ପ୍ରବେଶ କରିବାର ମୁକ୍ତ ଅଧିକାର। ସବୁଥିରେ ମଧୁବାବୁ ଥିଲେ ପ୍ରଥମ ଓଡ଼ିଆ। ସେଥିଲେ ଓଡ଼ିଶାର ପ୍ରଥମ ଉଚ୍ଚପଦାଧିକରୀ, ପ୍ରଥମ ଗ୍ରାଜୁଏଟ୍, ପ୍ରଥମ ଏମ.ଏ., ପ୍ରଥମ ବିଲାତଯାତ୍ରୀ, ପ୍ରଥମ ଓଡ଼ିଆ ଓକିଲ, ପ୍ରଥମ ଓଡ଼ିଆ ମନ୍ତ୍ରୀ, ଛୋଟ ଲାଟସଭା ଓ ବଡ଼ ଲାଟସଭାରେ ପ୍ରଥମ ଓଡ଼ିଆ ସଦସ୍ୟ ଏବଂ ମନ୍ତ୍ରୀ ପଦ ଅବୈତନିକ ଦାବି କରି ଇସ୍ତଫା ଦେବାରେ ଭାରତର ପ୍ରଥମ ମନ୍ତ୍ରୀ। ସେ ମଧ୍ୟ ଥିଲେ ପ୍ରଥମ ଭାରତୀୟ ଖ୍ରୀଷ୍ଟିୟାନ ମଣ୍ଡଳର ସଭାପତି। ମଧୁବାବୁ ଏକାଧାରାରେ ଜଣେ ଜ୍ଞାନୀ, ଗୁଣୀ, ସଚ୍ଚୋଟ, ନିର୍ଭୀକ, ସାହସୀ, ମେଧାବୀ, ପ୍ରତ୍ୟୁତ୍ପନ୍ନମତି, ଦୟାବାନ, ନ୍ୟାୟବାନ ଓକିଲ ଭାବେ ପ୍ରତିଭାତ ହେଉଥିଲେ ଏବଂ ଏବେ ବି ହେଉଛନ୍ତି।

ଓଡ଼ିଶାବାସୀଙ୍କ ପାଇଁ ଆଇନଜୀବୀ ଭାବରେ ମଧୁସୂଦନଙ୍କର ଗୌରବୋଜ୍ଜ୍ୱଳ ଅବଦାନ ହେଲା ବ୍ରିଟିଶ ସରକାରଙ୍କ କୂଟଚକ୍ରାନ୍ତମୂଳକ ଆକ୍ରମଣରୁ ଶ୍ରୀଜଗନ୍ନାଥ ମନ୍ଦିରକୁ ସୁରକ୍ଷା ପ୍ରଦାନ କରିବା ସହିତ ଗଜପତି ପରମ୍ପରା ସ୍ୱୀକୃତି ପ୍ରଦାନର ମହନୀୟ ବ୍ୟବସ୍ଥା ଗ୍ରହଣ। ଏଣୁ ଜଣେ ଆଇନଜୀବୀ, ଆଇନଜ୍ଞ, ପାର୍ଲାମେଣ୍ଟାରିଆନ, ବିଧାୟକ ତଥା ଦେଶବତ୍ସଳ ନେତା ରୂପେ ମଧୁସୂଦନ ଦାସଙ୍କର ଭୂମିକା ଅତ୍ୟନ୍ତ ପ୍ରେରଣାଦାୟକ ଓ ଗରିମାମୟ ଥିଲା, ଯାହା ଦେଶବାସୀଙ୍କୁ କାଳ କାଳ ଲାଗି ମାର୍ଗଦର୍ଶନ କରୁଥିବ। ତେଣୁ ମଧୁସୂଦନ ହେଉଛନ୍ତି ଓଡ଼ିଶାର ଚିରକାଳର ବର୍ତ୍ତମାନ, ଯାହାଙ୍କର ନିରବଚ୍ଛିନ୍ନ ଅବଦାନ ଆଉ ଅବସ୍ଥିତି ରାଜ୍ୟକୁ ମହିମାମଣ୍ଡିତ କରିଛି। ଯେତେଦିନ ପର୍ଯ୍ୟନ୍ତ ଓଡ଼ିଶା ରାଜ୍ୟର ସତ୍ତା ତିଷ୍ଠି ରହିଥିବ, ମଧୁସୂଦନ ମୃତ୍ୟୁଞ୍ଜୟୀ ହୋଇ ରହିଥିବେ।

ମଧୁବାବୁଙ୍କ ଜନ୍ମଦିବସକୁ ବାର କାଉନସିଲଙ୍କ ନିଷ୍ପରିକ୍ରମେ ଓଡ଼ିଶାର ସବୁ ବାର ଆସୋସିଏସନ ୧୯୯୮ ମସିହାରୁ ପ୍ରତି ବର୍ଷ 'ଓକିଲ ଦିବସ' ଭାବେ ପାଳନ କରି ଆସୁଛନ୍ତି। ମଧୁବାବୁଙ୍କ ନାମରେ ପ୍ରତିଷ୍ଠିତ ଓକିଲମାନଙ୍କୁ ମଧ୍ୟ 'ମଧୁଜ୍ୟୋତି' ଓ 'ମଧୁ ସମ୍ମାନ'ରେ ସମ୍ମାନିତ କରାଯାଉଛି।

ବିଶେଷତଃ ମହିଳାମାନଙ୍କୁ କୋର୍ଟ କଚେରୀରେ ସାହାଯ୍ୟ କରିବା ନିମନ୍ତେ ଶୈଳବାଳାଙ୍କ ସାନଭଉଣୀ, ସୁଧାଂଶୁବାଳାଙ୍କୁ ମଧୁବାବୁ 'ଲ' ପଢ଼ାଇଥିଲେ ଓକିଲ କରିବା ପାଇଁ। କିନ୍ତୁ ସେତେବେଳେ ମହିଳାମାନେ ଓକିଲ ହେବା ଆଇନସ୍ୱୀକୃତ ନ ଥିବାରୁ ସୁଧାଂଶୁବାଳାଙ୍କ ଓକିଲ ଲାଇସେନ୍ସ ପାଇଁ ଦରଖାସ୍ତକୁ ନାକଚ୍ କରି ଦିଆଗଲା। ମଧୁବାବୁ ସେଥିପାଇଁ ପ୍ରିଭି କାଉନସିଲ ପର୍ଯ୍ୟନ୍ତ ମୋକଦ୍ଦମା ଲଢ଼ି ଭାରତ ସରକାରଙ୍କ ଦ୍ୱାରା ଆଇନ ପ୍ରଣୟନ କରାଇ ଥିଲେ। ସେ ମଧ୍ୟ ଲୋକାଲ୍ ସେଲ୍‌ଫ ଗଭର୍ଣ୍ଣମେଣ୍ଟ ଆକ୍ଟ (ମୁନିସିପାଲିଟି ଆକ୍ଟ) ପ୍ରଣୟନ କରିଥିଲେ। ସେହି ଆକ୍ଟ ଆଜି ପର୍ଯ୍ୟନ୍ତ ବଳବତ୍ତର ରହିଛି। ମଧୁବାବୁ ପ୍ରଥମେ ଓଡ଼ିଶା ଲୋକଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟର ଉନ୍ନତି ପ୍ରତି ଦୃଷ୍ଟି ଦେଇ ଥିଲେ।

ମଧୁସୂଦନ ମଧ୍ୟ ଜଣେ ସୁସାମ୍ବାଦିକ ଥିଲେ। ଓଡ଼ିଆରେ ପ୍ରକାଶିତ ତାଙ୍କ ପ୍ରବନ୍ଧ, ଟୀକା ଟିପ୍ପଣୀ, ସମାଜର ସମସ୍ୟା ଓ ସମାଧାନ ସମ୍ବଳିତ ଅତ୍ୟନ୍ତ ଭାବଗର୍ଭକ ଓ ଚିତ୍ତାକର୍ଷକ ଥିଲା। ମଧୁବାବୁଙ୍କ ସଂପାଦନରେ 'ଓଡ଼ିଆ' ନାମକ ଏକ ଇଂରାଜୀ ସାମାଜିକ ସମ୍ବାଦପତ୍ର ପ୍ରକାଶିତ ହୋଇଥିଲା। ତାହା ଥିଲା ସେତେବେଳର ଓଡ଼ିଶାର ଜନଜୀବନ, ସମାଜିକ ଓ ରାଜନୀତିକ ଇତିହାସର ମୁଖପତ୍ର। ଏହାପୂର୍ବରୁ ମଧୁବାବୁ 'ଷ୍ଟାର ଅଫ୍ ଉତ୍କଳ' ନାମକ ଏକ ସାପ୍ତାହିକ ସମାଜପତ୍ରରେ ନିଜର ପ୍ରବନ୍ଧମାନ ପ୍ରକାଶ କରଥିଲେ।

ଓଡ଼ିଶା ରାଜ୍ୟ ଗଠନ ନିମନ୍ତେ ସେ ନିଜକୁ ଉତ୍ସର୍ଗୀକୃତ ଭାବେ ନିୟୋଜିତ କରିଥିଲେ ମଧ୍ୟ ସେ ମହାଭାରତୀୟ ଭାବରେ ଉଦ୍‌ବୁଦ୍ଧ ଥିଲେ। ସେଥିପାଇଁ ସେ ପ୍ରଥମରୁ ଜାତୀୟ କଂଗ୍ରେସରେ ଯୋଗଦାନ କରିଥିଲେ। ୧୯୦୩ ମସିହାରେ ମଧୁବାବୁ କଂଗ୍ରେସରୁ ଅଲଗା ହୋଇ 'ଉତ୍କଳ ସମ୍ମିଳନୀ' ଗଠନ କରି ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଏକତ୍ରିତ କରି ଏକ ନୂତନ ଓଡ଼ିଶା ରାଜ୍ୟ ଗଠନ କରିବା ନିମନ୍ତେ ଆପ୍ରାଣ ଚେଷ୍ଟା କରିବା ସଙ୍ଗେ ସଙ୍ଗେ ଅତ୍ୟାଚାରିତ, ତ୍ରସ୍ତ ଓ ଅର୍ଦ୍ଧମୃତ ଓଡ଼ିଆ ଜାତି ପ୍ରାଣରେ ନୂତନ ଜୀବନୀଶକ୍ତି ସଞ୍ଚାଇ କରି ସ୍ୱାଭିମାନ ମନ୍ତ୍ରରେ ଦୀକ୍ଷିତ କରିଥିଲେ। ମଧୁବାବୁଙ୍କ ଚିନ୍ତ ଚେତନାକୁ ସଦାସର୍ବଦା ଆଚ୍ଛାଦିତ କରି ରଖୁଥିଲା, ମୁଖ୍ୟତଃ ଦୁଇଟି ପ୍ରସଙ୍ଗ 'ଓଡ଼ିଶା' ଓ 'ଓଡ଼ିଆ'। ଉତ୍କଳ ଟ୍ୟାନେରୀ ଓ ଓଡ଼ିଶା ତାରକସି ନାମକ ଦୁଇଟି ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କରିଥିଲେ।

ଶତାବ୍ଦୀର ନାୟକ ମଧୁବାବୁ ଥିଲେ ଓଡ଼ିଆ ଭାଷା ଆନ୍ଦୋଳନର ମୁଖ୍ୟ ପୁରୋଧା, ତାଙ୍କରି ପ୍ରଚେଷ୍ଟା ଫଳରେ ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ଭାଷା ଭିତିରେ ପ୍ରଥମ ଭାରତୀୟ ରାଜ୍ୟ ଭାବେ ଓଡ଼ିଶା ପ୍ରତିଷ୍ଠା ହୋଇଥିଲା। ଜଣାଶୁଣା ଲେଖା 'ଉତ୍କଳ ସନ୍ତାନ', 'ଜାତି ଇତିହାସ', 'ଜ୍ଞାନୀର ଭକ୍ତି' ଓ 'ଜାତୀୟ ଗୀତିକା' ପ୍ରେରଣା ଦେଉଥିଲା ମାତୃଭୂମିର ମନ୍ତ୍ରଦାତା ମଧୁବାବୁ ଏବଂ ଓଡ଼ିଆ ଜାତିର ଆବାହକ ମଧୁବାବୁଙ୍କୁ।

(ଅଧ୍ୟକ୍ଷ, ରାଜ୍ୟ ଆଇନଜୀବୀ ପରିଷଦ, ଓଡ଼ିଶା)
କଟକ, ମୋ: ୯୯୩୭୦୮୦୦୦୧

## ପ୍ରଦୂଷିତ ବାୟୁ ଓ ଗର୍ଭବତୀ

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ପ୍ରଦୂଷିତ ବାୟୁ ଏବେ ବିବିଧ ରୋଗ ବ୍ୟାଧିବ୍ୟାପକ ହେବାର ଏବଂ ଅକାଳ ମୃତ୍ୟୁର ମୁଖ୍ୟ କାରଣଟିଏ ପାଲଟିଛି। ଉଦାହରଣସ୍ୱରୂପ ଦିଲ୍ଲୀ ଭଳି ନଗରୀମାନଙ୍କରେ ଏହା ହାରାହାରି ୪ ରୁ ୬ ବର୍ଷ ଆୟୁ କ୍ଷୟ ଏବଂ ଶ୍ୱାସଜନିତ ରୋଗର ପ୍ରାଦୁର୍ଭାବ ୪୦ ରୁ ୬୦ ପ୍ରତିଶତ ବୃଦ୍ଧି କରୁଛି। ଏହାର ଅନ୍ୟତମ ଘାତକ ଉପାଦାନ ହେଲା ବାୟୁରେ ଭାସମାନ ସୂକ୍ଷ୍ମକଣିକା ବା ପାର୍ଟିକ୍ୟୁଲେଟ୍ ମାଟର୍ (ପିଏମ୍)। ଏଗୁଡ଼ିକୁ ସାଧାରଣତଃ ଦୁଇଭାଗରେ ବିଭକ୍ତ କରାଯାଉଛି। ତହିଁରେ ଥିବା ୨.୫ ମାଇକ୍ରୋ ମିଟରଠାରୁ କମ୍ ବ୍ୟାସବିଶିଷ୍ଟ କଣିକାଗୁଡ଼ିକୁ ପିଏମ ୨.୫ ଏବଂ ୨.୫ ରୁ ୧୦ ମାଇକ୍ରୋମିଟର ବ୍ୟାସ ବିଶିଷ୍ଟ ବୃହତ୍ତର କଣିକାଗୁଡ଼ିକୁ ପିଏମ୍ ୧୦ ବୋଲି କୁହାଯାଉଛି।

ତନ୍ମଧ୍ୟରେ ପ୍ରଥମଟି ଅଧିକ କ୍ଷତିକାରକ। ଏହା ଅତ୍ୟନ୍ତ କ୍ଷୁଦ୍ର ହୋଇଥିବାରୁ ଫୁସଫୁସ ତଥା ରକ୍ତସ୍ରୋତ ମଧ୍ୟକୁ ସହଜରେ ପ୍ରବେଶ କରିପାରେ ଏବଂ ତାହାରି ମାଧ୍ୟମରେ ପହଞ୍ଚିପାରେ ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗରେ। ତ'ଦ୍ୱାରା ସର୍ବାଧିକ ପ୍ରଭାବିତ ହୁଏ ଫୁସ୍‌ଫୁସ୍। ତେଣୁ ଶ୍ୱାସକ୍ରିୟାଜନିତ ରୋଗଠାରୁ ବିବିଧ କର୍କଟ ପର୍ଯ୍ୟନ୍ତ ନାନାଦି ରୋଗ ସୃଷ୍ଟି ହୁଏ। ବିଶେଷକରି, ଶୈଶବ କାଳରେ ଏବଂ ଏପରିକି ଗର୍ଭାବସ୍ଥାରେ ଏହାର ପ୍ରଭାବ ଅଧିକ କ୍ଷତିକାରକ ବୋଲି ଜଣାପଡ଼ିଛି ନିକଟରେ (୨୦୨୪-୨୦୨୫ ମସିହା) ହୋଇଥିବା ଅଧ୍ୟୟନରୁ।

ଏହି ଅଧ୍ୟୟନ ମିଳିତ ଭାବେ କରିଛନ୍ତି ଦିଲ୍ଲୀସ୍ଥିତ ସର୍ବଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ) ଓ ଭାରତୀୟ ପ୍ରଯୁକ୍ତ ବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ଏବଂ ବାଙ୍ଗାଲୋର୍ ସ୍ଥିତ ସେଣ୍ଟଜନ୍ ଚିକିତ୍ସା ମହାବିଦ୍ୟାଳୟ ବୈଜ୍ଞାନିକମାନେ। ଏଥିରେ ସର୍ବାଧିକ ପ୍ରଦୂଷିତ ରାଜଧାନୀ ରୂପେ ବିଶ୍ୱବିଦିତ ଦିଲ୍ଲୀ ଏବଂ ଫରିଦାବାଦର ଗର୍ଭବତୀମାନଙ୍କ ଉପରେ ଅଧ୍ୟୟନ କରାଯାଇଥିଲା। ଗର୍ଭବସ୍ଥାର ପ୍ରାରମ୍ଭରୁ ସେମାନଙ୍କୁ ଏବଂ ତପ୍ରେ ତାଙ୍କ ଶିଶୁମାନେ ୨ ବର୍ଷ ବୟସ୍କ ପର୍ଯ୍ୟନ୍ତ ତାଙ୍କ ସ୍ୱାସ୍ଥ୍ୟ ନିୟମିତ ପରୀକ୍ଷା କରାଯାଉଥିଲା। ଏହାର ଲକ୍ଷ୍ୟ ଥିଲା ବାୟୁରେ ଭାସମାନ ସୂକ୍ଷ୍ମକଣିକାର ମାତ୍ରା, ଏହାକୁ ଆଘ୍ରାଣ କରିବା ସମୟର ଗର୍ଭବତୀ ଓ ଶିଶୁମାନଙ୍କ ଉପରେ ପ୍ରଭାବ ସ୍ଥିର କରିବା। ଏହି ବୈଜ୍ଞାନିକ ଦଳର ମୁଖ୍ୟ ଥିଲେ ଦିଲ୍ଲୀର ସର୍ବଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନର ସାମାଜିକ ଚିକିତ୍ସା କେନ୍ଦ୍ରର ମୁଖ୍ୟ ଡାକ୍ତର ହର୍ଷ ରମେଶ ସାଲ୍‌ଭେ।

ସେମାନଙ୍କ ପରୀକ୍ଷାରୁ ଜଣାପଡ଼ିଲା ଯେ ଏହି ସୂକ୍ଷ୍ମ କଣିକାଗୁଡ଼ିକ ଦ୍ୱାରା ବହୁମାତ୍ରାରେ ପ୍ରଦୂଷିତ ବାୟୁର ସେବନ ଗର୍ଭଧାରଣ କାଳ ଓ ଶିଶୁର ଜନ୍ମକାଳୀନ ଓଜନ ହ୍ରାସ କରିବା ସଂଗେ ସଂଗେ ତା'ଠାରେ ଜନ୍ମଗତ ତ୍ରୁଟି ଏବଂ ତା' ଶାରୀରିକ ତଥା ମାନସିକ ବିକାଶ ଆଦିକୁ ପ୍ରଭାବିତ କରେ। ଅତଏବ ଶିଶୁମାନେ ବଡ଼ ହେବା ପରେ ଏ ଉଭୟ କ୍ଷେତ୍ରରେ ପ୍ରଭାବିତ ହେବାର ଆଶଙ୍କା ରହିଛି। ଏହିଭଳି ଅନ୍ୟ ଏକ ଅଧ୍ୟୟନ କରାଯାଇଛି 'ହାର୍ଭାର୍ଡ ଟି ଏଚ୍ ଚାନ ସ୍କୁଲ ଅଫ୍ ପବ୍ଲିକ ହେଲ୍‌ଥ'ର ବୈଜ୍ଞାନିକଙ୍କ ଦ୍ୱାରା। 'ସାଇନସ ଆଡଭାନସେସ୍' (ଜାନୁୟାରୀ, ୨୦୨୫ ସଂଖ୍ୟା ) ପତ୍ରିକାରେ ପ୍ରକାଶିତ ଏକ ନିବନ୍ଧରେ ପ୍ରଦୂଷିତ ବାୟୁରେ ଥିବା ପିଏମ ୨.୫ ଗର୍ଭବତୀ ମା' ଓ ଭ୍ରୂଣକୁ ପ୍ରତିଟି ଜୀବକୋଷ ସ୍ତରରେ କିପରି ପ୍ରଭାବିତ କରେ ତାହା ପ୍ରକାଶ ପାଇଛି। ଏଥିପାଇଁ ଉଦ୍ଦିଷ୍ଟ ଗବେଷଣାରେ ଗର୍ଭବତୀ ଓ ସାଧାରଣ ମହିଳାଙ୍କ କଥା ବିଚାରକୁ ନିଆଯାଇଥିଲା। ବିଭିନ୍ନ ଉନ୍ନତ ପ୍ରଯୁକ୍ତି ବିଦ୍ୟା ସହାୟତାରେ ସେମାନଙ୍କର ଜୀବକୋଷସ୍ଥ ଡିଏନ୍‌ଏ ଏହାଦ୍ୱାରା କିପରି ପରିବର୍ତ୍ତିତ ହେଉଛି ତାହା ଲକ୍ଷ୍ୟ କରାଯାଇଥିଲା। ଗର୍ଭବତୀଙ୍କଠାରେ ଏ ପରିବର୍ତ୍ତନ ଅଧିକ ହୋଇଥିବାର ଦେଖାଗଲା, ଯାହାକି ଭ୍ରୂଣ ଓ ଶିଶୁର ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ।

ଏସବୁ ଅଧ୍ୟୟନର ନିଷ୍କର୍ଷ ହେଉଛି ଯେ ଗର୍ଭବତୀମାନେ ଯଥାସମ୍ଭବ ପ୍ରଦୂଷିତ ବାୟୁଠାରୁ ନିଜକୁ ଦୂରେଇ ରଖିବା ଦରକାର। ଶୀତକାଳରେ ପ୍ରଦୂଷଣ ଅଧିକ ହଉଥିବାରୁ ସେ ସମୟରେ ସେମାନେ ଘରେ ବାୟୁ ବିଶୋଧକ ଯନ୍ତ୍ର ବ୍ୟବହାର କରିବା, କମ ବାହାରକୁ ଯିବା, ଶ୍ୱାସ କ୍ରିୟା ବଢ଼ାଉଥିବା ଶାରୀରିକ ଶ୍ରମ ନ କରିବା ଇତ୍ୟାଦି ପଦକ୍ଷେପ ନେବାକୁ ଡାକ୍ତରମାନେ ଉପଦେଶ ଦେଇଛନ୍ତି।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯ ୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଟ୍ରଷ୍ଟି କର୍ତ୍ତୃପକ୍ଷଙ୍କ ଗୋଷ୍ଠୀ ବିବାଦ; ମିଳିଲାନି ସରକାରୀ ଅନୁଦାନ

# ବନ୍ଦ ହୋଇଗଲା ୪୨ ବର୍ଷର ଅନାଥ ଆଶ୍ରମ

ଭଦ୍ରକ, ୨୭।୪ (ସମିସ): ଟ୍ରଷ୍ଟି କର୍ତ୍ତୃପକ୍ଷଙ୍କ ଗୋଷ୍ଠୀ ବିବାଦ ଓ ସରକାରୀ ଅନୁଦାନ ନ ମିଳିବାରୁ ବନ୍ଦ ହୋଇଗଲା ୪୨ବର୍ଷର ଉତ୍କଳମଣି ଦରିଦ୍ର ନାରାୟଣ ସେବାଶ୍ରମ। ଭଦ୍ରକ ବ୍ଲକ୍ ହରିପୁର ପଞ୍ଚାୟତରେ ଥିବା ଏହି ଆଶ୍ରମରୁ ପ୍ରଶାସନ ବାଛି ନେଇଗଲା ସରକାରୀ ଅନୁଦାନରେ କିଣାଯାଇଥିବା ସମସ୍ତ ଆସବାବପତ୍ର।

- ଅନ୍ଧାରକୁ ଠେଲି ହୋଇଗଲା ଅନାଥ ପିଲାଙ୍କ ସହ କାର୍ଯ୍ୟରତ କର୍ମଚାରୀଙ୍କ ଭାଗ୍ୟ
- ସରକାରୀ ଅନୁଦାନରେ କିଣାଯାଇଥିବା ଆସବାବପତ୍ର ନେଇଗଲା ପ୍ରଶାସନ

ଅନ୍ଧାରକୁ ଠେଲି ହୋଇଗଲା ଅନାଥ ପିଲାଙ୍କ ସହିତ ଆଶ୍ରମରେ କାର୍ଯ୍ୟରତ କର୍ମଚାରୀଙ୍କ ଭାଗ୍ୟ। ଆଶ୍ରମ ବନ୍ଦ ହେବା ପଛରେ କର୍ମଚାରୀମାନେ ପରିଚାଳନା କମିଟିର ଗୋଷ୍ଠୀ ବିବାଦକୁ ଦାୟୀ କରୁଥିବା ବେଳେ ବାରମ୍ବାର ଅନୁରୋଧ ପରେ ମଧ୍ୟ ସରକାରୀ ଅନୁଦାନ ନ ମିଳିବାକୁ ଦାୟୀ କରିଛନ୍ତି ଟ୍ରଷ୍ଟି ସମ୍ପାଦକ। ଆଶ୍ରମ ବନ୍ଦ ହୋଇଯିବା ପରେ ପ୍ରଶାସନ ପକ୍ଷରୁ ଏକ ଟ୍ରାକ୍ଟର୍ ଯୋଗେ ସେଠାରେ ଥିବା ବେଞ୍ଚ, ଡେସ୍କ, ଚେୟାର, ଟେବୁଲ ଓ ରୋଷେଇ ସରଞ୍ଜାମ ବୋହି ନିଆଯାଇଛି। ସେହିପରି, କାଗଜପତ୍ର, ଦସ୍ତାବିଜ୍ ସାଙ୍ଗକୁ ଦାମୀ କମ୍ପ୍ୟୁଟର ଓ ଟିଭି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ଗାଡ଼ିରେ ଲଦା ହୋଇଛି। ସରକାରୀ ବାବୁ ଚିଠା ପ୍ରସ୍ତୁତ କରି ଫେରାଇ ନେଇଛନ୍ତି ସରକାରୀ ଅନୁଦାନରେ








କିଣାଯାଇଥିବା ସମସ୍ତ ଆସବାବପତ୍ର।

ଉତ୍କଳମଣି ଦରିଦ୍ର ନାରାୟଣ ସେବା ମନ୍ଦିର ଟ୍ରଷ୍ଟ ପକ୍ଷରୁ ୧୯୮୪ ମସିହାରେ ସ୍ଥାପିତ ଏହି ସେବାଶ୍ରମରେ ଅନାଥ ଶିଶୁମାନଙ୍କର ଲାଳନପାଳନଠାରୁ ଆରମ୍ଭ କରି ପାଠପଢ଼ା ପରି ସମସ୍ତ ସୁବିଧାସୁଯୋଗ ଯୋଗାଇ ଦେଇଆସୁଥିଲା। ସରକାରୀ ଅନୁଦାନରେ ପରିଚାଳିତ ଏହି ସେବାଶ୍ରମ ଏବେ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଏହାକୁ ନେଇ ସରକାରୀ ଅନୁଦାନରେ କିଣାଯାଇଥିବା ସମସ୍ତ ଆସବାବପତ୍ରକୁ ପ୍ରଶାସନ ସେବାଶ୍ରମରୁ ଫେରାଇ ନେଇଛି। ସେବଶ୍ରମ ବନ୍ଦ ହେବା ଫଳରେ ଏଠାରେ ରହିଆସୁଥିବା ଅନାଥ ପିଲାଙ୍କ ସମେତ କାର୍ଯ୍ୟରତ କର୍ମଚାରୀମାନଙ୍କ ଭାଗ୍ୟ ଏବେ ଅନ୍ଧାର ମଧ୍ୟକୁ ଠେଲି ହୋଇଯାଇଛି। ସେବାଶ୍ରମ ବନ୍ଦ ହେବା ପାଇଁ ପରିଚାଳନା କମିଟି ମଧ୍ୟରେ ଗୋଷ୍ଠୀ ବିବାଦକୁ କର୍ମଚାରୀମାନେ ଦାୟୀ କରିଛନ୍ତି। ଅନ୍ୟପଟେ ଆସବାବପତ୍ର ଜବତ କରାଯିବା ସହ ଅନାଥ ପିଲାମାନଙ୍କୁ ଅନ୍ୟତ୍ର ଆଶ୍ରମକୁ ସ୍ଥାନାନ୍ତର କରାଯାଇଥିବା କହିଛନ୍ତି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି।

ଅନ୍ୟପକ୍ଷରେ ସରକାରୀ ଅନୁଦାନ ନ ମିଳିବାରୁ ଏହି ପୁରୁଣା ଅନାଥ ଆଶ୍ରମ ବନ୍ଦ ହେବାର ଆଉ ଏକ ପ୍ରମୁଖ କାରଣ ବୋଲି ଅଭିଯୋଗ ହୋଇଛି। ଫଳରେ ଆଶ୍ରମ ଉପରେ ନିର୍ଭର କରୁଥିବା ପିଲାଙ୍କଠାରୁ ଆରମ୍ଭ କରି କର୍ମଚାରୀ ଦୁଃଖରେ ଭାଙ୍ଗି ପଡ଼ିଥିବା ବେଳେ ଆଶ୍ରମର ଜାଗା ଓ ଘରକୁ ନେଇ ବିବାଦ ଦେଖାଦେଇଛି। ଆଶ୍ରମର ୯୦ଡେସିମିଲ ଜାଗା ଟ୍ରଷ୍ଟିର ପୂର୍ବ ସମ୍ପାଦକଙ୍କ ମାର୍ଫତ୍‌ଦାର୍‌ରେ ଥିବାବେଳେ ଜାଗାର ମାଲିକାନା ହାତେଇବାକୁ ତାଙ୍କ ପରିବାର ଲାଗି ପଡ଼ିଥିବା ଅଭିଯୋଗ ହେଉଛି। ଅନ୍ୟପଟେ ବର୍ତ୍ତମାନର ସମ୍ପାଦକ ଓ ଟ୍ରଷ୍ଟି କମିଟି ଜାଗାକୁ ନିଜ ଅକ୍ତିଆରରେ ରଖିବାକୁ ଅଣ୍ଟା ଭିଡ଼ିଥିବା ମଧ୍ୟ ଗୁରୁତର ଅଭିଯୋଗ ହେଉଛି। ଏହାକୁ ନେଇ ପ୍ରଶାସନ ସରକାରୀ ଆସବାବପତ୍ର କାଢ଼ି ନେବା ପରେ ଉଭୟପକ୍ଷ ଗେଟ୍ ଓ ଘରେ ଭିନ୍ନ ଭିନ୍ନ ତାଲା ପକାଇ ମାଲିକାନା ଜାହିର୍ କରିବାକୁ ଚେଷ୍ଟା କରିଛନ୍ତି। ଏପରିକି, ଉଭୟ ଉଭୟଙ୍କ ନାମରେ ଅଭିଯୋଗ କରି ଜାଗାର ମାଲିକାନା ନିଜ ନିଜର ବୋଲି ଦାବି କରିଛନ୍ତି। ସେ ଯାହା ହେଉନା କାହିଁକି, ଟ୍ରଷ୍ଟି ବିବାଦ ଓ ସରକାରୀ ଅନୁଦାନ ବନ୍ଦ ପାଇଁ ବଳିପଡ଼ିଲେ ଅସହାୟ ଶିଶୁଙ୍କ ସହିତ ଆଶ୍ରମ କର୍ମଚାରୀ। ଆଗକୁ ଏହି ବିବାଦ କେଉଁ ମୋଡ଼ ନେଉଛି ତାହା ଦେଖିବାକୁ ବାକି ରହିଲା।

## କାକବନ୍ଧ ଆଶ୍ରମ ବିଦ୍ୟାଳୟରେ ବିଷାକ୍ତ ଖାଦ୍ୟ ଖାଇ ଛାତ୍ରୀ ମୃତ୍ୟୁ ଘଟଣା

# ଜିଲ୍ଲାପାଳ, ଏସ୍‌ପି, ଏସ୍‌ଟି ଓ ଏସ୍‌ସି ଉନ୍ନୟନ ବିଭାଗକୁ ନୋଟିସ୍

ବାରିପଦା, ୨୭।୪ (ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ୍‌ର କାକବନ୍ଧ ଆଶ୍ରମ ବିଦ୍ୟାଳୟରେ ବିଷାକ୍ତ ଖାଦ୍ୟ ଖାଇ ଜଣେ ଛାତ୍ରୀଙ୍କ ମୃତ୍ୟୁ ଏବଂ ଶତାଧିକ ଛାତ୍ରଛାତ୍ରୀ ଅସୁସ୍ଥ ହେବା ଘଟଣାକୁ ନେଇ ଜାତୀୟ ଅନୁସୂଚିତ ଜନଜାତି ଆୟୋଗ (ଏନସିଏସଟି) କଠୋର୍ ପଦକ୍ଷେପ ନେଇଛି। ବିଜୁ ଜନତା ଦଳର ରାଜ୍ୟ ପ୍ରବକ୍ତା ଡ. ପ୍ରିୟବ୍ରତ ମାଝୀଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳଙ୍କ ଦ୍ୱାରା ଦାଖଲ କରାଯାଇଥିବା ଅଭିଯୋଗ ଉପରେ ଆୟୋଗ ତଦନ୍ତ ଆରମ୍ଭ କରିଛି। ଏ ସମ୍ପର୍କରେ ଆୟୋଗ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାପାଳ, ଏସ୍‌ପି, ଓଡ଼ିଶା ସରକାରଙ୍କ ଏସ୍‌ଟି ଓ ଏସ୍‌ସି ଉନ୍ନୟନ ବିଭାଗକୁ ନୋଟିସ୍ ଜାରି କରାଯାଇଛି।

ଜାରି ହୋଇଥିବା ନୋଟିସ୍ ଅନୁଯାୟୀ, ଏପ୍ରିଲ୍ ୧୫, ୨୦୨୬ରେ ଡ. ପ୍ରିୟବ୍ରତ ମାଝୀଙ୍କଠାରୁ ପ୍ରାପ୍ତ ଅଭିଯୋଗର ତଦନ୍ତ କରାଯିବ। ଆୟୋଗ ଭାରତର ସମ୍ବିଧାନର ଧାରା ୩୩୮ ଏ ଅନୁଯାୟୀ ତଦନ୍ତ କରିବାର କ୍ଷମତା ପ୍ରୟୋଗ କରୁଛି। ନୋଟିସ୍ ଅନୁଯାୟୀ, ସମ୍ପୃକ୍ତ ଅଧିକାରୀମାନେ ୭ ଦିନ ମଧ୍ୟରେ ଘଟଣାର ତଥ୍ୟ, ନିଆଯାଇଥିବା ପଦକ୍ଷେପ ଏବଂ ଅନ୍ୟାନ୍ୟ ସୂଚନା ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ସମୟ ମଧ୍ୟରେ ଉତ୍ତର ନ ମିଳେ, ଆୟୋଗ ସିଭିଲ୍ କୋର୍ଟର କ୍ଷମତା ପ୍ରୟୋଗ କରି ସମନ୍ ଜାରି କରିପାରେ। ଜାତୀୟ ଅନୁସୂଚିତ ଜନଜାତି ଆୟୋଗ ନିର୍ଦ୍ଦେଶକ ଡ. ପି. କଲ୍ୟାଣ ରେଡ୍ଡୀ ସ୍ୱାକ୍ଷରରେ ନୋଟିସ୍ ଜାରି ହୋଇଥିବା ବେଳେ ଏହାର ପ୍ରତିଲିପି ଡ. ପ୍ରିୟବ୍ରତ ମାଝୀଙ୍କୁ ମଧ୍ୟ ପଠାଯାଇଛି।

ସୂଚନା ମୁତାବକ, ୧୪ତାରିଖରେ ବିଦ୍ୟାଳୟରେ ପ୍ରସ୍ତୁତ ଖାଦ୍ୟ (ପଖାଳ, ଆଳୁ ମସଲା ଓ ଆମ୍ବ ଚଟଣି) ଖାଇବା ପରେ ଛାତ୍ରଛାତ୍ରୀ ଅସୁସ୍ଥ ହୋଇଥିଲେ। ଜଣେ ପଞ୍ଚମ ଶ୍ରେଣୀର ଛାତ୍ରୀ ରୂପାଲୀ ବେସ୍ରାଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ଓଡ଼ିଶା ସରକାର ତଦନ୍ତ ଆରମ୍ଭ କରିବା ସହ ମୃତ ଛାତ୍ରୀଙ୍କ ପରିବାରକୁ ୭ଲକ୍ଷ ଟଙ୍କା ଅର୍ଥ ସହାୟତା ଘୋଷଣା କରିଥିଲେ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଥିଲା। ଏହାର ଆରଡିସି ତଦନ୍ତ ମଧ୍ୟ ଚାଲିଛି। ତେବେ ଏହି ଘଟଣା ଆଦିବାସୀ ଛାତ୍ରଛାତ୍ରୀଙ୍କ ଆଶ୍ରମ ବିଦ୍ୟାଳୟରେ ଖାଦ୍ୟ ଗୁଣବତ୍ତା ଓ ସୁରକ୍ଷା ନେଇ ପ୍ରଶ୍ନ ଉଠାଇଛି। ଜାତୀୟ ମାନବାଧିକାର ଆୟୋଗ (ଏନଏଚଆରସି) ମଧ୍ୟ ଏହି ଘଟଣାରେ ସ୍ୱତଃପ୍ରବୃତ୍ତ ହୋଇ ରିପୋର୍ଟ ମାଗିଛି। ଆୟୋଗର ଏହି ନୋଟିସ୍ ଘଟଣାର ତଦନ୍ତକୁ ଆହୁରି ଗତି ଦେବ ବୋଲି ଆଶା କରାଯାଉଛି। ସମସ୍ତ ସମ୍ପୃକ୍ତ ଅଧିକାରୀ ଏବଂ ବିଭାଗକୁ ଶୀଘ୍ର ଉତ୍ତର ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ହର୍ମୁଜରେ ଆମେରିକା...

ଆମେରିକାର ଆର୍ଥିକ ଓ ସାମରିକ ଚାପ ଏବଂ ଇରାନର କୂଟନୈତିକ ପ୍ରୟାସ ମଧ୍ୟରେ ସମଗ୍ର ବିଶ୍ୱର ନଜର ଏବେ ମସ୍କୋ ବୈଠକ ଉପରେ ରହିଛି। ଯଦି ଶୀଘ୍ର ଏହି ସମସ୍ୟାର ସମାଧାନ ନହୁଏ, ତେବେ ବିଶ୍ୱ ଅର୍ଥନୀତି ଗଭୀର ଭାବେ ପ୍ରଭାବିତ ହେବାର ଆଶଙ୍କା ରହିଛି। ବର୍ତ୍ତମାନ ସମଗ୍ର ବିଶ୍ୱର ନଜର ରୁଷ-ଇରାନ ବୈଠକ ଏବଂ ଆମେରିକାର ପରବର୍ତ୍ତୀ ପଦକ୍ଷେପ ଉପର ନିବଦ୍ଧ ରହିଛି। ଓମାନ ଏବଂ ପାକିସ୍ତାନ ଗସ୍ତ ପରେ ରୁଷିଆ ସହ ଏହି ଆଲୋଚନାକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି, ଯେଉଁଠାରେ ଇରାନ ନିଜର ଆଞ୍ଚଳିକ ସୁରକ୍ଷା ପାଇଁ ରୁଷର ସମର୍ଥନ ଲୋଡ଼ିପାରେ।

ଇରାନର ବିଦେଶ ମନ୍ତ୍ରୀ ଆରାଘଚି କହିଛନ୍ତି ଯେ, ଆମେରିକାର ଅତ୍ୟଧିକ ଓ ଅଯଥା ଦାବି ଯୋଗୁଁ ପୂର୍ବ ପର୍ଯ୍ୟାୟ ଆଲୋଚନାରେ ଅଗ୍ରଗତି ହୋଇଥିଲେ ମଧ୍ୟ ତାହା କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ପହଞ୍ଚି ପାରିଲା ନାହିଁ। ୱାସିଂଟନର ଏକପାଖିଆ ମନୋଭାବ ଶାନ୍ତି ପ୍ରକ୍ରିୟାରେ ବାଧା ସୃଷ୍ଟି କରୁଛି। ଇରାନ ଏବେ ପଶ୍ଚିମା ଦେଶଗୁଡ଼ିକ ଉପରେ ଚାପ ପକାଇବା ପାଇଁ ରୁଷିଆ ଭଳି ମିତ୍ରଶକ୍ତିର ସହାୟତା ନେଉଛି। ଆମେରିକା, ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ଛାୟାଯୁଦ୍ଧ ଓ କୂଟନୈତିକ ଆଲୋଚନା ଏବେ ଏକ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି। ପାକିସ୍ତାନରେ ଅନୁଷ୍ଠିତ ଆଲୋଚନା ବିଫଳ ହେବା ପରେ ଇରାନ ଏଥିପାଇଁ ୱାସିଂଟନର 'ଅଯୌକ୍ତିକ ଦାବି'କୁ ଦାୟୀ କରିଛି।

### ୨୯ରେ ଦ୍ୱିତୀୟ...

ହୋଇଥିଲା ଏବଂ ୧୪୭୮ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ସିଲ୍ ହୋଇଛି। ଏହି ପର୍ଯ୍ୟାୟରେ ପ୍ରାୟ ୯୩ ପ୍ରତିଶତ ମତଦାନ ହୋଇଥିଲା, ଯାହାକି ସ୍ୱାଧୀନ ଭାରତରେ ପଶ୍ଚିମ ବଙ୍ଗ ନିର୍ବାଚନ ଇତିହାସରେ ପ୍ରଥମ ଘଟଣା। କେବଳ ଏତିକି ନୁହେଁ, ଏହି ପର୍ଯ୍ୟାୟରେ କୌଣସି ଭୋଟ ଗ୍ରହଣ କେନ୍ଦ୍ରରେ ସାନି ମତଦାନ ପାଇଁ ନିର୍ଦ୍ଦେଶ ଦିଆଯାଇ ନାହିଁ। ରାଜ୍ୟ ଇତିହାସରେ ଏହା ମଧ୍ୟ ପ୍ରଥମ ଘଟଣା। ଶାନ୍ତିପୂର୍ଣ୍ଣ ମତଦାନ ପାଇଁ ଅଢ଼େଇ ଲକ୍ଷ କେନ୍ଦ୍ରୀୟ ସୁରକ୍ଷା ଯବାନଙ୍କୁ ମୁତୟନ କରାଯାଇଛି। ନିର୍ବାଚନ ପାଇଁ କୌଣସି ରାଜ୍ୟରେ କେବେହେଲେ ଏତେ ସଂଖ୍ୟାରେ କେନ୍ଦ୍ରୀୟ ଯବାନ ମୁତୟନ ହୋଇନଥିଲେ। ଏହାକୁ ନେଇ ମମତା ବାନାର୍ଜୀ ଆପତ୍ତି ଉଠାଇଥିବା ବେଳେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ ନିର୍ବାଚନ ପରେ ମଧ୍ୟ କେନ୍ଦ୍ରୀୟ ଯବାନ ୬୦ ଦିନ ପାଇଁ ରାଜ୍ୟରେ ମୁତୟନ ରହିବେ। ସୂଚନାଯୋଗ୍ୟ ଯେ ନିର୍ବାଚନ କମିସନଙ୍କ ବିବାଦୀୟ ଏସଆଇଆର ଯୋଗୁଁ ୯୧ ଲକ୍ଷ ଭୋଟରଙ୍କ ନାମ ତାଲିକାରୁ କଟିଯାଇଛି। ନାଗରିକତ୍ୱ ହରାଇଭା ଭୟରେ ରାଜ୍ୟର ଭୋଟରମାନେ ବିପୁଳ ସଂଖ୍ୟାରେ ମତଦାନ କରୁଛନ୍ତି। ରାଜ୍ୟ ନିର୍ବାଚନରେ ମୁଖ୍ୟ ମୁକାବିଲା ବିଜେପି ଏବଂ ମମତାଙ୍କ ଟିଏମସି ମଧ୍ୟରେ ହେଉଛି। ନିର୍ବାଚନର ମୁଖ୍ୟ ପ୍ରସଙ୍ଗ ରହିଛି ଏସ୍‌ଆଇଆର ଏବଂ ଅନୁପ୍ରବେଶକାରୀ। ମମତା ନିଜ ଦମରେ ନିର୍ବାଚନ ପ୍ରଚାର ଚଳାଇଥିବା ବେଳେ ବିଜେପି ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ସମେତ କେନ୍ଦ୍ର ମନ୍ତ୍ରୀ ଓ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ମମତାଙ୍କୁ ହରାଇବା ଲାଗି ସମସ୍ତ ଶକ୍ତି ଖଟାଇଛନ୍ତି। ଆସନ୍ତା ମଇ ୪ ତାରିଖରେ ପଶ୍ଚିମ ବଙ୍ଗ ସମେତ ତାମିଲନାଡୁ, କେରଳ, ଆସାମ ଏବଂ ପୁଡୁଚେରୀ ବିଧାନସଭା ନିର୍ବାଚନର ଫଳାଫଳ ଘୋଷିତ ହେବ।

### ଆଜିଠୁ ଭୀଷଣ...

(ମଙ୍ଗଳବାର)ଠାରୁ କାଳବୈଶାଖୀ ସ୍ଥିତିରେ ଆହୁରି ବୃଦ୍ଧି ଘଟିବା ସହ ଅଧିକାଂଶ ସ୍ଥାନରେ ବର୍ଷା ପବନ ବଢ଼ିବ। ଏହି ସମୟରେ ଅନେକ ସ୍ଥାନରେ ପ୍ରବଳ ବିଜୁଳି ଘଡ଼ଘଡ଼ି ମଧ୍ୟ ହେବାର ଆଶଙ୍କା ରହିଛି।

ଭୁବନେଶ୍ୱର ସମେତ ଉପକୂଳ ଓଡ଼ିଶାରେ ତାପମାତ୍ରା କମିଥିଲେ ମଧ୍ୟ ପଶ୍ଚିମ ଓଡ଼ିଶାରେ ତାତି ଆଜି ଶୀର୍ଷରେ ପହଞ୍ଚିଛି। ସୋମବାର ଝାରସୁଗୁଡ଼ାରେ ତାପମାତ୍ରା ୧ ଡିଗ୍ରୀ କମି ୪୪.୭ ଡିଗ୍ରୀ ଥିବା ରେକର୍ଡ ହୋଇଛି। ଏହାସହିତ ବୌଦ୍ଧରେ ତାପମାତ୍ରା ୪୩.୫ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ବଲାଙ୍ଗିରରେ ୪୩.୩, ସମ୍ବଲପୁରରେ ୪୩.୨, ସୁନ୍ଦରଗଡ଼, ହୀରାକୁଦ, ବଲାଙ୍ଗିର ଓ ଟିଟିଲାଗଡ଼ରେ ତାପମାତ୍ରା ୪୩ ଡିଗ୍ରୀ ରେକର୍ଡ ହୋଇଛି। ଏହି ସହରଗୁଡ଼ିକୁ ମିଶାଇ ମୋଟ୍ ୧୪ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ଥିବା ରେକର୍ଡ ହୋଇଛି।

ମଙ୍ଗଳବାରଠାରୁ କାଳବୈଶାଖୀ ପ୍ରଭାବ ବଢ଼ିବା ଯୋଗୁଁ ତାପମାତ୍ରାରେ ହ୍ରାସ ଆରମ୍ଭ ହେବ। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି ଓ କନ୍ଧମାଳରେ ଭୀଷଣ କାଳବୈଶାଖୀ ହେବ। ଏହି ଜିଲ୍ଲାଗୁଡ଼ିକରେ ପବନର ବେଗ ୩୦-୪୦ କିମି ବେଗରେ ବହିବା ସହ ପ୍ରବଳ ବଜ୍ରପାତ ଆଶଙ୍କା ରହିଛି। ବୁଧବାର ପରେ କାଳବୈଶାଖୀ ପ୍ରଭାବ ଆହୁରି ବଢ଼ିବା ସହ ପବନର ବେଗ ମଧ୍ୟ ଅନେକ ସ୍ଥାନରେ ୪୦-୫୦ କିମି ପର୍ଯ୍ୟନ୍ତ ପହଞ୍ଚିବ। ଅନ୍ୟପଟେ ଟ୍ରଫଲାଇନ୍ ଯୋଗୁଁ ୨୭ ତାରିଖଠାରୁ ୧ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳରେ ସମୁଦ୍ର ଅଶାନ୍ତ ରହିବା ନେଇ ଆଶଙ୍କା କରାଯାଇଛି। ତେଣୁ ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ଯିବାକୁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି।

### ରଦ୍ଦ ହେଉ ୮ ବିଧାୟକଙ୍କ...

କ୍ରସଭୋଟିଂ ପାଇଁ ନୁହେଁ; ବରଂ 'ସ୍ୱେଚ୍ଛାକୃତ ସଦସ୍ୟତା ତ୍ୟାଗ' ଓ 'ଦଳ ବିରୋଧୀ କାର୍ଯ୍ୟ କରିଥିବା' ଭଳି ଅଭିଯୋଗ ଆଣି ସମ୍ବିଧାନର ଦଶମ ଅନୁସୂଚୀର ପ୍ରାବଧାନ ଆଧାରରେ ସେମାନଙ୍କ ସଭ୍ୟ ପଦ ରଦ୍ଦ ନିମନ୍ତେ ବାଚସ୍ପତିଙ୍କୁ ବିଜେଡି ଲିଖିତ ଭାବେ ଜଣାଇଛି। ଏଥିପାଇଁ ବିଜେଡି ହିମାଚଳ ପ୍ରଦେଶରେ ୬ ଜଣ ବିଧାୟକ ଓ ଶରଦ ଯାଦବଙ୍କ ସଦସ୍ୟତା ରଦ୍ଦକୁ ଉଦାହରଣ ଭାବେ ବାଚସ୍ପତିଙ୍କ ଆଗରେ ରଖିଛି। ଏହି ବିଧାୟକମାନେ ରାଜ୍ୟସଭା ନିର୍ବାଚନରେ ଦଳର ନିଷ୍ପତ୍ତି ବିରୋଧରେ ଯାଇ କ୍ରସ ଭୋଟିଂ କରିବା ସହ ସ୍ୱେଚ୍ଛାକୃତ ସଦସ୍ୟତା ତ୍ୟାଗ ପରି କାର୍ଯ୍ୟ କରିଥିବା ବିଜେଡି ଅଭିଯୋଗ କରିଛି। ବିଜେଡିର ଅଭିଯୋଗ ପରେ ବାଚସ୍ପତି ଏ ସଂକ୍ରାନ୍ତରେ କି ନିଷ୍ପତ୍ତି ନେଉଛନ୍ତି, ତାହା ଉପରେ ସମସ୍ତଙ୍କର ନଜର ରହିଛି। ଦଶମ ଅନୁସୂଚୀରେ ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ମାମଲାରେ ୨୦୨୫ ମସିହାରେ ତେଲଙ୍ଗାନା ବିଧାନସଭା ବାଚସ୍ପତିଙ୍କ ଭୂମିକାକୁ ନେଇ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ। ସୁପ୍ରିମକୋର୍ଟ ସ୍ପଷ୍ଟ କରିଥିଲେ ଯେ ବିଧାୟକଙ୍କ ସଭ୍ୟପଦ ରଦ୍ଦ କରିବା ଆବେଦନ ଉପରେ ବାଚସ୍ପତି ସର୍ବାଧିକ ୩ମାସ ମଧ୍ୟରେ ନିଷ୍ପତ୍ତି ନେବେ। ସୁପ୍ରିମକୋର୍ଟ ଆହୁରି ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଏଭଳି ମାମଲାରେ ବାଚସ୍ପତିଙ୍କ କାର୍ଯ୍ୟାଳୟ ଏକ ଟ୍ରିବ୍ୟୁନାଲ ଭଳି କାର୍ଯ୍ୟ କରିଥାନ୍ତି। ତେଣୁ ସୁପ୍ରିମକୋର୍ଟ(ଅନୁଚ୍ଛେଦ-୩୨) ଓ ହାଇକୋର୍ଟ(ଅନୁଚ୍ଛେଦ ୨୨୬ ଓ ୨୨୭)ଙ୍କ ଅଧିକାର କ୍ଷେତ୍ରରେ ବାଚସ୍ପତିଙ୍କ କାର୍ଯ୍ୟାଳୟ ଆସିବାର ପ୍ରାବଧାନ ରହିଛି। ଅବଶ୍ୟ ପୂର୍ବରୁ ସମ୍ବିଧାନରେ ଏଭଳି ଆବେଦନ ଉପରେ ବିଚାର ପାଇଁ କୌଣସି ସମୟସୀମା ନ ଥିଲା କିନ୍ତୁ ଗତବର୍ଷ ସୁପ୍ରିମକୋର୍ଟ ୩ମାସ ମଧ୍ୟରେ ବାଚସ୍ପତି ନିଷ୍ପତ୍ତି ନେବା ବାଧ୍ୟତାମୂଳକ କରିଛନ୍ତି। ସୂଚନାଯୋଗ୍ୟ ଯେ ଗତ ମାର୍ଚ୍ଚ ମାସରେ ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନରେ ଦଳର ନିଷ୍ପତ୍ତି ବିରୋଧରେ ଯାଇ କ୍ରସ୍ ଭୋଟିଂ କରିଥିଲେ। ସେଥିପାଇଁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଗତ ମାର୍ଚ୍ଚ ୨୧ ତାରିଖରେ ସେମାନଙ୍କୁ ଦଳରୁ ନିଲମ୍ବିତ କରାଯାଇଥିଲା।

ଏ ପ୍ରସଙ୍ଗରେ ବିରୋଧୀ ଦଳ ମୁଖ୍ୟ ସଚେତକ ତଥା ବିଜେଡିର ବରିଷ୍ଠ ବିଧାୟିକା ପ୍ରମିଳା ମଲ୍ଲିକ କହିଛନ୍ତି ଯେ ଆମେ ୮ ବିଧାୟକଙ୍କ ସଭ୍ୟ ପଦ ତୁରନ୍ତ ରଦ୍ଦ ପାଇଁ ବାଚସ୍ପତିକୁ ଅନୁରୋଧ କରିଛୁ। ସେମାନ ଯଦି ସତରେ ଲୋକପ୍ରିୟ, ତେବେ ନିଜ ସଭ୍ୟ ପଦରୁ ଇସ୍ତଫା ପ୍ରଦାନ କରି ନିର୍ବାଚନ ଲଢ଼ନ୍ତୁ। ସେମାନେ ଲୋକଙ୍କ ପାଇଁ କାମ କରିଥିଲେ, ନିଶ୍ଚିତ ପୁଣି ନିର୍ବାଚିତ ହୋଇ ଆସିବେ। ପୂର୍ବରୁ ହିମାଚଳ ପ୍ରଦେଶରେ ମଧ୍ୟ ସମାନ କାରଣ ପାଇଁ ୬ ଜଣ ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ହୋଇସାରିଛି। ତେଣୁ ଏଠାରେ ସାମ୍ବିଧାନିକ ନୀତିନିୟମ ମଧ୍ୟରେ ଆମ ରାଜ୍ୟରେ ମଧ୍ୟ ୮ ଜଣଙ୍କର ସଭ୍ୟ ପଦ ରଦ୍ଦ କରାଯାଉ ବୋଲି ଆମେ ଅନୁରୋଧ କରିଛୁ। ସେମାନେ ଲଗାତାର ଭାବେ ଦଳ ଏବଂ ଆମ ନେତାଙ୍କ ବିରୋଧରେ ନିୟମିତ ମନ୍ତବ୍ୟ ପ୍ରଦାନ କରୁଛନ୍ତି। ସମସ୍ତ କଥାକୁ ବିଚାର କରି ବାଚସ୍ପତି ତୁରନ୍ତ ଏ ସଂକ୍ରାନ୍ତରେ ପଦକ୍ଷେପ ନେବେବୋଲି ଆମେ ଆଶା କରୁଛୁ ବୋଲି ପ୍ରମିଳା କହିଛନ୍ତି। ସେହିପରି ବରିଷ୍ଠ ବିଧାୟକ ଡ. ଅରୁଣ କୁମାର ସାହୁ କହିଛନ୍ତି ଯେ ୮ ବିଧାୟକ ସ୍ୱେଚ୍ଛାକୃତ ଭାବେ ବିଜେଡିର ସଦସ୍ୟ ପଦ ଛାଡ଼ିଥିବା ଆମେ ଦର୍ଶାଇଛୁ। ବିଜେଡିର ନେତୃତ୍ୱ, ନୀତି ଆଦର୍ଶ ଏବଂ ସମ୍ବିଧାନ ବାବଦରେ ସେମାନେ ଗଣମାଧ୍ୟମରେ ସର୍ବସମ୍ମୁଖରେ ସମାଲୋଚନା କରିଛନ୍ତି। ଯାହା ସ୍ୱେଚ୍ଛାକୃତ ଭାବେ ସେମାନେ ଦଳ ତଥା ସଭ୍ୟ ପଦ ଛାଡ଼ିଥିବା ପ୍ରମାଣିତ ହେଉଛି। ସମ୍ବିଧାନର ଅନୁଚ୍ଛେଦ ୧୯୧(୨)ର ୧୦ମ ଅନୁସୂଚୀ ଅନୁଯାୟୀ ଯଦି କୌଣସି ବିଧାୟକ ଦଳର ହୁଇପକୁ ଅବମାନନା କରିବେ, ଦଳର କାର୍ଯ୍ୟକ୍ରମକୁ ଗ୍ରହଣ କରିବେ ନାହିଁ, ଦଳର ନୀତି ଆଦର୍ଶ ବିରୋଧରେ ଯିବେ ଓ ଦଳ ବିରୋଧରେ ସାଧାରଣରେ କହିବେ, ତାହେଲେ ସେମାନେ ସ୍ୱେଚ୍ଛାକୃତ ଭାବେ ସେମାନଙ୍କ ଦଳର ସଭ୍ୟ ପଦ ଛାଡ଼ିଛନ୍ତି ବୋଲି ଧରି ନିଆଯିବ। ତେଣୁ ବିଧାନସଭାରେ ସଦସ୍ୟ ଭାବେ ଦାୟିତ୍ୱ ନିର୍ବାହ ପାଇଁ କୌଣସି ଅଧିକାର ନାହିଁ। ଏ କ୍ଷେତ୍ରରେ ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଆମେ ବାଚସ୍ପତିଙ୍କ ନିକଟରେ ଅନୁରୋଧ କରିଛୁ। ଏହି କାରଣ ପାଇଁ ଶରଦ ଯାଦବଙ୍କ ସଦସ୍ୟପଦ ରଦ୍ଦ ହୋଇଥିଲା। ଏପରିକି ସେ ସୁପ୍ରିମକୋର୍ଟକୁ ଯାଇଥିଲେ ଓ ନିଷ୍ପତ୍ତି ତାଙ୍କ ବିରୋଧରେ ଯାଇଥିଲା। ଏହି ଆଧାରରେ ବିଜେଡି ସହ ବିଶ୍ୱାସଘାତ କରିଥିବା ୮ ବିଧାୟକଙ୍କ ସଦସ୍ୟ ପଦ ତୁରନ୍ତ ରଦ୍ଦ କରାଯାଉ ବୋଲି ଡ. ସାହୁ ଦାବି କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ବାଚସ୍ପତିଙ୍କୁ ଭେଟିବା ପୂର୍ବରୁ ସୋମବାର ଶଙ୍ଖ ଭବନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏପାପରେ ଦଳର ବିଧାୟକମାନେ ବିଧାନସଭା ଯାଇ ବାଚସ୍ପତିଙ୍କୁ ଭେଟିବା ସହ ଲିଖିତ ଭାବେ ଦାବି ଜଣାଇଛନ୍ତି।

### ଆଉ ଏକ ପୁରସ୍କାରରୁ...

ଏହି ଘଟଣା ପରେ ସରକାର ତତ୍‌କ୍ଷଣାତ୍ ଏହି ନିଷ୍ପତ୍ତି ଉପରେ ପ୍ରତିବନ୍ଧକ ଲଗାଇବା ସହ ପୁନର୍ବାର ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରକୁ ଜାରି ରଖିଥିଲେ। ରାଜ୍ୟରେ ସରକାର ପରିବର୍ତ୍ତନ ପରେ ରାଜ୍ୟ ସରକାର ଅନେକ ଯୋଜନାରୁ ବିଜୁ ନାମ ହଟାଉଥିବା ବେଳେ ବିଜୁ ପଟ୍ଟନାୟକଙ୍କ ଜନ୍ମ ଦିନରେ ପାଳିତ ହୋଇ ଆସୁଥିବା ପଞ୍ଚାୟତିରାଜ ଦିବସ ପାଳନକୁ ମଧ୍ୟ ବନ୍ଦ କରି ଦେଇଛନ୍ତି। ଏବେ ଏଥିରେ ଆଉ ଏକ ପଦକ୍ଷେପ ସ୍ୱରୂପ ବିଜୁ ଶ୍ରମିକ ବନ୍ଧୁ ପୁରସ୍କାରର ନାମ ପରିବର୍ତ୍ତନ କରିଛନ୍ତି। ଅନ୍ୟପଟେ ଏହି ଯୋଜନାର କେବଳ ନାମ ପରିବର୍ତ୍ତନ ହୋଇନାହିଁ, ଅନ୍ୟ କେତେକ ନିୟମ ମଧ୍ୟ ପରିବର୍ତ୍ତନ କରାଯାଇଛି। ପୂର୍ବରୁ ଶ୍ରମିକ ବନ୍ଧୁ ପୁରସ୍କାର ଦେବା ପାଇଁ ଚୟନ କରିବାକୁ ମାସେ ସମୟ ଦିଆଯାଉଥିଲା। ଏବେ ସରକାର ଏଥିପାଇଁ ମାତ୍ର ୪ ଦିନ ସମୟ ଦେଉଛନ୍ତି। କୌଣସି ଶ୍ରମିକ ସଂଗଠନ ଶ୍ରମିକ ନେତା ଓ ଶ୍ରମିକଙ୍କ ପାଇଁ କାମ କରିଥିବା ବ୍ୟକ୍ତିଙ୍କୁ ଚୟନ କରିବା ପାଇଁ ପର୍ଯ୍ୟାପ୍ତ ସମୟ ଦିଆଯାଇ ନାହିଁ। ୨୩ ତାରିଖରେ ଏହି ପୁରସ୍କାର ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ୨୫ ଓ ୨୬ ତାରିଖ ସରକାରୀ ଛୁଟି ଦିବସ ରହିଲା। ୨୭ ତାରିଖ ଦିନ ୧୨ଟା ସୁଦ୍ଧା ନାମ ସୁପାରିସ କରିବାକୁ ଶେଷ ସମୟ ଧାର୍ଯ୍ୟ ହୋଇଛି। ସରକାରଙ୍କ ଏପରି ପଦକ୍ଷେପକ କଟୁ ସମାଲୋଚନା କରିଛନ୍ତି ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ପୂର୍ବତନ ଅଧ୍ୟକ୍ଷ ତଥା ବିଜୁ ଶ୍ରମିକ ସାମ୍ମୁଖ୍ୟର ମହାସଚିବ ସୁବାସ ସିଂ। ଏତେ କମ ସମୟ ଭିତରେ କିପରି ଗୋଟିଏ ଶ୍ରମିକ ସଂଗଠନ ନାମ ଚୟନ କରି ସୁପାରିସ କରିବ ତାହା ସମ୍ଭବ ନୁହେଁ ବୋଲି ସୁବାସ ସିଂହ କହିଛନ୍ତି। ସରକାରୀ ପ୍ରକ୍ରିୟା ଯାହା ରହିଛି ଶ୍ରମିକ ସଂଗଠନଗୁଡ଼ିକ ପଠାଇଥିବା ନାମ ଉପରେ ଶ୍ରମିକ କଲ୍ୟାଣ ବୋର୍ଡରେ ନିଷ୍ପତ୍ତି ନିଆଯାଇ ସରକାରଙ୍କ ଅନୁମୋଦନ ପାଇଁ ପଠାଯିବ। କିନ୍ତୁ ଆଗରୁ ପ୍ରଚଳିତ ନିୟମକୁ ସରକାର ପରିବର୍ତ୍ତନ କରିବା ଗ୍ରହଣୀୟ ହେଉନି ବୋଲି ସୁବାସ ସିଂହ ଅଭିଯୋଗ କରିଛନ୍ତି।

### ବଜ୍ରପାତରେ ମହିଳା...

ବଜ୍ରପାତ ପ୍ରଭାବରେ ସ୍ୱର୍ଗତ ମୁର୍ମୁଙ୍କ ଘରର କାନ୍ଥ ଫାଟିଯିବା ସହିତ ବିଭିନ୍ନ ସ୍ଥାନରେ ଗାତ ହୋଇଥିବା ଦେଖିବାକୁ ମିଳିଛି। ଘଟଣା ପରେ ପରିବାରଲୋକ ଆମ୍ବୁଲାନ୍ସ ଯୋଗେ ଉଭୟଙ୍କୁ ପ୍ରଥମେ କୋଷ୍ଠା ଓ ପରେ ବାରିପଦାସ୍ଥିତ ପିଆରଏମ୍ ମେଡିକାଲ କୁ ସ୍ଥାନାନ୍ତର କରାଯାଇଥିଲା। ତେବେ କୋଷ୍ଠା ଡାକ୍ତରଖାନାରେ ଡାକ୍ତର ଚୁଡାମଣୀ ଙ୍କୁ ମୃତ ଘୋଷଣା କରିଥିବା ବେଳେ ଫୁଲମଣୀ ଚିକିତ୍ସିତ ହୋଇ ଘରକୁ ସୁସ୍ଥ ହୋଇ ଫେରିଥିବା ସୂଚନା ମିଳିଛି। ଖବର ପାଇ ଶୁଳିଆପଦା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ପରେ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଗାଁ ରେ ମୃତଦେହ ପହଞ୍ଚିବା ପରେ ଶୋକାକୁଳ ପରିବେଶରେ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଛି।


**OFFICE OF THE PANCHAYAT SAMITI, BHANDARIPOKHARI**
At/P.O.- Bhandaripokhari Dist- Bhadrak, E-Mail- ori-bhandaripokhari@nic.in
Letter no.: 1359 Date: 27.04.2026
**Tender for Construction of Additional Classroom of Elementary School & Construction of GPLF Office Building cum Market Complex**

1. Name of the work : Construction of Additional Classroom of Elementary School & Construction of GPLF Office Building cum Market Complex
2. Total No. of Work : 08 nos
3. Approximate Estimated Cost : As per DTCN
4. Class Contractor : (C & D) & (B & C)
5. Period of Completion : Six Calendar Months for (I), (ii), (iii), (iv), (v), (vi), (vii) & (viii)

Other Details : The Details are as follows

| Sl No. | Bid Identification No. | Available Tender Online for bidding | | Last date for receipt of Bids | Date & Time of Opening of Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| 1 | PSB-01/2026-27 to PSB-08/2026-27 | 30.04.2026 10 AM | 14.05.2026 5 PM | 14.05.2026 5 PM | 15.05.2026 10 AM |

1. Further details can be seen from the website portal http://bhadrak.odisha.gov.in
2. Any other changes/Corrigendum/Addendum may be seen only in website http://bhadrak.odisha.gov.in

Block Development Officer
Bhandaripokhari Block



13001/307/2627 **MUNICIPAL COUNCIL: VYASANAGAR**
Bid Identification No.: 01/VNM/2026-27
No. 1755 / Dt. 24.04.2026
**Detailed Tender Call Notice**

Name of the work : Sanitation Manpower, Machinery & Tractor under Vyasanagar Municipality.
E.M.D : Rs. 3,36,000.00
AGENCY : Contractors registered under Company/ Partnership/ Proprietor Firm having experience in similar nature of work manually/mechanically
Period of contract : 01 (One Years)
Cost of Bid document : Rs. 10,000.00
Available of Bid document : www.tendersodisha.gov.in
Date & Time of Bidding : From 10.00 AM of 28.04.2026 To 05.00 PM of 18.05.2026
Last Date of receipt of filled up bid document : 18.05.2026 up to 5.00 p.m.
Date of Opening of Technical Bid : 19.05.2026 from 11.00 a.m.
Date of Opening of Financial Bid : 20.05.2026 from 11.00 a.m.
Mode of Submission : online

Executive Officer
Vyasanagar Municipality
OIPR-13001/13092/1/26-27/0002



**TPCODL**
TP CENTRAL ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha, 1st Floor, Anuj Building, Plot No.29, Satya Nagar, Bhubaneswar, Odisha - 751007

**NOTICE INVITING TENDER: NIT No: TPCODL/2026-27/NIT/02**
Bids are invited from eligible bidders for the following tenders:

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/P&S/2026-27/1000009304 | Rate contract for Supply of Android Mobile Phone for 1 year |
| 2 | TPCODL/CCG/2026-27/1000009306 | Rate contract for Supply of 11kV & 33 kV CT PT |
| 3 | TPCODL/P&S/2026-27/1000009430 | Rate Contract for supply of Tape Kit Set For Theft Protection |
| 4 | TPCODL/P&S/2026-27/1000009513 | Rate Contract for AC Repair and Services. |
| 5 | TPCODL/CCG/2026-27/1000009517 | Rate Contract for SITC of Relays for TP Odisha DISCOM |
| 6 | TPCODL/CCG/2026-27/1000009524 | Rate Contract for Supply of HG & DO Fuse Sets |
| 7 | TPCODL/P&S/2026-27/1000009509 | Rate Contract for Meter Reading cum Spot Billing / Bill Distribution and Door-to-Door Collection at TPCODL for 3 Years |
| 8 | TPCODL/P&S/2026-27/1000009527 | Rate Contract for Call Centre Operations valid till March 2029 at TPCODL |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website **https://www.tpcentralodisha.com**. Future communication / corrigendum to tender documents, if any, shall be available on TPCODL website.



**GOVERNMENT OF ODISHA** 25001/59/2627
**OFFICE OF THE EXECUTIVE ENGINEER**
**RURAL WORKS DIVISION–II, SUNDARGARH**
Email: rw_rourkela@yahoo.co.in
**TENDER CALL NOTICE**
**BID IDENTIFICATION NO. ONLINE-EERKL-01 of 2026-27**

1) Name of the Work : Building Works
2) Total No. of works : 12 (Twelve) Nos.
3) Estimated cost : Rs. 2.43 to 5.76 Lakhs
4) Class of contractor : "D" & "C" Class
5) Period of completion : 02 (Two) Months
6) Type of Tender : Single Cover
7) Other details

| Procurement Officer: | Bid Identification No.: | Availability of Tender On-line for bidding: | | Last Date & Time of seeking tender clarification: | Date & Time of Opening of Tender: |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-II, Sundargarh | Online-EERKL-01 of 2026-27 | 30.04.2026 from 10:00 AM | 12.05.2026 upto 05:00 PM | 11.05.2026 \ upto 5:00 PM | 14.05.2026 at 11:00 AM |

Further details can be seen from the website www.tendersorissa.gov.in & for more information please visit the office.

Executive Engineer
RW Division-II, Sundargarh
OIPR-25001/25193/1/26-27/0002



**AFFIDAVIT**
I, Nazma Bibi,age 33 years, W/o-Janaph Khan,At -Panisanda, PO - Sukhasandapatna, PS -Bhograi, Dist-Baleswar, that before my marriage name is Nazma Khatun, D/o-Ayub Khan, that I am Nazma Bibi,W/o- Janaph Khan, At - Panisanda, PO -Sukhasandapatna, PS -Bhograi Dist-Baleswar Pin - 756036, Odisha, declare by this affidavit No - 2449, dated - 23.04.2026, that now onwards I shall be known as **NAZMA BIBI** for all future purposes.

**NOTICE**
By virtue of an affidavit sworn before Executive Magistrate, Bhubaneswar dated 09/04/2026, C.F No-54. I, Anil Kumar Sahu, S/o Hrusikesh Sahu, Address Mayfair Nagar, Saliasahi, Nayapalli, Bhubaneswar, Pin-751013 declare that I have changed the name of my son from Bablu Sahu to Siburanjan Sahu. Henceforth, he shall be known as **Siburanjan Sahu** for all purposes.
**Anil Kumar Sahu**

**AFFIDAVIT**
By virtue of an affidavit **no.554** before the **Executive Magistrate, Rairakhol, dtd. 27.04.2026,** I, Sudhir Meher, S/o Purandara Meher, resident of Village: Kandhara, PO: Kadaligarh, PS: Rairakhol, Dist: Sambalpur, Odisha, do hereby declare that I have changed my name from Sudhiranjan Meher (old name) to Sudhir Meher (new name) for Aadhaar correction. Henceforth, I shall be known as **Sudhir Meher** for all purposes.
**Sudhir Meher**

**AFFIDAVIT**
By an affidavit before Executive Magistrate Bhadrak, I Debaprakash Sahu, S/o Upendra Prasad Sahu, At/PO - Geltua, state Odisha, Pin - 75681 unbehalf of my minor son Surya Narayan Sahu declare that, his actual name is Surya Narayan Sahu. Wrongly It has been mentioned as Suraya Narayana Sahu in Adhar card. Suraya Narayana Sahu and Surya Narayan Sahu is one and same. This Affidavit is for Adhar Correction.

**NOTICE**
**(above 18 years of age)**
By virtue of an affidavit sworn before THE NOTARY PUBLIC, DHARAMGARH, DIST-KALAHANDI, dated 24/04/2026, I, SAIL SUTA MEHER Address VILLAGE/PO-CHICHEIGUDA, PS-JUNAGARH, DIST-KALAHANDI, ODISHA-766014 declare that I have changed the name from SOILA SUTA MEHER to SAILA SUTA MEHER. Henceforth, I shall be known as **SAILA SUTA MEHER** for all purposes.
**SAILA SUTA MEHER**

**LOST**
ମୁଁ ଶ୍ରୀଧର ସାହୁ, ପିତା- ସ୍ୱର୍ଗତ ବୃନ୍ଦାବନ ସାହୁ, ନିବାସୀ- ବୁଆଁଳୋ, ପଟ୍ଟାମୁଣ୍ଡାଇ, ଏହା ଘୋଷଣା କରୁଛି କି, ମୌଜା- ବୁଆଁଳୋ, ଖାତା ନଂ- ୧୬୪ (ପ୍ଲଟ ନଂ- ୫୯୩,୫୮୨) ଏବଂ ଖାତା ନଂ-୧୬୫ (ପ୍ଲଟ ନଂ- ୩୮୮, ୫୮/୮୭୧) ରେ ଥିବା ମୋର ପୈତୃକ ସମ୍ପତ୍ତିର ଅସଲି ସବକ ପଟ୍ଟା ଟି ଗତ ଏପ୍ରିଲ ୧୬, ୨୦୨୬ ରିଖରେ ହଜିଯାଇଛି। ମୁଁ ଏହା ସତ୍ୟପାଠର ଜମାନବନ୍ଦୀକାରୀ (deponent) ଏବଂ ମୋର ପିତାମାତା ତଥା ପୂର୍ବପୁରୁଷଙ୍କ ରେକର୍ଡ ଭୁକ୍ତ ସମ୍ପତ୍ତିର ଏକମାତ୍ର ଆଇନଗତ ଉତ୍ତରାଧିକାରୀ ଅଟେ। ଏହି ଦସ୍ତାବିଜଗୁଡିକ କୌଣସି ସ୍ଥାନରେ ବନ୍ଧକ ରଖାଯାଇନାହିଁ। ଯଦି କେହି ଏହାକୁ ପାଇଥାନ୍ତି ବା କାହାର କିଛି ଆପତ୍ତି ଥାଏ, ତେବେ ୧୫ ଦିନ ମଧ୍ୟରେ ପଟ୍ଟାମୁଣ୍ଡାଇ ରୁରାଲ୍ ଥାନା କିମ୍ବା ମୋ ସହିତ ଯୋଗାଯୋଗ କରନ୍ତୁ : ୯୬୬୩୯୩୩୪୪।

### ଅବକାରୀ ବିଭାଗର ଦୃଷ୍ଟି ଆଢୁଆଳରେ ମୟୂରଭଞ୍ଜ

# ଖାଲିପଡ଼ିଛି ବହୁ ପଦବୀ; ଧରପଗଡ଼ରେ ହେଉଛି ବାଧା

ବାରିପଦା, ୨୭ ।୪(ସମିସ): ରାଜ୍ୟର ବୃହତ୍ତମ ତଥା ସୀମାନ୍ତ ଜିଲ୍ଲା ମୟୂରଭଞ୍ଜ ଅବକାରୀ ବିଭାଗର ଦୃଷ୍ଟି ଆଢୁଆଳରେ ରହିଛି। ବିଭାଗର ରାଜସ୍ୱ ସଂଗ୍ରହରେ ପ୍ରମୁଖ ଜିଲ୍ଲା ତାଲିକାରେ ନିଜର ସ୍ଥାନ ଅକ୍ଷୁର୍ଣ୍ଣ ରଖିଥିବାବେଳେ ଅଫିସର/କର୍ମଚାରୀ ପଦବୀ ଖାଲି। ପ୍ରସ୍ତାବିତ ୪ଟି ନୂତନ ଥାନା ପ୍ରତିଷ୍ଠା ହେଉ ନ ଥିବାରୁ ଜିଲ୍ଲାରେ ଅବକାରୀ ଧରପଗଡ଼ ଅଭାବ ପରିଲକ୍ଷିତ ହେଉଛି। ଫଳରେ ବ୍ୟାପକ ରାଜସ୍ୱହାନୀ ଘଟୁଛି। ସୀମାନ୍ତ ରାଜ୍ୟ ଝାଡଖଣ୍ଡ, ପଶ୍ଚିମବଙ୍ଗ ଓ ବିହାରରୁ ନକଲି, ଅପମିଶ୍ରିତ ମଦ, ଗଞ୍ଜେଇ ଓ ବ୍ରାଉନସୁଗର ଆଦି ନିଶାଦ୍ରବ୍ୟ ଚୋରା କାରାବାର ରୋକିବା ପାଇଁ ବିଭାଗ ପକ୍ଷରୁ ମାନବ ସମ୍ବଳ ଅଭାବ ଏହାର ପ୍ରମୁଖ କାରଣ ବୋଲି ଜଣାପଡ଼ିଛି।

**■ ଝାରପୋଖରିଆ, କପ୍ତିପଦା, ବଡ଼ସାହି ଓ ରାସଗୋବିନ୍ଦପୁରରେ ନୂତନ ଥାନା ପ୍ରତିଷ୍ଠା ଜରୁରୀ**

ଜିଲ୍ଲାରେ ଅବକାରୀ ଏସ୍‌ପିଙ୍କ କାର୍ଯ୍ୟାଳୟ ପ୍ରାରମ୍ଭରୁ ଆଜି ପର୍ଯ୍ୟନ୍ତ ନିଜସ୍ୱ ଗୃହ ନିର୍ମାଣ ହୋଇପାରିନାହିଁ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରର ଏକ କୋଣରେ ପରିତ୍ୟକ୍ତ କୋଠରୀରେ ଏହା କାର୍ଯ୍ୟ କରୁଛି। ପୂର୍ବ ସରକାରଙ୍କ ଅମଳରେ ଯଦିଓ ପୁଲିସଲାଇନ ନିକଟରେ ନିଜସ୍ୱ ସ୍ଥାନ ପ୍ରଦାନ କରାଯାଇଛି, ତେବେ ନୂତନ କୋଠା ନିର୍ମାଣ ପାଇଁ ଟେଣ୍ଡର ହୋଇପାରିନି। ସେହିପରି ଜିଲ୍ଲାରେ ୨ଟି ଡିଏସପି ପଦବୀ ସୃଷ୍ଟି କରାଯାଇଥିଲେ ହେଁ ତାଙ୍କ ପାଇଁ କାର୍ଯ୍ୟାଳୟ କିମ୍ବା ଗାଡ଼ି ନାହିଁ। ବାରିପଦା ଡିଏସପି ଓ ଏସପିଙ୍କ କାର୍ଯ୍ୟାଳୟର ଏକ ପ୍ରକୋଷ୍ଠରେ ଅଫିସ କାର୍ଯ୍ୟ ତୁଲାଉଥିବାବେଳେ ପାଳି କରି ଏସ୍‌ପିଙ୍କ ଗାଡ଼ି ବ୍ୟବହାର କରୁଛନ୍ତି। ରାଇରଙ୍ଗପୁରରେ ଅବକାରୀ ଉପଖଣ୍ଡ କାର୍ଯ୍ୟାଳୟ ବା ରେଞ୍ଜ କାର୍ଯ୍ୟାଳୟରେ ଅନ୍ୟଜଣେ ଡିଏସପି କାର୍ଯ୍ୟ କରୁଥିବାବେଳେ ରାଇରଙ୍ଗପୁର ଅବକାରୀ ଥାନା ଗାଡ଼ି ପାଳି କରି ବ୍ୟବହାର କରୁଛନ୍ତି।

ଜିଲ୍ଲାରେ ପୁଲିସ ବିଭାଗ ପକ୍ଷରୁ ୫ଟି ଉପଖଣ୍ଡ କାର୍ଯ୍ୟାଳୟ ଓ ୩୨ଟି ଥାନା ଥିବାବେଳେ ଅବକାରୀ ବିଭାଗ ପକ୍ଷରୁ ୪ଟି ରେଞ୍ଜ କାର୍ଯ୍ୟାଳୟ ଓ ୧୪ଟି ଥାନା ସୀମିତ ଅଫିସର ଓ କର୍ମଚାରୀଙ୍କୁ ନେଇ କାର୍ଯ୍ୟ କରୁଛି। କାର୍ଯ୍ୟଭାର ଅଧିକ ପାଇଁ ବିଭାଗ ପକ୍ଷରୁ ଝାରପୋଖରିଆ, କପ୍ତିପଦା, ବଡ଼ସାହି ଓ ରାସଗୋବିନ୍ଦପୁରରେ ନୂତନ ଥାନା ପ୍ରସ୍ତାବ ବିଗତ ସରକାରଙ୍କ ଅମଳରୁ ଥିବାବେଳେ ଅଦ୍ୟାବଧି କାର୍ଯ୍ୟକାରୀର ସମ୍ଭାବନା ମଧ୍ୟ ନାହିଁ। କୁଳିଅଣା ଅବକାରୀ ଥାନା ଅଧୀନରେ କୁଳିଅଣା, ବାଙ୍ଗିରିପୋଷି, ଝାରପୋଖରିଆ ଓ ଚାନ୍ଦୁଆ ଥାନା ଅଞ୍ଚଳ ଥିବାବେଳେ ଗୋଟିଏ ଅବକାରୀ ଥାନା କିପରି କାର୍ଯ୍ୟ ତୁଲାଉଥିବ, ତାହା ସ୍ୱଷ୍ଟ ଅନୁମେୟ। ସେହିପରି ଜିଲ୍ଲାରେ ୧୪୭ଟି ମଞ୍ଜୁର ପଦବୀ ମଧ୍ୟରୁ ୫୫ଟି ଖାଲିପଡ଼ିଛି। ତନ୍ମଧ୍ୟରୁ ସର୍ବାଧିକ ୪୧ ଜଣ କନଷ୍ଟେବଳ ପଦବୀ ଖାଲି ଥିବାବେଳେ ୭ ଜଣ ସହକାରୀ ସବ ଇନିସପେକ୍ଟର, ୩ଟି ଇନିସପେକ୍ଟର ଓ ୨ଟି ସବ ଇନିସପେକ୍ଟର ପଦବୀ ଖାଲି ପଡ଼ିଛି। ବିଭାଗ ପକ୍ଷରୁ ସମସ୍ତ ଗାଡ଼ି ଭଡ଼ାରେ ଚାଲିଥିବାବେଳେ ନିଜସ୍ୱ ଗାଡ଼ି ନାହିଁ। ପରନ୍ତୁ ଜଣେ ଚାଳକ ବସି ବସି ଦରମା ନେଉଥିବା ପରିସ୍ଥିତି ମଧ୍ୟ ଜିଲ୍ଲାରେ ଦେଖିବାକୁ ମିଳୁଛି। ସରକାର ଯଥାଶୀଘ୍ର ଉପରୋକ୍ତ ସମସ୍ୟା ପ୍ରତି ଦୃଷ୍ଟି ଦେଲେ ଚୋରା ନିଶାଦ୍ରବ୍ୟ କାରବାରରେ ଅଙ୍କୁଶ ଆଣିବା ସହିତ ରାଜସ୍ୱ (ବାର୍ଷିକ ୩୨ କୋଟି ଟଙ୍କାରୁ ଊର୍ଦ୍ଧ୍ୱ) ବୃଦ୍ଧିରେ ଉଲ୍ଲେଖନୀୟ ସଫଳତା ମିଳିବ ବୋଲି ଆଶା କରାଯାଉଛି। ଜିଲ୍ଲା ଅବକାରୀ ଅଧିକାରୀ ପ୍ରଶାନ୍ତ କୁମାର କହଁରଙ୍କୁ ଏ ସମ୍ବନ୍ଧରେ ପଚାରିବାରୁ ସମସ୍ୟା ସମ୍ବନ୍ଧରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି କହିଥିବାବେଳେ ଚୋରା ନିଶା କାରବାର ରୋକିବାକୁ ଜିଲ୍ଲାରେ ବହୁମୁଖୀ ଶୃଙ୍ଖଳାଗତ ସ୍କ୍ୱାର୍ଡ (ଏମଡିଏସ) ଗଠିତ ହୋଇଥିବା କହିଛନ୍ତି। ଜିଲ୍ଲାପାଳ ଅଧ୍ୟକ୍ଷ ଥିବାବେଳେ ଅବକାରୀ, ପୁଲିସ, ବନ, ରାଜସ୍ୱ, ସ୍ୱାସ୍ଥ୍ୟ ଓ ଭେଷଜ ନିୟନ୍ତ୍ରକ ବିଭାଗର ଅଧିକାରୀ ଓ କର୍ମଚାରୀ ମିଳିତ ଭାବେ ଚଢ଼ଉ କରିବା ଯୋଜନା ସରିଛି ବୋଲି କହିଛନ୍ତି।

## ଦେଶୀମଦ ଭର୍ତ୍ତି ପିକଅପ ଭ୍ୟାନ ଜବତ, ଜଣେ ଗିରଫ



ବାରିପଦା, ୨୭।୪(ସମିସ): ବାରିପଦା ସଦର ଥାନା ଅନ୍ତର୍ଗତ ଇନ୍ଦପାହି କେନାଲ ଛକ ନିକଟରୁ ୨ ହଜାର ୬୫୦ ଲିଟର ଦେଶୀ ମଦ ଭର୍ତ୍ତି ଏକ ପିକଅପ ଭ୍ୟାନକୁ ପୁଲିସ ଜବତ କରିଛି। ଚୋରାମଦ ଚାଲାଣ ଅଭିଯୋଗରେ ଜଣକୁ ପୁଲିସ ଗିରଫ କରିଥିବାବେଳେ ଅନ୍ୟଜଣେ ଫେରାର ହୋଇଯାଇଛନ୍ତି। ଏକ ଦେଶୀମଦ ବୋଝେଇ ପିକଅପ ଗାଡ଼ି ଶନିବାର ବିଳମ୍ବିତ ରାତିରେ ବାରିପଦା ପଟୁ ଶୁଳିଆପଦା ଦେଇ ପଶ୍ଚିମବଙ୍ଗ ରାଜ୍ୟକୁ ଯାଉଥିଲା। ବାରିପଦା ସଦର ପୁଲିସ ରଜାବସା ଅଞ୍ଚଳରେ ପାଟ୍ରୋଲିଂ ସମୟରେ ଏ ବାବଦରେ ଖବର ପାଇ ଇନ୍ଦପାହି କେନାଲ ଛକ ନିକଟରେ ଗାଡ଼ିକୁ ଅଟକାଇ ଥିଲେ। ଗାଡ଼ି ଯାଞ୍ଚ ବେଳେ ସେଠାରୁ ୫୩ଟି ବସ୍ତାରେ ୨ ହଜାର ୬୫୦ ଲିଟର ଦେଶୀମଦ ଜବତ କରାଯାଇଥିଲା। ତେବେ ଗୋଟିଏ ବସ୍ତାରେ ୫ ଲିଟର ଲେଖାଏଁ ୧୦ଟି ଟ୍ୟୁବ ମଧ୍ୟରେ ଦେଶୀମଦ ରହିଥିବା ଦେଖିବାକୁ ମିଳିଥିଲା। ବାରିପଦା ସଦର ପୁଲିସ ମଦକୁ ଜବତ କରିବା ସହ ଗାଡ଼ିକୁ ଅଟକ ରଖିଛି। ଏ ଘଟଣାରେ ଗିରଫ ବ୍ୟକ୍ତି ଜଣକ ହେଲେ ଜଗଦିଶ ପ୍ରଧାନ। ଏ ନେଇ ସଦର ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି।

# ରାଜ୍ୟସଭା ସାଂସଦଙ୍କୁ ଭେଟିଲେ ଭଞ୍ଜସେନା ଅଧ୍ୟକ୍ଷ

ବାରିପଦା, ୨୭ ।୪(ସମିସ): ଶିମିଳିପାଳ ସମେତ ଅସରନ୍ତି ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀ ଓ ଐତିହ୍ୟ ସ୍ଥଳୀର ଗନ୍ତାଘର ମୟୂରଭଞ୍ଜରେ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା, ଜିଲ୍ଲାରେ ଥିବା ବିଭିନ୍ନ ବନ୍ୟଜାତ ଦ୍ରବ୍ୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପର ଉଚିତ ବ୍ୟବସାୟୀକରଣ ଓ ବିଭିନ୍ନ କୁଟୀର ଶିଳ୍ପ ମାଧ୍ୟମରେ ହିଁ ବେକାରୀ ସମସ୍ୟାରେ ଜର୍ଜରିତ ମୟୂରଭଞ୍ଜ ଜିଲ୍ଲାର ଲକ୍ଷାଧିକ ଯୁବସମାଜକୁ ସ୍ୱାବଲମ୍ବୀ କରିବା ସହ ଜିଲ୍ଲାର ଦାଦନ ଦୁଃଖ ଦୂର କରି ଜିଲ୍ଲାର ଅର୍ଥନୈତିକ ଅଭିବୃଦ୍ଧି କରିବାର ଚିନ୍ତାଧାରା ନେଇ ଦୀର୍ଘ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଜିଲ୍ଲାର ଏକମାତ୍ର ସଂଗ୍ରାମୀ ଯୁବ ଛାତ୍ର ସଂଗଠନ ଭଞ୍ଜସେନା ପକ୍ଷରୁ ବିଭିନ୍ନ ଉପାୟରେ ଦାବି କରିଆସୁଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କୌଣସି ଆଖିଦୃଶିଆ ସଫଳତା ମିଳିପାରିନାହିଁ। ଜିଲ୍ଲାର ବିକାଶ ବାବଦରେ ପାଟି ଖୋଲିବା ପରିବର୍ତ୍ତେ ଚୁପ ହୋଇ ବସିଥିବା ନିର୍ବାଚିତ ପ୍ରତିନିଧି ଓ ସୁପ୍ତ ଜନତାଙ୍କ ପାଇଁ ଏହା ହୋଇପାରୁନାହିଁ। ସଂଗଠନ ଆଉ ଚୁପ୍ ନ ବସି ଜିଲ୍ଲାର ଏହି ନ୍ୟାର୍ଯ୍ୟ ଦାବିଗୁଡ଼ିକୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପାଖରେ ପହଞ୍ଚାଇ ସୁଫଳ ଆଣିବା ସକାଶେ ସୋମବାର ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଭୁବନେଶ୍ୱର ମେ' ଫେୟାର୍ ହୋଟେଲ ଏକ ସମ୍ମିଳନୀ କକ୍ଷରେ ନବନିର୍ବାଚିତ ରାଜ୍ୟସଭା ସାଂସଦ ଦିଲ୍ଲୀପ ରାୟଙ୍କୁ ଭେଟି ତାଙ୍କର ସାହାଯ୍ୟ ଓ ସହଯୋଗ ଲୋଡିଛନ୍ତି। ଶ୍ରୀ ରାୟ ମଧ୍ୟ ଆମ୍ଭ ଜିଲ୍ଲାର ଏଭଳି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ବାବଦରେ ନିଶ୍ଚିତଭାବେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପାଖରେ ଉପସ୍ଥାପନ କରି ଜିଲ୍ଲାବାସୀଙ୍କ ସହିତ ଲକ୍ଷ ଲକ୍ଷ ବେକାର ଯୁବକ/ଯୁବତୀଙ୍କ ପାଇଁ ଖୁସିର ଖବର ଆଣିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିସହିତ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ମୌଳିକ ସମସ୍ୟାକୁ ନେଇ ଭଞ୍ଜସେନା ପକ୍ଷରୁ ଦ୍ୱିତୀୟ ଥର ହୋଇଥିବା ରିଲ୍ସ ପ୍ରତିଯୋଗିତାର ପୁରସ୍କାର ବିତରଣୀ ଉତ୍ସବ ବିଶ୍ୱ ଶ୍ରମିକ ଦିବସ ଅବସରରେ ମେ ମାସ ୧ ତାରିଖ ଦିନ ଭଞ୍ଜସେନାର ନିମନ୍ତ୍ରଣ ରକ୍ଷା କରି ମୁଖ୍ୟଅତିଥି ଭାବେ ଯୋଗଦେବାକୁ ନିଜର ସମ୍ମତି ପ୍ରଦାନ କରିଛନ୍ତି ବୋଲି ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ସୂଚନା ଦେଇଛନ୍ତି।

**■ ମୟୂରଭଞ୍ଜର ଦାଦନ ଦୁଃଖ ଦୂର ଓ ଅର୍ଥନୈତିକ ଅଭିବୃଦ୍ଧି ଲକ୍ଷ୍ୟ**

### ■ ଜନ୍ମମୃତ୍ୟୁ ପ୍ରମାଣପତ୍ର ପାଇଁ ଟଙ୍କା ଆଦାୟ ପ୍ରସଙ୍ଗ

# ଦୁଇ କର୍ମଚାରୀଙ୍କ ଅନ୍ୟତ୍ର ବଦଳି

**ପରବର୍ତ୍ତୀ ନିର୍ଦ୍ଦେଶ ଅନୁଯାୟୀ ପଦକ୍ଷେପ ନିଆଯିବ:ଏଡିଏମଓ**

ବାରିପଦା, ୨୭ ।୪(ସମିସ): ବାରିପଦା ପୌରପାଳିକା କାର୍ଯ୍ୟାଳୟରେ ଜନ୍ମମୃତ୍ୟୁ ପଞ୍ଜୀକରଣ ପ୍ରମାଣପତ୍ର ପ୍ରଦାନ ନାମରେ ଟଙ୍କା ଆଦାୟ ଘଟଣାରେ ପ୍ରାଥମିକ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଦୁଇଜଣ କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ସୁଶୀଳ କୁମାର ସାହୁଙ୍କୁ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଦେବବ୍ରତ ଦାସଙ୍କୁ ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି କରାଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଏଡିଏମ୍‌ଓ କହିଛନ୍ତି।

ସୂଚନା ମୁତାବକ, ଗତ ୨୦ ତାରିଖରେ ବାରିପଦାର ଜଣେ ଦିନମଜୁରିଆ ରଞ୍ଜିତ ମହାନ୍ତି ନିଜର ଜନ୍ମ ପ୍ରମାଣପତ୍ରକୁ ଡିଜିଟାଲ୍ କରିବା ପାଇଁ ପୌରପାଳିକା କାର୍ଯ୍ୟାଳୟକୁ ଯାଇଥିଲେ। ସରକାରୀ ଫି' ୭୦ ଟଙ୍କା ଥିବାବେଳେ ତାଙ୍କଠାରୁ ଏହି ଦୁଇ କର୍ମଚାରୀ ୯୦୦ ଟଙ୍କା ନେଇଥିବା ଅଭିଯୋଗ ହୋଇଥିଲା। ସୁଶୀଳ କୁମାର ସାହୁ ନିଜ ବ୍ୟକ୍ତିଗତ 'ଫୋନ୍-ପେ' ଆକାଉଣ୍ଟରେ ୪୦୦ ଟଙ୍କା ଓ ଦେବବ୍ରତ ଦାସ ନଗଦ ୫୦୦ ଟଙ୍କା ଲାଞ୍ଚ ନେଇଥିବା ନେଇ 'ନନ୍ଦିଘୋଷ ଓ ସକାଳ'ରେ ଖବର ପ୍ରସାରିତ/ପ୍ରକାଶ ହୋଇଥିଲା। ଏହି ଖବର ପାଇବା ପରେ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର ଘଟଣାକୁ ଗୁରୁତର ସହ ନେଇ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁଭାଷ ଚନ୍ଦ୍ର ନାୟକ କହିଛନ୍ତି ଯେ, ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଅଧିକ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେହିପରି ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା ବିଜୟ କୁମାର ଦାଶଙ୍କ କହିବାନୁଯାୟୀ ପ୍ରାରମ୍ଭିକ ତଦନ୍ତ ଅନୁସାରେ ସତ୍ୟାସତ୍ୟ ଜଣାପଡ଼ିବାରୁ ଉଭୟଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ତଦନ୍ତ ରିପୋର୍ଟ ମଧ୍ୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଦିଆଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶ ଅନୁସାରେ ଆଦେଶ କାର୍ଯ୍ୟକାରୀ କରାଯିବ।

# ଆନ୍ତଃ ଚିକିତ୍ସା କର୍ମଚାରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ



ବାରିପଦା, ୨୭ ।୪(ସମିସ): ସ୍ଥାନୀୟ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ପରିସରରେ ଏକ ଆନ୍ତଃ ଚିକିତ୍ସା କର୍ମଚାରୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୫ଟି ଦଳ ଅଂଶଗ୍ରହଣ କରିଥିଲେ। ୨୪ ତାରିଖରେ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚ୍ ନର୍ସିଂ ନାଇଟ ଏଙ୍ଗଲ ଓ କ୍ଲିନିକାଲ ଷ୍ଟ୍ରାଇକର୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ଲିନିକାଲ ଷ୍ଟ୍ରାଇକର୍ସ ଟିମ୍ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ସମାଜସେବୀ ଅମର ସେଠୀ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କର୍ମଚାରୀଙ୍କ ମଧ୍ୟରେ ବନ୍ଧୁତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଟିମୱାର୍କ ମ୍ୟାକ୍ସ ଦି ଡ୍ରିମ୍ ୱାର୍କ ସ୍ଲୋଗାନ ସହ ଏହି ଖେଳର ଆୟୋଜନ ହୋଇଥିବା ଅୟୋଜନ କମିଟି ସଦସ୍ୟ କହିଛନ୍ତି। ଏଥିରେ କମିଟିର ସଭାପତି ପ୍ରଫୁଲ୍ଲ ମାଝୀ, ସମର ମହାନ୍ତି, ବାବୁଲୁ ଭୋସାଗର ଜ୍ୟୋତି ପ୍ରକାଶ ଭୂଜବଳ, ନିରଞ୍ଜନ ମହାନ୍ତ, ସଚିନ ସାହୁ, ରଶ୍ମି ଦାସ, ସୁଦର୍ଶନ ମାରାଣ୍ଡି, ଚିତ୍ତ ମହାନ୍ତ, ଜଗନ୍ନାଥ ବେହେରା, ଅମିତ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ପଥର ବୋଝେଇ ଗାଡ଼ି ଜବତ



କପ୍ତିପଦା, ୨୭।୪ (ସମିସ): କପ୍ତିପଦା ଅଞ୍ଚଳରୁ ଚୋରା ପଥର ବେଧଡକ ଚାଲାଣ ହେଉଛି। ଶିମିଳିପାଳ ପାଦଦେଶରେ ଥିବା ଛୋଟବଡ ପାହାଡ଼କୁ ବେଆଇନ ଭାବେ ଖନନ କରି ଦିନ ଦ୍ୱିପ୍ରହରରେ ଚାଲାଣ ହେଉଛି ପଥର। ସୋମବାର ଦିନ ଏକ ପଥର ବୋଝେଇ ଗାଡ଼ିକୁ ଉଦଳା ବନ ବିଭାଗ ଜବତ କରିଛି। ଏହି ଗାଡ଼ିଟି କପ୍ତିପଦା ଅଞ୍ଚଳରୁ ଉଦଳା ଆସୁଥିବା ସମୟରେ ଉଦଳା ବନ ବିଭାଗ ହାବୁଡ଼ରେ ପଡ଼ିଥିଲା।

# ନିଶାମୁକ୍ତି ଅଭିଯାନ ନେଇ ସାମ୍ବାଦିକ ସମ୍ମିଳନୀ



ରାଇରଙ୍ଗପୁର, ୨୭।୪(ସମିସ): ସ୍ଥାନୀୟ ମହୁଲଡିହାସ୍ଥ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ କଂଗ୍ରେସ ପକ୍ଷରୁ ନିଶାମୁକ୍ତି ଅଭିଯାନ ନେଇ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ କମିଟି ସଭାପତି ଭୂବନ ବିହାରୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସମ୍ମାନିତ ଅତିଥି ଭାବେ ଏସ୍‌ସି ସେଲ ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ମାନସ ମଲ୍ଲିକ, ଓଡ଼ିଶା ପ୍ରଦେଶ କଂଗ୍ରେସ ସମ୍ପାଦିକା ସସ୍ମିତା ପଣ୍ଡା, ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ, ରାଇରଙ୍ଗପୁର ଟାଉନ ସଭାପତି ଅମର ପ୍ରଧାନ, ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟାଳୟ ସମ୍ପାଦକ ରୂପକ ମହାନ୍ତି, ଆଦିବାସୀ କଂଗ୍ରେସ ଜିଲ୍ଲା ସଭାପତି ବେରେଲ ସିର୍କା ଓ ବିଜାତଳା ବ୍ଲକ ସଭାପତି ନିଶାକର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ସଭାପତି ଶ୍ରୀ ସାହୁ ସଭାପତିତ୍ୱ କରିଥିବାବେଳେ ଓସିପିଏସସି ସେଲ ସଭାପତି ଶ୍ରୀ ମଲ୍ଲିକ ନିଶାମୁକ୍ତି ଅଭିଯାନ ନେଇ ଜଣାଇଛନ୍ତି। ଏଥିସହିତ ବିଜେପି ମହିଳା ଆରକ୍ଷଣ ବିଲ ଉପରେ ଦେଇଥିବା ମନ୍ତବ୍ୟରେ କୌଣସି ବୈଚିତ୍ରତା ନାହିଁ। ନିଶା ମୁକ୍ତ ସୁସ୍ଥ ଓ ସୁନ୍ଦର ସମାଜ ଗଢିବାକୁ ବିଜେପି କାର୍ଯ୍ୟ କରିବା ଆବଶ୍ୟକ ଅଟେ। ସମ୍ପାଦିକା ଶ୍ରୀମତୀ ପଣ୍ଡା ବର୍ତ୍ତମାନ ପରିସ୍ଥିତିରେ ନାରୀମାନଙ୍କ ଉପରେ ହେଉଥିବା ଅନ୍ୟାୟ, ଅତ୍ୟାଚାର କେବଳ ନିଶା ଯୋଗୁଁ ହେଉଛି। ଏଣୁ ନିଶାଦ୍ରବ୍ୟ ଉପରେ ରୋକ ରହିବା ଉଚିତ। ଆଦିବାସୀ ଝିଅଙ୍କୁ ଚାକିରି ପ୍ରଲୋଭନ ଦେଖାଇ ବାହାର ରାଜ୍ୟ ଚାଲାଣକୁ କଡ଼ା ବିରୋଧ କରିଥିଲେ। ମହିଳା ଆରକ୍ଷଣ ବିଲ ୨୦୨୩ ମସିହାରେ ଲାଗୁ ହୋଇଛି। ବିଜେପି ଦଳ ଭ୍ରାନ୍ତି କରୁଛନ୍ତି ଓ ବିରୋଧୀ ଦଳମାନଙ୍କୁ ଦୋଷ ଦେଉଛନ୍ତି ବୋଲି କହିଛନ୍ତି। ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ ସମ୍ମିଳନୀ ପରିଚାଳନା କରିଥିବାବେଳେ ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ସମ୍ପାଦକ ରୂପକ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋ-ସମ୍ମାନ ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

କପ୍ତିପଦା, ୨୭।୪(ସମିସ): ଏପ୍ରିଲ ୨୭ ତାରିଖ ଗୋ-ସମ୍ମାନ ଦିବସ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କୁ କପ୍ତିପଦା ବ୍ଲକ ପକ୍ଷରୁ ଏକ ଦାବିପତ୍ର ତହସିଲଦାର ଆଶିଷ କୁମାର ମହାପାତ୍ରଙ୍କ ଜରିଆରେ ପ୍ରଦାନ କରାଯାଇଛି। ହିନ୍ଦୁ ସଂସ୍କୃତିରେ ଗାଁରେ ଗୋମାତା ଭାବେ ପୂଜା କରାଯାଏ। ଗାଇ ଗୋବର ଗଙ୍ଗାଜଳ ସଦୃଶ୍ୟ ପବିତ୍ର ବୋଲି ପରମ୍ପରା ରହିଆସିଛି। ବର୍ତ୍ତମାନ ସମାଜରେ ଗାଇ ପ୍ରତି ସମ୍ମାନ ନାହିଁ। ଏପରିକି ଗୋହତ୍ୟା ଓ ଗୋମାଂସର ବିକ୍ରି ବଢ଼ିଚାଲିଛି। ତେଣୁ ଭାରତ ଭଳି ହିନ୍ଦୁ ରାଷ୍ଟ୍ରରେ ଏସବୁକୁ ବନ୍ଦ କରିବା ସହିତ ଗାଇକୁ ସୁରକ୍ଷା ଦେବାକୁ ଦାବି କରାଯାଇଛି। କପ୍ତିପଦା ବ୍ଲକର ପୋଡାଡିହା, କୋଳିଅଳମ, ଦେବଳା ପ୍ରଭୃତି ପଞ୍ଚାୟତରୁ ଶତାଧିକ ଗୋପ୍ରେମୀ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କ ନିକଟରେ ଦାବିପତ୍ର ପ୍ରଦାନ କରିଛନ୍ତି।




## ଶ୍ରୀରାମଚନ୍ଦ୍ର ପାଠାଗାରରେ ଶିଶୁ ବିଭାଗ




ବାରିପଦା, ୨୭ ।୪(ସମିସ): ରବିବାର ସନ୍ଧ୍ୟାରେ ସ୍ଥାନୀୟ ଶ୍ରୀରାମଚନ୍ଦ୍ର ପାଠାଗାର ବା ଜୁବଲୀ ଲାଇବ୍ରେରୀ ପରିସରରେ ଶିଶୁ ବିଭାଗ ଆରମ୍ଭ କରାଯାଇଥିଲା। ମୁଖ୍ୟଅତିଥି ଭାବେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟର କୁଳପତି ଡ ମହେନ୍ଦ୍ର କୁମାର ମହାନ୍ତି ଯୋଗ ଦେଇ ଉଦ୍‌ଘାଟନ କରି ନିଜସ୍ୱ ପ୍ରତିଭାକୁ ବିକଶିତ କରିବାରେ ପିଲାମାନଙ୍କୁ ପିତାମାତା ପ୍ରେରିତ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଅଶୋକ କୁମାର ତ୍ରିପାଠୀ ଓ ଉତ୍ତରା ତ୍ରିପାଠୀ ସମସ୍ତଙ୍କୁ ପ୍ରୋତ୍ସାହିତ କରିଥିଲେ। ପୂର୍ବାହ୍ନରେ 'ସ୍କୁଲ ଅଫ ଆର୍ଟସ ଓ କ୍ରାଫ୍ଟସ'ର ଅଧ୍ୟକ୍ଷା ପ୍ରଣତୀ ପଟ୍ଟନାୟକଙ୍କ ପ୍ରଚେଷ୍ଟାରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପିଲାମାନଙ୍କୁ ଟ୍ରଫି ଓ ସାର୍ଟିଫିକେଟ ବଣ୍ଟନ କରାଯାଇଥିଲା। ଜୟନ୍ତ କୁମାର ପାଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମ୍ପାଦକ ଅଶୋକ କୁମାର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆଶିଷ କୁମାର ମହାନ୍ତି, ସନ୍ତୋଷ କୁମାର ପଟ୍ଟନାୟକ, ବିଜୟ କୁମାର ମହାପାତ୍ର, ବଳଦେବ ଶତପଥୀ, ସମୀର କୁମାର ସାହୁ, ମନୋଜ କୁଅଁର ବାବୁ, ପ୍ରଦୀପ କୁମାର ମିସ୍ତ୍ରୀ, ବନଜା ମହାନ୍ତି, କନିକା ସେନାପତି ଓ ଖଗେନ୍ଦ୍ର ମଲିକ ପ୍ରମୁଖ ଲାଇବ୍ରେରୀର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ। ସନ୍ତୋଷ କୁମାର ଧନ୍ୟବାଦ ଅର୍ପଣ କରିଥିଲେ।

### ଗ୍ରୀଷ୍ମଋତୁରେ ମାଟିପାତ୍ରର ରହିଛି ଚାହିଦା

# ପାରିଶ୍ରମିକ ତୁଳନାରେ ମିଳୁନି ପାଉଣା

ମୋରଡା, ୨୭।୪(ସମିସ): ପ୍ରଚଣ୍ଡ ଖରାରେ ଶୋଷରେ ତଣ୍ଟି ଶୁଖିଯାଉଥିବାବେଳେ ଥଣ୍ଡା ପାଣି ମୁନ୍ଦିଏ ପାଇଁ ଲୋକେ ଡହଳବିକଳ ହେଉଛନ୍ତି। ଯେତେ ଆଧୁନିକତାକୁ ଆପଣେଇଲେ ବି ଏଭଳି ଟାଣ ଖରାରେ ମାଟିପାତ୍ରର ଚାହିଦା କିନ୍ତୁ ଅତୁଟ ରହିଛି। ଏଥିପାଇଁ ମୋରଡା ବ୍ଲକର ବିଭିନ୍ନ ହାଟରେ ବର୍ତ୍ତମାନ ମାଟିହାଣ୍ଡି, ସରେଇ, ମାଠିଆ ଆଦିର ପସରା ଦେଖିବାକୁ ମିଳୁଛି। ତେବେ ମାଟି କାରିଗରଙ୍କୁ ପାରିଶ୍ରମିକ ତୁଳନାରେ ପାଉଣା ମିଳୁନି। ଅନ୍ୟପକ୍ଷରେ ମାଟି ସଂକଟ ଦେଖା ଦେଇଛି। ଫଳରେ କୁମ୍ଭାରଙ୍କ କୌଳିକ ବୃତ୍ତି ବୁଡ଼ିଯିବା ଆଶା କରାଯାଉଛି।

**■ ମାଟି ସଙ୍କଟରେ କୁମ୍ଭାର, ବୁଡ଼ିବ କୌଳିକ ବୃତ୍ତି**



ମୋରଡ଼ା ବ୍ଲକ ସଦର ମହକୁମା ଚିତ୍ରଡାରେ ଥିବା କାରିଗର ମାଟିପାତ୍ର ନିର୍ମାଣ କରି ନିଜର ଜୀବିକା ବଞ୍ଚାଇ ଆସିଛନ୍ତି। ଏଠାକାର କୁମ୍ଭାରମାନେ ପିଢ଼ି ପିଢ଼ି ଧରି ମାଟିପାତ୍ର ତିଆରି କରି ନିଜର ଗୁଜୁରାଣ ମେଣ୍ଟାଇ ଆସୁଛନ୍ତି। ବର୍ତ୍ତମାନ ଖରାରେ ମଧ୍ୟ ମାଟିପାତ୍ର ତିଆରି କରି ବିଭିନ୍ନ ସ୍ଥାନରେ ବିକ୍ରି କରୁଛନ୍ତି। ହେଲେ ଏମାନଙ୍କ ପାଇଁ ମାଟି ଯୋଗାଡ଼ ବଡ଼ ସମସ୍ୟା ପାଲଟିଲାଣି। ଏଥିପାଇଁ ସ୍ୱତନ୍ତ୍ର କିସମର ଅଠାଳିଆ ମାଟି ଦରକାର ହେଉଥିବାବେଳେ ତାହା ଖୋଜିବାକୁ କୁମ୍ଭାରମାନଙ୍କୁ ୫ରୁ ୭ କିମି ପର୍ଯ୍ୟନ୍ତ ଯିବାକୁ ପଡୁଛି। ମାଟି ଅଭାବ ସତ୍ତ୍ୱେ ସାମଗ୍ରୀର ଦର ବଢ଼ୁ ନ ଥିବାରୁ ସେହି ଅନୁପାତରେ ପାରିଶ୍ରମିକ ମିଳୁନାହିଁ। ମାଟିପାତ୍ର କାରିଗର ଶ୍ୟାମରଥ ବେହେରା କହିଛନ୍ତି, ଚଳିତ ବର୍ଷ ମାଟି ମିଳୁ ନ ଥିବାରୁ କୁମ୍ଭାରମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମାର୍ଚ୍ଚ ମାସରୁ ଏମାନଙ୍କ ବ୍ୟବସାୟ ଆରମ୍ଭ ହୋଇଥାଏ। କିନ୍ତୁ ଚଳିତ ବର୍ଷ ପୂର୍ବଭଳି ବ୍ୟବସାୟ ଠିକ୍ ହେଉନାହିଁ ବୋଲି ପ୍ରକାଶ କରିଛନ୍ତି। ବିବାହ ଋତୁ ପାଇଁ ଆବଶ୍ୟକ ସାମଗ୍ରୀ ପାଇଁ ଏମାନଙ୍କ ବ୍ୟବସାୟ ଭଲ ଚାଲୁଥିବାବେଳେ ବାକି ସମୟରେ ବହୁ କଷ୍ଟରେ ଚଳିବାକୁ ପଡୁଛି। ଏଥିପାଇଁ ଅନେକ କୁମ୍ଭାର ନିଜର କୌଳିକ ବୃତ୍ତିରୁ ମୁହଁ ଫେରାଉଥିବା ଅଭିଯୋଗ ହୋଇଛି। ଏପରିକି କିଏ କୁମ୍ଭାର ଖରାଦିନରେ ଲସି ସରବତ ଦୋକାନ ଖୋଲିବାକୁ ବାଧ୍ୟ ହେଲାଣି ତ ଆଉ କିଏ ଚାଉମିନ୍ ବେପାର କଲେଣି। ଏଭଳି ସ୍ଥିତିରେ ଏମାନଙ୍କୁ ସରକାରୀ ପ୍ରୋତ୍ସାହନ ନ ମିଳିଲେ ପିଢ଼ି ପିଢ଼ିର କୌଳିକ ବୃତ୍ତି ବନ୍ଦ ହୋଇଯିବା ନେଇ ଆଶଙ୍କା କରାଯାଉଛି।

## ରୋଟାରୀ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣରଙ୍କ କ୍ଲବ ପରିଦର୍ଶନ



କେନ୍ଦୁଝର,୨୭।୪(ସମିସ): ରୋଟାରୀ ଭବନ ଠାରେ ରୋଟାରୀ କ୍ଲବ କେନ୍ଦୁଝରଗଡ଼ ଶାଖାକୁ ପରିଦର୍ଶନ କରିଛନ୍ତି ରୋଟାରୀ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ରୋଟାରିଆନ ମନୋଜ ତ୍ରିପାଠୀ ଓ ତାଙ୍କ ସହଧର୍ମିଣୀ ମଧୁସ୍ମିତା ତ୍ରିପାଠୀ। ରୋଟାରୀ କ୍ଲବ କେନ୍ଦୁଝରଗଡ଼ ଶାଖା ସଭାପତି ହରିହର ମହାନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆସିଷ୍ଟାଣ୍ଟ ଗଭର୍ଣ୍ଣର ମାନସ ରଞ୍ଜନ ଆଚାର୍ଯ୍ୟ, ଇନରହୁଇଲ କେନ୍ଦୁଝର ସଭାପତି ସୋନାଲି ସିଂହ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରୋଟାରିଆନ ନିରୁପମା ସ୍ୱାଇଁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ରୋଟାରୀ କ୍ଲବ କେନ୍ଦୁଝରଗଡ଼ ଶାଖା ପକ୍ଷରୁ ହାତକୁ ନିଆଯାଇଥିବା ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ ରୋଟାରୀ କ୍ଲବ୍ କେନ୍ଦୁଝରଗଡ଼ ସମ୍ପାଦକ ବିଜୟ କୁମାର ବେହେରା ବିସ୍ତୃତ ଭାବେ ସୂଚନା ପ୍ରଦାନ କରିଥିବା ବେଳେ ରୋଟାରିଆନ ଇଂ ସୁରେଶ ଚନ୍ଦ୍ର ଖଟୋଇଙ୍କ ଦ୍ୱାରା ସମ୍ପାଦିତ ଗୋନାସିକା ସ୍ମରଣିକାକୁ ଅତିଥିଗଣ ଉନ୍ମୋଚିତ କରିଥିଲେ। ରୋଟାରୀ କ୍ଲବ କେନ୍ଦୁଝରଗଡ଼ ଶାଖା ପକ୍ଷରୁ ବୈଦ୍ୟରାଜ ସାହିର ରମେଶ ନାଏକଙ୍କୁ ଏକ ହୁଇଲ୍ ଚେୟାର, ୮ ଜଣ ମହିଳାଙ୍କୁ ୱାଟର ଫିଲ୍ଟର୍ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ରୋଟାରିଆନ ମନୋଜ ତ୍ରିପାଠୀ ପ୍ରଦାନ କରିଥିଲେ।

ଏହି ଅବସରରେ ୭ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଙ୍କର ଶିକ୍ଷାଦାନ କ୍ଷେତ୍ରରେ ଉତ୍କର୍ଷତା ପାଇଁ ରୋଟାରୀ ନେସନ ବିଲଡର ଆୱାର୍ଡ ପ୍ରଦାନ କରାଯାଇଥିଲା। ନିମନ୍ତ୍ରିତ ଅନ୍ୟ ରୋଟାରୀ କ୍ଲବର ସଦସ୍ୟଙ୍କୁ ମଧ୍ୟ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମ ରୋଟାରୀ କ୍ଲବ କେନ୍ଦୁଝରଗଡ଼ ଶାଖାର ସମସ୍ତ ସଦସ୍ୟ ଓ ସଦସ୍ୟା,ଇନରହୁଇଲ କ୍ଲବର ସମସ୍ତ ସଦସ୍ୟାଙ୍କ ସହଯୋଗରେ ସୁଚାରୁ ରୂପେ ସମ୍ପାଦନ କରାଯାଇଥିଲା।ଶେଷରେ ରୋଟାରିଆନ ଦେବବ୍ରତ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ



ଆନନ୍ଦପୁର,୨୭।୪(ସମିସ): କେନ୍ଦୁଝର ନନ୍ଦିପଦା ଥାନା ପଛଅଟେ ଥିବା ମରେଇଗାଁ ପୋଖରୀରେ ବୁଡ଼ିଯାଇ ଜଣେ ଯୁବ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ଉପେନ୍ଦ୍ର ପଣ୍ଡାଙ୍କ ପୁଅ ରତିକାନ୍ତ ପଣ୍ଡା (୩୫)। ସେ ମରେଇଗାଁ ବଜାରରେ ଚିକେନ ବ୍ୟବସାୟ କରୁଥିବା ବେଳେ ଆଜି ଦିନ ୨ଟାରେ ଏହି ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଅନେକ ସମୟ ଧରି ଘରକୁ ଫେରିନଥିଲେ। ପରିବାର ଲୋକେ ଖୋଜା ଖୋଜି କରିବାରୁ ପୋଖରୀ କୂଳରେ ରତିକାନ୍ତର ମୋବାଇଲ ଓ ଜୋତା ଥୁଆ ହୋଇଥିବା ଦେଖି ପୋଖରୀରେ ବୁଡ଼ିଯାଇଥିବା ସନ୍ଦେହ କରିଥିଲେ। ଏ ନେଇ ହାଟଡିହି ଓ ଆନନ୍ଦପୁର ଅଗ୍ନିଶମ ବାହିନୀକୁ ଜଣାଇବା ପରେ ହାଟଡିହି ଓ ଆନନ୍ଦପୁର ଅଗ୍ନିଶମ ବାହିନୀ ପହଞ୍ଚି ଅନେକ ସମୟ ଧରି ଉଦ୍ଧାର କାର୍ଯ୍ୟ ଜାରି ରଖିବା ପରେ ରତିକାନ୍ତଙ୍କୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ନେବାପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସାଂସଦ, ବିଧାୟକ ପ୍ରତିନିଧିଙ୍କ ବିରୋଧରେ ବିଜେପି କର୍ମୀଙ୍କ ବ୍ଲକ୍ ଘେରାଉ



ତୁରୁମୁଙ୍ଗା,୨୭।୪(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନ ମଣ୍ଡଳୀରେ ବିଜେପି କର୍ମୀଙ୍କ ଅସନ୍ତୋଷ ଦେଖିବାକୁ ମିଳିଛି। ଶତାଧିକ ଅସନ୍ତୋଷ କର୍ମୀ ସୋମବାର ପାଟଣା ବ୍ଲକ୍ ଘେରାଉ କରିଛନ୍ତି। ଏବେ ନୂତନ ସରକାରରେ ବିଶେଷ କରି ସାଂସଦ ପ୍ରତିନିଧି ଓ ବିଧାୟକ ପ୍ରତିନିଧି ଏବଂ ବ୍ଲକ୍ କର୍ତ୍ତୃପକ୍ଷଙ୍କ ମଧୁଚନ୍ଦ୍ରିକାରେ ଗୋଟିଏ କାର୍ଯ୍ୟାଦେଶ ୨ରୁ ୩ ଜଣଙ୍କୁ ବଣ୍ଟା ହେଉଛି। ଏପରିକି କାର୍ଯ୍ୟାଦେଶ ଦେବା ପାଇଁ ଆଗରୁ ପ୍ରତିନିଧିମାନେ ପିସି ଆଡ୍ଭାନ୍ସ ଉଠେଇ ନେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି। ବାହାର ପଞ୍ଚାୟତର ଲୋକଙ୍କୁ କାମ ମିଳୁଛି ହେଲେ ନିଜ ଗାଁ କିମ୍ବା ପଞ୍ଚାୟତ ଲୋକଙ୍କୁ କାମ ମିଳି ପାରୁ ନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି। ପାଟଣା ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ଭୋଟ ପାଇ ବିଜୟୀ ହୋଇଥିବା ବିଜେପିର ଉଭୟ ସାଂସଦ ଓ ବିଧାୟକ ତିନି ଚାରି ଜଣଙ୍କ ମଧ୍ୟରେ ସିମୀତ ରହି ଯାଉଛି ବୋଲି ପାଟଣା ମଣ୍ଡଳ ସଭାପତି ବ୍ରଜବନ୍ଧୁ ସେଠୀ ଅଭିଯୋଗ କରିଛନ୍ତି। ଯାହା ଫଳରେ ଦୁର୍ନୀତି ବଢ଼ିବାରେ ଲାଗିଛି। ଉଭୟ ପ୍ରତିନିଧିଙ୍କ ଯୋଗୁଁ ଗାଁ ଗାଁ ସାହି ସାହି ମଧ୍ୟରେ କଳି ହେଉଛି। କର୍ମୀ ମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି ସମସ୍ୟାକୁ ନେଇ ପାଟଣା ମଣ୍ଡଳ ସଭାପତି ବ୍ରଜ ସେଠୀ ଓ ପୂର୍ବତନ ସଭାପତି ରମେଶ ଚନ୍ଦ୍ର ମହାନ୍ତଙ୍କ ନେତୃତ୍ୱରେ ଶତାଧିକ ବିଜେପି କର୍ମୀ ଏବଂ ସମର୍ଥକ ଆଜି ବିଡିଓଙ୍କୁ ଭେଟି ସମାଧାନ ନହେବା ପର୍ଯ୍ୟନ୍ତ ସମସ୍ତ ଉନ୍ନୟନ କାର୍ଯ୍ୟ ବନ୍ଦ ରଖିବାକୁ ଦାବିପତ୍ର ପ୍ରଦାନ କରିଛନ୍ତି। ବର୍ତ୍ତମାନ ଉପୁଜିଥିବା ସମସ୍ୟା ସମାଧାନ ଦିଗରେ ତୁରନ୍ତ ପଦକ୍ଷେପ ନିଆ ନଗଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବ ବୋଲି ନେତାମାନେ ଚେତାବନୀ ଦେଇଛନ୍ତି। ଆଜିର ଏହି ଦାବିପତ୍ର ପ୍ରଦାନ ବେଳେ ବିଜେପିର ବରିଷ୍ଠ କର୍ମୀ ଅର୍ଜୁନ ମହାନ୍ତ, ପ୍ରକାଶ ସେଠୀ, ମନସୁର ଆଲମ୍, ହରିଶ ଚନ୍ଦ୍ର ମହାନ୍ତ, ସଞ୍ଜୟ ପଲେଇ, ଯୁଧିଷ୍ଠିର ମହାନ୍ତ, ରବୀନ୍ଦ୍ର ମହାନ୍ତ, ସୁରେଶ ମହାନ୍ତ, ଗୋପାଳ ମହାନ୍ତ, ଉମାକାନ୍ତ ମହାନ୍ତ, କୃଷ୍ଣଚନ୍ଦ୍ର ମହାନ୍ତ, ନିତେଶ ମହାନ୍ତ, ଚୌଧୁରୀ ନାଏକ, ମଧୁସୂଦନ ମହାନ୍ତ, ଦାନ୍ଦୁଲୁ ବରଡିଆ, ଲକ୍ଷ୍ମୀଧର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

### ବାରିପଦା ସହରରେ ବଢୁଛି ବେଆଇନ ଗୃହ ନିର୍ମାଣ

# ତ୍ରୁଟିପୂର୍ଣ୍ଣ ମାଷ୍ଟରପ୍ଲାନ ପାଇଁ ସଙ୍କୁଚିତ ହେଉଛି ସହର

ବାରିପଦା, ୨୭।୪(ସମିସ):

ରାଜାରାଜୁଡା ଅମଳରୁ ପ୍ରତିଷ୍ଠିତ ଐତିହାସିକ ବାରିପଦା ସହର ଏକ ସମୃଦ୍ଧ ପ୍ଲାନିଂ ସହର ଭାବେ ପରିଚୟ ଲାଭ କରିଥିଲା। ଓଡ଼ିଶାର ସର୍ବପୁରାତନ ବାରିପଦା ମ୍ୟୁନିସିପାଲଟି ୧୯୦୫ରେ ତତ୍କାଳୀନ ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଦ୍ୱାରା ସ୍ଥାପିତ ହେବା ସହ ବାରିପଦାକୁ ଏକ ସୁବ୍ୟବସ୍ଥିତ ସହର ଭାବେ ଗଢିତୋଳିବା ପାଇଁ ମହାରାଜା ସେତେବେଳେ ବାହାର ରାଜ୍ୟ ଓ ବିଦେଶରୁ ଇଂଜିନିୟର ଓ ଆର୍କିଟେକଙ୍କୁ ନିଯୁକ୍ତ କରି ସହରର ରାସ୍ତାଘାଟ, ପୁଷ୍କରିଣୀ ଓ ଡ୍ରେନେଜ ଆଦିର ସୁବ୍ୟବସ୍ଥା କରିଥିଲେ। ସ୍ୱାଧୀନତା ପରବର୍ତ୍ତୀ ସମୟରେ ଓଡ଼ିଶା ଟାଉନ ପ୍ଲାନିଂ ଆଣ୍ଡ ଇମ୍ପ୍ରୁଭମେଣ୍ଟ ଟ୍ରଷ୍ଟ ଆକ୍ଟ ୧୯୫୬ ଆଧାରରେ ସହରକୁ ସୁବ୍ୟବସ୍ଥିତ କରିବା ପାଇଁ ୧୯୮୧ରୁ ୨୦୧୧ ପର୍ଯ୍ୟନ୍ତ ବାରିପଦା ସହର ପାଇଁ କାର୍ଯ୍ୟକାରୀ ହେଉଥିବା ମାଷ୍ଟର ପ୍ଲାନରେ ୪୪.୨୬ ବର୍ଗ କିମି ଏରିଆ ରହିଥିଲା। ତେବେ ଏହି ମାଷ୍ଟର ପ୍ଲାନର ଅବଧି ସରିବା ପରେ ୨୦୧୧ରୁ ୨୦୩୦ ମସିହା ପର୍ଯ୍ୟନ୍ତ ବାରିପଦା ସହରର ବିସ୍ତାର ଓ ସହରକୁ ସୁବ୍ୟବସ୍ଥିତ କରିବାକୁ ନୂତନ ମାଷ୍ଟର ପ୍ଲାନ ପ୍ରସ୍ତୁତି ପାଇଁ ନୂଆଦିଲ୍ଲୀର ଦି କନସଲଟାଣ୍ଟ ରୁଦ୍ରାଭିଷେକ ଏଣ୍ଟରପ୍ରାଇଜେସ କମ୍ପାନୀକୁ ଆଉଟସୋର୍ସିଂ ଆଧାରରେ ଦାୟିତ୍ୱ ଦିଆଯାଇଥିବାବେଳେ ମାଷ୍ଟର ପ୍ଲାନ ପ୍ରସ୍ତୁତି କମିଟିରେ ଚିଫଟାଉନ ପ୍ଲାନର ତଥା ନିର୍ଦ୍ଦେଶକ ଟାଉନ ପ୍ଲାନିଂ ଓଡ଼ିଶା, ମୟୂରଭଞ୍ଜର ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ନିର୍ବାହୀ ଯନ୍ତ୍ରୀ ପିଏଚଡି, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ, ନିର୍ବାହୀ ଯନ୍ତ୍ରୀ ପୂର୍ତ୍ତ ବିଭାଗ, ନିର୍ବାହୀ ଯନ୍ତ୍ରୀ ଜାତୀୟ ରାଜପଥ ବିଭାଗ, ନିର୍ବାହୀ ଯନ୍ତ୍ରୀ ବିଦ୍ୟୁତ ବିଭାଗ, ବାରିପଦା ପୌର ନିର୍ବାହୀ ଅଧିକାରୀ, ବାରିପଦା ପୌର ଯନ୍ତ୍ରୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଜିଲ୍ଲା ପରିବହନ ଅଧିକାରୀ, ବାରିପଦା ତହସିଲଦାର ଓ ବାରିପଦା ସ୍ପେସାଲ ପ୍ଲାନିଂ ଅଥରିଟି ପ୍ରମୁଖ ଅଧିକାରୀ ସମ୍ପୃକ୍ତ ରହି ଦୀର୍ଘ ୮ବର୍ଷ ଧରି ସର୍ଭେ ଓ ତର୍ଜମା କରି ରାଜକୋଷରୁ



ବ୍ୟାପକ ଅର୍ଥ ଖର୍ଚ୍ଚ କରି ବାରିପଦାର ନୂତନ ମାଷ୍ଟର ପ୍ଲାନ ୨୦୧୯ ରେ ପ୍ରସ୍ତୁତ କରିଥିଲେ। ତାହା ୨୦୧୯ ନଭେମ୍ବର ୧ ତାରିଖରେ ଗେଜେଟ ନୋଟିଫିକେସନ ହୋଇ କାର୍ଯ୍ୟକାରୀ ହୋଇଥିଲା।

ତେବେ ଏହି ନୂତନ ମାଷ୍ଟର ପ୍ଲାନ ଲାଗୁ ହେବା ପରେ ସହରବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଆସୁଛନ୍ତି। ଆଗକୁ ବାରିପଦା ସହର ଏକ ନନପ୍ଲାନ ସହର ଭାବେ ପରିଣତ ହେବାର ସମସ୍ତ ବନ୍ଦୋବସ୍ତ କରାଯାଇଥିବା ଅଭିଜ୍ଞ ବୁଦ୍ଧିଜୀବୀ ଅଭିଯୋଗ ବାଢିଛନ୍ତି। ଡ୍ରାଫ୍ଟ ମାଷ୍ଟର ପ୍ଲାନ ଅନୁମୋଦନ ହେବା ପୂର୍ବରୁ ଅଭିଯୋଗ ସମୟରେ ୨୦୧୬ରେ ଉକ୍ତ ଡ୍ରାଫ୍ଟରେ ଥିବା ତ୍ରୁଟି ବିଚ୍ୟୁତିକୁ ନେଇ ଅଭିଯୋଗ ସହ ଏହାର ସମାଧାନ ପାଇଁ ପରାମର୍ଶ ଦିଆଯାଇଥିଲା। ତେବେ ତାହା ସୁଧାରା ଯାଇଥିବା ଦର୍ଶାଯାଇଥିଲେ ମଧ୍ୟ ବାସ୍ତବରେ ତାହା ସୁଧାର କରାଯାଇ ନ ଥିବା ଅଭିଯୋଗ ହୋଇଛି। ବାରିପଦା ସହରର ପୁରୁଣା ଓ ନୂଆ ମାଷ୍ଟରପ୍ଲାନକୁ ତର୍ଜମା କରାଗଲେ ନୂତନ ମାଷ୍ଟର ପ୍ଲାନରେ ଅସଂଖ୍ୟ ତ୍ରୁଟି ରହିଥିବା ପରିଲକ୍ଷିତ ହେଉଛି।

୧୯୮୧ରେ ତିଆରି ହୋଇଥିବା ମାଷ୍ଟରପ୍ଲାନରେ ସହରର ଏରିଆ ଯାହା ଥିଲା ୨୦୧୯ରେ ଅନୁମୋଦନ ହୋଇଥିବା ମାଷ୍ଟର ପ୍ଲାନରେ ମଧ୍ୟ ସମାନ ଏରିଆ ରହିଛି। ୧୯୮୧ରୁ ୨୦୧୯ ମଧ୍ୟରେ ବାରିପଦା ସହରର ଜନସଂଖ୍ୟା, ପରିବାର ସଂଖ୍ୟା, ସରକାରୀ ଓ ବେସରକାରୀ ଗୃହ ନିର୍ମାଣ ସଂଖ୍ୟା, ରାସ୍ତା ନିର୍ମାଣ ସଂଖ୍ୟା, ଜନବସତି ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଥିବାବେଳେ ନୂତନ ମାଷ୍ଟର ପ୍ଲାନ ଏରିଆ ବୃଦ୍ଧି ପାଇ ନ ଥିବାରୁ ଏହା କିପରି ସହରକୁ ସୁବ୍ୟବସ୍ଥିତ କରିପାରିବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିଭଳି ବହୁ ପୂର୍ବରୁ ହାଉସ ବିଲ୍ଡିଂ ପ୍ଲାନ ଅନୁମୋଦନ ହୋଇ ଗୃହ ନିର୍ମାଣ ହୋଇଥିବା ଏପରିକି ପୁରୁଣା ମାଷ୍ଟର ପ୍ଲାନରେ ରେସିଡେନ୍ସିଆଲ ଏରିଆକୁ ନୂତନ ମାଷ୍ଟର ପ୍ଲାନରେ ୱେଷ୍ଟ ଏରିଆ, ସେନସିଟିଭ ଜୋନ, ଗ୍ରୀନ ଜୋନ, ଏଗ୍ରିକଲଚର ଜୋନ, କମର୍ସିଆଲ ଜୋନ ଭାବେ ଦର୍ଶାଯାଇଛି। ଫଳରେ ବର୍ତ୍ତମାନ ସବୁ ଏରିଆର ଘରଡିହ ପଟ୍ଟାଧାରୀ ନାଗରିକ ସେମାନଙ୍କର ଥିବା ଘରଡିହ କିସମ ଜମିରେ ଘର କରିବାକୁ ଚାହିଁଲେ ମଧ୍ୟ ନୂତନ ମାଷ୍ଟରପ୍ଲାନ ଅନୁଯାୟୀ ସେମାନଙ୍କର ଗୃହ ନିର୍ମାଣ ପାଇଁ ପ୍ଲାନ ଅନୁମୋଦନ ହୋଇପାରୁନାହିଁ। ଫଳରେ ପ୍ଲାନ ଅନୁମୋଦନ ନ ହେବାରୁ ପଟ୍ଟାଧାରୀ ବ୍ୟାଙ୍କ ଋଣରୁ ମଧ୍ୟ ବଞ୍ଚିତ ହେଉଛନ୍ତି। ଅନେକ ନିଜସ୍ୱ ସମ୍ବଳ ଓ ଧାରକରଜ କରି ନନପ୍ଲାନରେ ବେଆଇନ ଭାବେ ଗୃହ ନିର୍ମାଣ କରିବାକୁ ବାଧ୍ୟ ହେଉଛନ୍ତି। ଏହାଦ୍ୱାରା ସରକାରଙ୍କ ବ୍ୟାପକ ରାଜସ୍ୱ ହାନୀ ହେବା ସହ ବାରିପଦା ସହର ଦିନକୁ ଦିନ ଅବ୍ୟବସ୍ଥିତ ହେବାରେ ଲାଗିଛି। ଏପରିକି କିଛି ଲୋକଙ୍କ ଜମିରେ ଗ୍ରାଉଣ୍ଡ ଫ୍ଲୋର ଘରର ପ୍ଲାନ ପୁରୁଣା ମାଷ୍ଟର ପ୍ଲାନ ହିସାବରେ ଅନୁମୋଦନ ହୋଇ ଗୃହ ନିର୍ମାଣ ହୋଇଥିଲେ ମଧ୍ୟ ନୂତନ ମାଷ୍ଟର ପ୍ଲାନରେ କିସମ ପରିବର୍ତ୍ତନ ପାଇଁ ଆଉ ଉପରମହଲାର ପ୍ଲାନ ଅନୁମୋଦନ ହୋଇପାରୁନାହିଁ।

ସେହିପରି ସହର ମଧ୍ୟଦେଇ ଯାଇଥିବା ଜରାଳି ଓ ସରାଳି ନାଳର ଉଭୟ ପାଶ୍ୱର୍ ଜମିରେ ଲୋକେ ଦୀର୍ଘବର୍ଷ ଧରି ରେସିଡେନ୍ସିଆଲ ଘର କରି ରହି ଆସୁଥିବାବେଳେ ନୂତନ ମାଷ୍ଟରପ୍ଲାନ ଅନୁଯାୟୀ ଜରାଳି ଓ ସରାଳି ନାଳର ଉଭୟ ପାଶ୍ୱର୍ ଜମିକୁ ସେନସିଟିଭ ଜୋନ ଭାବେ ଦର୍ଶାଯାଇଛି। ଜରାଳି, ସରାଳି ଓ ଶୁଖଯୋଡ଼ା ମହାନାଳ ପାଶ୍ୱର୍ରେ ଦୀର୍ଘ ବର୍ଷ ଧରି ବାସଗୃହ ଥିବା ଜମିକୁ ସେନସିଟିଭ ଜୋନ କରାଯାଇଥିଲେ ମଧ୍ୟ ବାରିପଦା ସହର ଦେଇ ଯାଇଥିବା ସର୍ବବୃହତ୍ତ ବୁଢାବଳଙ୍ଗ ନଦୀ ଅବବାହିକାର ଅନେକ ସ୍ଥାନରେ ରହିଥିବା ଫାଙ୍କା ଜମିକୁ ନୂତନ ମାଷ୍ଟର ପ୍ଲାନରେ ରେସିଡେନସିଆଲ ଜୋନ ଭାବେ ଦର୍ଶାଯାଇଛି। ନୂତନ ମାଷ୍ଟରପ୍ଲାନରେ ଆନୁମାନିକ ଭାବେ ବିନା ସରଜମିନ ସର୍ଭେରେ ରେସିଡେନସିଆଲ ଜୋନ ଉପରେ ପ୍ରସ୍ତାବିତ ରାସ୍ତା ଦର୍ଶାଯାଇଛି। ବାସ୍ତବରେ ସେହି ସ୍ଥାନରେ ବହୁସଂଖ୍ୟାରେ ଅବସ୍ଥିତ ଥିବା ଲୋକଙ୍କ ଘର ଥିବାରୁ ସେଗୁଡିକ ଭାଙ୍ଗି ପୁଣି ରାସ୍ତା ନିର୍ମାଣ ସମ୍ଭବ ହେବନାହିଁ। ସହରରେ ଘରବାଡି ଜମି କ୍ରୟ କରିବା ପୂର୍ବରୁ ପ୍ଲାନିଂ ଅଥରିଟିଙ୍କ ପରାମର୍ଶ ଲୋଡା ଯାଉ ନ ଥିବାରୁ ସବରେଜିଷ୍ଟ୍ରାର ରେଭନ୍ୟୁ ନଥିମତେ ଜମି ରେଜିଷ୍ଟ୍ରିସନ କରିଦେଉଛନ୍ତି। କିନ୍ତୁ ସେହି ଜମିରେ ଘର ନିର୍ମାଣ କରିବା ସମୟରେ କ୍ରେତାଙ୍କ ହାଉସ ବିଲଡିଂ ପ୍ଲାନ ଅନୁମୋଦନ ହେଉନାହିଁ। ନୂତନ ମାଷ୍ଟର ପ୍ଲାନର ତ୍ରୁଟି ପାଇଁ ଜନସାଧାରଣ ସମସ୍ୟାରେ ପଡୁଥିବା କଥା ବିଭାଗୀୟ ଅଧିକାରୀ ସ୍ୱୀକାର କରିବା ସହିତ ସମସ୍ୟାରେ ପଡୁଥିବା ଲୋକଙ୍କୁ ଅପିଲିଏଟ ଅଥରିଟିଙ୍କ ନିକଟରେ ଆବେଦନ କରିବାକୁ ପରାମର୍ଶ ଦେଉଥିବା ଜଣାଯାଉଛି। ଅତୀତରେ ମଧ୍ୟ ଏହି ନୂତନ ମାଷ୍ଟର ପ୍ଲାନକୁ ବଦଳ କରାଯିବା ଆବଶ୍ୟକତା ଥିବା ବିଷୟରେ ତତ୍କାଳୀନ ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ଏହି ତ୍ରୁଟିଥିବା ମାଷ୍ଟରପ୍ଲାନର ସାନି ତର୍ଜମା କରାଯାଇ ସଂଶୋଧିତ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯିବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ବାରିପଦା ସହରର ବୁଦ୍ଧିଜିବୀ ମହଲ ପକ୍ଷରୁ ଦାବି ହେଉଛି। ନୂତନ ସରକାରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଘର ଏହି ସହରରେ ହୋଇଥିବାରୁ ସେ ବିହୀତ ପଦକ୍ଷେପ ନେବାପାଇଁ ସ୍ୱତନ୍ତ୍ର ଆଦେଶ ପ୍ରତିଶ୍ରୁତି ଦେଇଛନ୍ତି। ବାରିପଦା ସହରବାସୀ ତାଙ୍କଠାରୁ ଅନେକ ଆଶା ମଧ୍ୟ ରଖିଛନ୍ତି।

## ଦୁର୍ଗମ ଅଞ୍ଚଳରେ ବନ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

କେନ୍ଦୁଝର,୨୭।୪(ସମିସ): କେନ୍ଦୁଝର ବନଖଣ୍ଡ ପକ୍ଷରୁ ବାଂଶପାଳ ବ୍ଲକ୍ ଯାତ୍ରା ପଞ୍ଚାୟତ ଶୁକଡୋଳା ଗାଁରେ ଏକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱାସ୍ଥ୍ୟସେବା ଶିବିରରେ ଧାନଗଦି, ଶୁକଡୋଳା, ନଡ଼ାପାଣି, ପଣସୁଆଁ ଓ ବଡ଼କୁଳ ଗ୍ରାମର ୨୫୧ ଜଣ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଭୁବନେଶ୍ୱରରୁ ଆସିଥିବା ଭେଷଜ ବିଭାଗର ବିଶେଷଜ୍ଞ ଡାକ୍ତର ମାଷ୍ଟର ବିଶାଲ ଏବଂ ତାଙ୍କ ସହଯୋଗୀ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଦୁର୍ଗମ ଅଞ୍ଚଳରେ ପ୍ରଥମ ଥର ପାଇଁ ବନ ବିଭାଗ ପକ୍ଷରୁ ଏଭଳି ସ୍ୱାସ୍ଥ୍ୟ ପରୀକ୍ଷା ଆୟୋଜନ କରାଯାଇଛି ବୋଲି ଭୂୟାଁ ଜୁଆଙ୍ଗ ପୀଢ଼ ରେଞ୍ଜର ନୟନକାନ୍ତ ସାହୁ ସୂଚନା ଦେଇଛନ୍ତି। ଏହି ଶିବିରକୁ ସହକାରୀ ବନ ସଂରକ୍ଷକ ଡକ୍ଟର ସୁଦୀପ୍ତ କୁମାର ପଣ୍ଡା ଉଦ୍‌ଘାଟନ କରିଥିଲେ। ଏହି ଶିବିରକୁ ପରିଚାଳନାରେ ଶୁଆକାଟୀ ବନପାଳ ଜ୍ୟୋତିର୍ମୟୀ ପଟ୍ଟନାୟକ, ବାଂଶପାଳ ବିଟ୍ ବନରକ୍ଷୀ ମିଲିରାଣୀ ଦାସ, କୁଶକଳା ବିଟ୍ ବନରକ୍ଷୀ ସନାତନ ମହାନ୍ତି, ନୟାକୋଟ ବିଟ୍ ବନରକ୍ଷୀ ନିଲମ କୁମାର ମହାନ୍ତ ଏବଂ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ। ଦ୍ୱିତୀୟ ଦିନରେ ଆଜି ଭୂୟାଁ ଜୁଆଙ୍ଗ ପୀଢ଼ ରେଞ୍ଜ ଅନ୍ତର୍ଗତ କାଞ୍ଜିପାଣି ସେକ୍ସନ ଅନ୍ତର୍ଗତ କୁଅଁର ଗ୍ରାମ ପଞ୍ଚାୟତର ତାଳପଦାଠାରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ତାଳପଦା, ରାଇଡିହା, ସିଙ୍କୁଳାବାହାଳ, ବୁଢ଼ିଘର, ଫୁଲବାଡି ଆଦି ଗ୍ରାମର ୩୦୦ରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ଭୂୟାଁ ଜୁଆଙ୍ଗ ପୀଢ଼ ରେଞ୍ଜର ନୟନକାନ୍ତ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାଞ୍ଜିପାଣି ସେକ୍ସନ ବନପାଳ ସାବିତ୍ରୀ



ସାହୁ,କାଞ୍ଜିପାଣି ବିଟ୍ ବନରକ୍ଷୀ ଯୋଗେନ୍ଦ୍ର କୁମାର ନାୟକ, ତଣ୍ଡିଯୋଡା ବିଟ୍ ବନରକ୍ଷୀ ଶ୍ରାବଣୀ ମହାନ୍ତ,ଗୋନାସିକା ବିଟ୍ ବନରକ୍ଷୀ ସନ୍ତୋଷ କୁମାର ବିନ୍ଧାଣୀ, ଗଣ୍ଡିଯୋଡା ବିଟ୍ ବନରକ୍ଷୀ ସସ୍ମିତା ଘଡେଇ ପ୍ରମୁଖ ସ୍ୱାସ୍ଥ୍ୟ ଶିବିର ପରିଚାଳନାର ସହଯୋଗ କରିଥିଲେ।

## ଜଙ୍ଗଲରୁ ନାବାଳିକାର ମୃତଦେହ ଉଦ୍ଧାର

ମହୁଲଡିହ/ଠାକୁରମୁଣ୍ଡା,୨୭।୪(ସମିସ): ଠାକୁରମୁଣ୍ଡା ଥାନା ପଡିଆବେଢ଼ା ଗ୍ରାମ ପଞ୍ଚାୟତର ଓରିୟମ ଗ୍ରାମରେ ଜଣେ ନାବାଳିକାର ମୃତଦେହ ଜଙ୍ଗଲରୁ ଉଦ୍ଧାର ହୋଇଛି। ନିଜ ଓଢଣୀରେ ଗୋଟିଏ ସୀମାରୁଆ ଗଛରେ ଆତ୍ମହତ୍ୟା କରିଥିବା ଦେଖି ପରିବାର ଲୋକେ ୨୬ ତାରିଖ ଦିନ ପୁଲିସକୁ ଖବର ଦେଇଥିଲେ। ନାବାଳିକା ଜଣକ ୨୩ ତାରିଖ ଗୁରୁବାର ଅପରାହ୍ନରୁ ନିଖୋଜ ଥିଲେ। ୨୬ ତାରିଖ ରବିବାର ସକାଳେ ପରିବାର ଲୋକେ ଝୁଲନ୍ତା ଅବସ୍ଥାରେ ଠାବ କରିଥିଲେ। ଏ ନେଇ ପୁଲିସ ୩/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଦମକଳ ବାହିନୀ ସହାୟତାରେ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା। ନାବାଳିକା ଗ୍ରାମର ଜଣେ ଯୁବକକୁ ଏକତରଫା ପ୍ରେମ କରୁଥିଲେ ବୋଲି ଶୁଣିବାକୁ ମିଳୁଛି। ନାବାଳିକା ଥିବାରୁ ପରିବାର ଲୋକେ ବିରୋଧ କରୁଥିଲେ। ତେଣୁ ଝିଅ ମାନସିକ ଭାରସାମ୍ୟ ହରାଇ ଗୁରୁବାର ଅପରାହ୍ନରେ କୁଆଡ଼େ ନିଖୋଜ ହୋଇଯାଇଥିଲେ। ୩ ଦିନ ପରେ ଜଙ୍ଗଲରୁ ଶବ ମିଳିଥିବା ପରିବାର ଲୋକେ ସୂଚନା ଦେଇଥିଲେ। ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ।

## ଛଟେଇ ପ୍ରତିବାଦରେ ସଂଘର ଆନ୍ଦୋଳନ ଚେତାବନୀ



ବାରିପଦା, ୨୭।୪(ସମିସ): ସୋମବାର ନେସ୍କୋ ପାୱାର ଏମ୍ପ୍ଲୋଇଜ ୟୁନିୟନ ପକ୍ଷରୁ ବାରିପଦାସ୍ଥ ତକତପୁରଠାରେ ଆର୍ତ୍ତବନ୍ଧୁ ବିଶ୍ୱାଳଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଆଗାମୀ ଦିନରେ ସଂଘର ସ୍ଥିତି ଆହୁରି ସୁଦୃଢ, ସଂଗଠିତ ହୋଇ କର୍ମଚାରୀଙ୍କ ସ୍ୱାର୍ଥ ହାସଲ କରିବା, ବିଦ୍ୟୁତ ଉପଭୋକ୍ତା ବୃଦ୍ଧି ହେଉଥିବାବେଳେ ଟିପିଏନଓଡିଏଲର କର୍ମଚାରୀଙ୍କ ଛୋଟେଇକୁ ତୀବ୍ର ନିନ୍ଦା କରିବା ସହ ଆଗାମୀ ଦିନରେ ଏହି ଛୋଟେଇ ପ୍ରତିବାଦରେ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି। କିଛି ହୀନ ଚକ୍ରାନ୍ତକାରୀ ତଥା ବିଗତ ଦିନରେ ଏହି ୟୁନିଅନରୁ ବିଦା ହୋଇଥିବା ଲୋକଙ୍କ ଚକ୍ରାନ୍ତ ଓ ପ୍ରରୋଚନାରେ ପଥଭ୍ରଷ୍ଟ ନ ହେବା ପାଇଁ ନେସ୍କୋ ପାୱାର ଏମ୍ପ୍ଲୋଇଜ ୟୁନିଅନ ତରଫରୁ ସମସ୍ତ ସଭ୍ୟଙ୍କୁ ନିବେଦନ କରାଯାଇଥିଲା।

ଉକ୍ତ ବୈଠକ ପରେ ସଂଘର ନେତୃମଣ୍ଡଳୀ ବାରିପଦା ଅଧୀକ୍ଷଣ ଯନ୍ତ୍ରୀଙ୍କୁ ସାକ୍ଷାତ କରି କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଦୀର୍ଘବର୍ଷ ଧରି ଏହି ସଂସ୍ଥାରେ କାର୍ଯ୍ୟ କରୁଥିବା ବିଏ କର୍ମଚାରୀଙ୍କ ଛୋଟେଇ ବାବଦରେ ଆଲୋଚନା କରିବା ସହ ଏହି ଛୋଟେଇକୁ ତୀବ୍ର ବିରୋଧ କରିଥିଲେ। ଯଦି ଆଗାମୀ ଦିନରେ ଟିପିଏନଓଡିଏଲ କର୍ତ୍ତୃପକ୍ଷ ଏହି ସମସ୍ୟାର ସ୍ଥାୟୀ ସମାଧାନ ନ କରନ୍ତି, ତେବେ ବାଧହୋଇ ସଂଘ ତୀବ୍ର ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ସମସ୍ତେ ମତପ୍ରକାଶ କରିଥିଲେ। ଏଥିସହ ସର୍ବସମ୍ମତି କ୍ରମେ ବାରିପଦା ସର୍କଲରେ ସଂଗଠନକୁ ସୁଦୃଢ କରିବା ପାଇଁ ସଂଗଠନର ଉପସଭାପତି ଆର୍ତ୍ତବନ୍ଧୁ ବିଶ୍ୱାଳ ଓ ଡିଭିଜନାଲ ସଂମ୍ପାଦକ ଚନ୍ଦନ ମହାନ୍ତିଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପୂର୍ଣ୍ଣଚନ୍ଦ୍ର ଚୌଧୁରୀ ( ସହସାଧାରଣ ସମ୍ପାଦକ), ତପନ କୁମାର ବେହେରା (ଅଫିସ ସମ୍ପାଦକ ସହିତ କୋଷାଧ୍ୟକ୍ଷ), ପଙ୍କଜ କୁମାର ଜେନା (ଯୁଗ୍ମ ସଂପାଦକ), ସପନ କୁମାର ଦାସ (ସର୍କଲ ସମ୍ପାଦକ, ବାଲେଶ୍ୱର), ଅଶ୍ୱିନୀ କୁମାର ପଣ୍ଡା ( ସର୍କଲ ସମ୍ପାଦକ, ବାରିପଦା), ବରିଷ୍ଠ ସଭ୍ୟ ବିଜୟ ମାଇତି, ରବିନ୍ଦ୍ର ନାଥ ବେରା, ଦେବାଶିଷ ପଣ୍ଡା, ସଂଜୟ ବାରିକ, ଜଗନ୍ନାଥ ମହାକୁଡ, ଜ୍ୟୋତିକୃଷ୍ଣ ପଣ୍ଡା, ଦେବାଶିଷ ସାହୁ, ରମାକାନ୍ତ ନାୟକ, ରାମଚନ୍ଦ୍ର ସାସମଲ, ଦେବକଲ୍ୟାଣ ମହାନ୍ତି, ଦେବେନ୍ଦ୍ର ଦୋଳେଇ, ଲକ୍ଷ୍ମୀକାନ୍ତ ମହାନ୍ତି, ଭବାନୀଶଙ୍କର ପଣ୍ଡା, ତାପସ କୁମାର ବେହେରା, ଦୀନବନ୍ଧୁ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## ହନୁମାନଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା





ଆରଡ଼ି,୨୭।୪(ସମିସ): ଆରଡ଼ି ପୀଠ ଅଧୀନସ୍ଥ କୁଳେଇପଦା ଗାଁ ଗତ ଶୁକ୍ରବାରଠାରୁ ୫ଦିନ ଯାଏଁ ଉତ୍ସବମୁଖର ହୋଇ ଉଠିଛି। ପ୍ରତିଦିନ ହନୁମାନଙ୍କ ପୂଜାମଣ୍ଡପ ପ୍ରାଙ୍ଗଣରେ ଧାର୍ମିକ ତଥା ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପ୍ରବଚନ, ଭଜନ ସନ୍ଧ୍ୟା, ସତ୍‌ସଙ୍ଗ ଆଦି ଅନୁଷ୍ଠିତ ହେଉଛି। ଏଠାରେ ହନୁମାନ ମହାପ୍ରଭୁଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠାର ପ୍ରଥମ ବାର୍ଷିକ ଉତ୍ସବ ସହ ମା' ଖରାଖାଇ ଠାକୁରାଣୀଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ସହ ବିଶ୍ୱଶାନ୍ତି ମହାଯଜ୍ଞ ଆଦି ଧାର୍ମିକ କାର୍ଯ୍ୟ ଚାଲୁରହିଛି। ଶନିବାର ୧୦୮ ମହିଳା ବିରାଟ ଶୋଭାଯାତ୍ରାରେ ଘଣ୍ଟ, କୀର୍ତ୍ତନ, ହୁଳହୁଳି ବାଦ୍ୟ, ଢୋଲ, ମହୁରୀ, ତେଲିଙ୍ଗି ଆଦି ବାଦ୍ୟର ତାଳେତାଳେ ନିକଟସ୍ଥ ସାଠିବାଙ୍କୁଡ଼ା ଗ୍ରାମ ନିକଟରେ ଥିବା ପୁଣ୍ୟତୋୟା ବୈତରଣୀରେ କଳସ ଉତ୍ତୋଳନ କରଥିଲେ। ରବିବାର ପ୍ରଭାତରୁ ମନ୍ଦିର ପରିସରରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଥିଲା। ସୂର୍ଯ୍ୟପୂଜା, ଗୋ-ପୂଜା, ଯଜ୍ଞକୁଣ୍ଡରେ ବିଶ୍ୱ କଲ୍ୟାଣ ଉଦ୍ଦେଶ୍ୟରେ ଘୃତାହୁତି ଆଦି କାର୍ଯ୍ୟ ସମାପନ କରାଯାଇଥିଲା ଓ ମଧ୍ୟାହ୍ନରେ ଗ୍ରାମବାସୀଙ୍କ ସମେତ ଆଖପାଖ ଗ୍ରାମର ଶ୍ରଦ୍ଧାଳୁମାନେ ପ୍ରସାଦସେବନ କରିଥିଲେ। ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ ଉପସ୍ଥିତ ଶ୍ରଦ୍ଧାଳୁଙ୍କ ମନ ମୋହିଥିଲା। ଗ୍ରାମର ଯୁବକ ସର୍ବେଶ୍ୱର ନାୟକ ଓ ତାଙ୍କ ଧର୍ମପତ୍ନୀ ଏବଂ ପ୍ରଣୟ ଖଟୁଆ ଓ ତାଙ୍କ ଧର୍ମପତ୍ନୀ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପୁରୋହିତ ପଣ୍ଡିତ ବସନ୍ତ ଶତପଥୀ, ଅଚ୍ୟୁତାନନ୍ଦ ଶତପଥୀ, ଲମ୍ବୋଦର ପାଢ଼ୀ, ବିଚିତ୍ରାନନ୍ଦ ପଣ୍ଡା, ଆକାଶ ପାଢ଼ୀ, ଶଙ୍କର୍ଷଣ ଦାସ ପୂଜା କାର୍ଯ୍ୟ କରିଥିଲେ। ସୋମବାର ସନ୍ଧ୍ୟାରେ ଆଧ୍ୟାତ୍ମିକ ପ୍ରବଚନ ଓ ମଙ୍ଗଳବାର ଭଜନ ସନ୍ଧ୍ୟା ଏବଂ ଯଜ୍ଞ ପୂର୍ଣ୍ଣାହୁତି ଆଦି ଅନୁଷ୍ଠିତ ହେବ।

### ନିର୍ମାଣର ୯ ବର୍ଷ ପରେ ବି ହୋଇପାରିଲାନି ମାର୍କେଟ କମ୍ପ୍ଲେକ୍ସ ନିଲାମ

# ଲୋକଙ୍କ କବ୍‌ଜା, ପାଲଟିଛି ଅସାମାଜିକଙ୍କ ଆଡ୍ଡା

ଗୋରୁମହିଷାଣୀ, ୨୭।୪(ସମିସ):

କେନ୍ଦ୍ର ଓ ରାଜ୍ୟ ସରକାର ଲୋକଙ୍କ ବିକାଶ ନିମନ୍ତେ ବିଭିନ୍ନ ଯୋଜନା ପ୍ରସ୍ତୁତ କରି ଯୋଗ୍ୟ ଅଧିକାରୀଙ୍କୁ ନିଯୁକ୍ତି ଦେଇଥା'ନ୍ତି। ଯୋଜନାର ସଫଳ ରୂପାୟନ ପାଇଁ ଶାସନର ବିକେନ୍ଦ୍ରୀକରଣ କରାଯାଇଛି। ଜିଲ୍ଲା ପରିଷଦ, ପଞ୍ଚାୟତ ସମିତି, ଗ୍ରାମ ପଞ୍ଚାୟତ ଇତ୍ୟାଦି ବ୍ୟବସ୍ଥା କରି ଜନପ୍ରତିନିଧି ମାଧ୍ୟମରେ ଲୋକଙ୍କ ପାଖକୁ ଯୋଜନାର ଲାଭ କେମିତି ପହଞ୍ଚିବ, ସେ ନେଇ ବ୍ୟବସ୍ଥା ହୋଇଛି। ତେବେ ଏହାର ବ୍ୟତିକ୍ରମ ଦେଖାଦେଇଛି ରାଇରଙ୍ଗପୁର ବ୍ଲକ ଅନ୍ତର୍ଗତ କୁଳେଇଶିଳା ପଞ୍ଚାୟତରେ। ୯ ବର୍ଷରୁ ଅଧିକ ହେବ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହୋଇଥିଲେ ହେଁ ଆଜି ପର୍ଯ୍ୟନ୍ତ ନିଲାମ ହୋଇପାରିନାହିଁ। ଉକ୍ତ ମାର୍କେଟ କମ୍ପ୍ଲେକ୍ସ ବ୍ୟବହାର ହେଉ ନ ଥିବାରୁ ଏହା ଲୋକଙ୍କ କବ୍‌ଜାରେ ଥିବାବେଳେ ଅସାମାଜିକଙ୍କ ଆଡ୍ଡା ସ୍ଥଳୀ



ପାଲଟିଛି। ଏହା ମଧ୍ୟ ନଷ୍ଟ ହେବାକୁ ବସିଲାଣି। କୁଲେଇଶୀଳା ବଜାର ବନ୍ଧ ପାଖରେ ଲକ୍ଷାଧିକ ଟଙ୍କାରେ ୧୦ଟି ମାର୍କେଟ କମ୍ପ୍ଲେକ୍ସ ଗୃହ କୁଲେଇଶୀଳା ପଞ୍ଚାୟତ ପାଣ୍ଠିରୁ ନିର୍ମିତ ହୋଇଛି। ବର୍ତ୍ତମାନ ତାହା ନଷ୍ଟ ହେବାକୁ ବସିଲାଣି। କିଛି ଘରକୁ କିଛି ଲୋକ କବଜା କରି ରଖିବା ସହିତ ଅସାମାଜିକ ଲୋକଙ୍କ ଆଡ୍ଡା ସ୍ଥଳୀ ପାଲଟିଛି। ବାରମ୍ବାର ନିଲାମ ପାଇଁ ଜନସାଧାରଣ ନିବେଦନ କଲେ ମଧ୍ୟ ପ୍ରଶାସନ କିମ୍ବା ଜନପ୍ରତିନିଧି କାହାରି ଆଗ୍ରହ ଦେଖାଯାଉନାହିଁ। ବିଗତ ଦିନରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ରାଇରଙ୍ଗପୁର ଜନଶୁଣାଣି ଶିବିର ରେ ମଧ୍ୟ ଆବେଦନ କରାଯାଇଥିଲା। ଏଥିସହିତ ରାଇରଙ୍ଗପୁର ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ଶ୍ରୀମତୀ ନାରାୟଣୀ ପ୍ରିୟଦର୍ଶିନୀ ପଣ୍ଡା ମଧ୍ୟ ଦୁଇଥର କମ୍ପ୍ଲେକ୍ସ ପରିଦର୍ଶନ କରିଥିଲେ। ଖୁବଶୀଘ୍ର ନିଲାମ ପ୍ରକ୍ରିୟା ହେବାର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ହୋଇପାରିଲାନାହିଁ ନିଲାମ। ନିଲାମ ହେଲେ ଆପାତତଃ ଦଶ ଜଣ ବେକାର ଯୁବକ/ଯୁବତୀଙ୍କୁ ରୋଜଗାର କରିବାର ସୁଯୋଗ ମିଳନ୍ତା। ଗୋରୁମହିଷାଣୀ ଲୌହ ଖଣିରୁ ଶ୍ରମିକ ଛଟେଇ ହେବାରୁ ଅଞ୍ଚଳରେ ବେକାରୀ ସମସ୍ୟା ଉତ୍କଟ ରୂପ ନେଇଛି। ଅନେକ ଲୋକ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ଏହାସହିତ ଚୋରି ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଯଥାଶୀଘ୍ର ନିଲାମ ପ୍ରକ୍ରିୟା କରିବାକୁ ସାଧାରଣରେ ଦାବି ହେଉଛି।

# ବିଶ୍ୱପ୍ରସିଦ୍ଧ ଚାନ୍ଦିପୁର ବେଳାଭୂମିରେ ପର୍ଯ୍ୟଟକ ଅସୁରକ୍ଷିତ

ବାଲେଶ୍ୱର,୨୭।୪ (ସମିସ)

ବିଶ୍ୱପ୍ରସିଦ୍ଧ ଚାନ୍ଦିପୁର ବେଳାଭୂମିରେ ବିକାଶ ନାଁରେ ଏବେ ବିପଦ। ମୁହଁ ଖୋଲିଛି ମରଣ ଗାତ। ଫଳରେ ପର୍ଯ୍ୟଟକମାନଙ୍କ ପାଇଁ ଏହି ବିପଦ ସାଜିଛି। ବାଲେଶ୍ୱର ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଚାନ୍ଦିପୁର ବେଳାଭୂମିରେ ବିକାଶମୂଳକ କାର୍ଯ୍ୟ ହୋଇଥିଲେ ମଧ୍ୟ ପର୍ଯ୍ୟଟକଙ୍କ ସୁରକ୍ଷା ନେଇ ପ୍ରଶ୍ନ ଉଠିଛି। ବେଳାଭୂମିକୁ ସଂଯୋଗ କରୁଥିବା ମୁଖ୍ୟ ପେଭର୍ ବ୍ଲକ୍ ରାସ୍ତାରେ ଦୀର୍ଘ ଦିନ ହେଲା ଏକ ବଡ଼ ଗାତ ସୃଷ୍ଟି ହୋଇଛି। ଅଥଚ ଏହାର ମରାମତି ହୋଇନଥିବାରୁ ଯେକୌଣସି ମୁହୂର୍ତ୍ତରେ ବଡ଼ ଦୁର୍ଘଟଣା ଘଟିବା ଆଶଙ୍କା କରାଯାଉଛି। ବେଳାଭୂମି ଆଡକୁ ଯାଉଥିବା ରାସ୍ତାର ପେଭର୍ ବ୍ଲକ୍ ଭାଙ୍ଗି ପ୍ରାୟ ୪-୫ ଫୁଟ୍ ଗଭୀର ଗାତ ହୋଇଛି। ଗାତ ଚାରିପଟେ ନା କୌଣସି ସୁରକ୍ଷା ବାଡ଼, ନା ସତର୍କ ସୂଚନା ଫଳକ ଲଗାଯାଇଛି। ସନ୍ଧ୍ୟା ସମୟରେ ହଜାର ହଜାର ପର୍ଯ୍ୟଟକ ଏହି ରାସ୍ତା ଦେଇ ବେଳାଭୂମିକୁ ଯାଉଥିବା ବେଳେ ରାତିରେ ଅନ୍ଧାର ଯୋଗୁଁ ବିପଦ ଦ୍ୱିଗୁଣିତ ହେଉଛି।ଗାତ ନିକଟରେ ଲୋକେ ବୁଲୁଥିବା ଓ ପିଲାମାନେ ବସିଥିବା ଦେଖିବାକୁ ମିଳୁଛି। ଏମିତିକି ବେଳାଭୂମିରେ ଲାଇଟ୍ ବ୍ୟବସ୍ଥା ମଧ୍ୟ ହୋଇନାହିଁ।



ସୂଚନାଯୋଗ୍ୟ, ପର୍ଯ୍ୟଟକଙ୍କ ଆଗମନକୁ ଦୃଷ୍ଟିରେ ରଖି ୨୦୨୦ରେ ଜଳସେଚନ ବିଭାଗ ପକ୍ଷରୁ ୩ କୋଟି ଟଙ୍କା ବ୍ୟୟରେ ଚାନ୍ଦିପୁର ବେଳାଭୂମି କାମ ଆରମ୍ଭ ହୋଇଥିଲା। ଯେଉଁଥିରେ ତଟ ସୁରକ୍ଷା ଓ ବେଳାଭୂମି ସୌନ୍ଦର୍ଯ୍ୟକରଣ କାମରେ ଦୁଇ କିଲୋମିଟର ପର୍ଯ୍ୟନ୍ତ ପଥର ବନ୍ଧ ସହ ପେଭର୍ ବ୍ଲକ ପକାଯାଇ ମେରାଇନ୍ ଡ୍ରାଇଭ୍ ନିର୍ମାଣ ହେଲା। ବସିବା ପାଇଁ ସିମେଣ୍ଟ ଚେୟାର ପକାଯାଇଥିଲା। ହେଲେ ଏ ସମସ୍ତ କାମ ଅର୍ଦ୍ଧନିର୍ମିତ ହୋଇରହିଛି। ଏହାବ୍ୟତୀତ କାମ ନିମ୍ନମାନର ହୋଇଥିବା ଯୋଗୁଁ ପରେ

**● ପେଭର୍ ବ୍ଲକ୍ ରାସ୍ତାରେ ବଡ଼ ଗାତ**
**● ଅନ୍ଧାରରେ ପର୍ଯ୍ୟଟକଙ୍କ ପାଇଁ ବିପଦ**

ପେଭର ବ୍ଲକ ଧସିଯାଇ ବଡ଼ ଗାତ ସୃଷ୍ଟି ହୋଇଥିଲା। ଏହାର କାମ କରାଯିବ କହି ଆଜିଯାଏଁ ହୋଇନାହିଁ। ଫଳରେ ଧୀରେ ଧୀରେ ମାଟି ଧସି ଗାତ ବଡ଼ ହେବା ସହ ପେଭର୍ ବ୍ଲକ ନଷ୍ଟ ଧସିବାରେ ଲାଗିଛି। ଫଳରେ ଦୀର୍ଘ ଦିନ ଧରି ସେହିପରି ବଡ଼ ଗାତ ପେଭର୍ ବ୍ଲକ ରାସ୍ତାରେ ରହିଛି। ଅନ୍ୟପଟେ କିଛି ମାସ ତଳେ ଏହି ଅଧୁରା କାମ ସମ୍ପୂର୍ଣ୍ଣ ପାଇଁ ଟେଣ୍ଡର ହୋଇଛି ବୋଲି ସୂଚନା ମିଳିଥିବା ବେଳେ ଏଯାଏଁ କାମ ହେଉନଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକଙ୍କ ତଥା ବ୍ୟବସାୟୀଙ୍କ କହିବାନୁସାରେ, ଏହି ଗାତ ଦୀର୍ଘ ମାସରୁ ଅଧିକ ସମୟ ହେଲା ରହିଛି। ବର୍ଷା ମାଡ଼ରେ ଏହା ଆହୁରି ବଡ଼ ହୋଇଯାଇଛି। ବିପଦପୂର୍ଣ୍ଣ ଭାବେ ଚଲାବୁଲା ହେଉଛି। ବିଭାଗକୁ ଜଣାଇଲେ ବି କେହି ଶୁଣୁନାହାନ୍ତି। ରାତିରେ କେହି ପଡିଗଲେ ଜୀବନ ଯିବ। ଚାନ୍ଦିପୁର ବେଳାଭୂମିର ସୌନ୍ଦର୍ଯ୍ୟକରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଛି। ପେଭର୍ ବ୍ଲକ୍, ଲାଇଟ୍, ବସିବା ସ୍ଥାନ ନିର୍ମାଣ ହୋଇଛି। ହେଲେ ରକ୍ଷଣାବେକ୍ଷଣ ଅଭାବରୁ ଏଭଳି ମରଣଯନ୍ତା ସୃଷ୍ଟି ହୋଇଛି। ଦୈନିକ ଶହ ଶହ ପର୍ଯ୍ୟଟକ ଆସୁଥିବା ଏହି ବେଳାଭୂମିରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶାସନର ଉଦାସୀନତା ସ୍ପଷ୍ଟ ବାରି ହୋଇପଡୁଛି। ତୁରନ୍ତ ଗାତକୁ ପୋତିବା ସହ ଚାରିପଟେ ବ୍ୟାରିକେଡ୍ ଲଗାଇବାକୁ ସ୍ଥାନୀୟ ଲୋକେ ଓ ପର୍ଯ୍ୟଟକ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ବଡ଼ ଅଘଟଣ ପାଇଁ ପ୍ରଶାସନ ଦାୟୀ ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## ଦେବେନ୍ଦ୍ର ଅଣ୍ଡିଆଙ୍କ ପୁସ୍ତକ 'ଭାବ ଭକତି' ଲୋକାର୍ପିତ

କାଳିପଦା,୨୭।୪ (ସମିସ): ବାଲିଆପାଳ ବରିଷ୍ଠ ନାଗରିକ ପରିଷଦ ଅଫିସ ଗୃହରେ ପରିଷଦର ସଭାପତି ନାରାୟଣ ପ୍ରସାଦ ସାହୁଙ୍କ ପୌରାହିତ୍ୟରେ ଏକ ମାସିକ ବୈଠକ ଓ ପୁସ୍ତକ ଲୋକାର୍ପଣ ଉତ୍ସବ ପାଳିତ ହୋଇଯାଇଛି। ବୈଠକର ଆରମ୍ଭରେ ଓଁ କାର ଧ୍ୱନି ଓ ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ କରାଯାଇଥିଲା। ସ୍ୱାସ୍ଥ୍ୟ ଗତ ସମସ୍ୟା ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା । ପରିଷଦର ଉପ ସଭାପତି ପୂର୍ଣ୍ଣଚନ୍ଦ୍ର ରାଜ, ବରିଷ୍ଠ ଅଧକ୍ଷ ଡ଼ କୁଞ୍ଜକାନ୍ତ ପାତ୍ର, ସମ୍ପାଦକ ବଙ୍କିମ ଚନ୍ଦ୍ର ଜେନା ମଞ୍ଚାସୀନ ହୋଇଥିଲେ। ପରିଷଦର ବରିଷ୍ଠ ସଦସ୍ୟ ତଥା ଶିକ୍ଷାବିତ ଦେବେନ୍ଦ୍ର ଅଣ୍ଡିଆଙ୍କ ଲିଖିତ ପୁସ୍ତକ "ଭାବ ଭକତି " ଉନ୍ମୋଚନ ହୋଇଥିଲା। ପରିଷଦର ବରିଷ୍ଠ ସଦସ୍ୟ ଓ ଅବସରପ୍ରାପ୍ତ ଅଧକ୍ଷ ତଥା ସୁସାହିତ୍ୟିକ ଡ. ବିଜୟ କୁମାର ଦେ ପୁସ୍ତକର ସମୀକ୍ଷା ସହିତ ଉଦଘାଟନୀ ବକ୍ତବ୍ୟ ରଖିଥିଲେ। ଲେଖକ ଦେବେନ୍ଦ୍ର ଅଣ୍ଡିଆ ନିଜ ଜୀବନର ସାହିତ୍ୟିକ ଓ କବିପ୍ରାଣ ବିଷୟରେ ସାର ଗର୍ଭକ ଭାଷଣ ରଖିଥିଲେ। ବୈଠକରେ କବି ସନ୍ନ୍ୟାସୀ ବେହେରା, ରାଜକୃଷ୍ଣ ପାତ୍ର, ବୀର ମାଧବ ଦାସ, ଶ୍ରୀହରି ମଣ୍ଡଳ, ଅବସରପ୍ରାପ୍ତ ଅଧ୍ୟାପକ ଅନନ୍ତ ଗିରି, ବେଣୁଧର ମଣ୍ଡଳ, କାର୍ତ୍ତିକ ରାଉତ ପ୍ରମୁଖ ଅନେକ ସଦସ୍ୟ ଯୋଗ ଦେଇଥିଲେ। ଗାୟକ ଶଙ୍କର୍ଷଣ ପରିଡା ଉଦଘାଟନୀ ଭକ୍ତି ସଂଗୀତ ଗାନ କରିଥିଲେ।

**● ପୋଷା ଗାଈ ମାଲିକଙ୍କୁ ଶିଙ୍ଘରେ ଭୁଶି ମାରିବା ଘଟଣା**

## ଅସୁସ୍ଥ ଗାଈର ଚିକିତ୍ସା କଲେ ପଶୁ ଚିକିତ୍ସକ

ବାଲେଶ୍ୱର,୨୭ ।୪(ସମିସ): ରେମୁଣା ବ୍ଲକ ଅର୍ନ୍ତଗତ ଖୁସାଲିଗଞ୍ଜ ଅଂଚଳରେ ଜଣେ ପୋଷା ଗାଈ ତା ମାଲିକକୁ ଶିଂଘରେ ଭୁଷି ମାରିଦେବା ପରେ ସେ ଏବେ ପଶ୍ଚାତାପ କରୁଛି। ଦୀର୍ଘ୧୪ଦିନ ଧରି କିଛି ଖିଆପିଆ କରୁନଥିବା ବେଳେ ଏବେ ଅସୁସ୍ଥ ହୋଇ ପଡିଛି। ଗାଁ ଲୋକେ ପଶୁ ଡାକ୍ତରଙ୍କୁ ଡାକି ତାର ଚିକିତ୍ସା କରାଇଛନ୍ତି। ରାମଚନ୍ଦ୍ର ମହାରଣା ତାଙ୍କ ଘରେ ତିନୋଟି ଗାଈ



ଦୀର୍ଘଦିନ ହେବ ରଖିଥିଲେ। ଚଳିତ ମାସ ୧୩ ତାରିଖରେ ରାମଚନ୍ଦ୍ର ଉକ୍ତ ଗାଈଟିକୁ ଅନ୍ୟ ଜଣଙ୍କୁ ଦାନ କରିବାକୁ ଚାହୁଁଥିଲେ। ଘର ନିକଟସ୍ଥ ଗେଟ ନିକଟରେ ଠିଆ ହୋଇ କଥାବାର୍ତ୍ତା କରୁଥିଲେ। ଠିକ ଏତିକି ବେଳେ ଉକ୍ତ ଗାଈଟି ଆସି ତା ମାଲିକଙ୍କ ଛାତିକୁ ଜୋରରେ ଶିଙ୍ଘରେ ଭୁଷି ଦେଇଥିଲା। ଆଉ ରାମଚନ୍ଦ୍ର ତଳେ ପଡ଼ିଯିବା ପରେ ତାଙ୍କ ମୁଣ୍ଡରେ ଗଭୀର କ୍ଷତ ହୋଇଥିଲା। ସେ ଗୁରୁତର ହୋଇପଡ଼ିବାରୁ ପରିବାର ଲୋକେ ତୁରନ୍ତ ତାଙ୍କୁ ରେମୁଣା ମେଡିକାଲ ନେଇଯାଇଥିଲେ। ହେଲେ ସେଠାରେ ସେ ଅଧିକ ଗୁରୁତର ହେବାରୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ନେଇଯାଇଥିଲେ। ରାମଚନ୍ଦ୍ର ସେଠାରେ ଚିକିତ୍ସାଧିନ ଥିବା ଅବସ୍ଥାରେ ୧୪ତାରିଖ ଭୋର ସମୟରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଆଉ ରାମଚନ୍ଦ୍ରଙ୍କ ମୃତଦେହ ଗାଁକୁ ଫେରିବା ପରେ ତାଙ୍କର ଅନ୍ତିମ ସଂସ୍କାର ହୋଇଥିଲା। ସେବେଠୁ ଗାଈଟି ମାଲିକକୁ ମାରିବାର ପଶ୍ଚାତାପ କରି ଆଖିରୁ ଖାଲି ଲୁହ ଗଡ଼ାଉଛି।

## ଗୋ ସୁରକ୍ଷା ସମ୍ମାନ ଆହ୍ୱାନ ଅଭିଯାନ



ଜଳେଶ୍ୱର,୨୭।୪ (ସମିସ): ଗୋ ବଂଶ ଲୋପ ପାଇଯାଉଥିବା ବେଳେ ଦେଶରେ ଗୋ ହତ୍ୟାକୁ ସମ୍ପୂର୍ଣ୍ଣ ବନ୍ଦ ଲାଗି ବିଶ୍ୱ ସନାତନ କଲ୍ୟାଣ ସଂଘ ପକ୍ଷରୁ ଗୋ ସୁରକ୍ଷା ସମ୍ମାନ ଆହ୍ୱାନ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସୋମବାର ସର୍ବ ଭାରତୀୟ ସ୍ତରରେ ୫ ହଜାର ୪ ଶହ ତହସିଲରେ ଗୋମାତାଙ୍କ ସେବା, ସୁରକ୍ଷା ଓ ସମ୍ମାନ ଲାଗି ପ୍ରାର୍ଥନା ପତ୍ର ପ୍ରଦାନ କରାଯାଉଛି। ଗୋମାତାଙ୍କୁ ରାଷ୍ଟ୍ରୀୟ ମାତା ଘୋଷଣା,ଗୋ ସୁରକ୍ଷା ଲାଗି କେନ୍ଦ୍ରୀୟ ଆଇନ୍ ପ୍ରଣୟନ ନିବେଦନ ନେଇ ଜଳେଶ୍ୱର ତହସିଲର ସଂଘ ପ୍ରଭାରୀ ତଥା ଜିଲ୍ଲା ସମ୍ପାଦକ ଶିବବ୍ରତ ଦେ ଏବଂ ଜିଲ୍ଲା ପ୍ରଚାରକ ଜାନକି ମାତାଙ୍କ ନେତୃତ୍ୱରେ ଜଳେଶ୍ୱର ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ନୂଆ ବଜାର ଦୁର୍ଗା ମନ୍ଦିର ଠାରୁ ଏକ ସଂକୀର୍ତ୍ତନ ମଣ୍ଡଳୀ ସହ ପଟୁଆରରେ ବହୁ କର୍ମକର୍ତ୍ତା ଯୋଗଦେଇ ତହସିଲ ନିକଟରେ ପହଞ୍ଚିଥିଲେ। ମୁଖ୍ୟ ମନ୍ତ୍ରୀ, ରାଜ୍ୟପାଳ, ପ୍ରଧାନ ମନ୍ତ୍ରୀ, ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ତହସିଲଦାର ସତ୍ୟଜିତ ମହାନ୍ତିଙ୍କ ଜରିଆରେ ୬ ହଜାର ୮ ଶହ ୯୧ ଦସ୍ତଖତ ସମ୍ବଳିତ ପ୍ରାର୍ଥନା ପତ୍ର ଦିଆଯାଇଛି। ଏହା ସହିତ ସଂଘର ରାଜ୍ୟ ସଭାପତି ମନୋରଂଜନ ମହାନ୍ତିଙ୍କ ରବିବାର ଆକସ୍ମିକ ବିୟୋଗରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ପତ୍ର ପ୍ରଦାନ ବେଳେ ଯୁବ ମୋର୍ଚ୍ଚା ସଭାପତି ଫାଲଗୁନୀ ପାଣିଗ୍ରାହୀ, ବିଶ୍ୱ ହିନ୍ଦୁ ପରିଷଦର କପିଳେଶ୍ୱର ମହାନ୍ତି, ଯୁବ ସଂଗଠନ ରାଜେଶ ଖଟୁଆ, ଜଗନ୍ନାଥ ପ୍ରଧାନ, ସୁମତି ଦେ, ଅନନ୍ତ ଦାସ, ସତ୍ୟ ସାଗର ଦାଶ, ଗୋପାଳ ଚନ୍ଦ୍ର ଦତ୍ତ, ସୁଶାନ୍ତ ପ୍ରଧାନ, ପ୍ରଶାନ୍ତ ଜେନା, ପୁଷ୍ପଲତା ରଣା, ଚନ୍ଦ୍ର ମଣି ରାଉଳ, ପବନ ସାହୁ, ରାଜ କୁମାର ବେହେରା, ଗଜେନ୍ଦ୍ର ନାଥ ଖମାରୀ, ଜୟକୃଷ୍ଣ ପ୍ରମାଣିକ, ଦିବ୍ୟଶ୍ରୀ ଦାସ, ସୁଜୟ ଗିରି ପ୍ରମୁଖ ଉପସ୍ଥିତ ଥିଲେ।

## କେନ୍ଦ୍ରୀୟ ଆଇନ ଓ ଗୋ ମନ୍ତ୍ରାଳୟ ଗଠନ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର

ବାଲେଶ୍ୱର,୨୭ ।୪(ସମିସ): ଦେଶରେ ଗୋ ବଂଶର ସୁରକ୍ଷା, ସଂରକ୍ଷଣ ଏବଂ ଗୋମାତାଙ୍କୁ ଜାତୀୟ ସମ୍ମାନ ପ୍ରଦାନ କରିବା ଦାବିରେ 'ଗୋ ସମ୍ମାନ ଆହ୍ୱାନ ଅଭିଯାନ' ପକ୍ଷରୁ ଏକ ବ୍ୟାପକ ଜନ ଆନ୍ଦୋଳନ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଆଜି ବାଲେଶ୍ୱର ସଦର ତହସିଲଦାରଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ଆବେଦନ ପତ୍ରରେ ଦେଶର ସାଧୁସନ୍ଥ, ଗୋ ଭକ୍ତ ଏବଂ ସଚେତନ ନାଗରିକଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ନିକଟରେ କେତେକ ଗୁରୁତ୍ୱପୂର୍ଣ୍ଣ ଦାବି ଉପସ୍ଥାନ କରିଛନ୍ତି। କେନ୍ଦ୍ରୀୟ ଆଇନ ଓ ସ୍ୱତନ୍ତ୍ର ମନ୍ତ୍ରଣାଳୟ, ଗୋ ହତ୍ୟା ରୋକିବା ପାଇଁ ସମଗ୍ର ଦେଶରେ ଏକ ସମାନ'କେନ୍ଦ୍ରୀୟ ଗୋ ସଂରକ୍ଷଣ ଆଇନ' ପ୍ରଣୟନ କରିବା ସହ ଏକ ସ୍ୱତନ୍ତ୍ର 'ଗୋ ସେବା ମନ୍ତ୍ରଣାଳୟ' ଗଠନ ପାଇଁ ଦାବି କରାଯାଇଛି। ଏହାଛଡା ଭାରତୀୟ ଗୋ ବଂଶକୁ ସାମ୍ବିଧାନିକ ଭାବେ 'ରାଷ୍ଟ୍ର ମାତା' କିମ୍ବା 'ରାଷ୍ଟ୍ର ଆରାଧ୍ୟା'ର ମାନ୍ୟତା ପ୍ରଦାନ,ଗୋ ଚାଲାଣ ଓ ଗୋ ହତ୍ୟାକୁ




ଅଣ ଜାମିନ ବିହୀନ ଅପରାଧ ଶ୍ରେଣୀଭୁକ୍ତ କରି ଦୋଷୀଙ୍କ ପାଇଁ ଆଜୀବନ କାରାଦଣ୍ଡ ଓ ସମ୍ପତ୍ତି ବାଜ୍ୟାପ୍ତି ଭଳି କଠୋର ବ୍ୟବସ୍ଥା କରିବା ପାଇଁ ଦାବି ଉପସ୍ଥାପନ କରାଯାଇଛି। ଏହାଛଡା ବିଦ୍ୟାଳୟ ପାଠ୍ୟକ୍ରମରେ 'ଗୋ-ବିଜ୍ଞାନ' ଅନ୍ତର୍ଭୁକ୍ତ କରିବା ସହ ଗୋ ଆଧାରିତ ପ୍ରାକୃତିକ ଚାଷକୁ ପ୍ରୋତ୍ସାହନ ଦେଇ 'ଆତ୍ମନିର୍ଭର ଭାରତ' ଗଠନ ଉପରେ ଗୁରୁତ୍ୱାରୋ କରାଯାଇଛି। ପ୍ରତି ଗ୍ରାମପଞ୍ଚାୟତରେ 'ନନ୍ଦିଶାଳା' ଓ ଜିଲ୍ଲା ସ୍ତରରେ 'ମଡେଲ ଗୋ-ଅଭୟାରଣ୍ୟ' ସ୍ଥାନ ସହ ଜାତୀୟ ରାଜପଥରେ ଆହତ ଗୋରୁଙ୍କ ଚିକିତ୍ସା ପାଇଁ 'ଗୋ ବାହିନୀ ଆମ୍ବୁଲାନ୍ସ' ବ୍ୟବସ୍ଥା କରିବାକୁ ମଧ୍ୟ ଦାବି ହୋଇଛି। ସୂଚନାଯୋଗ୍ୟ ଯେ, ଏହି ଅଭିଯାନକୁ ବ୍ୟାପକ ଜନସମର୍ଥନ ମିଳୁଥିବା କମିଟି ପକ୍ଷରୁ ଦାବି କରାଯାଇଛି। ବାଲେଶ୍ୱର ଅଞ୍ଚଳରୁ ପ୍ରାୟ ୧୧,୪୪୦ ଜଣ ବ୍ୟକ୍ତି ଏହି ଦାବିପତ୍ରରେ ସ୍ୱାକ୍ଷର କରି ଗୋ ସୁରକ୍ଷା ପାଇଁ ନିଜର ସହମତି ପ୍ରକାଶ କରିଛନ୍ତି। ପ୍ରାୟ ୨୨୦ପୃଷ୍ଠାର ଏହି ସ୍ମାରକପତ୍ରରେ ଗୋ ବଂଶର ସୁରକ୍ଷା ପାଇଁ ସମ୍ପୂର୍ଣ୍ଣ କାର୍ଯ୍ୟଖସଡ଼ା ଓ ଗବେଷଣାଭିତ୍ତିକ ତଥ୍ୟ ମଧ୍ୟ ସଂଲଗ୍ନ କରାଯାଇଛି। ଗୋ-ସୁରକ୍ଷା କେବଳ ଧାର୍ମିକ ବିଶ୍ୱାସ ନୁହେଁ ବରଂ ଏହା ଦେଶର କୃଷି,ପରିବେଶ ଏବଂ ଅର୍ଥନୀତି ସହ ଜଡ଼ିତ ବୋଲି ଅଭିଯାନର କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି।

## ବାବା ନିଖିରେଶ୍ୱର ଶୈବପୀଠରେ ନୂତନ ଶନି ମନ୍ଦିର ଓ ହନୁମାନ ମନ୍ଦିରର ଭୂମି ପୂଜନ

କାଳିପଦା, ୨୭।୪ (ସମିସ): ବାଲିଆପାଳ ବ୍ଲକ ନିଖିରା ଗ୍ରାମରେ ଅବସ୍ଥିତ ସର୍ବ ପ୍ରାଚୀନ ଶୈବ ପୀଠ ବାବା ନିଖିରେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ନୂତନ ଶନି ମନ୍ଦିର ଓ ହନୁମାନ ମନ୍ଦିରର ଭୂମି ପୂଜନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମନ୍ଦିରର ପୂଜକ ମନୋଜ ଆଚାର୍ଯ୍ୟ, ହିମାଂଶୁ ମହାପାତ୍ର, ସତ୍ୟବ୍ରତ ଆଚାର୍ଯ୍ୟ ପ୍ରମୁଖ ପୂଜାର୍ଚ୍ଚନା କରି ସାରିବା ପରେ ହରି ନାମ ସଂକୀର୍ତ୍ତନ ପୂର୍ବକ ଦୁଇ



ମନ୍ଦିରର ଭୂମି ପୂଜନ ସମାପନ ହୋଇଥିଲା। ବାବା ନିଖିରେଶ୍ୱର ମହାଦେବ ମନ୍ଦିର ଉନ୍ନୟନ କମିଟିର ସଭାପତି ସଦାଶିବ ବେହେରା, ଚଡ଼କ ମେଳା କମିଟି ସଭାପତି ଲକ୍ଷ୍ମଣ କୁମାର ଦଳାଇ, ଦୁର୍ଗାପୂଜା କମିଟି ସଭାପତି ନବକୃଷ୍ଣ ଦାସ, ପୂର୍ବତନ ପାଟଭକ୍ତ ନଗେନ୍ଦ୍ର ଭୂୟାଁ, ମନ୍ଦିର କମିଟିର କୋଷାଧକ୍ଷ ଅନନ୍ତ କୁମାର ଭୂୟାଁ, ମନ୍ଦିର ନିର୍ମାଣର ଶିଳ୍ପୀ ବସନ୍ତ ଦାସ, କମିଟିର ବରିଷ୍ଠ ସଦସ୍ୟ ଶ୍ରୀକାନ୍ତ ଜେନା, ବିଜୟ କୁମାର ସେଠୀ, ବସନ୍ତ ଦଳାଇ, ଡମ୍ବରୁଧର ବାରିକ, ପ୍ରହ୍ଲାଦ ଚରଣ ଜେନା, ନିରଞ୍ଜନ ନନ୍ଦୀ, ଯଦୁନାଥ ଗିରି, ପୂର୍ଣ୍ଣଚନ୍ଦ୍ର ଗିରି, ସୁବଳ ଦଳାଇ, ଚାରୁ ଚନ୍ଦ୍ର ନନ୍ଦୀ, ବାଇଧର ଦଳାଇ, ଦିଲ୍ଲୀପ ଜେନା, ବିନୋଦ କୁମାର ଗିରି, ପ୍ରତାପ ଅଣ୍ଡିଆ,ସାଧବ ଦାସ, ରାଜୁ ଜେନା, ଗୋପନାରାୟଣ ଜେନା, ଶିବ ଦଳାଇ ପ୍ରମୁଖ ବାବା ନିଖିରେଶ୍ୱର ମହାଦେବ ମନ୍ଦିର ଉନ୍ନୟନ କମିଟିର ସଦସ୍ୟ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଗୋ ସେବକଙ୍କ ପକ୍ଷରୁ ଦାବିପତ୍ର

ରେମୁଣା,୨୭।୪ (ସମିସ): ଆଜି ରେମୁଣା ତହସିଲ ଅଫିସରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଗୋ ସେବକ ରାମ ଭାଇଙ୍କ ନେତୃତ୍ୱରେ ଗୋମାତାଙ୍କୁ ସେବା, ସୁରକ୍ଷା ଓ ସମ୍ମାନ ସହ ରାଷ୍ଟ୍ରମାତା ଘୋଷଣା କରିବା ନିମନ୍ତେ ସର୍ବଭାରତୀୟ ସ୍ତରରେ ଚାଲିଥିବା "ଗୋ ସମ୍ମାନ ଆହ୍ୱାନ ଅଭିଯାନ'ରେ ଆଜି ରେମୁଣା ତହସିଲରେ ଦାବିପତ୍ର ପ୍ରଦାନ କରାଯାଇଅଛି। ହରେକୃଷ୍ଣ ଗିରି, ମଞ୍ଜିତ ପଟ୍ଟନାୟକ, ଅଙ୍କିତ ନାୟକ, ବିଶ୍ୱଜିତ୍ ବାରିକ୍, କମଳାକାନ୍ତ ଦାସ, ମିଳନ ନାୟକ, ସୁରେଶ ମହାଲିକ, ସାଗର ଖଣ୍ଡାଇ , ଜଗଦିଶ ଦଳେଇ, ସତ୍ୟବ୍ରତ ଦାସ, ଓ ବିଭିନ୍ନ ହିନ୍ଦୁ ସଙ୍ଗଠନର ଭାଇମାନଙ୍କ ସହ ତହସିଲଦାରଙ୍କୁ ମାନନୀୟ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ହସ୍ତାକ୍ଷର ସମ୍ବଳିତ ପ୍ରାର୍ଥନା ପତ୍ର ଦିଆଯାଇଛି।



## ପିତାମାତାଙ୍କ ଉଦ୍ଦେଶ୍ୟରେ 'ଚଳନ୍ତି ଦେବତା' କାର୍ଯ୍ୟକ୍ରମ



ବାଲେଶ୍ୱର,୨୭।୪(ସମିସ): ସ୍ୱେଚ୍ଛାସେବୀ ସଂଗଠନ ଜ୍ଞାନଶ୍ରୀ ପକ୍ଷରୁ ପିତାମାତାଙ୍କ ଉଦ୍ଦେଶ୍ୟରେ ସମର୍ପିତ ଚଳନ୍ତି ଦେବତା କାର୍ଯ୍ୟକ୍ରମ ନୋସି କଲଚୁରାଲ ଏକାଡେମୀ ସହଯୋଗରେ ଉତ୍କଳା ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନ ସମ୍ପାଦକ ପ୍ରଶାନ୍ତ କୁମାର ପଟେଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ରେମୁଣା ବ୍ଲକ ଅଧକ୍ଷ ରାଜେନ୍ଦ୍ର ରାଉତ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଆଜିର ଦିନରେ ଅନେକ ସନ୍ତାନ ସନ୍ତତି ତାଙ୍କର ପିତାମାତାଙ୍କୁ ପରିଣତ ବୟସରେ ଅନାଦାର କରିବା ସହିତ ବିଭିନ୍ନ ପ୍ରକାର ନିର୍ଯାତନା ଦେଉଥିବା ବେଳେ ଏପରି କାର୍ଯ୍ୟକ୍ରମ ସବୁ ପିଲାମାନଙ୍କ ମଧ୍ୟରେ ସେମାନଙ୍କ ପିତାମାତା ତଥା ଚଳନ୍ତି ଦେବତାଙ୍କ ପ୍ରତି ଆଦର ବୃଦ୍ଧି କରିବାରେ ସହାୟକ ହେବ ବୋଲି କହିଥିଲେ। ଆମେ କେବେ ଈଶ୍ୱରଙ୍କୁ ଦେଖିନାହୁଁ ବାସ୍ତବରେ ଆମକୁ ଦୁନିଆକୁ ଆଣିଥିବା ପିତାମାତା ହିଁ ଆମପାଇଁ ସବୁକିଛି, ତେଣୁ ସେମାନଙ୍କ ପ୍ରତି ଅନାଦର ଗ୍ରହଣୀୟ ନୁହେଁ ବୋଲି ମୁଖ୍ୟ ବକ୍ତା ଚିତ୍ରଶିଳ୍ପୀ କେଶୁ ଦାସ ମତବ୍ୟକ୍ତ କରିଥିଲେ। ଅନ୍ୟାନ୍ୟ ଅତିଥି ମାନଙ୍କ ମଧ୍ୟରେ କଣ୍ଠଶିଳ୍ପୀ ସୁଜିତ ଭୋଇ ଏବଂ ଉଜ୍ୱଳ ଚାନ୍ଦ ଯୋଗଦାନ କରି ଏଭଳି ଏକ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ଏହି ଅବସରରେ ଆୟୋଜିତ ପିତାମାତାଙ୍କ ସହ ସେଲ୍ଫି, ପିତାମାତାଙ୍କ ଉପରେ କଣ୍ଠ ସଂଗୀତ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଂଗଠନ ସଦସ୍ୟ ସାଗର ମଲିକ, ଦିପାଲୀ ସିଂ, ତନୁ ବିନ୍ଧାଣି, ରାଜା ମଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସହ ସମ୍ପାଦକ ସନତ କୁମାର ପରିଡା ଧନ୍ୟବାଦ ଦେଇଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ଜଳେଶ୍ୱର ବ୍ଲକ, ୨୭।୪ (ସମିସ): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ଆଲୋକ କୁମାର ଗିରିଙ୍କ ପିତା ପ୍ରଫୁଲ୍ଲ ଚନ୍ଦ୍ର ଗିରି ଆଜି ୮୪ ବର୍ଷ ବୟସରେ ପରଲୋକ ଘଟିଛି। ସେ ଜଣେ ଆଦର୍ଶ ଶିକ୍ଷକ ଓ ବିଚାରକ ଭାବେ ବେଶୀ ଖ୍ୟାତି ସମ୍ପନ୍ନ ବ୍ୟକ୍ତି ଭାବରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ୨୦୦୪ ମସିହାରେ ଶିକ୍ଷକତା ଚାକିରିରୁ ଅବସର ନେବା ପରେ ମାଳିପାଳରେ ୪ ପୁଅ ନାତି ନାତୁଣୀ ମାନଙ୍କ ସହିତ ଏକ ଯୌଥ ପରିବାରରେ ବେଶ ହସ ଖୁସିରେ ନିଜଜୀବନ ବିତାଇ ଆସୁଥିଲେ। ଆଜି ମାଳିପାଳ ଘରେ ଦିବା ୧.୩୦ ମିନିଟ୍ ସମୟରେ ପରିବାର ବର୍ଗକୁ ଶୋକାକୁଳ ପରିବେଶରେ ଇହତ୍ୟାଗ ବରଣ କରିଛନ୍ତି। ତାଙ୍କର ମୃତ୍ୟୁରେ ପୁତ୍ର ଅଶୋକ କୁମାର ଗିରି, ଆଲୋକ ଗିରି, ଦୀପକ ଗିରି, ଗୋଲକ ବିହାରୀ ଗିରି, ଝିଅ ଜ୍ୱାଇଁ ବନ୍ଧୁ ବାନ୍ଧବ, ନାତି ନାତୁଣୀ ଶ୍ରୀରାମପୁର ପଂଚାୟତ ଗଣ୍ୟମାନ୍ୟ ବ୍ୟକ୍ତିମାନେ ଶେଷ ଦର୍ଶନ କରିଥିଲ।

## ବାଲେଶ୍ୱର ଲାୟନ୍ସ କ୍ଲବ୍ ଏମ୍ ପାୱାର ପକ୍ଷରୁ ସଫେଇ ଓ ଚାରା ବଣ୍ଟନ

ବାଲେଶ୍ୱର, ୨୭।୪ (ସମିସ): ପରିବେଶ ସପ୍ତାହ ଉପଲକ୍ଷେ ବାଲେଶ୍ୱର ଲାୟନ୍ସ କ୍ଲବ୍ ଏମ୍ ପାୱାର ପକ୍ଷରୁ ଚାନ୍ଦିପୁରରେ ବେଳାଭୂମି ସଫେଇ, ଚାରା ବଣ୍ଟନ ଏବଂ ସ୍ୱଚ୍ଛତା ଉପରେ ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ, ବୃକ୍ଷରୋପଣ କରିବା ଏବଂ ଜଳବାୟୁ ବିଷୟରେ ସଚେତନତା ସୃଷ୍ଟି କରିବା ଉକ୍ତ ସପ୍ତାହର ମୂଳଲକ୍ଷ୍ୟ ବୋଲି ସଭାପତି ରିତିକ୍ ଜୀ ଏହି ଅବସରରେ ଉଲ୍ଲେଖ କରିଥିଲେ। କ୍ଲବର ସଭାପତି ରୀତିକ ଜୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଦସ୍ୟ ମାନେ ବେଳାଭୂମି ସଫେଇ ସହ ପରିବେଶକୁ ନିର୍ମଳ ରଖିବା



ପାଇଁ ଶତାଧିକ ଲୋକଙ୍କୁ ବିଭିନ୍ନ ପ୍ରକାର ଚାରା ବଣ୍ଟନ କରିଥିଲେ। ପରିବେଶକୁ ସଫା ରଖିବା ଓ ଅଳିଆକୁ ନିର୍ଦ୍ଦିଷ୍ଟ ସ୍ଥାନରେ ପକେଇବା ପାଇଁ ସ୍ଥାନୀୟ ଲୋକମାନଙ୍କୁ ଏହି ଅବସରରେ ସଚେତନ କରଯାଇଥିଲା। ସମ୍ପାଦିକା ମଧୁମିତା ପଲ, ମିତା ମନ୍ନା, ଏମ୍.ଡି. ଆସଲମ୍ ଖାନ୍, ଧିରେନ ନାୟକ, ତାରିକ୍ ମହମ୍ମଦ, ମିତା ପଟ୍ଟନାୟକ, ରଶ୍ମିତା ନାୟକ, ବିଶ୍ୱରୂପ ପରିଡାଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ହୋଇ ସକ୍ରିୟ ସହଯୋଗ କରିଥିଲେ।

## ହରିକଥା ଓ ଭାଗବତ କଥା



ବାଲେଶ୍ୱର,୨୭।୪ (ସମିସ): ସହରର ଆଜିମାବାଦ ସ୍ୱପ୍ନେଶ୍ୱର ମନ୍ଦିର ଓ ହରିଗୋସ୍ୱାଇଁ ମନ୍ଦିର ପ୍ରାଙ୍ଗଣରେ ହରି କଥା ଓ ଭାଗବତ କଥା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବହୁତ ଭକ୍ତଙ୍କ ସମାଗମ ହୋଇଥିଲା। ପ୍ରବଚନ କାର୍ଯ୍ୟକ୍ରମ ଶେଷରେ ପ୍ରସାଦ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ମଲ୍ଲିକାଶପୁର, ଆଜିମାବାଦର ଗ୍ରାମବାସୀଙ୍କ ସହ କର୍ମକର୍ତ୍ତାଙ୍କ ସହଯୋଗ ରହିଥିଲା।

# ଭୂମିହୀନ ପରିବାର ପାଇଁ ସ୍ୱପ୍ନ ପାଲଟିଛି ସରକାରୀ ଆବାସ

ବାଲେଶ୍ୱର,୨୭ ।୪(ସମିସ)

ଗରିବ ଭୂମିହୀନ ପରିବାର ପାଇଁ ବିଭିନ୍ନ ସରକାରୀ ଯୋଜନା ଥିଲେ ହେଁ ବାଲେଶ୍ୱର ସହର ଉପକଣ୍ଠରେ ବର୍ଷ ବର୍ଷ ଧରି ଛିଣ୍ଡା ପଲିଥିନ ତଳେ ଜୀବନ ଯାପନ କରୁଛନ୍ତି। ମାଝିରାମ ମୁର୍ମୁ ଓ ତାଙ୍କ ସ୍ତ୍ରୀ, ପାଂଚ ସନ୍ତାନଙ୍କୁ ନେଇ କରଞ୍ଜିଆ ପଂଚାୟତର କାସିମାବାଦ ଗ୍ରାମରେ ଏକ ଛିଣ୍ଡା ପଲିଥିନ ତଳେ ବସବାସ କରନ୍ତି। ପରିବାରଟି ଭୂମିହୀନ ହୋଇଥିବାରୁ ଗ୍ରାମ ମଧ୍ୟରେ ଏକ ଫାଙ୍କା ସ୍ଥାନ ଦେଖି ପଲିଥିନ ଟାଙ୍ଗି ମୁଣ୍ଡ ଗୁଞ୍ଜିବାର ବ୍ୟବସ୍ଥା କରିଥିଲେ। ସେଠାରେ ସେମାନେ ଖରା ହେଉ କମ୍ବା ବର୍ଷା ହେଉ ସେହି ଛିଣ୍ଡା ପଲିଥିନ ତଳେ



ସେମାନଙ୍କ ଜୀବନ ବିତାଉଥିଲେ। ଏପରିକି ଅତ୍ୟଧିକ ପବନ କିମ୍ବା ବର୍ଷା ହେଲେ ମାଝିରାମ କାହା ବାରଣ୍ଡାରେ ଆଶ୍ରୟ ନିଅନ୍ତି। ସରକାରୀ ଯୋଜନାରୁ ଲାଭ ପାଇବାକୁ ଏକାଧିକ ଥର ପ୍ରଚେଷ୍ଟା କରି ବିଫଳ ହେବା ପରେ କେବଳ ଭାଗ୍ୟକୁ ଆଦରି ପଡିରହିଥିଲା ଆଦିବାସୀ ପରିବାରଟି। ମାଝିରାମଙ୍କ ପରିବାରର ଦୁର୍ଦ୍ଦଶା ଦେଖି ଦି ନ୍ୟୁ ହୋପ ସଙ୍ଗଠନର କର୍ମକର୍ତ୍ତାମାନେ ସହାୟତା ହାତ ବଢାଇବା

**ସହଯୋଗର ହାତ ବଢ଼ାଇଲା ଦ ନ୍ୟୁ ହୋପ ସଂଗଠନ**

ସହିତ ଏକ ବାସଉପଯୋଗୀ ଘର ନିର୍ମାଣ ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ସଂଗଠନର ଅଶ୍ୱିନୀ ଦାସ, ରବୀନ୍ଦ୍ର ପତି, ସୁଶାନ୍ତ ମହାପାତ୍ର, ପ୍ରଦ୍ୟୁମ୍ନ ମାସନ୍ତ, ରଂଜିତା ପ୍ରଧାନ, ସାଗରିକା ମହାନ୍ତି ପ୍ରମୁଖ ସଦସ୍ୟଙ୍କ ଉପସ୍ଥିତିରେ ମ୍ୟାନେଜିଂ ଟ୍ରଷ୍ଟି ସଂଗ୍ରାମ ପଣ୍ଡା ଘର ନିର୍ମାଣର ଶୁଭ ଦେଇ ଆଦିବାସୀ ପରିବାରକୁ ଏହିଭଳି ସହଯୋଗର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଛନ୍ତି। କାସିମାବାଦର ମାଝିରାମଙ୍କ ପରିବାର ଗରିବ ଭୂମିହୀନ ହୋଇଥିଲେ ବି କୌଣସି ପ୍ରକାର ସରକାରୀ ସହାୟତାରୁ ବଂଚିତ ହୋଇଥିବାରୁ ସଙ୍ଗଠନର ସଦସ୍ୟମାନେ ନିଜସ୍ୱ ଖର୍ଚ୍ଚରେ ତାଙ୍କୁ ଏକ ଘର ତିଆରି କରିଦେବା ନେଇ ତୁରନ୍ତ ନିଷ୍ପତ୍ତି ନେଇ ଏକ ଆଜବେଷ୍ଟସ ଘର ନିର୍ମାଣ ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଦୀର୍ଘ ବର୍ଷର ଉଦ୍ୟମରେ ସବୁ ଦିଗରୁ ଆସ୍ଥା ହରାଇଥିବା ମାଝିରାମ ଓ ତାଙ୍କ ସ୍ତ୍ରୀ ଘର ନିର୍ମାଣର ସ୍ୱପ୍ନ ପୂରଣ ହେଉଥିବାରୁ ସେମାନେ ବେଶ ଖୁସି ହୋଇଥିବା ଦେଖାଯାଇଛି।

## ଆଜିର ରାଶିଫଳ

**ମେଷ:** ଦିନଟିରେ ଚିନ୍ତାଗ୍ରସ୍ତ ରହିବେ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ। ନିବେଶରୁ ଦୂରେଇ ରହିବେ। ନୂଆ ଯୋଜନା ପାଇଁ ଗୁରୁଜନଙ୍କ ପରାମର୍ଶ ନେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**ବୃଷ:** ଅଧିକ ଖର୍ଚ୍ଚାନ୍ତ ହେବେ। ବ୍ୟବସାୟରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ସରକାରୀ କ୍ଷେତ୍ରରେ ସଫଳତା ଲାଭ କରିବେ। ବିଦ୍ୟାର୍ଥୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ମିଥୁନ:** ଧନ ଆଗମନ ଯୋଗ ଅଛି। ପରିବାର ସଦସ୍ୟଙ୍କ ସହିତ ମତାନ୍ତର ହେବ। ବ୍ୟବସାୟୀ ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ମନ ପ୍ରସନ୍ନ ରହିବ।

**କର୍କଟ:** ଅଫିସ୍ କାମରେ ବ୍ୟସ୍ତ ରହିବେ ଏବଂ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ବନ୍ଧୁଙ୍କ ସାହାଯ୍ୟରେ ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଧାର୍ମିକ କାର୍ଯ୍ୟ ପାଇଁ ଆଗ୍ରହୀ ହେବେ।

**ସିଂହ:** କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ବନ୍ଧୁଙ୍କ ସହ ବୁଲିବା ପାଇଁ ନୂଆ ଯୋଜନା କରିବେ। ଧାର କରଜରୁ ଦୂରେଇ ରହିବେ। ନୃତ୍ୟଶିଳ୍ପୀଙ୍କ ପାଇଁ ଦିନଟି ଭଲ।

**କନ୍ୟା:** ଯାତ୍ରାରୁ ଲାଭ ମିଳିବ। ଦିନଟିରେ କର୍ମଚଞ୍ଚଳ ରହିବେ। ପାରିବାରିକ ଜୀବନରେ ତିକ୍ତତା ଦେଖା ଦେବ। ବ୍ୟବସାୟରେ ସଫଳତା ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ସାମାଜିକ କାର୍ଯ୍ୟରେ ସାମିଲ ହେବେ। ଅଫିସ୍‌ରେ ସହକର୍ମୀଙ୍କ ସହ ବ୍ୟକ୍ତିଗତ କଥା ଆଲୋଚନା କରିବେ ନାହିଁ।

**ବିଛା:** ଦିନଟି ଶୁଭଫଳ ପ୍ରଦାନ କରିବ। ସରକାରୀ କାମ ସମସ୍ୟା ସମାଧାନ ହେବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ପାରିବାରିକ ବିବାଦରୁ ଦୂରେଇ ରହିବେ।

**ଧନୁ:** କାର୍ଯ୍ୟରେ ଉନ୍ନତି ଘଟିବ। ଦାମ୍ପତ୍ୟ ଜୀବନ ହସଖୁସିରେ ଅତିବାହିତ କରିବେ। ଇଚ୍ଛା ପୂରଣ ହେବ। ଗରିବ, ଅସହାୟଙ୍କୁ ସାହାଯ୍ୟ କରିବେ। ସନ୍ତାନଙ୍କ ସଫଳତା ପାଇଁ ଖୁସି ହେବେ।

**ମକର:** ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ବଦଭ୍ୟାସ ପରିତ୍ୟାଗ କରିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବିବାହ ପ୍ରସ୍ତାବ ସ୍ଥିର ହେବ। ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି ଜାରି ରଖିବେ।

**କୁମ୍ଭ:** ଦୀର୍ଘ ଦିନ ସମସ୍ୟାର ସମାଧାନ ହେବ। ଅଫିସ୍ କାମ ସୂଚାରୁରୂପେ ତୁଲାଇବେ। ଲେଖାଲେଖି ପ୍ରତି ରୁଚି ବଢ଼ିବ। ବଡ଼ ଭାଇ ଓ ଭଉଣୀଙ୍କ ସହଯୋଗ ମିଳିବ।

**ମୀନ:** କଥା ଓ କାମ ମଧ୍ୟରେ ଲୋକଙ୍କୁ ପ୍ରଭାବିତ କରିବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। ଆର୍ଥିକ ମାମଲାରେ ସୁଧାର ଆସିବ। ମଠ ତଥା ମନ୍ଦିରରେ ଦାନ କରିବେ।

## ଆଜିର ଇତିହାସ

- ୧୭୪୦- ମରାଠା ଶାସକ ପେଶୱା ବାଜିରାଓ ପ୍ରଥମଙ୍କ ଦେହାନ୍ତ।
- ୧୯୩୨- ପିତ୍ତ ଜ୍ୱର ଟିକା ବିକଶିତ କରାଗଲା।
- ୧୯୩୫- ରୁଷର ରାଜଧାନୀ ମସ୍କୋରେ ଭୂତଳ ଟ୍ରେନ୍ 'ମେଟ୍ରୋ' ସେବାର ଆରମ୍ଭ ହେଲା।
- ୧୯୯୫- ଶ୍ରୀଲଙ୍କାର ପଲାଲିରେ ବିମାନ ଦୁର୍ଘଟଣାରେ ୪୭ ମୃତ।
- ୨୦୦୭- ଶ୍ରୀଲଙ୍କାକୁ ହରାଇ ଅଷ୍ଟ୍ରେଲିଆ ଚତୁର୍ଥ ଥର କ୍ରିକେଟ୍ ବିଶ୍ୱକପ୍ ଜିତିଲା।

### ଆଜି ବାହୁଡ଼ିଥିଲେ

## ଜାତୀୟ କବି ବୀରକିଶୋର



ସ୍ୱାଧୀନତା ଆନ୍ଦୋଳନ ସମୟରେ ସାହିତ୍ୟ କ୍ଷେତ୍ରରେ ଅବତୀର୍ଣ୍ଣ ହୋଇ ଯେଉଁ ସାହିତ୍ୟିକମାନେ ମୁକ୍ତି ସଂଗ୍ରାମକୁ ଜୀବନ୍ତ କରିଥିଲେ, ସେମାନଙ୍କ ମଧ୍ୟରୁ ଜାତୀୟ କବି ବୀରକିଶୋର ଦାସ ଥିଲେ ଅଗ୍ରଗଣ୍ୟ। ଅଗ୍ନିବର୍ଷୀ କବିତାମାନ ସୃଷ୍ଟି କରି ସେ ଇଂରେଜ ସରକାରଙ୍କ ବିରୋଧରେ ପ୍ରତ୍ୟକ୍ଷ ବିପ୍ଳବ ପାଇଁ ଜାଗରଣ ସୃଷ୍ଟି କରିଥିଲେ। ତାଙ୍କ କବିତା ଆବାଳ-ବୃଦ୍ଧ-ବନିତା ସମସ୍ତଙ୍କୁ ଆନ୍ଦୋଳିତ କରୁଥିଲା। ବୀର ସଂଗ୍ରାମୀମାନେ ତାଙ୍କ କବିତା ଗାଇଗାଇ ଗୁଳି-ବନ୍ଧୁକ ମୁହଁକୁ ଆଗେଇ ଯାଉଥିଲେ, ହସିହସି ହାତକଡ଼ି ପିନ୍ଧି କାରାଗାରରେ ପଶିଯାଉଥିଲେ। ତାଙ୍କର ପ୍ରତିଟି କବିତା ଦେଶବାସୀଙ୍କ ମନରେ ଦେଶାତ୍ମବୋଧ ଭାବନା ସୃଷ୍ଟି କରିଥିଲା। ବିପ୍ଳବାତ୍ମକ କବିତା ଲେଖିବା ଓ ସ୍ୱାଧୀନତା ସଂଗ୍ରାମକୁ ତ୍ୱରାନିତ କରିଥିବାରୁ ସେ ସାତ ସାତ ଥର କାରାବରଣ ମଧ୍ୟ କରିଥିଲେ ଏବଂ ପୁଲିସ୍ ତାଙ୍କର ଅନେକ ପାଣ୍ଡୁଲିପି ନଷ୍ଟ କରିଦେଇଥିଲା। ୧୮୯୮ ମସିହା ନଭେମ୍ବର ୨୩ ତାରିଖରେ ସେ ଜଗତସିଂହପୁର ପୁନଙ୍ଗ ଗାଁରେ ଜନ୍ମଗ୍ରହଣ କରିଥିଲେ। ଗ୍ରାମ ଚାଟଶାଳୀରେ ପ୍ରାଥମିକ ଶିକ୍ଷା ସମାପ୍ତ କରିବା ପରେ କଟକର ଭିକ୍ଟୋରିଆ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରିଥିଲେ। ୧୯୧୧ ମସିହାରେ ମାଟ୍ରିକ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ କଟକ କଲେଜରେ ଏଫ୍.ଏ. ପଢ଼ିଥିଲେ, ମାତ୍ର ସଂପୂର୍ଣ୍ଣ କରି ନ ଥିଲେ। ଏହାପରେ କଟକର ପ୍ୟାରୀମୋହନ ଏକାଡେମୀରେ ଅସ୍ଥାୟୀ ଶିକ୍ଷକତା ପରେ ସରକାରୀ କିରାଣି ଚାକିରି କରିଥିଲେ। ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ଚାକିରି ଛାଡ଼ି ସେ ମୁକ୍ତି ସଂଗ୍ରାମରେ ଯୋଗଦେଲେ। 'ରଣ ଦୁନ୍ଦୁଭୀ', 'ରଣଭେରୀ', 'ବିଦ୍ରୋହୀବୀଣା', 'ମୋହନବେଣୁ', 'ସବୁଜସାଥି', 'ସମର ଯୁଗର ଅମର ଗୀତ', 'ସାତଦୀପ' ଇତ୍ୟାଦି ହେଉଛି ତାଙ୍କର କାଳଜୟୀ ସୃଷ୍ଟି। ଦେଶ ସ୍ୱାଧୀନ ହେବା ପରେ ମଧ୍ୟ ସେ ବହୁ ଦେଶାତ୍ମବୋଧ କବିତା ରଚନା କରିଥିଲେ। ସେ କେବଳ ଯେ, ଜାତୀୟତାବାଦୀ କବିତା ଲେଖୁଥିଲେ ତାହା ନୁହେଁ, ଅନେକ ଶିଶୁ କବିତା ମଧ୍ୟ ଲେଖିଥିଲେ। ମାସିକ ଶିଶୁ ସାହିତ୍ୟ ପତ୍ରିକା 'ମୋ ଦେଶ'ର ସେ ଆରମ୍ଭ କରିଥିଲେ। ୧୯୪୬ରେ ସେ ପାଠ୍ୟ ପୁସ୍ତକ 'ମୋ ଛବି ବହି' ଓ 'ନୂଆ ଛବି ବହି' ଲେଖିଥିଲେ। 'ଶିଶୁ ଲେଖା' ପତ୍ରିକା ତାଙ୍କ ସାଧନାର ଫଳ। ସ୍ୱାଧୀନତା ପରେ କଟକ ସଦର ଲୋକାଲ୍ ବୋର୍ଡ ଚେୟାରମ୍ୟାନ ପଦଗ୍ରହଣ କରିଥିଲେ। ସେ ଦ୍ୱିତୀୟ ବିଧାନସଭା ଓ ପୁସ୍ତକ ଜାତୀୟକରଣ କମିଟିର ସଭ୍ୟ ରହିଥିଲେ। ୧୯୭୩ ମସିହା ଆଜିର ଦିନରେ ବୀରକିଶୋରଙ୍କ ଦେହାନ୍ତ ହୋଇଥିଲା।

### ଆଜି ଆସିଥିଲେ

## ଉତ୍କଳଗୌରବ ମଧୁସୂଦନ



ମଧୁବାବୁ। ଓଡ଼ିଶା ମାଟିର ତଥା ଓଡ଼ିଆ ଜାତିର ସ୍ୱାଭିମାନ। ଓଡ଼ିଆ ଭାଷାକୁ ସ୍ୱତନ୍ତ୍ର ଭାଷା ଓ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ଦେବା ପାଇଁ ଯେଉଁ କେତେଜଣ ମହାପୁରୁଷ ପ୍ରତିଜ୍ଞା ନେଇଥିଲେ ତନ୍ମଧ୍ୟରେ ମଧୁ ବାବୁ ଅନ୍ୟତମ। ଓଡ଼ିଆ ଜନମାନସରେ ସେ ମଧୁବାବୁ ବା ମଧୁ ବାରିଷ୍ଟର ଭାବେ ପରିଚିତ। ତାଙ୍କର ଜାତିପ୍ରେମ, ସ୍ୱାଭିମାନ ଏବଂ ସୁଦୂରପ୍ରସାରୀ ଚିନ୍ତାଧାରା ସମସାମୟିକ କାଳରୁ ଢେର୍ ଆଗରେ ଥିଲା। ସେ ଥିଲେ ଓଡ଼ିଶାର ପ୍ରଥମ ବାରିଷ୍ଟର, ପ୍ରଥମ ଓଡ଼ିଆ ଗ୍ରାଜୁଏଟ୍, ପ୍ରଥମ ଓଡ଼ିଆ ଏମ୍‌ଏ, ପ୍ରଥମ ଓଡ଼ିଆ ବିଲାତ ଯାତ୍ରୀ, ଓଡ଼ିଶାର ପ୍ରଥମ ଏଲ୍‌ଏଲ୍‌ବି। ଓଡ଼ିଶାର ବିଚ୍ଛିନ୍ନାଞ୍ଚଳର ଏକତ୍ରୀକରଣ ପାଇଁ ସେ ସାରାଜୀବନ ସଂଗ୍ରାମ କରିଥିଲେ। ତାଙ୍କର ପ୍ରଚେଷ୍ଟା ଫଳରେ ୧୯୩୬ ମସିହା ଅପ୍ରେଲ ୧ ତାରିଖରେ ଭାଷା ଭିତ୍ତିରେ ପ୍ରଥମ ଭାରତୀୟ ରାଜ୍ୟ ଭାବେ ଓଡ଼ିଶାର ପ୍ରତିଷ୍ଠା ହୋଇଥିଲା। ଜଣେ ଓକିଲ, ସାମ୍ବାଦିକ, ଲେଖକ, ବିଧାନ ପରିଷଦ ସଦସ୍ୟ, ରାଜନେତା ଓ ସମାଜ ସଂସ୍କାରକ ଭୂମିକାରେ ସେ ଓଡ଼ିଶାବାସୀଙ୍କର ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ଉନ୍ନତି ଲାଗି ନିଜ ଜୀବନକୁ ଉତ୍ସର୍ଗ କରିଦେଇଥିଲେ। ୧୮୪୮ ମସିହା ଆଜିର ଦିନରେ ମଧୁବାବୁ କଟକ ଜିଲ୍ଲାର ସତ୍ୟଭାମାପୁରଠାରେ ଜନ୍ମଗ୍ରହଣ କରିଥିଲେ। ସେ ଗାଁ ଚାଟଶାଳୀରୁ ପାଠପଢ଼ା ସାରି ହାଇସ୍କୁଲ ପାଠ ପଢ଼ିବା ପାଇଁ କଟକ ଆସିଥିଲେ। ତାଙ୍କ ପିଲାଦିନର ନାମ ଥିଲା ଗୋବିନ୍ଦବଲ୍ଲଭ। କଟକରେ ସ୍କୁଲ୍ ଶିକ୍ଷା ସାରିବା ପରେ ସେ ଉଚ୍ଚଶିକ୍ଷା ପାଇଁ କଲିକତା ଚାଲିଯାଇଥିଲେ। ସେଠାରେ ସେ ପ୍ରଥମ ଓଡ଼ିଆ ଭାବରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ସ୍ନାତକୋତ୍ତର ଓ ଆଇନ ଡିଗ୍ରୀ ହାସଲ କରିବା ସଙ୍ଗେ ସଙ୍ଗେ ବିଲାତ ଯାତ୍ରା କରିବା, ମନ୍ତ୍ରୀ ତଥା ଜାତୀୟ ନେତା ହେବାରେ ମଧ୍ୟ ସେ ପ୍ରଥମ ଓଡ଼ିଆ ହୋଇଥିଲେ। ତାଙ୍କ ଉଦ୍ୟମରେ ୧୯୦୩ରେ 'ଉତ୍କଳ ସମ୍ମିଳନୀ' ଜନ୍ମ ନେଇଥିଲା। କଟକର ତାରକସୀ ଶିଳ୍ପକୁ ବିଶ୍ୱ ଦରବାରରେ ପରିଚିତ କରିବାରେ ତାଙ୍କର ଅନବଦ୍ୟ ଭୂମିକା ରହିଥିଲା। ସେ ନାରୀ ସଶକ୍ତୀକରଣ, ଧର୍ମ ନିରପେକ୍ଷତା ଓ ସାଂପ୍ରଦାୟିକ ସଦ୍‌ଭାବନାର ଜଣେ ମୁଖର ସମର୍ଥକ ଥିଲେ। ଜଣେ ଲେଖକ ଓ କବି ଭାବରେ ମଧ୍ୟ ସେ ଅନେକ ଦେଶାତ୍ମବୋଧକ ଲେଖା ଲେଖିଛନ୍ତି। ତାଙ୍କର କେତୋଟି ଜଣାଶୁଣା ଲେଖା ହେଉଛି 'ଉତ୍କଳ ସନ୍ତାନ', 'ଜାତି ଇତିହାସ', 'ଜ୍ଞାନୀର ଉକ୍ତି', 'ଜାତୀୟ ଗୀତିକା'। ସେ ମଧ୍ୟ ଓଡ଼ିଆ, ଇଂରାଜୀ ଓ ବଙ୍ଗଳାରେ ଜଣେ ସୁବକ୍ତା ଥିଲେ। ୧୯୩୪ ମସିହା ଫେବୃଆରୀ ୪ ତାରିଖରେ ତାଙ୍କର ମହାପ୍ରୟାଣ ଘଟିଥିଲା।



## ୫୭ ମାସ ପରେ ଆସିଲା ରିଲିଜ୍ ଡେଟ୍

ବଲିଉଡ୍ ଅଭିନେତା କାର୍ତ୍ତିକ୍ ଆର୍ୟନ୍ ତାଙ୍କର ସ୍ୱଳ୍ପଦିନର କ୍ୟାରିୟର୍‌ରେ ନିଜକୁ ଜଣେ ଆଗଧାଡ଼ିର କଳାକାର ଭାବେ ପ୍ରତିଷ୍ଠିତ କରିପାରିଛନ୍ତି। ଅନେକ ବଡ଼ ବଡ଼ ବ୍ୟାନର୍‌ରୁ ତାଙ୍କୁ ଅଫର୍ ଆସୁଛି। ଚଳିତବର୍ଷ ଅନୁରାଗ ବସୁଙ୍କ ଏକ ମ୍ୟୁଜିକାଲ ଡ୍ରାମାରେ କାର୍ତ୍ତିକ୍ ଲିଡ୍ ରୋଲରେ ନଜର ଆସିବେ। ଏଥିରେ ତାଙ୍କ ସହ ଶ୍ରୀଲୀଲା ଦେଖାଯିବେ। ଇତିମଧ୍ୟରେ ଅନେକ ଦିନରୁ ବନ୍ଦ ହୋଇ ରହିଥିବା କାର୍ତ୍ତିକ୍‌ଙ୍କର ଏକ ଫିଲ୍ମର ରିଲିଜ୍ ଡେଟ୍ ସାମ୍ନାକୁ ଆସିଛି। ଫିଲ୍ମର ଟାଇଟଲ୍ 'କ୍ୟାପ୍ଟେନ୍ ଇଣ୍ଡିଆ' ରହିଛି। ଜୁଲାଇ, ୨୦୨୧ରେ ଏହି ଫିଲ୍ମ ବିଷୟରେ ଘୋଷଣା କରାଯାଇଥିଲା। ୫୭ ମାସ ପରେ ଏବେ ଏହାର ରିଲିଜ୍ ଡେଟ୍ ଘୋଷଣା କରାଯାଇଛି। ଏହା ୧୩ ଅଗଷ୍ଟ, ୨୦୨୭ରେ ରିଲିଜ୍ ହେବ ବୋଲି ନିକଟରେ ଟ୍ରେଡ୍ ଆନାଲିଷ୍ଟ ତରଣ ଆଦର୍ଶ କହିଛନ୍ତି। ୨୦୨୧ ମସିହାରେ ଯେତେବେଳେ ଏହି ଫିଲ୍ମ ବିଷୟରେ ଘୋଷଣା କରାଯାଇଥିଲା, ସେତେବେଳେ ହଂସଲ ମେହେତା ଏହାର ନିର୍ଦ୍ଦେଶନା ଦେବେ ବୋଲି କୁହାଯାଇଥିଲା। ସିମିତ ଅମିନ୍ ଏବେ ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି। ଏହାର ସୁଟିଂ ଆସନ୍ତା ଜୁନ୍ ମାସ ଆଡ଼କୁ ଆରମ୍ଭ ହୋଇପାରେ ବୋଲି କୁହାଯାଉଛି। ଫିଲ୍ମର ପ୍ରଯୋଜନା ଦାୟିତ୍ୱରେ ଟି-ସିରିଜ୍ ଓ ହରମନ୍ ବାୱେଜାଙ୍କ କମ୍ପାନି ବାୱେଜା ଷ୍ଟୁଡିଓ ରହିଛି।

## ସୁବର୍ଣ୍ଣା



## ସେଓ ଚାଷରୁ ସ୍ୱାବଲମ୍ବୀ



**ଅଧୁନା ଅଧିକାଂଶ ଯୁବପିଢ଼ି ସହରର ଚାକଚକ୍ୟ ଭିତରେ ଜୀବନ ଅତିବାହିତ ନ କରି ପୈତୃକ ଜମିରେ ଚାଷ କରିବାକୁ ଗୁରୁତ୍ୱ ଦେଉଛନ୍ତି। ଏହାର ଅନନ୍ୟ ଉଦାହରଣ ହେଉଛନ୍ତି ଝାରଖଣ୍ଡ, ଗଢ଼ୱା ଜିଲ୍ଲା, ଗନିୟାରୀ ଖୁର୍ଦ୍ଦ ଗାଁର ପ୍ରମୋଦ କୁମାର। ୟୁଟ୍ୟୁବ୍ ଦେଖି ଏବେ ସେ ଗାଁମାଟିରେ ସେଓ ଚାଷ କରି ଉଦାହରଣ ସୃଷ୍ଟି କରିଛନ୍ତି।**

ଝାରଖଣ୍ଡର ଗଢ଼ୱା ଜିଲ୍ଲାରେ ତାପମାତ୍ରା ସର୍ବାଧିକ ରହିଥାଏ। ଏହି ଜଳବାୟୁରେ ବିଦେଶୀ ଫଳ ଫଳିବା କାଠିକର ପାଠ। ହେଲେ ପ୍ରମୋଦ ନିଜ ଏକ ଏକର ଜମିରେ ୧୦୦ସେଓ ଗଛ ଲଗାଇଛନ୍ତି। ୟୁଟ୍ୟୁବ ଦେଖି ଏହି ଚାଷ ପାଇଁ ସେ ମନ ବଳାଇଥିଲେ। ଏନେଇ ଦୁଇ ବର୍ଷ ପୂର୍ବରୁ ସେ ଅନ୍‌ଲାଇନ୍‌ରେ ହିମାଚଳ ପ୍ରଦେଶରୁ ୧୦୦ଟି ସେଓ ଗଛ ମଗାଇ ଜମିରେ ଲଗାଇଥିଲେ। ଏବେ ଗଛଗୁଡ଼ିକ ୮ରୁ ୧୦ ଫୁଟ ଉଚ୍ଚ ହୋଇଥିବାବେଳେ ଅଧିକାଂଶ ଗଛରେ ଫଳ ଫଳିଲାଣି। ଏହି ଚାଷରେ ସଠିକ୍ ଦେଖାଶୁଣା, ସମୟରେ ଜଳ ସେଚନ, ଜୈବିକ ଖତ ପ୍ରୟୋଗ ଦ୍ୱାରା ଗଛ ବୃଦ୍ଧି ଭଲ ହୋଇଥିଲା। ଉପଯୁକ୍ତ ଯତ୍ନ ଏବଂ ଉନ୍ନତ କିସମ ଚାରା ବ୍ୟବହାର ଯୋଗୁଁ ଏବେ ଉଷ୍ଣ ଜଳବାୟୁରେ ସେଓ ଚାଷ ସମ୍ଭବ ହୋଇପାରୁଛି ବୋଲି ପ୍ରମୋଦ କୁହନ୍ତି। ପ୍ରମୋଦଙ୍କ ସଫଳତା ଦେଖି ଏବେ ସ୍ଥାନୀୟ ଚାଷୀ ଏହି ଚାଷ କରିବାକୁ ଆଗ୍ରହ ପ୍ରକାଶ କରିବା ସହ ଚାଷ ସମ୍ପର୍କରେ ବୁଝୁଛନ୍ତି। ଜିଲ୍ଲା କୃଷି ଅଧିକାରୀ ଖୁସବୁ ପାସୱାନ ପ୍ରମୋଦଙ୍କ ଚାଷକାର୍ଯ୍ୟ ଦେଖି ଉତ୍ସାହିତ ହେବା ସହ ଏହି ଚାଷ ପାଇଁ ଚାଷୀଙ୍କୁ ସରକାରୀ ଯୋଜନା ସହିତ ସଂଯୋଗ କରି ସେମାନଙ୍କୁ ପ୍ରୋତ୍ସାହିତ କରିବାକୁ କହିଛନ୍ତି।

## କାକୁଡ଼ି ପିତା ହେଉଥିଲେ...

**ଅଧିକାଂଶ ଚାଷୀ କାକୁଡ଼ି ଚାଷ କରି ଜୀବିକା ନିର୍ବାହ କରନ୍ତି। ଜଳବାୟୁ ପରିବର୍ତ୍ତନ ତଥା ତାପମାତ୍ରା ବୃଦ୍ଧି ଯୋଗୁଁ କାକୁଡ଼ିର ମିଠାପଣ କମିଯାଏ। ଚାଷରେ ସଠିକ୍ ପରିଚାଳନା ନ କଲେ ଚାଷୀଭାଇଙ୍କ ପରିଶ୍ରମ ବୃଥାରେ ଯାଇଥାଏ। ତେଣୁ କିଛି ଗୁରୁତ୍ୱପୂର୍ଣ୍ଣ ଦିଗକୁ ଧ୍ୟାନ ଦେବା ଦରକାର।**

ଫସଲକୁ ସଠିକ୍ ପରିମାଣର ପାଣି ନ ମିଳିଲେ କାକୁଡ଼ିର ସ୍ୱାଦ ପିତା ଲାଗିଥାଏ। ତେଣୁ ମାଟିର ସ୍ଥିତିକୁ ଧ୍ୟାନ ଦେଇ ଜଳସେଚନ କରାଯାଏ। ତାପମାତ୍ରା ହଠାତ୍ କମ୍ ବେଶୀ ମଧ୍ୟ କାକୁଡ଼ି ମିଠା ନ ଲାଗିବାର ଅନ୍ୟ ଏକ କାରଣ। ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସରୁ ଅଧିକ ହେଲେ ଗଛ କୁକୁରବିଟାସିନ୍ ପ୍ରସ୍ତୁତ କରିବା ସହ ଫସଲରେ ରୋଗ ପୋକ ଲାଗିଥାଏ। ତେଣୁ ମଲଚିଂ କିମ୍ବା ସେଡ୍‌ନେଟ୍ ବ୍ୟବହାର କରି ପାରିବେ। ମାଟିରେ ପୋଷକତତ୍ତ୍ୱ ଅଭାବରୁ ଅଧିକ ଯବକ୍ଷାରଜାନ ପ୍ରୟୋଗ ଦ୍ୱାରା ମଧ୍ୟ କାକୁଡ଼ି ସ୍ୱାଦରେ ପରିବର୍ତ୍ତନ ହୁଏ। ତେଣୁ ଫସଲରେ ପୋଟାସିୟମ, ଫସ୍‌ଫରସ ଓ ଯବକ୍ଷାରଜାନ ସଠିକ୍ ଅନୁପାତରେ ପ୍ରୟୋଗ କରିବା ଆବଶ୍ୟକ। କାକୁଡ଼ିର ଉନ୍ନତ କିସମ ଚୟନ ସହ ନିର୍ଦ୍ଦିଷ୍ଟ ସମୟରେ ଅମଳ କରିବା ଆବଶ୍ୟକ। ଫଳକୁ ଗଛରେ ଅଧିକ ଦିନ ରଖିବା ଅନୁଚିତ। ସର୍ବଦା ସକାଳୁ କାକୁଡ଼ି ଅମଳ କରନ୍ତୁ।



## ତରଭୁଜ ଚୋପାରୁ ଖତ



ତରଭୁଜର ଲାଲ୍ ଅଂଶକୁ ଖାଇବା ପରେ ଏହାର ଚୋପା ଲଗା ଧଳା ଅଂଶକୁ ଅଧିକାଂଶ ଫିଙ୍ଗି ଦିଅନ୍ତି। କେହି କେହି ଏହାକୁ ତୋରାଣି ଲାଗି ବ୍ୟବହାର କରନ୍ତି। ହେଲେ ତରଭୁଜ ଚୋପାରେ ପୋଟାସିୟମ୍, ଯବକ୍ଷାରଜାନ, କ୍ୟାଲସିୟମ୍ ଆଦି ପୋଷକତତ୍ତ୍ୱ ଥିବାରୁ ଏହାକୁ ଖତ କିମ୍ବା ତରଳ ଔଷଧ ଭାବେ ବ୍ୟବହାର କରିପାରିବେ।

ଖତ ପ୍ରସ୍ତୁତ ପାଇଁ ପ୍ରଥମେ ଚୋପାକୁ ଛୋଟ ଖଣ୍ଡରେ କାଟି ଖରାରେ ଶୁଖାଯାଏ। ଏହାକୁ ବାଟି ଗୁଣ୍ଡ ବନାଇ ମାଟିରେ ମିଶାଇ ପାରିବେ। ଏଥିରେ ଥିବା ଯବକ୍ଷାରଜାନ ଓ ପୋଟାସିୟମ ଗଛକୁ ଥଣ୍ଡା ରଖେ। ସେହିପରି ତରଳ ଔଷଧ ପ୍ରସ୍ତୁତ କରିବାକୁ ଚୋପାକୁ ଛୋଟ ଖଣ୍ଡ କାଟି ପ୍ଲାଷ୍ଟିକ୍ ବାଲ୍‌ତି ପାଣିରେ ରଖି ଛାଇସ୍ଥାନରେ ଢାଙ୍କୁଣୀ ଦେଇ ରଖନ୍ତୁ। ପ୍ରତିଦିନ ଢ଼ାଙ୍କୁଣି ଖୋଲି ପାଣିକୁ ଗୋଳାଇବା ସହ ତିନିରୁ ଚାରିଦିନ ପରେ ତରଭୁଜ ଖଦଡ଼କୁ ପାଣିରୁ ଅଲଗା କରି ତରଳ ଔଷଧ ପ୍ରସ୍ତୁତ କରି ପାରିବେ। ଏଥିରେ ଅଳ୍ପ ପାଣି ମିଶାଇ ଗଛ ମୂଳରେ ଦେଇପାରିବେ। ପାକଶାଳା ବଗିଚା ପାଇଁ ଏହି ତରଳ ଔଷଧ ବେଶ୍ ପ୍ରଭାବୀ। ଏହା ଗଛରେ ଫୁଲ ଫଳ ଭରିବାରେ ସହାୟକ ହୋଇଥାଏ।

## କୁକୁଡ଼ା ଓ ବତକଙ୍କ ଗୃହ ପରିଚାଳନା

ଆମ ରାଜ୍ୟର ଅଧିକାଂଶ ଲୋକ କୁକୁଡ଼ା ଓ ବତକ ପାଳନ କରି ଜୀବିକା ନିର୍ବାହ କରନ୍ତି। ଖରା ଦାଉରୁ କୁକୁଡ଼ା ଓ ବତକମାନଙ୍କ ମାଂସ, ଅଣ୍ଡା ଉତ୍ପାଦନ କ୍ଷମତା କମିଯାଏ। ଅନେକ ସମୟରେ କୁକୁଡ଼ା, ବତକମାନେ ମୃତ୍ୟୁବରଣ କରିଥାନ୍ତି। ତେଣୁ ଖରାଦିନେ କୁକୁଡ଼ା ଓ ବତକଙ୍କ ଦେଖାଶୁଣା ସହ ଖରାଦାଉରୁ ରକ୍ଷା କରିବା ପାଇଁ ସେମାନଙ୍କ ଘର ତିଆରି କଲାବେଳେ ଧ୍ୟାନ ଦେବା ଏକାନ୍ତ ଆବଶ୍ୟକ।



କୁକୁଡ଼ା ଓ ବତକ ଘର ତିଆରି କଲାବେଳେ ଖରା ଯେପରି ଘର ଭିତରକୁ ସିଧା ପଡୁନଥିବ, ମୁକ୍ତ ବାୟୁ ଚଳାଚଳ କରୁଥିବ ଏହାକୁ ଧ୍ୟାନ ଦିଅନ୍ତୁ। ଏହା ସହ ଘରର ଛପର ଉଚ୍ଚା ଓ ପାର୍ଶ୍ୱ କାନ୍ଥ ନିଚା ଥିବା ଛପର ଉପରେ କଖାରୁ ଭଳି ଲତା ଜାତୀୟ ଗଛ ମଡ଼ାଇ ଦିନ ବେଳା ପାଣି ଛିଞ୍ଚି ପାରିବେ। କୁକୁଡ଼ା ଓ ବତକଙ୍କ ଉପରେ ପାଣି ସିଞ୍ଚନ କରନ୍ତୁ କିନ୍ତୁ ଧ୍ୟାନ ଦେବେ ଯେମିତି ଲିଟର ବେଶୀ ଓଦା ନ ହୁଏ। ଓଦା ଅଖାକୁ କୁକୁଡ଼ା ଓ ବତକ ଘର ଜାଲି ଉପରେ ଟାଙ୍ଗିଲେ ଘର ଥଣ୍ଡା ରହିଥାଏ। ଲିଟରକୁ ବାରମ୍ବାର ଘାଣ୍ଟିବା ଦରକାର କାରଣ ଏହା ଦିନ ବେଳା ଉତ୍ତାପ ଧାରଣ କରିଥାଏ ଓ ଘର ଭିତରେ ଅଧିକ ଗରମ ପରିବେଶ ସୃଷ୍ଟି କରିଥାଏ। ଘର ଚାରିପଟେ ବହଳିଆ ପତ୍ର ଥିବା ଗଛ ଲଗାଇବା ଉଚିତ। ସେହିପରି ଉଷ୍ଣ ଲହରୀର ସ୍ଥିତିକୁ ଧ୍ୟାନରେ ରଖି କୁକୁଡ଼ା ଓ ବତକଙ୍କୁ ଉଚିତ ପରିମାଣରେ ତାଜା ଥଣ୍ଡା ଓ ପରିଷ୍କାର ପାନୀୟ ଜଳ ଦେବାର ବନ୍ଦୋବସ୍ତ କରନ୍ତୁ।

## କୃଷି ପାଣିପାଗ

**ଏ ସପ୍ତାହ ପାଇଁ କେତେକ ପରାମର୍ଶ**

- ମୁଗ, ବିରି, ଚିନାବାଦାମ ଫସଲ ଅମଳ ଉପଯୋଗୀ ହୋଇଥିଲେ ଅମଳ କରି ସୁରକ୍ଷିତ ସ୍ଥାନରେ ରଖନ୍ତୁ।
- ଆଖୁ ଫସଲରେ ସଅଳ କାଣ୍ଡ ବିନ୍ଧାପୋକର ପରିଚାଳନା ପାଇଁ ନିୟମିତ ଜଳସେଚନ କରନ୍ତୁ। ମାଟି ଶୁଖିଲା ରହିବା ଅନୁଚିତ। ପୋକ ଓ ଅଣ୍ଡାପୁଞ୍ଜଗୁଡ଼ିକୁ ହାତରେ ଧରି ନଷ୍ଟ କରି ଦିଅନ୍ତୁ। ଆକ୍ରାନ୍ତ ପିଲଗୁଡ଼ିକୁ ମାଟି ତଳୁ କାଟି ଦୂରରେ ନଷ୍ଟ କରିଦିଅନ୍ତୁ।
- ବାଇଗଣ ଓ ଟମାଟୋ ଫସଲରେ ବୀଜାଣୁ ଜନିତ ଝାଉଁଳା ନ ହେବା ପାଇଁ ଆକ୍ରାନ୍ତ ଜମିରେ ପ୍ରତି ୧୦ ଲିଟର ପାଣିରେ ୧୫ ଗ୍ରାମ ପ୍ଲାଣ୍ଟୋମାଇସିନ୍ ସହିତ ୩୦ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ ମିଶାଇ ଗଛର ଚେରକୁ ଭଲଭାବେ ଭିଜାଇ ଦିଅନ୍ତୁ।
- ନଡ଼ିଆ ଗଛରେ କାଳିମୁଣ୍ଡି ପୋକର ନିରାକରଣ ପାଇଁ ବ୍ରାକୋନ କାର୍ଡ ଜୈବ ପରୀକ୍ଷାଗାରରୁ ଆଣି ଗଛ ବାହୁଙ୍ଗାରେ ବାନ୍ଧି ଦିଅନ୍ତୁ। ଆକ୍ରାନ୍ତ ବାହୁଙ୍ଗାକୁ କାଟି ପୋଡ଼ି ଦିଅନ୍ତୁ। ୧୦ ଲିଟର ପାଣିରେ କ୍ଲୋରାଣ୍ଟ୍ରାନିଲିପ୍ରୋଲ ୧୮.୫% ଏସ୍ ସି @ ୪ ମିଲି କିମ୍ବା ଇମାମେକ୍ଟିନ ବେଞ୍ଜୋଏଟ୍ ୫% ଏସ୍‌ଏଜି @ ୪ ଗ୍ରାମ୍ ମିଶାଇ ପତ୍ରରେ ସିଞ୍ଚନ କରନ୍ତୁ।



ସକାଳ
THE SAKALA
www.sakalaepaper.com

## ଭୁବି-ଜୋଶ୍‌ଙ୍କ ବିଧ୍ୱଂସୀ ବୋଲିଂ

# ଆର୍‌ସିବି ବିପକ୍ଷରେ କ୍ୟାପିଟାଲ୍ସ ଧରାଶାୟୀ

ନୂଆଦିଲ୍ଲୀ, ୨୭।୪ (ଏଜେନ୍ସି): ଚଳିତ ଆଇପିଏଲ୍‌ରେ ପ୍ରଥମଥର ଲାଗି ସୋମବାର ବୋଲରଙ୍କ ରାଜୁତି ଦେଖିବାକୁ ମିଳିଛି। ସ୍ଥାନୀୟ ଅରୁଣ ଜେଟଲୀ ଷ୍ଟାଡିୟମରେ ଘରୋଇ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଅନୁଷ୍ଠିତ ଲିଗ୍‌ର ୩୯ତମ ମ୍ୟାଚରେ ଡିଫେଣ୍ଡିଂ ଚାମ୍ପିଅନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ବୋଲର ମାରାତ୍ମକ ବୋଲିଂ କରିଥିଲେ। ବିଶେଷ କରି ଦୁଇ ଡାହାଣହାତୀ ଦ୍ରୁତ ବୋଲର ଭୁବନେଶ୍ୱର କୁମାର (୩ ୱିକେଟ୍) ଓ ଜୋଶ୍ ହାଜଲେଉଡ୍ (୪ ୱିକେଟ୍)ଙ୍କ ବିଧ୍ୱଂସୀ ବୋଲିଂ କରି ୪ ଓଭର ମଧ୍ୟରେ କ୍ୟାପିଟାଲ୍ସର ୬ଜଣ ବ୍ୟାଟରଙ୍କୁ ୮ ରନରେ ଆଉଟ୍ କରି ମେରୁଦଣ୍ଡ ଭାଙ୍ଗିଦେଇଥିଲେ। ଏହି ବିପର୍ଯ୍ୟୟରୁ ମୁକୁଳିପାରି ନ ଥିବା ଦିଲ୍ଲୀ ଶେଷରେ ୧୬.୩ ଓଭରରେ ସମସ୍ତ ୱିକେଟ୍ ହରାଇ ୭୫ ରନ୍‌ର ଅଲ୍‌ଆଉଟ୍ ହୋଇଥିଲା। ଏହି ମ୍ୟାଚ୍ ପୂର୍ବରୁ ଆର୍‌ସିବି ୭ ମ୍ୟାଚରୁ ୫ ବିଜୟ ଓ ୨ ପରାଜୟ ସହ ୧୦ ପଏଣ୍ଟ ପାଇ ଟେବଲର ଦ୍ୱିତୀୟ ସ୍ଥାନରେ ରହିଛି।



### ୨୩ ବଲ୍-୮ ରନ- ୬ୱିକେଟ୍:

ସୋମବାର ରାତିରେ ଅନୁଷ୍ଠିତ ଏହି ମ୍ୟାଚରେ ଆର୍‌ସିବି ଅଧିନାୟକ ରଜତ ପାଟିଦାର ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଘରୋଇ ଦିଲ୍ଲୀ କ୍ୟାପିଟାଲ୍ସ କିନ୍ତୁ ଆଇପିଏଲ୍ ଇତିହାସର ସବୁଠୁ ସାଂଘାତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ବେଙ୍ଗାଲୁରୁର ଦୁଇ ଅଭିଜ୍ଞ ଦ୍ରୁତ ବୋଲର ଭୁବନେଶ୍ୱର ଭୁବନେଶ୍ୱର ପ୍ରଥମ ବଲରେ ତ୍ରିଷ୍ଟାନ ଷ୍ଟବ୍ସ (୩ ବଲରେ ୫ ରନ) ଓ ୪ର୍ଥ ବଲରେ ଅଧିନାୟକ ଅକ୍ଷର ପଟେଲ (୩ ବଲରେ ୦)ଙ୍କୁ ଆଉଟ୍ କରିଥିଲେ। ଫଳରେ ଇନିଂସର ପ୍ରଥମ ୧୬ଟି ବଲରେ କ୍ୟାପିଟାଲ୍ସ ୮ ରନ ମଧ୍ୟରେ ୫ଟି କୁମାର ଓ ହାଜଲେଉଡ୍‌ଙ୍କ ଘାତକ ବୋଲିଂକୁ ସାମ୍ନା କରି ନ ପାରି ଦିଲ୍ଲୀର ଟପ୍ ଅର୍ଡରର ୬ଜଣ ବ୍ୟାଟର୍ ମାତ୍ର ୮ ରନ ମଧ୍ୟରେ ପ୍ୟାଭିଲିୟନ ଫେରିଯାଇଥିଲେ। ଏଠାରେ ଆଇପିଏଲ୍ କ୍ୟାରିୟର ଆରମ୍ଭ କରିଥିବା ମହାରାଷ୍ଟ୍ର ବ୍ୟାଟର୍ ସାହିଲ ପାରଖ ଇନିଂସର ଦ୍ୱିତୀୟ ବଲରେ ଖାତା ଖୋଲିବା ପୂର୍ବରୁ ଭୁବନେଶ୍ୱରଙ୍କ ଏୟାର ସୁଇଂକୁ ବୁଝି ନ ପାରି କ୍ଲିନ ବୋଲ୍ଡ ହୋଇଥିଲେ। ଏହାପରେ ଦ୍ୱିତୀୟ ଓଭର ବୋଲିଂ କରିଥିବା ହାଜଲେଉଡ୍ ପ୍ରଥମ ଦୁଇଟି ବଲ୍‌ରେ ନିର୍ଭରଯୋଗ୍ୟ ଲୋକେଶ ରାହୁଲ (୩ ବଲରେ ୧ ରନ) ଓ ସମୀର ରିଜଭୀ (୦)ଙ୍କୁ ଆଉଟ୍ କରିଥିଲେ। ଫଳରେ ୨ ରନ ମଧ୍ୟରେ ଦିଲ୍ଲୀ ୩ଟି ୱିକେଟ ହରାଇ ବ୍ୟାକଫୁଟକୁ ଚାଲିଯାଇଥିଲା। ଏତିକିରେ ଦିଲ୍ଲୀର ବିପର୍ଯ୍ୟୟ ଟଳି ନ ଥିଲା। ପରବର୍ତ୍ତୀ ଅର୍ଥାତ ତୃତୀୟ ଓଭର ବୋଲିଂ କରିଥିବା ୱିକେଟ ହରାଇଥିଲା। ଚତୁର୍ଥ ଓଭର ବୋଲିଂ କରିଥିବା ହାଜଲେଉଡ୍ ଅନ୍ୟତମ ନିର୍ଭରଯୋଗ୍ୟ ବ୍ୟାଟର ନୀତୀଶ ରାଣା (୯ ବଲରେ ୧ ରନ)ଙ୍କୁ ଦେବଦତ୍ତ ପାଡିକଲଙ୍କ ହାତରେ କ୍ୟାଚ୍ ଆଉଟ୍ କରାଇଥିଲେ। ଭୁବନେଶ୍ୱର-ହାଜଲେଉଡ୍‌ଙ୍କ ଝଡ଼ ଅରୁଣ ଜେଟଲୀ ଷ୍ଟାଡିୟମରେ ଉପସ୍ଥିତ ଘରୋଇ ଦିଲ୍ଲୀର ପ୍ରଶଂସକଙ୍କୁ ହତ୍‌ବାକ କରିଦେଇଥିଲା। ତେବେ ଇମ୍ପାକ୍ଟ ଖେଳାଳି ଭାବେ ଆସିଥିବା ଅଭିଷେକ ପୋରେଲ ସ୍ଥିତି ସମ୍ଭାଳିଥିଲେ। ସେ ୭ମ ୱିକେଟ ଭାଗୀଦାରିରେ ଡେଭିଡ୍ ମିଲର (୧୯ ରନ)ଙ୍କ ସହ ୩୧ ରନ ଓ ୮ମ ୱିକେଟରେ କାଏଲ ଜାମିସନ (୧୨ ରନ)ଙ୍କ ସହ ୧୯ ରନ ଉଠାଇଥିଲେ। ଫଳରେ ଦିଲ୍ଲୀର ଦଳୀୟ ସ୍କୋର ୫୦ ରନ ଅତିକ୍ରମ କରିବାରେ ସହାୟକ ହୋଇଥିଲା। ଏଥିସହ ଆରସିବି ନାମରେ ରହିଥିବା ଆଇପିଏଲ୍ ଇତିହାସରେ ସର୍ବନିମ୍ନ ଦଳଗତ ସ୍କୋର (୪୯ ରନ)କୁ ଦିଲ୍ଲୀ ଅତିକ୍ରମ କରିବାରେ ସମର୍ଥ ହୋଇଥିଲା।

### ପାୱାର ପ୍ଲେ’ରେ ସର୍ବନିମ୍ନ ସ୍କୋର:

ଆଇପିଏଲ୍ ଇତିହାସରେ ପାୱାର ପ୍ଲେ (୬ ଓଭର)ରେ ଦିଲ୍ଲୀ କ୍ୟାପିଟାଲ୍ସ ସର୍ବନିମ୍ନ ସ୍କୋର କରିବାର ଅଲୋଡ଼ା ରେକର୍ଡ କରିଛି। ଆଜି ବେଙ୍ଗାଲୁରୁ ବିପକ୍ଷରେ ଦିଲ୍ଲୀ ପ୍ରଥମ ୬ ଓଭରରେ ୬ ୱିକେଟ ହରାଇ ୧୩ ରନ ସଂଗ୍ରହ କରିଥିଲା। ପୂର୍ବରୁ ଆଇପିଏଲ୍‌ରେ ସର୍ବନିମ୍ନ ପାୱାରପ୍ଲେ ସ୍କୋର ରାଜସ୍ଥାନ ନାମରେ ରହିଥିଲା। ୨୦୦୯ରେ ଆରସିବି ବିପକ୍ଷରେ ରାଜସ୍ଥାନ ୨ ୱିକେଟରେ ୧୪ ରନ କରିଥିଲା।

**ଆଇପିଏଲ୍‌ରେ ସର୍ବନିମ୍ନ ପାୱାରପ୍ଲେ ସ୍କୋର**

| ସ୍କୋର | ମ୍ୟାଚ | ବର୍ଷ |
|---|---|---|
| ୧୩/୬ | ଦିଲ୍ଲୀ-ବେଙ୍ଗାଲୁରୁ | ୨୦୨୬ |
| ୧୪/୨ | ରାଜସ୍ଥାନ-ବେଙ୍ଗାଲୁରୁ | ୨୦୦୯ |
| ୧୪/୩ | ହାଇଦରାବାଦ-ରାଜସ୍ଥାନ | ୨୦୨୨ |
| ୧୫/୨ | ଚେନ୍ନଇ-କୋଲକାତା | ୨୦୧୧ |
| ୧୬/୧ | ଚେନ୍ନଇ-ଦିଲ୍ଲୀ | ୨୦୧୫ |
| ୧୬/୧ | ଚେନ୍ନଇ-ବେଙ୍ଗାଲୁରୁ | ୨୦୧୯ |



**ଆଜିର ଆଇପିଏଲ୍ ମ୍ୟାଚ୍**
ପଞ୍ଜାବ ବନାମ ରାଜସ୍ଥାନ
ଭେନ୍ୟୁ - ମୁଲାନପୁର
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

● ଆଇପିଏଲ୍ ୨୦୨୬

## ଗୋଟିଏ ମ୍ୟାଚ୍‌ରେ ୩ଟି ପ୍ରଥମ

ଲକ୍ଷ୍ନୌ,୨୭।୪(ଏଜେନ୍ସି): ଇଣ୍ଡିଆନ ପ୍ରିମିୟର ଲିଗ୍‌ର ୩୮ତମ ଲିଗ୍ ମ୍ୟାଚ୍‌ରେ ଚଳିତ ସିଜନର ୩ଟି ପ୍ରଥମ ଘଟଣା ଦେଖିବାକୁ ମିଳିଛି। ଲକ୍ଷ୍ନୌ ସୁପର ଜାଏଣ୍ଟସ (ଏଲଏସ୍‌ଜି) ଓ କୋଲକାତା ନାଇଟ ରାଇଡର୍ସ ମଧ୍ୟରେ ଏହି ମୁକାବିଲା ଅନୁଷ୍ଠିତ ହୋଇଥିଲା। ଏଥିରେ କୋଲକାତାର ଅଙ୍ଗକ୍ରିସ୍ ରଘୁବଂଶୀ ପ୍ରଥମ ଖେଳାଳିଭାବେ ଅବଷ୍ଟ୍ରକ୍ଟିଂ ଦ ଫିଲ୍ଡ’ରେ ଆଉଟ ହୋଇଛନ୍ତି। କୋଲକାତା ବିପକ୍ଷରେ ଏଲଏସ୍‌ଜିର ମୋହସିନ ଖାନ୍ ପ୍ରଥମ ବୋଲର ଭାବେ ଗୋଟିଏ ମ୍ୟାଚ୍‌ରେ ୫ ୱିକେଟ ଅକ୍ତିଆର କରିବାରେ ସଫଳ ହୋଇଛି। ପ୍ରଥମଥର ଏହି ମ୍ୟାଚ୍‌ଟି ଯାଇରେ ଶେଷ ହୋଇଛି। ଏହାର ଅର୍ଥ ୨୦୨୬ରେ ପ୍ରଥମ ମ୍ୟାଚ୍ ସୁପର ଓଭରରେ ଫଇସଲା ହୋଇଛି।

### ଅବଷ୍ଟ୍ରକ୍ଟିଂ ଦ ଫିଲ୍ଡ- ରଘୁବଂଶୀ ଦଣ୍ଡିତ

ଏହି ମ୍ୟାଚ୍‌ରେ ଏଲଏସ୍‌ଜିର ପ୍ରିନ୍ସ ଯାଦବଙ୍କ ଏକ ବଲ୍‌କୁ କେକେଆର୍‌ର ଅଙ୍ଗକ୍ରିସ୍ ରଘୁବଂଶୀ ମିଡ୍ ଅନ୍ ଅଞ୍ଚଳକୁ ମାରି ଏକ ଦ୍ରୁତ ସିଙ୍ଗଲ ନେବାକୁ ଦୌଡିଥିଲେ। କିନ୍ତୁ ତାଙ୍କ ପାର୍ଟନର ମଝିରୁ ଫେରାଇଦେଇଥିଲେ। ବଲ ଥ୍ରୋ କଲାବେଳେ ରଘୁବଂଶୀ ତାଙ୍କ ଦୌଡ଼ିବା ଲାଇନ୍‌ରେ ପରିବର୍ତ୍ତନ କରି ବଲକୁ ଦେହରେ ଅଟକାଇଦେଇଥିଲେ। ଏହାକୁ ବିରୋଧ କରି ବଲ ଥ୍ରୋ କରିଥିବା ମହମ୍ମଦ୍ ସାମି ଅବଷ୍ଟ୍ରକ୍ଟିଂ ଦ ଫିଲ୍ଡ ନିୟମ ଅନୁଯାୟୀ ଆଉଟ ଲାଗି ଆବେଦନ କରିଥିଲେ। ତୃତୀୟ ଅମ୍ପାୟାର ଏହା ଦେଖିବା ପରେ ତାଙ୍କୁ ଆଉଟ ଦେଇଥିଲେ। ଏହି ନିଷ୍ପତ୍ତିରେ ଅସନ୍ତୋଷ ପ୍ରକାଶ କରି ରଘୁବଂଶୀ ନିଜ ବ୍ୟାଟ୍‌କୁ ତଳେ ବାଡେଇବା ସହ ହେଲମେଟ ଫିଙ୍ଗି ଦେଇଥିଲେ। ଆଇସିସି ଧାରା ୨.୨ ଅନୁଯାୟୀ ଆଚରଣ ସଂହିତା ଉଲ୍ଲଙ୍ଘନ କରିଥିବା ଓ ଅତ୍ୟନ୍ତ କ୍ଷୁବ୍ଧ ଆଚରଣ ପ୍ରଦର୍ଶନ କରିଥିବାରୁ ରଘୁବଂଶୀଙ୍କ ମ୍ୟାଚ୍ ଫି’ର ୨୦ ଶତକଡ଼ା ଓ ଗୋଟିଏ ଡିମେରିଟ ପଏଣ୍ଟ ଦଣ୍ଡ ଆକାରରେ ମ୍ୟାଚ୍ ରେଫରୀ ଜାଭାଗଲ ଶ୍ରୀନାଥ ଦେଇଥିଲେ। ଏହି ନିଷ୍ପତ୍ତିକୁ ରଘୁବଂଶୀ ମାନିନେଇଥିଲେ। ରଘୁବଂଶୀଙ୍କ ପୂର୍ବରୁ ଆଇପିଏଲ୍ ଇତିହାସରେ ମାତ୍ର ୩ଜଣ ଖେଳାଳି ଯଥା, ୨୦୧୩ରେ କେକେଆର୍‌ର ୟୁସୁଫ ପଠାନ, ୨୦୧୯ରେ ଦିଲ୍ଲୀର ଅମିତ ମିଶ୍ରା ଓ ୨୦୨୪ରେ ସିଏସ୍‌କେର ରବୀନ୍ଦ୍ର ଜାଡେଜା ଅବଷ୍ଟକ୍ଟିଂ ଦ ଫିଲ୍ଡ ନିୟମରେ ଆଉଟ ହୋଇଛନ୍ତି।

### ମୋହସିନଙ୍କୁ ପ୍ରଥମ ୫ ୱିକେଟ

ଏହି ମ୍ୟାଚ୍‌ରେ କେକେଆର୍ ବିପକ୍ଷରେ ଏଲଏସ୍‌ଜିର ଫାଷ୍ଟ ବୋଲର ମୋହସିନ ଖାନ୍ ୪ ଓଭରରେ ଗୋଟିଏ ମେଡେନ ସହ ୨୩ ରନ୍‌ରେ ୫ ୱିକେଟ ସଫଳତା ପାଇଛନ୍ତି। ୟୁପିର ଏହି ୨୮ ବର୍ଷୀୟ ୬ ଫୁଟ ୩ ଇଞ୍ଚ ଉଚ୍ଚତା ବିଶିଷ୍ଟ ବାମହାତୀ ଫାଷ୍ଟ ବୋଲର ଆଇପିଏଲ୍‌ରେ ୩୮ତମ ୫ ୱିକେଟ ସଫଳତାରେ ସାମିଲ ହୋଇଛନ୍ତି। ଚଳିତ ସିଜନରେ ଏହା ପ୍ରଥମଥର ଦେଖିବାକୁ ମିଳିଛି। କିନ୍ତୁ ଦୁର୍ଭାଗ୍ୟର କଥା ଏଲଏସ୍‌ଜି ଏହି ମ୍ୟାଚ୍‌ରେ ପରାଜିତ ହୋଇଛି। ଆଇପିଏଲ୍‌ରେ ମାତ୍ର ୩ଜଣ ବୋଲର ମୁମ୍ବଇ ଇଣ୍ଡିଆନ୍ସର ଆଲଜରି ଯୋଶେଫ (୬/୧୨), ରାଜସ୍ଥାନ ରୟାଲ୍ସର ସୋହେଲ ତନଭୀର (୬/୧୪) ଓ ରାଇଜିଂଷ୍ଟାର ପୁଣେର ଆଦାମ ଜାମ୍ପା (୮/୩୮) ଗୋଟିଏ ଇନିଂସରେ ୬ଟି ଲେଖାଏଁ ୱିକେଟ ପାଇଛନ୍ତି।

### ପ୍ରଥମ ସୁପର ଓଭର

ଏଲଏସ୍‌ଜି ଓ କେକେଆର୍ ମଧ୍ୟରେ ଲକ୍ଷ୍ନୌରେ ଖେଳାଯାଇଥିବା ୩୮ତମ ଲିଗ୍ ମ୍ୟାଚ୍ ଆଇପିଏଲ-୨୦୨୬ର ପ୍ରଥମ ଟାଇ ମ୍ୟାଚ୍। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି କେକେଆର ୭ ୱିକେଟରେ ୧୫୫ ରନ୍ କରିଥିଲା। ଜବାବରେ ଏଲ୍‌ଏସ୍‌ଜି ମଧ୍ୟ ୮ ୱିକେଟ ହରାଇ ସମାନ ୧୫୫ ରନ୍ କରିଥିଲା। ଫଳରେ ମ୍ୟାଚ୍‌ର ଫଳାଫଳ ଲାଗି ପ୍ରଥମ ସୁପର ଓଭରର ସହାୟତା ନିଆଯାଇଥିଲା। ଏଥିରେ କେକେଆର ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌ରେ ଅପରାଜିତ ୮୩ ରନ୍ କରିବା ସହ ୪ଟି ଚମତ୍କାର କ୍ୟାଚ୍ ନେଇଥିବା କେକେଆର୍‌ର ରିଙ୍କୁ ସିଂଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଏହି ମ୍ୟାଚ୍‌କୁ ମିଶାଇ ଆଇପିଏଲ୍ ଇତିହାସରେ ୧୫ଥର ମୁକାବିଲା ଟାଇ ହେବା ପରେ ସୁପର ଓଭରରେ ଶେଷ ହୋଇଛି। ୨୦୨୦ରେ ସର୍ବାଧିକ ୪ଟି ମ୍ୟାଚ୍ ସୁପର ଓଭରରେ ଶେଷ ହୋଇଥିଲା।

## ଓମାରଜାଇଙ୍କ ମାତୃ ବିୟୋଗ

■ ଆଜି ପଞ୍ଜାବ ବିପକ୍ଷରେ ଖେଳିବେନି

ଚଟ୍ଟୋଗ୍ରାମ, ୨୭।୪ (ଏଜେନ୍ସି): ଆଇପିଏଲ୍ ଟିମ୍ ପଞ୍ଜାବ କିଙ୍ଗ୍‌ସର ଆଫଗାନ ଅଲ୍‌ରାଉଣ୍ଡର ଆଜମାତୁଲ୍ଲା ଓମାରଜାଇ ବଡ଼ ବ୍ୟକ୍ତିଗତ କ୍ଷତି ସହିଛନ୍ତି। ଓମାରଜାଇଙ୍କ ମା’ଙ୍କ ସୋମବାର ଦେହାନ୍ତ ହୋଇଛି। ଓମାରଜାଇଙ୍କ ସାଥୀ ଆଫଗାନିସ୍ତାନ ଖେଳାଳି ମହମ୍ମଦ ନବି ଏବଂ କରିମ ଜନତ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଏହି ଦୁଃଖଦ ଖବର ନିଶ୍ଚିତ କରିଛନ୍ତି। ଉଭୟ କରିମ ଓ ନବି ଗଭୀର ଶୋକପ୍ରକାଶ କରିବା ସହ ଓମାରଜାଇ ଏବଂ ତାଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ମା’ଙ୍କ ବିୟୋଗ ପରେ ଓମାରଜାଇ ମଙ୍ଗଳବାର ପଞ୍ଜାବ ଓ ରାଜସ୍ଥାନ ରୟାଲ୍ସ ମ୍ୟାଚରେ ଖେଳିବା ଆଶଙ୍କା ପ୍ରକାଶ ପାଇଛି। ତେବେ ପଞ୍ଜାବ ଫ୍ରାଞ୍ଚାଇଜ ପକ୍ଷରୁ ଏନେଇ ଅଫିସିଆଲ ଭାବେ କିଛି ଘୋଷଣା କରାଯାଇନି। ଓମାରଜାଇ ଚଳିତ ଆଇପିଏଲ୍‌ରେ ପଞ୍ଜାବ ଦଳରେ ରହିଥିଲେ ମଧ୍ୟ ଗୋଟିଏ ହେଲେ ମ୍ୟାଚରେ ସୁଯୋଗ ପାଇନାହାନ୍ତି। ୨୦୨୪ ଖେଳାଳି ନିଲାମୀରେ ୨.୪୦ କୋଟି ଟଙ୍କାରେ ପଞ୍ଜାବ ତାଙ୍କୁ କ୍ରୟ କରିଥିଲା।

## ଥୋମାସ୍-ଉବର କପ୍

# କ୍ୱାର୍ଟରରେ ଭାରତୀୟ ପୁରୁଷ ଦଳ

କୋପେନହେଗେନ, ୨୭।୪ (ଏଜେନ୍ସି): ଡେନମାର୍କରେ ଚାଲିଥିବା ସମ୍ମାନଜନକ ଥୋମାସ କପ୍‌ରେ ଭାରତୀୟ ପୁରୁଷ ବ୍ୟାଡ୍‌ମିଣ୍ଟନ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଗ୍ରୁପ୍-ଏ’ରେ ସ୍ଥାନ ପାଇଥିବା ଭାରତର ସୋମବାର ଅନୁଷ୍ଠିତ ଏକ ମ୍ୟାଚରେ ୫-୦ରେ ଅଷ୍ଟ୍ରେଲିଆକୁ ଏକପାଖିଆ ଭାବେ ପରାସ୍ତ କରିଥିଲା। ସିଙ୍ଗଲ୍ସରେ ଲକ୍ଷ୍ୟ ସେନ, ଆୟୁଷ ସେଟ୍ଟୀ, ଏଚଏସ ପ୍ରଣୟ ବିଜୟ ଲାଭ କରିଥିଲେ। ସେହିଭଳି ଡବଲ୍ସରେ ଚିରାଗ ସେଟ୍ଟୀ ଓ ସାତ୍ୱିକସାଇରାଜ ରାନକିରେଡ୍ଡୀ ଯୋଡ଼ି ଏବଂ ଏ. ହରିହରଣ ଓ ଏମଆର ଅର୍ଜୁନ ଯୋଡ଼ି ବିଜୟୀ ହୋଇ ୫-୦ରେ ଅଷ୍ଟ୍ରେଲିଆକୁ ମାତ୍ ଦେଇଥିଲେ। ପୂର୍ବରୁ ପ୍ରଥମ ମ୍ୟାଚରେ ଭାରତ ୪-୧ରେ କାନାଡାକୁ ହରାଇଥିଲା। ଫଳରେ ଦୁଇଟି ମ୍ୟାଚ୍ ଜିତି ଭାରତ ଥୋମାସ କପ୍‌ର କ୍ୱାର୍ଟରରେ ସ୍ଥାନ ପକ୍କା କରିଛି। ଭାରତ ଏହାର ଶେଷ ଗ୍ରୁପ୍ ମ୍ୟାଚରେ ବୁଧବାର ଚାଇନାକୁ ଭେଟିବ। ଅପରପକ୍ଷରେ ଉବର କପ୍‌ରେ ଭାରତୀୟ ମହିଳା ବ୍ୟାଡ୍‌ମିଣ୍ଟନ ଦଳ ଏହାର ଶେଷ ଗ୍ରୁପ୍ ମ୍ୟାଚରେ ଚାଇନାକୁ ଭେଟିବ। ଦୁଇଟି ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ଭାରତୀୟ ମହିଳା ଦଳ ୩ୟ ସ୍ଥାନରେ ରହିଛି। ଶୀର୍ଷରେ ରହିଥିବା ଚାଇନାକୁ ହରାଇଲେ ଭାରତୀୟ ମହିଳା ଦଳ କ୍ୱାର୍ଟର ଫାଇନାଲକୁ ଯୋଗ୍ୟତା ଅର୍ଜନ କରିବ।

# ସୂର୍ଯ୍ୟବଂଶୀଙ୍କ ବ୍ୟାଟ୍‌ରେ ଏଆଇ ଚିପ୍ !

ନୂଆଦିଲ୍ଲୀ,୨୭।୪(ଏଜେନ୍ସି): ପ୍ରତିଦ୍ୱନ୍ଦ୍ୱୀ ବୋଲରଙ୍କ ଲାଗି ଦୁଃସ୍ୱପ୍ନ ପାଲଟିଥିବା ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ ଏବେ ଚର୍ଚ୍ଚାରେ। ତାଙ୍କୁ କିଏ କହୁଛନ୍ତି ବ୍ୟାଟିଂ ସେନ୍‌ସେସନ ଏବଂ ଆଉ କାହା ମତରେ ପକେଟ ଡାଇନାମାଇଟ୍। ଭାଷ୍ୟକାର ତାଙ୍କ ବ୍ୟାଟିଂକୁ ବର୍ଣ୍ଣନା କରିବା ଲାଗି ଭାଷା ପାଉ ନାହାନ୍ତି। ମାତ୍ର ୧୫ ବର୍ଷରେ ସେ ବୋଲରଙ୍କ ଦୁଃସ୍ୱପ୍ନ ପାଲଟିଯାଇଛନ୍ତି। ଏଭଳି ହେବାର କାରଣ, ସୂର୍ଯ୍ୟବଂଶୀଙ୍କ ସାହସିକ ବ୍ୟାଟିଂ, ବିସ୍ଫୋରକ ବ୍ୟାଟଚାଳନାର ଦକ୍ଷତା ଏବଂ ଯେ କୌଣସି ବୋଲରଙ୍କୁ ବଡ଼ ସଟ ଖେଳିବାର ଦକ୍ଷତା ତାଙ୍କୁ ଏହି ଆଖ୍ୟା ଦେଇଛି। ନିକଟରେ ସନ୍‌ରାଇଜର୍ସ ହାଇଦରାବାଦ୍ ବିପକ୍ଷରେ ମାତ୍ର ୩୭ବଲ୍‌ରୁ ୧୦୩ ରନ୍ କରି ଆଇପିଏଲ୍‌ରେ ଦ୍ୱିତୀୟ ଶତକ ହାସଲ କରିଛନ୍ତି। ଚଳିତ ସଂସ୍କରଣରେ ସେ ଆଶ୍ଚର୍ଯ୍ୟଜନକ ୨୩୪.୮୭ ହାରରେ ୮ଟି ମ୍ୟାଚ୍‌ରୁ ୩୫୭ ରନ୍ ସଂଗ୍ରହ କରିଛନ୍ତି। ମ୍ୟାଚ୍ ପ୍ରତି ହାରାହାରି ସେ ୪୪.୬୨ ହାରରେ ରନ୍ ସଂଗ୍ରହ କରିଛନ୍ତି। ଇଂଲଣ୍ଡ ବିପକ୍ଷ ଫାଇନାଲରେ ୮୦ବଲ୍‌ରୁ ୭୫ ରନ୍ କରିବା ପରେ ଭାରତ ୬ଷ୍ଠ ଥର ଆଇସିସି ୧୯ ବର୍ଷରୁ କମ୍ ଚାମ୍ପିଅନ ହୋଇଛି।

ଏ ସବୁକୁ ସହଜରେ ବିଶ୍ୱାସ କରୁନାହାନ୍ତି ପାକିସ୍ତାନୀ କ୍ରିକେଟ ସମର୍ଥକ ଏବଂ ଖେଳାଳି। ସୂର୍ଯ୍ୟବଂଶୀଙ୍କ ସଫଳତା କେବଳ ବ୍ୟାଟରେ ଏଆଇ ଚିପ୍ ଲାଗିଥିବାରୁ ସମ୍ଭବ ହେଉଛି ବୋଲି ପାକିସ୍ତାନୀ କ୍ରିକେଟ ବିଶେଷଜ୍ଞ ନୌମାନ ନିଆଜ୍ ହାସ୍ୟରସାତ୍ମକ ଭାବେ କହିଛନ୍ତି। ଅନ୍ୟ ଖେଳରେ ୱାଡା ଯେପରି ଡୋପ୍ ଟେଷ୍ଟ କରୁଛି, ସେହିପରି ସୂର୍ଯ୍ୟବଂଶୀ ବ୍ୟାଟ୍‌ରେ ଏଆଇ ଚିପ୍ ବ୍ୟବହାର କରୁଛନ୍ତି କି ନାହିଁ, ପରୀକ୍ଷା ହେବା ଉଚିତ। ଏବେ ତାଙ୍କୁ ମାତ୍ର ୧୫ କି ୧୬ ବର୍ଷ। ଜଣେ ମଣିଷ ୧୮ ବର୍ଷରେ ପଦାର୍ପଣ କଲେ ତାଙ୍କ ଦେହର ମାଂସପେସୀ, ବାଇସେପ୍ସ ଓ ଟ୍ରାଇସେପ୍‌ସ ଶକ୍ତିଶାଳୀ ହୋଇଥାଏ। ଏତେ କମ୍ ବୟସରେ ଏତେ ପାୱାର ଗେମ୍ ଖେଳିବା ସହଜ ନୁହେଁ। ତାଙ୍କୁ ଓ ତାଙ୍କ ବ୍ୟାଟର ପରୀକ୍ଷା ହେବା ଆବଶ୍ୟକ ବୋଲି ନିଆଜ୍ କହିଛନ୍ତି।

# ରାଜ୍ୟ କରାଟେ ପ୍ରତିଯୋଗିତା ଉଦ୍‌ଯାପିତ



ଭୁବନେଶ୍ୱର,୨୭।୪(ସମିସ): ଓଡ଼ିଶା କରାଟେ ଡୋ ଆସୋସିଏସନ ଆନୁକୂଲ୍ୟରେ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ୪ ଦିନ ଧରି ଚାଲିଥିବା ରାଜ୍ୟ କରାଟେ ପ୍ରତିଯୋଗିତା ଆଜି ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସମଗ୍ର ରାଜ୍ୟରୁ ୬୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ଭୁବନେଶ୍ୱର ୫୮ଟି ସ୍ୱର୍ଣ୍ଣ ସହ ମୋଟ ୧୮୨ଟି ପଦକ ଜିତି ଦଳଗତ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ୯ ସ୍ୱର୍ଣ୍ଣ ସହ ୨୬ଟି ପଦକ ଜିତି କୋରାପୁଟ ଜିଲ୍ଲା ଦ୍ୱିତୀୟ ଓ ୮ଟି ସ୍ୱର୍ଣ୍ଣ ସହ ୩୦ଟି ପଦକ ଜିତି ବାଲେଶ୍ୱର ଜିଲ୍ଲା ତୃତୀୟ ସ୍ଥାନ ଅଧିକାର କରିଛି। କଟକ, ରାଉରକେଲା, ସମ୍ବଲପୁର, ଗଞ୍ଜାମ ଜିଲ୍ଲାର ସଫଳତା ଅତ୍ୟନ୍ତ ନିମ୍ନ ହୋଇଛି। ସଂଘର ପୂର୍ବତନ ସମ୍ପାଦକ ପ୍ରକାଶ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟ ସଂଘ ସଭାପତି ହରିପ୍ରସାଦ ପଟ୍ଟନାୟକ ଓ ସମ୍ପାଦିକା ଗୌରୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ଜିତିଥିବା ପ୍ରତିଯୋଗୀମାନେ କରାଟେ ଇଣ୍ଡିଆ ଦ୍ୱାରା ଆୟୋଜିତ ଜାତୀୟ ପ୍ରତିଯୋଗିତା ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି।

## ପ୍ରଥମ ଟି-୨୦ରେ ନ୍ୟୁଜିଲାଣ୍ଡକୁ ମାତ୍ ଦେଲା ବାଂଲାଦେଶ

ଚଟ୍ଟୋଗ୍ରାମ, ୨୭।୪ (ଏଜେନ୍ସି): ଦିନିକିଆ ପରି ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜରେ ଘରୋଇ ବାଂଲାଦେଶ ଦମ୍‌ଦାର ଆରମ୍ଭ କରିଛି। ସୋମବାର ଏଠାରେ ଅନୁଷ୍ଠିତ ସିରିଜର ପ୍ରଥମ ଟି-୨୦ ମୁକାବିଲାରେ ବାଂଲାଦେଶ ୬ ୱିକେଟରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ୧୮୩ ରନର ଚ୍ୟାଲେଞ୍ଜିଂପୂର୍ଣ୍ଣ ଲକ୍ଷ୍ୟକୁ ପିଛା କରି ବାଂଲାଦେଶ ୧୮ ଓଭରରେ ୪ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ତୋହିଦ ହ୍ରିଦୟ ୫୧ ରନର ବିସ୍ଫୋରକ ଅପରାଜିତ ଅର୍ଦ୍ଧଶତକୀୟ ପାଳି ଖେଳି ବାଂଲାଦେଶକୁ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ୨୭ ବଲର ଏହି ପାଳିରେ ହ୍ରିଦୟ ୩ଟି ଛକା ଓ ୨ଟି ଚୌକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିମ ହୋସେନ ୧୩ ବଲରେ ୩୧ ରନର ଦ୍ରୁତ ପାଳି ଖେଳିଥିଲେ। ଅଧିନାୟକ ଲିଟନ ଦାସ ୨୮, ପରଭେଜ ହୋସେନ ଇମନ ୨୮, ତାନଜିଦ ହାସାନ ୨୦ ରନ କରିଥିଲେ। ବୋଲିଂରେ ଇଶ୍ ସୋଧୀଙ୍କୁ ୨ଟି ୱିକେଟ୍ ମିଳିଥିଲା। ପୂର୍ବରୁ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭ୍ରମଣକାରୀ ନ୍ୟୁଜିଲାଣ୍ଡ ୬ ୱିକେଟରେ ୧୮୨ ରନର ସମ୍ମାନଜନକ ସ୍କୋର କରିଥିଲା। ଓପନର୍ କାଟେନୀ କ୍ଲାର୍କ ଓ ଡେନ କ୍ଲେଭର ୫୧ ରନ ଲେଖାଏ ଓ ଅଧିନାୟକ ନିକ କେଲୀ ୩୯ ରନ କରିଥିଲେ। ସିରିଜର ଦ୍ୱିତୀୟ ମ୍ୟାଚ୍ ବୁଧବାର ଅନୁଷ୍ଠିତ ହେବ।

■ ଓସିଏ ଆନ୍ତଃଜିଲ୍ଲା ମହିଳା ଟି-୨୦

## ନୂଆପଡ଼ା ୨୦, ମୟୂରଭଞ୍ଜ ୩୩ରେ ଅଲ୍‌ଆଉଟ୍

ଭୁବନେଶ୍ୱର, ୨୭।୪ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃଜିଲ୍ଲା ମହିଳା ଟି-୨୦ରେ ସୋମବାର ନୂଆପଡ଼ା ଓ ମୟୂରଭଞ୍ଜ ଦଳର ଦୟନୀୟ ବ୍ୟାଟିଂ ଦେଖିବାକୁ ମିଳିଛି। ରେଲୱେ ଗ୍ରାଉଣ୍ଡରେ ରାଉରକେଲା ବିପକ୍ଷରେ ପ୍ରଥମେ ବ୍ୟାଟିଂ କରି ନୂଆପଡ଼ା ୧୦.୨ ଓଭରରେ ମାତ୍ର ୧୭ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ରାଉରକେଲା ୧୬ଟି ବଲ୍ ଖେଳି ଗୋଟିଏ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ବିଜୟୀ ଦଳର ଅଙ୍କିତା ପାଣି ୪ ରନରେ ୫ଟି ୱିକେଟ୍ ନେଇଥିଲେ। ସେହିଭଳି ବିଡ଼ାନାସୀ ଗ୍ରାଉଣ୍ଡରେ କଟକ ବିପକ୍ଷରେ ମୟୂରଭଞ୍ଜ ୧୮.୫ ଓଭରରେ ୩୩ ରନରେ ସମସ୍ତ ୱିକେଟ୍ ହରାଇଥିଲା। ଏହି ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା କଟକ ୫ ଓଭରରେ ୪ ୱିକେଟ୍ ହରାଇ ବିଜୟ ଲାଭ କରିଥିଲା। ଦିବସରେ ଅନୁଷ୍ଠିତ ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ନବରଙ୍ଗପୁର ୫୮ ରନରେ ଦେଓଗଡ଼କୁ, କେନ୍ଦୁଝର ୯୨ ରନରେ ନୟାଗଡ଼କୁ, ବଲାଙ୍ଗିର ୧୫ ରନରେ ସୁନ୍ଦରଗଡ଼କୁ, ଜଗତସିଂହପୁର ୮ ୱିକେଟରେ କଳାହାଣ୍ଡିକୁ, ଭଦ୍ରକ ୮ ୱିକେଟରେ ମାଲକାନଗିରିକୁ, ବରଗଡ଼ ୪୧ ରନରେ ଗଞ୍ଜାମକୁ ଓ କିଟ୍ ୩୮ ରନରେ କୋରାପୁଟକୁ ପରାସ୍ତ କରିଥିଲା। ନବରଙ୍ଗପୁରର ଅଜିତା ଦାସ (୪୬ ରନ) ଓ ବଲାଙ୍ଗିରର ସରଦା ମହାନନ୍ଦ (୩ ୱିକେଟ) ପ୍ରଭାବୀ ପ୍ରଦର୍ଶନ କରିଥିଲେ।



ଅଙ୍କିତା ପାଣି



ଅଙ୍କିତା ପାତ୍ର



ନୀଳାଚଳ ଟ୍ରଫି କ୍ରିକେଟ

## ସେମିରେ ମୁକ୍ତେଶ୍ୱର-ୟୁନିଅନ୍ ସ୍ପୋର୍ଟିଂ

ପୁରୀ,୨୭।୪(ସମିସ): ଭୁବନେଶ୍ୱରର ମୁକ୍ତେଶ୍ୱର କ୍ରିକେଟ କ୍ଲବ୍ ଏବଂ କଟକର ୟୁନିଅନ୍ ସ୍ପୋର୍ଟିଂ ମଧ୍ୟରେ ୧୭ତମ ଜଗଦୀଶ ରାଉତରାୟ ସ୍ମାରକୀ ନୀଳାଚଳ ଟ୍ରଫି କ୍ରିକେଟ ପ୍ରତିଯୋଗିତାର ପ୍ରଥମ ସେମିଫାଇନାଲ ଆସନ୍ତାକାଲି ଖେଳାଯିବ। ସ୍ଥାନୀୟ ଜଗନ୍ନାଥ ଷ୍ଟାଡିୟମ୍‌ରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ କ୍ୱାର୍ଟର ଫାଇନାଲରେ ମୁକ୍ତେଶ୍ୱର ୬ ୱିକେଟରେ ଆୟୋଜକ ପାୟୋନିୟର କ୍ଲବ୍‌କୁ ଓ ଆଜି ଖେଳାଯାଇଥିବା ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ୟୁନିଅନ ସ୍ପୋର୍ଟିଂ ୮୬ ରନ୍‌ରେ ବାଲେଶ୍ୱରର ଆଦର୍ଶ କ୍ରିକେଟ କ୍ଲବ୍‌କୁ ପରାସ୍ତ କରିଥିଲେ। ଆଜିର ମୁକାବିଲାରେ ୮୪ଟି ବଲ୍‌ରୁ ୬ଚୌକା ଓ ୩ଛକା ସହ ସର୍ବାଧିକ ୮୮ ରନ୍ କରିଥିବା ୟୁନିଅନ୍ ସ୍ପୋର୍ଟିଂର ଦେବୀପ୍ରସାଦ ମହାପାତ୍ରଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଓ ୬୬ ବଲ୍‌ରେ ୭୦ରନ୍ କରିଥିବା ଆଦର୍ଶ କ୍ଲବ୍‌ର ରାମଚନ୍ଦ୍ର ବେହେରାଙ୍କୁ ଶ୍ରେଷ୍ଠ ଇମ୍ପାକ୍ଟ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଆୟୋଜକ ପାୟୋନିୟର କ୍ଲବ୍‌ର ସମ୍ପାଦକ ସଞ୍ଜୀବ ଦଇତାପତି ଓ ନୀଳାଚଳ ଟ୍ରଫି ସଂଯୋଜକ ଦୀପକ ମହାନ୍ତି ଆଜି ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ୟୁନିଅନ ସ୍ପୋର୍ଟିଂ ୬ ୱିକେଟରେ ୨୯୭ ରନ୍ କରିଥିଲା। ଦଳ ପକ୍ଷରୁ ଦେବୀପ୍ରସାଦଙ୍କ ୮୮ ରନ୍ ବ୍ୟତୀତ ରଣଜୀ ଖେଳାଳି ଆଶୀର୍ବାଦ ସ୍ୱାଇଁ ୫୩ବଲ୍‌ରୁ ୮୦ ଓ ବିଶ୍ୱଜିତ ପ୍ରଧାନ ୬୮ବଲ୍‌ରୁ ୬୭ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ସାର୍ଥକ ଚୌଧୁରୀ ୩ଟି ଓ ଆକାଶ ମହାପାତ୍ର ୨ଟି ୱିକେଟ ପାଇଥିଲେ। ଜବାବରେ ଆଦର୍ଶ କ୍ରିକେଟ କ୍ଲବ୍ ୩୪.୩ ଓଭରରେ ୨୧୧ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ରାମଚନ୍ଦ୍ରଙ୍କ ୭୦ରନ୍ ବ୍ୟତୀତ ଆକାଶ ମହାପାତ୍ର ୬୮ରନ୍ କରିଥିଲେ। ବିଜୟୀ କଟକ ଦଳର ଅଧିନାୟକ ତାପସ ଦାସ ୩୩ରନ୍ ଦେଇ ସର୍ବାଧିକ ୪ଟି, ପ୍ରଶାନ୍ତ ରଣା ଓ ଶୋଭନଦେବ ବେହେରା ୩ଟି ଲେଖାଏଁ ୱିକେଟ ନିଜ ମଧ୍ୟରେ ବାଣ୍ଟି ନେଇଥିଲେ। ଅମ୍ପାୟାର ଚନ୍ଦ୍ରମୋହନ ବରାଳ ଓ ଦେବବ୍ରତ ଦାଶ ଏହି ମ୍ୟାଚ୍ ପରିଚାଳନା କରିଥିଲେ।

● ରାଜ୍ୟସ୍ତରୀୟ ସ୍କୁଲ ଓ କଲେଜ୍ ଚେସ୍

## ଲଳିତ ଓ ନୀଲସୁ ଚାମ୍ପିଅନ



ଭୁବନେଶ୍ୱର,୨୭।୪(ସମିସ): କଟକର ଷ୍ଟୁଆର୍ଟ ସ୍କୁଲର ଲଳିତରଞ୍ଜନ ସାହୁ ଓ କିଟ୍ ଇଣ୍ଟରନ୍ୟାସନାଲ କଲେଜର ନୀଲସୁ ପଟ୍ଟନାୟକ ଯଥାକ୍ରମେ ରାଜ୍ୟସ୍ତରୀୟ ରାପିଡ୍ ସ୍କୁଲ ଓ କଲେଜ୍ ଚେସ୍ ପ୍ରତିଯୋଗିତାରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଏମାନଙ୍କୁ ଚାମ୍ପିଅନ ଟ୍ରଫି ସହ ୫,୦୦୦ ଲେଖାଏଁ ଟଙ୍କା ପ୍ରଦାନ କରାଯାଇଥିଲା। ସ୍କୁଲ୍ ବିଭାଗରେ ଆୟୁଷ ଆର୍ଯ୍ୟନ ମହାପାତ୍ର, ସାର୍ଥକ ମହାନ୍ତି, ରୋହିତ ମଲ୍ଲିକ ସମାନ ୭ ପଏଣ୍ଟ ଲେଖାଏଁ ସଂଗ୍ରହ କରି ଦ୍ୱିତୀୟରୁ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। କଲେଜ୍ ବିଭାଗରେ ଫକୀର ମାଝୀ ଦ୍ୱିତୀୟ, ହର୍ଷିତରଞ୍ଜନ ସାହୁ ତୃତୀୟ, ସ୍ଥିତପ୍ରଜ୍ଞ ସାହୁ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ଏମାନଙ୍କ ସହ ଅନ୍ୟ କୃତୀ ପ୍ରତିଯୋଗୀମାନଙ୍କୁ ୫୦,୦୦୦ ଟଙ୍କା ଓ ୬୦ଟି ଟ୍ରଫି ପ୍ରଦାନ କରାଯାଇଥିଲା। କଟକ ଜିଲ୍ଲା ଚେସ ସଂଘ ଓ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଖେଳ ଶେଷରେ ଓଡ଼ିଶାର ପ୍ରଥମ ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ ମୁଖ୍ୟଅତିଥି, ଉତ୍କଳ ବିଶ୍ୱବିଦ୍ୟାଳୟର ଜୟପ୍ରକାଶ ଭଟ୍ଟ, ଶ୍ରୀଶ୍ରୀ ଏକାଡେମୀର ପ୍ରିନ୍‌ସିପାଲ କବିତା ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କଟକ ଜିଲ୍ଲା ଚେସ ସଂଘର ସଭାପତି ବିବେକ ତିବରୱାଲ ଓ ସାଙ୍ଗଠନିକ ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ, ବିଶ୍ୱବିଦ୍ୟାଳୟର କ୍ରୀଡ଼ାଅଧିକାରୀ ରଜତକୁମାର ବଳିୟାର ସିଂ ଓ ଚିଫ୍ ଆର୍ବିଟର ସୁରେଶଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS